
# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଜୁନ୍ ୨୯/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Berhampur, Saturday, June 29/2019 | ★★★

୧୫ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

**ଗଫ୍ ସର୍ବକନିଷ୍ଠ ଖେଳାଳି**

ଆମେରିକାର ୧୫ବର୍ଷୀୟା କୋରି ଗଫ୍ ଏଥର ସର୍ବକନିଷ୍ଠ ଖେଳାଳି ଭାବେ ୱିମ୍ବେଲଡନ ଓପନ୍ ଟେନିସ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ୧୫

୦୨ **'ବୋଲେ ଚୁଡ଼ିୟା'ରେ ତମନ୍ନା**

ଅଭିନେତ୍ରୀ ତମନ୍ନା ଭାଟିଆ 'ବୋଲେ ଚୁଡ଼ିୟା'ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଥିବାବେଳେ ଏହାର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ।



# ୧.୩୯ ଲକ୍ଷ କୋଟିର ରାଜ୍ୟ ବଜେଟ

ଭୁବନେଶ୍ୱର,୨୮ ।୬(ବ୍ୟୁରୋ)

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ସକାଶେ ୧ ଲକ୍ଷ ୩୯ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପୃଥକ୍ ଭାବେ କୃଷି ଓ ସାଧାରଣ ବଜେଟକୁ ଶୁକ୍ରବାର ବିଧାନସଭାରେ ଉପସ୍ଥାପନ କରିଛନ୍ତି । ଗତ ସାଧାରଣ ନିର୍ବାଚନରେ ମହିଳାମାନେ ଅଧିକ ଭୋଟ ଦେଇଥିବାରୁ ଚଳିତ ବଜେଟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତି ପାଇଁ ସରକାର ହାତ ଖୋଲି ଦେଇଛନ୍ତି । ଏଥିସହିତ କୃଷକ, ଯୁବକ, ଭିତ୍ତିଭୂମି, ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ, ଖାଦ୍ୟ ନିରାପତ୍ତା, ସାମାଜିକ ସୁରକ୍ଷା, ଆଦିବାସୀମାନଙ୍କ ବିକାଶ ଉପରେ ଏହି ବଜେଟରେ ଗୁରୁତ୍ୱ ଦିଆଯାଇଛି । କାଳିଆ ଯୋଜନାକୁ ବାଦ ଦେଲେ ଅନ୍ୟ କୌଣସି ନୂତନ ଯୋଜନା ପାଇଁ ଏହି ବଜେଟରେ ବ୍ୟୟ ବରାଦ କରାଯାଇ ନାହିଁ । ୨୦୧୮-୧୯ରେ ସରକାର ୧ ଲକ୍ଷ ୨୦ ହଜାର କୋଟି ଟଙ୍କାର ବଜେଟ କରିଥିଲେ । ଚଳିତ ବଜେଟର ଆକାର ଗତବର୍ଷ ତୁଳନାରେ ୧୫.୮ ପ୍ରତିଶତ ବୃଦ୍ଧି କରାଯାଇଛି । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ କୃଷି ବଜେଟରେ୨୦ ହଜାର ୭୧୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଗତବର୍ଷ ତୁଳନାରେ ଏହା ୨୩.୫ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କୃଷି ବଜେଟ ମୋଟ ବଜେଟ ଆକଳନର ୧୪.୯ ପ୍ରତିଶତ ।

ଚଳିତ ବଜେଟରେ ପ୍ରଶାସନିକ ଖର୍ଚ୍ଚ ୫୭ ହଜାର ୩୧୦ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ବିଭିନ୍ନ ଯୋଜନା ବାବଦରେ ୭୦ ହଜାର ୬୦୦ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୪ ହଜାର ୬୦୦ କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ୬ ହଜାର ୪୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଶିକ୍ଷା ଓ ଦକ୍ଷତା କ୍ଷେତ୍ର ପାଇଁ ୧୯ ହଜାର ୪୯୨ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୬ହଜାର ୭୭୯ କୋଟି, ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୫ ହଜାର କୋଟି, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ୨୩ ହଜାର ୭୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଆର୍ଥିକ ବର୍ଷରେ ପୁଞ୍ଜିବ୍ୟୟ ଅଟକଳ ୨୪ ହଜାର ୭୨୩ କୋଟି ଟଙ୍କା ରହିଛି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୪.୫ ପ୍ରତିଶତ ଅଟେ । ଏସବୁ ଖର୍ଚ୍ଚ ତୁଲାଇବାକୁ ରାଜ୍ୟ ସରକାର ୧ ଲକ୍ଷ ୧୫ ହଜାର ୨୬୬ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଋଣ ଓ ଅନ୍ୟାନ୍ୟ ପାଣ୍ଠିରୁ ୨୩ ହଜାର ୭୩୪ କୋଟି ଟଙ୍କା ଭରଣା କରିବାକୁ ଯୋଜନା ରଖିଛନ୍ତି । ରାଜ୍ୟରେ ନିଜସ୍ୱ ଟିକସ ବାବଦରେ ୩୩ ହଜାର କୋଟି, ଅଣ ଟିକସ ବାବଦରେ ୧୨ ହଜାର ୫୦୦ କୋଟି, କେନ୍ଦ୍ରୀୟ ଟିକସରେ ରାଜ୍ୟ ଅଂଶ ବାବଦରେ ୩୯ ହଜାର ୨୦୭ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଅନୁଦାନ ୩୦ ହଜାର ୫୫୯ କୋଟି ଟଙ୍କା ରହିଛି । ରାଜସ୍ୱ ବଳକା ୧୦ ହଜାର ୫୫୫ କୋଟି ଟଙ୍କା ହେବାକୁ ଥିବାବେଳେ ବିତ୍ତୀୟ ନିଅଣ୍ଟ ଜିଏସ୍‌ଡିପିର ୨.୯ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି ।

ରାଜ୍ୟରେ ଋଣ ଭାର ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି । ୨୦୧୮-୧୯ରେ ଋଣ ଭାର ୮୭ ହଜାର ୬୪୯ କୋଟି ଥିବା ବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୧ ଲକ୍ଷ ୬ ହଜାର କୋଟିରେ ପହଞ୍ଚିବ, ଯାହାକି ଜିଏସ୍‌ଡିପିର ୧୯.୭ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ନିଅଣ୍ଟିଆ ଖର୍ଚ୍ଚ ତୁଲାଇବାକୁ ୨୦୧୮-୧୯ରେ ରାଜ୍ୟ ସରକାର ଖୋଲା ବଜାରରୁ ୧୨ ହଜାର ୩ କୋଟି ଋଣ ଆଣିବାକୁ ଧାର୍ଯ୍ୟ କରିଥିଲେ । ସେଥିରୁ ଏ ପର୍ଯ୍ୟନ୍ତ ୫,୭୦୦ କୋଟି ଟଙ୍କା ଋଣ ଆଣିଛନ୍ତି । ଚଳିତବର୍ଷ ଖୋଲା ବଜାରରୁ ୧୮ ହଜାର ୬୭୭ କୋଟି ଟଙ୍କା ଋଣ କରିବେ । ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ରାଜ୍ୟ ସରକାର ଚଳିତ ବଜେଟରେ କୌଣସି ନୂତନ ଯୋଜନା କରିନାହାନ୍ତି ।

କୃଷି ଓ କୃଷକର ବିକାଶ ପାଇଁ କୃଷକ ସହାୟତା ଯୋଜନା ମାଧ୍ୟମରେ ୭୫ ଲକ୍ଷ କୃଷକଙ୍କୁ ସେମାନଙ୍କର ଜୀବିକା ନିର୍ବାହ ଏବଂ ଆୟ ବୃଦ୍ଧି ପାଇଁ କାଳିଆ ଯୋଜନାରେ ଚଳିତ ବର୍ଷ ବଜେଟରେ ୫ ହଜାର ୬୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ବିଭିନ୍ନ ବାଣିଜ୍ୟିକ ଓ ସମବାୟ ବ୍ୟାଙ୍କ ଜରିଆରେ ଚାଷୀମାନଙ୍କୁ ସୁଧ ରିହାତି ପାଇଁ ୮ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । କୃଷିଭିତ୍ତିକ ଯନ୍ତ୍ରପାତି ଓ ସରଞ୍ଜାମର ବହୁଳ ପ୍ରସାର ପାଇଁ ୧୮୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । କୃଷକମାନଙ୍କୁ ଉନ୍ନତ ସାର ଓ ବିହନ ଯୋଗାଇବା ପାଇଁ ୨୬୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯାଇଛି ।

ରାଜ୍ୟରେ ଜଳସେଚନ କ୍ଷେତ୍ର ପାଇଁ ୯ ହଜାର ୭୧୩ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ପାଇଁ ୧ ହଜାର ୭୭୭ କୋଟି, ଚଳିତ ବର୍ଷ ୮ଟି ତ୍ୱରିତ ଜଳସେଚନ ସୁବିଧା ଯୋଜନା ପାଇଁ ୧ ହଜାର ୮୬୧ କୋଟି, ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ପାଇଁ ୩ ଶହ ୩୪ କୋଟି, ଗଭୀର ନଳକୂପ ଖନନ ପାଇଁ ୫ଶହ ୪୦ କୋଟି, ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ପାଇଁ ୪ ଶହ ୨୦ କୋଟି ବ୍ୟୟବରାଦ କରାଯାଇଛି । ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ୧ ହଜାର ୫୬୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ପାଇଁ ୧ ହଜାର ୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସାମାଜିକ ନିରାପତ୍ତା ନିମନ୍ତେ ୪ ହଜାର ୪୨୭ କୋଟି ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି । ମଧୁବାବୁ ପେନସନ ଯୋଜନା ପାଇଁ ୨ ହଜାର ୧୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ ୧ ହଜାର ୨୦୧ କୋଟି, ସ୍ୱାସ୍ଥ୍ୟସେବା ପାଇଁ ୬ ହଜାର ୭୮୩ କୋଟି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୧ ହଜାର ୨୦୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।


ମହିଳା ସଶକ୍ତୀକରଣ ପାଇଁ ୨ ହଜାର ୪୪୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ମାଧ୍ୟମରେ ଫେଡେରେଶନଗୁଡ଼ିକୁ ଆର୍ଥିକ ସହାୟତା ଦେବା ପାଇଁ ୩୦୧ କୋଟି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୧୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ଆଦିବାସୀ ଉନ୍ନୟନ ଯୋଜନାରେ ପୌରାଞ୍ଚଳରେ ଛାତ୍ରାବାସ ନିର୍ମାଣ ପାଇଁ ୨ ଶହ ୨୬ କୋଟି ଓ ଶିକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ୧୯ ହଜାର ୪୯୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ୧୫ କୋଟି, ଆଇଟିଆଇ ଏବଂ ପଲିଟେକନିକ୍‌ଗୁଡ଼ିକର ବିକାଶ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ଗ୍ରାମ୍ୟ ଉନ୍ନୟନ କ୍ଷେତ୍ର ପାଇଁ ୨୦ ହଜାର ୮୨୪ କୋଟି ଟଙ୍କା ଏବଂ ପାନୀୟ ଜଳ ଯୋଗାଣ ପାଇଁ ୫ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି । ପୀଠ ଯୋଜନା ଅଧୀନରେ ଆମ ଗାଁ ଆମ ବିକାଶ ପାଇଁ ୪ଶହ କୋଟି, ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ୫୪୦ କୋଟି ଟଙ୍କା, ବସୁଧା ଯୋଜନା ପାଇଁ ୨ ହଜାର ୭୪୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ନଗର ଉନ୍ନୟନ ପାଇଁ ୫ ହଜାର ୫୭୯ କୋଟି, ଭିତ୍ତିଭୂମି ଉନ୍ନୟନ ପାଇଁ ୧୭ ହଜାର ୮୦୯ କୋଟି, ବିପର୍ଯ୍ୟୟ ପରିଚାଳନା ପାଇଁ ୪ ହଜାର ୬୦୦ କୋଟି, ସବୁଜ ବଳୟ ଓ ବନୀକରଣ ପାଇଁ ୫୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ବଜେଟରେ ରାଜସ୍ୱ ବଳକା ଜିଏସଡିପିର ୧.୨୧ ପ୍ରତିଶତ ଏବଂ ବିତ୍ତୀୟ ନିଅଣ୍ଟ ୩.୪୯ ପ୍ରତିଶତରେ ସୀମିତ ରହିବା ନେଇ ଆକଳନ କରାଯାଇଛି । ସୁଧ ଦେୟ ଓ ରାଜସ୍ୱ ଆଦାୟକୁ ୫.୬୪ ପ୍ରତିଶତ ମଧ୍ୟରେ ସୀମିତ କରାଯାଇଛି, ଯାହାକି ଏଫ୍‌ଆରବିଏମ୍ ଅନୁପାଳନର ୧୫ ପ୍ରତିଶତରୁ କମ୍ । ଆର୍ଥିକ ପରିଚାଳନା କ୍ଷେତ୍ରରେ ଅନ୍ୟ ରାଜ୍ୟଠାରୁ ଓଡ଼ିଶା ଅଗ୍ରଣୀ ହୋଇପାରିଛି । ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ପ୍ରସ୍ତୁତ କରାଯାଇଥିବାବେଳେ ମୁଦ୍ରଣଜନିତ ଖର୍ଚ୍ଚକୁ ହ୍ରାସ କରିବାକୁ ଇଲେକ୍ଟ୍ରୋନିକ ବଜେଟ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଛି । ଆସନ୍ତାବର୍ଷରୁ ବଜେଟକୁ ସମ୍ପୂର୍ଣ୍ଣ ଭାବେ ଇ-ବଜେଟ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।


ବଜେଟରେ ଜନସାଧାରଣଙ୍କ ପାଇଁ କୃଷି ଉତ୍ପାଦନ ବୃଦ୍ଧି, ଜଳସେଚନ ସମ୍ପ୍ରସାରଣ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଭିତ୍ତିଭୂମି, ବିଦ୍ୟୁତ୍ ଯୋଗାଣ ଓ ଗ୍ରାମ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ଏକ ଲୋକାଭିମୁଖୀ ବଜେଟ ବୋଲି ଅର୍ଥମନ୍ତ୍ରୀ ପୂଜାରୀ ବିଧାନସଭାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏହା ନିଅଣ୍ଟିଆ ନୁହେଁ ଏକ ବଳକା ବଜେଟ । ଏଥିରେ ମହିଳା, ଯୁବଗୋଷ୍ଠୀ, ଆଦିବାସୀ, ପଛୁଆ ବର୍ଗ, କୃଷି ଓ କୃଷକଙ୍କ ହିତ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି ବୋଲି ସେ କହିଛନ୍ତି ।

## ଏକ ଟଙ୍କାର ଆୟ




- କେନ୍ଦ୍ରୀୟ ଟିକସ ବାବଦରେ ଅଂଶଧନ(୨୮.୨୧%)
- କେନ୍ଦ୍ରରୁ ମିଳୁଥିବା ଅନୁଦାନ(୨୧.୯୯%)
- ନିଜସ୍ୱ ଟିକସ(୨୩.୭୪%)
- ନିଜସ୍ୱ ଅଣ ଟିକସ(୮.୯୯%)
- ପୁଞ୍ଜି ପ୍ରାପ୍ତି(ସରକାରୀ ଋଣ, ବକେୟା ଋଣ ପ୍ରାପ୍ତି ଏବଂ ଅଗ୍ରିମ)(୧୭.୦୭%)

## ଏକ ଟଙ୍କାର ବ୍ୟୟ




- ପ୍ରଶାସନିକ ବ୍ୟୟ(୪୧.୨%)
- ଯୋଜନା ବାବଦରେ ବ୍ୟୟ(୫୦.୮%)
- ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(୪.୭%)
- ରାଜ୍ୟରୁ ସ୍ଥାନାନ୍ତର(୩.୩%)

## ୨୦୧୯-୨୦ ଆର୍ଥିକ ବର୍ଷ

- ଖୋଲା ବଜାରରୁ ୧୮ ହଜାର କୋଟି ଋଣ କରିବେ ସରକାର
- ରାଜ୍ୟର ମୋଟ ଋଣ ଭାର ପହଞ୍ଚିବ ୧ ଲକ୍ଷ ୬ ହଜାର କୋଟି
- କାଳିଆ ଯୋଜନା ପାଇଁ ୫,୬୧୧କୋଟି
- ମହିଳା, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ପାନୀୟଜଳ ଯୋଗାଣକୁ ଗୁରୁତ୍ୱ
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୦ ହଜାର ୭୧୪ କୋଟି
- ଜଳସେଚନ ପାଇଁ ୯ ହଜାର ୭୧୩ କୋଟି
- ଆସନ୍ତା ବର୍ଷରୁ ଇ-ବଜେଟ, କମିବ ମୁଦ୍ରଣ ଖର୍ଚ୍ଚ



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ୍ ଉପସ୍ଥାପନ କରୁଛନ୍ତି ।

## କେଉଁ ବିଭାଗ ପାଇଁ କେତେ

| ବିଭାଗ | ବ୍ୟୟବରାଦ (କୋଟିରେ) |
|---|---|
| ଗୃହ | ୫୨୯୮.୦୫ |
| ସାଧାରଣ ପ୍ରଶାସନ | ୪୧୧.୭୪ |
| ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ | ୧୧୩୦.୩୩ |
| ଆଇନ | ୪୪୦.୭୮ |
| ଅର୍ଥ | ୨୭,୯୪୨.୭୨ |
| ବାଣିଜ୍ୟ | ୯୩.୩୪ |
| ପୂର୍ତ୍ତ | ୪୦୪୯.୨୦ |
| ଓଡ଼ିଶା ବିଧାନସଭା | ୮୦.୧୭ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧୧୩୪.୧୫ |
| ସ୍କୁଲ ଓ ଗଣଶିକ୍ଷା ବିଭାଗ | ୧୬,୪୦୦ |
| ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ | ୩୬୨୨.୮୪ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୬୭୮୨.୮୫ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୫୫୭୮.୭୦ |
| ଶ୍ରମ ଓ କର୍ମଚାରୀଙ୍କ ବୀମା | ୧୯୫.୬୩ |
| କ୍ରୀଡ଼ା ଓ ଯୁବ ସେବା | ୨୬୬.୩୧ |
| ଯୋଜନା ଓ ସଂଯୋଜନ | ୧୦୯୩.୯୬ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୧୮,୪୧୯.୦୩ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | ୨.୨୦ |
| ଶିଳ୍ପ | ୨୩୭.୩୯ |
| ଜଳସମ୍ପଦ ବିଭାଗ | ୯୭୧୩.୪୩ |
| ପରିବହନ | ୬୩୯.୫୮ |
| ଜଙ୍ଗଲ ଓ ପରିବେଶ | ୯୦୨.୨୩ |
| କୃଷି ଓ କୃଷକ କଲ୍ୟାଣ | ୮୭୦୨.୨୭ |
| ଇସ୍ପାତ ଓ ଖଣି | ୧୨୨.୨୪ |
| ସୂଚନା ଓ ଲୋକସମ୍ପର୍କ | ୧୦୫.୩୩ |
| ଅବକାରୀ | ୧୨୯.୮୨ |
| ବିଜ୍ଞାନ ଓ ବୈଷୟିକ ବିଦ୍ୟା | ୭୦.୧୨ |
| ଗ୍ରାମ୍ୟ ଉନ୍ନୟନ | ୫୫୩୦.୦୯ |
| ସଂସଦୀୟ ବ୍ୟାପାର | ୬୩.୩୬ |
| ଶକ୍ତି | ୨୨୫୦.୫୮ |
| ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ | ୧୮୨.୮୨ |
| ପର୍ଯ୍ୟଟନ | ୧୯୪ |
| ମତ୍ସ୍ୟ ଓ ପଶୁସମ୍ପଦ | ୮୯୪.୫୯ |
| ସମବାୟ ବିଭାଗ | ୧୪୦୩.୫୪ |
| ସାଧାରଣ ଉଦ୍ୟୋଗ | ୮.୪୮ |
| ମହିଳା ଓ ଶିଶୁ ବିକାଶ | ୩୪୫୭.୨୮ |
| ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା | ୧୧୮.୯୦ |
| ଉଚ୍ଚଶିକ୍ଷା | ୨୩୭୫.୩୪ |
| ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | ୭୧୭.୦୪ |
| ଅଣୁ, କ୍ଷୁଦ୍ର, ମଧ୍ୟମ ଓ ଲଘୁ ଶିଳ୍ପ | ୧୯୨.୪୭୦୭ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୩୧୬୬.୬୨ |
| ବିପର୍ଯ୍ୟୟ ପ୍ରଶମନ | ୪୭୦୬.୫୮ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୧୭୩.୯୦ |
| ମୋଟ | ୧,୩୯,୦୦୦ |

### ଆଜିର ସମ୍ପାଦକୀୟ

**ବାବୁଙ୍କ ଉପରେ ଭରସା**

### ଆଜିର ମନ୍ତବ୍ୟ

"ନେହେରୁ ଓ କଂଗ୍ରେସ ଅଧ୍ୟକ୍ଷମାନଙ୍କ ଯୋଗୁ ଜମ୍ମୁ-କଶ୍ମୀରର ଏକ-ତୃତୀୟାଂଶ ଆମ ସହିତ ନାହିଁ ।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଭାରତର ବୈଦେଶିକ ଋଣ ଭାର ୨.୬% ବୃଦ୍ଧି ପାଇ ୫୪୩ ବିଲିୟନ ଡଲାରରେ ପହଞ୍ଚିଛି ।

-ଭାରତୀୟ ରିଜର୍ଭ ବ୍ୟାଙ୍କ


NECC NATIONAL EGG CO-ORDINATION COMMITTEE 28.06.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 107 | 167 | 177 |
| BDK | 106 | 166 | 176 |
| BLS | 107 | 167 | 177 |
| ANG | 107 | 167 | 177 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers


# ବାଣିଜ୍ୟ ବିବାଦର ସମାଧାନ ପାଇଁ ସହମତି

ଓସାକା,୨୮।୬

ଜାପାନର ଓସାକାଠାରେ ଜି-୨୦ ରାଷ୍ଟ୍ରନେତାମାନଙ୍କ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏଥିରେ ବାଣିଜ୍ୟ, ପ୍ରତିରକ୍ଷା, ୫ଜି ଯୋଗାଯୋଗ ନେଟ୍‌ୱର୍କ ସମେତ ଇରାନ ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଥିଲା । ନିକଟରେ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ମାଧ୍ୟମରେ ପତ୍ର ଲେଖି ଟ୍ରମ୍ପ ଭାରତ ପ୍ରତି ତାଙ୍କର ଭଲପାଇବା ଜଣାଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଦେଇଥିଲେ । ଲୋକ ସଭା ନିର୍ବାଚନରେ ମୋଦିଙ୍କ ବିପୁଳ ବିଜୟ ଲାଗି ଆମେରିକା ରାଷ୍ଟ୍ରପତି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଦୁଇ ଦେଶ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଏକାଠି କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଦ୍ୱିପାକ୍ଷିକ ବାଣିଜ୍ୟକୁ ନେଇ ଦୁଇଦେଶ ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ଏହାର ସମାଧାନ ପନ୍ଥା ବାହାର କରିବା ଲାଗି ଖୁବ୍‌ଶୀଘ୍ର ବାଣିଜ୍ୟମନ୍ତ୍ରୀସ୍ତରୀୟ ବୈଠକର ଆୟୋଜନ କରାଇବା ପାଇଁ ଉଭୟ ଟ୍ରମ୍ପ ଓ ମୋଦି ସହମତ ହୋଇଥିଲେ । ଆଲୋଚନା ବେଳେ ଆମେରିକା ବାଣିଜ୍ୟ ପ୍ରତିନିଧି ରବର୍ଟ ଲିଥାଇଜର ଏବଂ ଟ୍ରେଜେରି ସଚିବ ଷ୍ଟିଭେନ୍ ମନିନ୍ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଭାରତ ଆମେରିକୀୟ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିଥିବାରୁ ଏହାକୁ ନେଇ ଟ୍ରମ୍ପ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର କରିନେବା ଲାଗି ଗୁରୁବାର ଦାବି କରିଥିଲେ । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ବାଣିଜ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ବଜାର ପ୍ରବେଶ ଏବଂ ଶୁଳ୍କ ବୃଦ୍ଧିକୁ ନେଇ ଦୁଇଦେଶ ମଧ୍ୟରେ ବିବାଦର ଆଶଙ୍କା ସୃଷ୍ଟି ହୋଇଥିଲା ।

ବୈଷୟିକ ସହଯୋଗ ବୃଦ୍ଧି, ପ୍ରତିରକ୍ଷା ଓ ନିରାପତ୍ତା ସମ୍ପର୍କ ବଢ଼ାଇବା ସମେତ ବାଣିଜ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରିଛନ୍ତି । ଆମେରିକା ସହ ଅର୍ଥନୈତିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଦୁଇନେତାଙ୍କ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା ଏବଂ ଉଭୟେ ପରସ୍ପରର ଉଦ୍‌ବେଗ ଜଣାଇବା ସହ ବାଣିଜ୍ୟ ମନ୍ତ୍ରୀସ୍ତରୀୟ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ରାଜି ହୋଇଥିଲେ ବୋଲି ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଖବରଦାତାମାନଙ୍କୁ କହିଛନ୍ତି । ଆଲୋଚନା ବେଶ୍ ଫଳପ୍ରଦ ହୋଇଥିବା ଗୋଖ୍‌ଲେ କହିବା ସହ ଦୁଇଦେଶ ମଧ୍ୟରେ ବୃହତ୍ତର ପ୍ରତିରକ୍ଷା ସମ୍ପର୍କକୁ କୌଣସି ପ୍ରସଙ୍ଗ ପ୍ରଭାବିତ କରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

ସୂଚନାଯୋଗ୍ୟ ଆମେରିକା ପରରାଷ୍ଟ୍ର ସଚିବ ପମ୍ପିଓ ବୁଧବାର ନୂଆଦିଲ୍ଲୀ ଆସିଥିବାବେଳେ ଭାରତ-ଆମେରିକା ଗୁରୁତ୍ୱପୂର୍ଣ୍ଣ ବନ୍ଧୁ ହୋଇଥିବାରୁ ମତଭେଦ ରହିବା ସ୍ୱାଭାବିକ ବୋଲି କହିଥିଲେ । ତେବେ ଅର୍ଥନୈତିକ ବିବାଦର ସମାଧାନ ଲାଗି କାର୍ଯ୍ୟ ଜାରି ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଭାରତୀୟ ସାମଗ୍ରୀ ଉପରୁ ଆମେରିକା ଅଗ୍ରାଧିକାର ପ୍ରବେଶ ସୁବିଧା ପ୍ରତ୍ୟାହାର କରିନେବା ପରେ ନୂଆଦିଲ୍ଲୀ ଆମେରିକାରୁ ଆସୁଥିବା ଆଲମଣ୍ଡ, ଡାଲି, ୱାଲନଟ୍ ଆଦି ୨୮ଟି ସାମଗ୍ରୀ ଉପରେ ଆମଦାନି ଶୁଳ୍କ ବୃଦ୍ଧି କରିଥିଲା ।

ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଶକ୍ତି ସୁରକ୍ଷା ଏବଂ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଶାନ୍ତିକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ମୋଦି ଟ୍ରମ୍ପଙ୍କୁ ଜଣାଇଥିଲେ । ଉପସାଗରୀୟ ଜଳରାଶିରେ ତୈଳବାହୀ ଜାହାଜଗୁଡ଼ିକର ଯାତାୟାତରେ ତେହେରାନ ପ୍ରତିବନ୍ଧକ ସୃଷ୍ଟି କରିବା ସହ ଆମେରିକାର ଏକ ଗୋଇନ୍ଦା ଡ୍ରୋନ୍‌କୁ ଖସାଇ ଦେଇଥିବା ଟ୍ରମ୍ପ କହିଥିଲେ । ପାରସ୍ୟ ଉପସାଗର ଅଞ୍ଚଳରେ ସ୍ଥିରତା କିପରି ବଜାୟ ରହିପାରିବ ତାହା ଉପରେ ମୋଦି ଗୁରୁତ୍ୱ ଦେଇଥିଲେ ।

ଦୁଇନେତାଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଭାରତ-ଜାପାନ-ଆମେରିକା ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୋଗାଯୋଗ ଓ ଭିତ୍ତିଭୂମି ବିକାଶ ଲାଗି ଏକାଠି କାର୍ଯ୍ୟ କରିବାକୁ ଏବଂ ଚାଇନା ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ ଚଳାଇଥିବା ଅଞ୍ଚଳରେ ଶାନ୍ତି ସୁନିଶ୍ଚିତ କରିବା ପ୍ରସଙ୍ଗ ଟ୍ରମ୍ପ, ମୋଦି ଓ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଆଲୋଚନାରେ ସ୍ଥାନ ପାଇଥିଲା । ଆଲୋଚନା ଫଳପ୍ରଦ ଥିଲା ବୋଲି ମୋଦି ଟୁଇଟ୍ କରି ଜଣାଇଛନ୍ତି ।



## ମୋଦି-ଟ୍ରମ୍ପ୍ ଆଲୋଚନା

- ପ୍ରତିରକ୍ଷା, ୫ଜି, ଇରାନ ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଲା
- ଭାରତ-ଜାପାନ-ଆମେରିକା ତ୍ରିରାଷ୍ଟ୍ରୀୟ ଆଲୋଚନାରେ ଯୋଗାଯୋଗ, ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


## ୨ଦିନ ବିଧାନସଭା ଛୁଟି

ଭୁବନେଶ୍ୱର,୨୮ ।୬(ବ୍ୟୁରୋ)-ଶନିବାର ଓ ରବିବାର ଦୁଇଦିନ ବିଧାନସଭା ବନ୍ଦ ରହିବ । ଶୁକ୍ରବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭାରେ ଏହି ଘୋଷଣା କରିଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ଶନିବାର ସରକାରୀ କାର୍ଯ୍ୟଦିବସ ଥିଲା । ତେବେ ବିଧାନସଭା କାର୍ଯ୍ୟ ପରାମର୍ଶ ଦାତା କମିଟି ସୁପାରିଶ କ୍ରମେ ଗୃହକୁ ଶନିବାର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଛୁଟି ଦିବସ ଘୋଷଣା କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ଗୃହରେ ଏକ ପ୍ରସ୍ତାବ ଆଣିଥିଲେ । ବାଚସ୍ପତି ଏହାକୁ ଗ୍ରହଣ କରି ଛୁଟି ଘୋଷଣା କରିଥିଲେ ।



“ ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରେ ରହିବାର ୧ ପ୍ରତିଶତ ସମ୍ଭାବନା ମଧ ନାହିଁ। ସେ ନିଜ ନିଷ୍ପତ୍ତିରେ ଅଟଳ।

-ବୀରାପ୍ପା ମୋଇଲି,
ବରିଷ୍ଠ କଂଗ୍ରେସ ନେତା



■ ଚତୁର୍ଦ୍ଦଶ ଜି-୨୦ ସମ୍ମିଳନୀ: ଆମେରିକା-ଚାଇନା ଉତ୍ତେଜନା ହ୍ରାସ ପାଇଁ ଆବେଙ୍କ ଆହ୍ୱାନ

# ବିଶ୍ୱକୁ ବିପଦ ବାଣିଜ୍ୟ ଯୁଦ୍ଧ

ଓସାକା,୨୮।୬ (ପି.ଟି./ଆଇଏଏନ୍ଏସ୍)

ଜାପାନର ଓସାକାରେ ଶୁକ୍ରବାର ଜି-୨୦ ସମ୍ମିଳନୀ ଆରମ୍ଭ ହୋଇଛି। ଏଥିରେ ବିଶ୍ୱ ଅର୍ଥନୀତି, ବହୁପାକ୍ଷିକ ବାଣିଜ୍ୟ ଓ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ଏହି ଦୁଇଦିନିଆ ସମ୍ମିଳନୀରେ ନିଯୁକ୍ତି, ମହିଳା ସଶକ୍ତୀକରଣ ଓ ସ୍ୱାସ୍ଥ୍ୟସେବା ଆଦି ପ୍ରସଙ୍ଗ ନେଇ ମଧ ଆଲୋଚନା ହୋଇଛି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଜି-୨୦ ଅର୍ଥନୀତିର ନେତା ଓ ଅନ୍ୟ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ଆବେ କହିଥିଲେ, ସାମ୍ପ୍ରତିକ ବାଣିଜ୍ୟିକ ପରିବେଶକୁ ନେଇ ସେ ଚିନ୍ତିତ। ମୁକ୍ତ ଓ ଭେଦଭାବରହିତ ବାଣିଜ୍ୟ ଉପରେ ଏକ କଡ଼ା ସନ୍ଦେଶ ଜରୁରୀ। ବିଶ୍ୱ ଅର୍ଥନୀତିକୁ ଆଗେଇ ନେବା ପାଇଁ ଆବଶ୍ୟକ ସମସ୍ତ ନୀତିକୁ ଜି-୨୦ ରାଷ୍ଟ୍ର ସମୂହ ଆପଣାଇବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ।

ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଲାଗିରହିଥିବାବେଳେ ଏହାକୁ ହ୍ରାସ କରିବା ଉପରେ ଜି-୨୦ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଛି। ଦୁଇଦେଶ 'ଯେସାକୁ ତେସା' ନ୍ୟାୟରେ ପରସ୍ପର ବିରୋଧରେ କଟକଣା ଜାରି କଲେ କୌଣସି ରାଷ୍ଟ୍ର ଏଥିରୁ ଲାଭବାନ ହେବେନାହିଁ। ତେଣୁ ଏହାର ତୁରନ୍ତ ସମାଧାନ କରାଯିବା ଉଚିତ। ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଚାଇନା ପ୍ରତିପକ୍ଷ ଜି ଜିନ୍‌ପିଙ୍ଗ୍ ଶନିବାର ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶ ଯେ, ୱାଶିଂଟନ ଓ ବେଜିଂ ମଧ୍ୟରେ ୨୦୧୮ରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ସମୁଦାୟ ଚିନ୍ତାବ୍ୟକ୍ତ କରି ସମାଧାନର ପନ୍ଥା ବାହାର କରିବାକୁ ପରାମର୍ଶ ଦେଇଛନ୍ତି। ୧୯୯୯ରେ ପ୍ରତିଷ୍ଠିତ ଜି-୨୦ ହେଉଛି ଆର୍ଥିକ ପ୍ରସଙ୍ଗଗୁଡ଼ିକ ଉପରେ ସହଯୋଗ ବୃଦ୍ଧି ପାଇଁ ଏକ ଅନ୍ତର୍ଜାତୀୟ କେନ୍ଦ୍ରୀୟ ମଞ୍ଚ। ୟୁରୋପୀୟ ସଂଘ (ଇୟୁ) ଏବଂ ୧୯ଟି ରାଷ୍ଟ୍ର ଏହାର ସଦସ୍ୟ। ଏହି ରାଷ୍ଟ୍ରଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ମେକ୍ସିକୋ, ରୁଷିଆ, ସୌଦି ଆରବ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ତୁର୍କୀ, ବ୍ରିଟେନ ଓ ଆମେରିକା।



ଓସାକା ସମ୍ମିଳନୀରେ ଜି-୨୦ ରାଷ୍ଟ୍ର ସମୂହର ନେତୃବୃନ୍ଦ।

### ଆମେରିକା-ଚାଇନାକୁ ଇୟୁ ନେତାଙ୍କ ଚେତାବନୀ

ଓସାକା,୨୮।୬(ଆଇଏଏନ୍ଏସ୍): ଆମେରିକା ଓ ଚାଇନା ମଧରେ ବାଣିଜ୍ୟ ଯୁଦ୍ଧ ବିଶ୍ୱ ଅର୍ଥନୀତି ପାଇଁ ବିପଜ୍ଜନକ। ତେଣୁ ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଅନ୍ତର୍ଜାତୀୟ ବାଣିଜ୍ୟିକ ନିୟମକୁ ଅନୁସରଣ କରି ଏଥିରୁ କ୍ଷାନ୍ତ ରହିବାକୁ ଶୁକ୍ରବାର ୟୁରୋପୀୟ ସଂଘ (ଇୟୁ) ନେତାମାନେ ଚେତାବନୀ ଦେଇଛନ୍ତି। ଓସାକାରେ ଜି-୨୦ ସମ୍ମିଳନୀ ଅବସରରେ ୟୁରୋପୀୟ କମିଶନ ଅଧକ୍ଷ ଜିନ୍-କ୍ଲାଉଡେ ଜନ୍‌କେର କହିଛନ୍ତି, ୱାଶିଂଟନ ଓ ବେଜିଂ ମଧରେ ବାଣିଜ୍ୟକୁ ନେଇ ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ଅତ୍ୟନ୍ତ କଠିନ। ଏଥିଯୋଗୁ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧି ମନ୍ଥର ହୋଇଛି। ଆମେରିକା ଓ ଚାଇନା ତୁରନ୍ତ ଏହାର ସମାଧାନ କରିବା ପାଇଁ ଆଗ୍ରହୀ ହୁଅନ୍ତୁ। ସେହିପରି ୟୁରୋପୀୟ ପରିଷଦ ଅଧକ୍ଷ ଡୋନାଲ୍ଡ ଟସ୍କ ମଧ ସମସ୍ତ ରାଷ୍ଟ୍ରକୁ ଅଧିକ ଉଦାରବାଦୀ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଛନ୍ତି।


ମୁମ୍ବାଇରେ ପ୍ରଥମ ମୌସୁମୀ ବର୍ଷା ପରେ ୱେଷ୍ଟର୍ନ ଏକ୍ସପ୍ରେସ ୱେରେ ଟ୍ରାଫିକ୍ ଜାମ୍।

## ବଜ୍ରପାତରେ ୨୦ ମୃତ

ରାଞ୍ଚି,୨୮।୬(ଆଇଏଏନ୍ଏସ୍)

ମୌସୁମୀ ବର୍ଷା ପ୍ରଚଣ୍ଡ ରୌଦ୍ରତାପରୁ ଝାଡ଼ଖଣ୍ଡ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେଇଥିଲାବେଳେ ୩ ଦିନରେ ବଜ୍ରପାତରେ ୨୦ ଜଣଙ୍କ ଜୀବନ ନେଲାଣି। ବୁଧବାର ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁବାର ୯ ଜଣ ଓ ଶୁକ୍ରବାର ୪ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଲାଟେହାରରେ ୩ ଜଣ, ପାଲାମୌରେ ୨, ଗୁମ୍‌ଲା ଓ ଲୋହାରଡାଗା ଜିଲାରେ ୪ ଜଣ ଲେଖାଏ ପ୍ରାଣ ହରାଇଥିବାବେଳେ ଜାମସେଦ୍‌ପୁର, ବୋକାରୋ, ହଜାରିବାଗ ଏବଂ ସାହେବ୍‌ଗଞ୍ଜରେ ମଧ୍ୟ ବଜ୍ରପାତଜନିତ ମୃତ୍ୟୁ ଘଟିଛି। ଝାଡଖଣ୍ଡରେ ପ୍ରତିବର୍ଷ ବଜ୍ରପାତରେ ୫୦ରୁ ୬୦ ଲୋକଙ୍କ ମୃତ୍ୟୁ ଘଟିଥାଏ।

## ପ୍ରିୟା ପିନ୍ଧିଲେ 'ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ' ମୁକୁଟ

ମେଲବୋର୍ନ,୨୮।୬

ଭାରତୀୟ ବଂଶୋଦ୍ଭବ ୨୬ ବର୍ଷୀୟା ପ୍ରିୟା ସେରାଓ 'ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ ୨୦୧୯'ର ବିଜେତା ଘୋଷିତ ହୋଇଛନ୍ତି। ମେଲବୋର୍ନଠାରେ ଗୁରୁବାର ରାତିରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ୨୬ ଜଣଙ୍କୁ ପଛରେ ପକାଇ ପ୍ରିୟା ଏହି ସଫଳତା ହାସଲ କରିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ପ୍ରିୟା ଅଷ୍ଟ୍ରେଲିଆରୁ ପ୍ରତିନିଧିତ୍ୱ କରିବେ। ମିସ୍ ୟୁନିଭର୍ସ ଅଷ୍ଟ୍ରେଲିଆ ୱେବ୍‌ସାଇଟ୍‌ର ସୂଚନା ଅନୁଯାୟୀ, ପ୍ରିୟାଙ୍କ ଜନ୍ମ କର୍ନାଟକର ବେଲମାନ୍ନୁରେ ହୋଇଥିବା ବେଳେ ତାଙ୍କର ପାଳନପୋଷଣ ମଧ୍ୟପ୍ରାଚ୍ୟରେ ହୋଇଛି। ମାତ୍ର ୧୧ ବର୍ଷ ବୟସରେ ସେ ନିଜ ପରିବାର ସହ ଅଷ୍ଟ୍ରେଲିଆ ଚାଲି ଯାଇଥିଲେ। ଆଇନରେ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି।



## ପାକିସ୍ତାନୀ ଆତଙ୍କବାଦୀ ନିହତ

ଶ୍ରୀନଗର,୨୮।୬(ପି.ଟି.): ଜମ୍ମୁ-କଶ୍ମୀରର ବଡ଼ଗାମ୍ ଜିଲାରେ ଶୁକ୍ରବାର ଏନ୍‌କାଉଣ୍ଟରରେ ପାକିସ୍ତାନର ଜଣେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀ ଆତ୍ମଗୋପନ କରିଥିବା ସୂଚନା ପାଇ ଶୁକ୍ରବାର ସକାଳେ ସୁରକ୍ଷା ବଳ ବଡ଼ଗାମ ଜିଲାର କ୍ରାଲପୋରା ଚେକ୍‌ପୋରା ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏହି ସମୟରେ ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ସେମାନେ ଏହାର ପାଲଟା ଜବାବ ଦେଇଥିଲେ। ଏହି ଗୁଳି ବିନିମୟ ବେଳେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ଜବତ ହେବା ସହ ଏନ୍‌କାଉଣ୍ଟର ସ୍ଥଳରୁ ମିଳିଥିବା କାଗଜପତ୍ରରୁ ସେ ପାକିସ୍ତାନୀ ଆତଙ୍କବାଦୀ ଜରାର ବୋଲି ଜଣାପଡିଛି।

[ଇତିହାସର ଆଇନାରେ]

### ଜୁନ୍ ୨୯ର ପ୍ରମୁଖ ଘଟଣା

୧୯୭୪ ଜୁନ୍ ୨୯ରେ ଇସାବେଲ ପେରନ୍ ଆର୍ଜେଣ୍ଟିନାର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ୧୯୩୧ ଫେବୃୟାରୀ ୪ରେ ଜନ୍ମଗ୍ରହଣ କରିଥିଲେ।

୨୦୦୭ ଜୁନ୍ ୨୯ରେ ଆପଲ୍ ଇଙ୍କ୍ ଏହାର ପ୍ରଥମ ମୋବାଇଲ ଫୋନ୍ ଲଞ୍ଚ୍ କରିଥିଲା। ଦି ଆଇଫୋନ୍ ଆପଲ ଇଙ୍କ୍ ହେଉଛି ଏକ ଆମେରିକୀୟ ମଲ୍ଟିନ୍ୟାଶନାଲ୍ ଟେକ୍ନୋଲୋଜି କମ୍ପାନୀ।

## ଏଥର ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ କରିବ ନାହିଁ

ଓସାକା,୨୮।୬(ଆଇଏଏନ୍ଏସ୍)

**ପୁଟିନ୍‌ଙ୍କୁ ବ୍ୟଙ୍ଗ କଲେ ଟ୍ରମ୍ପ୍**

ଜାପାନର ଓକାସା ସହରରେ ଚାଲିଥିବା ୨ ଦିନିଆ ଜି-୨୦ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ହ୍ୱାଇଟ୍ ହାଉସ୍‌କୁ ପୁଣି ଫେରିବାକୁ ଲକ୍ଷ୍ୟ ରଖିଥିବା ଟ୍ରମ୍ପ୍ ଏହି ଅବସରରେ ପୁଟିନ୍‌ଙ୍କୁ ବ୍ୟଙ୍ଗ କରି ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ନ କରିବାକୁ ଅନୁରୋଧ କରିଛନ୍ତି।

୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମସ୍କୋ ହସ୍ତକ୍ଷେପ କରିଥିବା ଅଭିଯୋଗ ହେବା ପରେ ବିବାଦ ସୃଷ୍ଟି ହୋଇଥିଲା। ଓସାକାରେ ଶୁକ୍ରବାର ଦୁଇ ବିଶ୍ୱନେତା ପରସ୍ପରକୁ ସାକ୍ଷାତ କରିବା ସମୟରେ ଜଣେ ଖବରଦାତା ଟ୍ରମ୍ପଙ୍କୁ ପ୍ରଶ୍ନ କରିଥିଲେ, ଆପଣ ରୁଷିଆ ରାଷ୍ଟ୍ରପତିଙ୍କୁ ୨୦୨୦ ନିର୍ବାଚନରେ ହସ୍ତକ୍ଷେପ ନ କରିବାକୁ କହିବେ କି। ଏହାର ଉତ୍ତରରେ ଟ୍ରମ୍ପ୍ କହିଥିଲେ, ହଁ ନିଶ୍ଚୟ। ପରେ ସେ ପୁଟିନ୍‌ଙ୍କ ଆଡ଼କୁ ପାଖେଇ ଯାଇ ଓ ତାଙ୍କ ଆଖିକୁ ନ ଚାହିଁ ସ୍ମିତହାସ୍ୟ ମୁହଁରେ କହିଥିଲେ, ଦୟାକରି ଏହି ନିର୍ବାଚନରେ ହସ୍ତକ୍ଷେପ କରନାହିଁ। ପୁଟିନ୍ ମଧ ହସିଦେଇ ତାଙ୍କ କଥା ଦୋହରାଇଥିଲେ, ଏହି ନିର୍ବାଚନରେ ମୁଣ୍ଡ ଖେଳାଅ ନାହିଁ। ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରୁଷିଆର ହସ୍ତକ୍ଷେପରେ ପୁଟିନଙ୍କ ବିଶ୍ୱସନୀୟତାକୁ ନେଇ ଟ୍ରମ୍ପ୍ ପ୍ରଶ୍ନ ଉଠାଇଥିଲେ। ହେଲ୍‌ସିଙ୍କି ସମ୍ମିଳନୀ ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ସାକ୍ଷାତ। ଏହି ଅବସରରେ ଟ୍ରମ୍ପ୍ ତାଙ୍କ ରୁଷିଆ ପ୍ରତିପକ୍ଷଙ୍କୁ ପ୍ରଶଂସା କରିବା ସହ ବାଣିଜ୍ୟ, ନିରସ୍ତ୍ରୀକରଣ ଓ ଭେନିଜୁଏଲା ସଙ୍କଟ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ନବାମ ଟୁକୀଙ୍କ ଭାଇ ବିରୋଧରେ ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୨୮।୬(ପି.ଟି.)

ସରକାରୀ ଠିକା କାମରେ ଦୁର୍ନୀତିକୁ ନେଇ ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନବାମ ଟୁକୀଙ୍କ ଭାଇ ନବମ ହରିଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ଏଥିସହିତ ତାଙ୍କ ସ୍ତ୍ରୀ ଓ ପିଡବ୍ଲ୍ୟୁଡିର କେତେଜଣ ଅଫିସରଙ୍କ ବିରୋଧରେ ମଧ ଦୁର୍ନୀତି ମାମଲା ରୁଜୁ କରାଯାଇଛି। ପିଡବ୍ଲ୍ୟୁଡି ବିଭାଗ ଦାୟିତ୍ୱରେ ଥିବା ଟୁକୀ ଟେଣ୍ଡର ନ ଡାକି ନିଜ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କୁ କାମ ଠିକା ଦେଇଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ସିଲଂର ଉମରୋଇ କ୍ୟାଣ୍ଟନମେଣ୍ଟଠାରେ କେନ୍ଦ୍ରୀୟ ବିଦ୍ୟାଳୟ ବିଲ୍ଡିଂ ନିର୍ମାଣକୁ ନେଇ ଗୌହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଘଟଣାର ତଦନ୍ତ କରିଥିଲା। ଟୁକୀଙ୍କ ଭାଉଜ ନବମ ମେରୀଙ୍କ ନାଁରେ ଥିବା ମେରୀ ଆସୋସିଏଟ୍ ନାମକ କମ୍ପାନୀକୁ ଅନେକ ଠିକାକାମ ଦିଆଯାଇଥିବା ଜଣାପଡିଥିଲା।

■ ବଳାତ୍କାର ଉଦ୍ୟମକୁ ପ୍ରତିରୋଧ କରିବାରୁ

## ୨ ମହିଳାଙ୍କୁ କାଉନ୍‌ସିଲରଙ୍କ ମାଡ଼

ପାଟନା,୨୮।୬

ବଳାତ୍କାର ଉଦ୍ୟମକୁ ପ୍ରତିରୋଧ କରିବାରୁ ବିହାର ବୈଶାଳୀ ଜିଲାର ଏକ ଗ୍ରାମରେ ଜଣେ ୪୮ ବର୍ଷୀୟା ମହିଳା ଓ ତାଙ୍କ ନବବିବାହିତ ଝିଅଙ୍କୁ ସ୍ଥାନୀୟ ୱାର୍ଡ କାଉନସିଲର ମାଡ଼ ମାରିବା ସହ ଲଣ୍ଡା କରି ଗାଁରେ ବୁଲାଇଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମ୍ପୃକ୍ତ କାଉନସିଲର ମହମ୍ମଦ ଖୁର୍ଶିଦ, ତାଙ୍କର ୩ଜଣ ଅନୁଗାମୀ ଓ ଜଣେ ବାରିକଙ୍କୁ ପୋଲିସ ଗିରଫ କରିଛି। ଅଭିଯୋଗ ଅନୁଯାୟୀ କାଉନସିଲରଙ୍କ ସମେତ ୬ଜଣ ପୀଡିତାଙ୍କ ଘରେ ପଶି ତାଙ୍କ ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମାଆ ସେଥିରେ ବାଧାଦେବାରୁ ସେମାନେ ଉଭୟଙ୍କୁ କାଠଫାଳିଆରେ ପିଟିବା ସହ ଘର ବାହାରକୁ ଘୋଷାଡ଼ି ନେଇଥିଲେ। ସେଠାରେ ପଞ୍ଚାୟତ ବସାଇ ଖୁର୍ଶିଦ ଜଣେ ବାରିକ ଡାକି ସେମାନଙ୍କୁ ଲଣ୍ଡା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଦୁଇ ମହିଳାଙ୍କୁ ଗାଁ ଦାଣ୍ଡରେ ବୁଲାଇଥିଲେ।

## ଥାଇ ଇଂଲିଶ 'ଦି ନେଶନ୍'ର ମୁଦ୍ରଣ ବନ୍ଦ

ବ୍ୟାଙ୍କକ୍, ୨୮।୬

ଥାଇଲାଣ୍ଡର ଇଂଲିଶ ଦୈନିକ 'ଦି ନେଶନ୍'ର ଶେଷ ମୁଦ୍ରିତ ପ୍ରକାଶନ ଶୁକ୍ରବାର ପ୍ରକାଶ ପାଇଛି। ଏହା ଆଉ ପ୍ରକାଶ ପାଇବ ନାହିଁ, ବରଂ ଏହାକୁ ଅନଲାଇନ୍ ଭର୍ସନରେ ପାଠକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ ହେଉଛି। ବିଦେଶୀ କମ୍ପାନୀ ଥାଇଲାଣ୍ଡର ଇଂଲିଶ ପ୍ରେସ୍ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ 'ଦି ନେଶନ୍' ୧୯୭୧ ଜୁଲାଇ ୧ରେ ପ୍ରତିଷ୍ଠା ହୋଇଥିଲା ।

ଉକ୍ତ ଖବରକାଗଜ ଏହାର ସମ୍ମୁଖ ପୃଷ୍ଠାରେ 'ଏ ନ୍ୟୁ ବିଗ୍‌ନିଙ୍ଗ୍ ଆଟ୍ ୪୮' ଶୀର୍ଷକରେ ଏକ ବିଦାୟୀ ବାର୍ତ୍ତା ଦେଇଛି। ଉକ୍ତ ଦୈନିକ ଜୁଲାଇ ୧ରୁ ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ କରିବ ବୋଲି ଦି ନେଶନ୍ ମଲ୍ଟିମେଡିଆ ଗ୍ରୁପ୍ ସୋମ୍‌ଚାଇ ମିସାଇନ୍ ସିଇଓ ପୂର୍ବରୁ ଘୋଷଣା କରିଥିଲେ। କାରଣ ଏହାର ୨୬% ପାଠକ ଥାଇଲାଣ୍ଡର ହୋଇଥିବାବେଳେ ପାଖାପାଖି ୭୦% ପାଠକ ବିଦେଶୀ। କିନ୍ତୁ ବିଦେଶୀ ପାଠକମାନେ ଏହାର ମୁଦ୍ରିତ ପ୍ରକାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ୨୫ରୁ ୪୦ବର୍ଷ ବୟସ୍କ ଅଧିକାଂଶ ପାଠକ ନୂଆ ମିଡିଆ ପ୍ଲାଟଫର୍ମ ବ୍ୟବହାର କରୁଥିବାରୁ ଏହାର ଡିଜିଟାଲ୍ ଭର୍ସନ ସମସ୍ତଙ୍କ ପାଖରେ ପହଞ୍ଚିପାରିବ ବୋଲି ସେ କହିଛନ୍ତି। କିଛି ଦଶନ୍ଧି ହେଲା ଏହା କ୍ଷତିରେ ଚାଲିଥିବା ଜଣାପଡିଛି।




## ୨ ଲକ୍ଷ ମୁସଲମାନ ହଜ୍ ଯାଇପାରିବେ

ଓସାକା,୨୮।୬(ପି.ଟି.)

**ଭାରତର ୩୦ ହଜାର କୋଟା ବଢ଼ାଇଲା ସୌଦି ଆରବ**

ସୌଦି ଆରବର ମକ୍କାକୁ ଏଣିକି ଭାରତରୁ ୨ ଲକ୍ଷ ମୁସ୍‌ଲିମ୍ ହଜ୍ ଯାତ୍ରା କରିପାରିବେ। ପୂର୍ବରୁ ଏହି ସଂଖ୍ୟା ୧୭୦,୦୦୦ ଥିବାବେଳେ ଶୁକ୍ରବାର ସୌଦି ଆରବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କ୍ରମେ ଏଥିରେ ୩୦,୦୦୦ ବୃଦ୍ଧି କରିଛି। ଜାପାନର ଓସାକାରେ ଜି-୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୌଦି ଆରବର କ୍ରାଉନ୍ସ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ହଜ୍ ଯାତ୍ରୀଙ୍କ ସଂଖ୍ୟା ୨ ଲକ୍ଷକୁ ବୃଦ୍ଧି କରାଯାଇଥିବା ନେଇ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ସୂଚନା ଦେଇଛନ୍ତି।

## 'ବୋଲେ ଚୁଡିୟା'ରେ ତମନ୍ନା, ନୱାଜୁଦ୍ଦିନ୍

**ମୁମ୍ବାଇ:** ଅଭିନେତ୍ରୀ ତମନ୍ନା ଭାଟିଆ 'ବୋଲେ ଚୁଡିୟା'ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ଚରିତ୍ରରେ ମୌନୀ ରଏ ଅଭିନୟ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଏଥିରେ ପ୍ରଥମ ଥର ପାଇଁ ତମନ୍ନାଙ୍କୁ ନୱାଜୁଦ୍ଦିନ ସିଦ୍ଦିକ୍‌ଙ୍କ ସହିତ ଦେଖିବାକୁ ମିଳିବ। ଏଥିରେ ମୌନୀ ରଏଙ୍କୁ ନିଆଯିବ ନାହିଁ ବୋଲି ମେ ମାସରେ ଘୋଷଣା କରାଯାଇଥିଲା। କାରଣ ପ୍ରଯୋଜକ ଏବଂ ଅଭିନେତ୍ରୀଙ୍କ ମଧ୍ୟରେ ମତପାର୍ଥକ୍ୟ ନେଇ ମୌନୀ ଉକ୍ତ ଫିଲ୍ମରୁ ଓହରି ଯାଇଥିଲେ। ତେବେ ତମନ୍ନା କହନ୍ତି, ଉକ୍ତ ପ୍ରୋଜେକ୍ଟରେ ସେ ଅଂଶୀଦାର ହେବାକୁ ଯାଉଛନ୍ତି। ବାସ୍ତବରେ ଫିଲ୍ମର କାହାଣୀ ତାଙ୍କୁ ଆକୃଷ୍ଟ କରିଛି। ଆମ ସମାଜରେ ବର୍ତ୍ତମାନର ସମସ୍ୟାକୁ କେନ୍ଦ୍ର କରି ଫିଲ୍ମର କାହାଣୀ ଗଢ଼ିଉଠିଛି। ନିଜର ବାସ୍ତବ ଚରିତ୍ର ଅପେକ୍ଷା ଏହା ସମ୍ପୂର୍ଣ୍ଣ ବିପରୀତ ଥିବାରୁ ପ୍ରଥମଥର ପାଇଁ ଏଥିରେ ପରୀକ୍ଷାନିରୀକ୍ଷା କରିବାକୁ ପଡୁଛି ବୋଲି ସେ ପ୍ରକାଶ କରିଛନ୍ତି। 'ବୋଲେ ଚୁଡିୟା'ରେ ପ୍ରଥମ କରି ନିର୍ଦ୍ଦେଶନା ଦେଉଛନ୍ତି ନୱାଜୁଦ୍ଦିନଙ୍କ ଭାଇ ଶାମ୍‌ସ ନବାବ୍ ସିଦ୍ଦିକ୍। ଉଡ୍‌ପେକର ମୁଭିଜ୍ ବ୍ୟାନରରେ ଏହାର ମିଳିତ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ରାଜେଶ ଭାଟିଆ ଏବଂ କିରନ୍ ଭାଟିଆ। ରାଜସ୍ଥାନରେ ଉକ୍ତ ଫିଲ୍ମର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ।


ତମନ୍ନା ଭାଟିଆ

■ କଶ୍ମୀରରୁ ଆତଙ୍କବାଦର ମୂଳୋତ୍ପାଟନ ସରକାରଙ୍କ ପ୍ରାଥମିକତା:ଶାହ

## ରାଷ୍ଟ୍ରପତି ଶାସନ ୬ ମାସ ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୬(ପି.ଟି)

ଜମ୍ମୁ-କଶ୍ମୀରରେ ଗଣତନ୍ତ୍ରକୁ କାଏମ ରଖିବା ସହ ଆତଙ୍କବାଦର ମୂଳୋତ୍ପାଟନକୁ ସରକାର ସର୍ବାଧିକ ପ୍ରାଥମିକତା ଦେଉଥିବା ଶୁକ୍ରବାର ଲୋକ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଛନ୍ତି। ସେଠାରେ ରାଷ୍ଟ୍ରପତି ଶାସନ ସମୟସୀମା ଆଉ ୬ ମାସ ବଢ଼ାଇବା ପାଇଁ ଶାହ ଆଣିଥିବା ବୈଧାନିକ ପ୍ରସ୍ତାବ ଲୋକ ସଭାର ଅନୁମୋଦନ ଲାଭ କରିଛି। ରାଜ୍ୟ ବିଧାନସଭା ଭଙ୍ଗ ହେବା ସହ ଚଳିତ ବର୍ଷ ଶେଷ ଭାଗରେ ନିର୍ବାଚନ କରାଇବାକୁ ନିର୍ବାଚନ କମିଶନ (ଇସି) ନିଷ୍ପତ୍ତି ନେଇଥିବାରୁ ରାଷ୍ଟ୍ରପତି ଶାସନ ଆସନ୍ତା ଜୁଲାଇ ୩ରୁ ଆଉ ୬ ମାସ ବଢ଼ାଇବାର ଆବଶ୍ୟକତା ରହିଥିବା ସେ କହିଥିଲେ।




ଗତ ମାସରେ ରମଜାନ ଥିଲା। ଆସନ୍ତା ୩୦ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ଚାଲିବ। ଏହା ପରେ ବକରୱାଲ ସମ୍ପ୍ରଦାୟ ପର୍ବତ ଆରୋହଣ କରନ୍ତି ଓ ସେମାନେ ଅକ୍ଟୋବରରେ ଫେରିଥାନ୍ତି। ତେଣୁ ବର୍ଷ ଶେଷ ବେଳକୁ ନିର୍ବାଚନ କରିବା ଲାଗି ଇସି ନିଷ୍ପତ୍ତି ନେଇଛନ୍ତି। ଆତଙ୍କବାଦକୁ କଦାପି ବରଦାସ୍ତ କରାଯିବନି। ଏହାର ମୂଳୋତ୍ପାଟନ ଲାଗି ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଗ୍ରାମାଞ୍ଚଳର ବିକାଶମୂଳକ କାର୍ଯ୍ୟ ଲାଗି ସରକାର ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୭୦୦ କୋଟି ଟଙ୍କା ପଠାଇବାକୁ ନିର୍ଦ୍ଦେଶ ଦେଇଥିବା ଶାହ କହିଥିଲେ। ପୂର୍ବରୁ ନିର୍ବାଚନ ବେଳେ ଜମ୍ମୁ-କଶ୍ମୀରରେ ରକ୍ତପାତ ହେଉଥିଲା। ଏଥର ଲୋକ ସଭା ନିର୍ବାଚନ ବେଳେ ଜଣେ ହେଲେ ନିର୍ବାଚନୀ ହିଂସାରେ ପ୍ରାଣ ହରାଇ ନାହାନ୍ତି। ଭୋଟହାର ବଢ଼ିବା ସହ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ରହିଛି। ପ୍ରଥମ ଥର ଲାଗି ଜମ୍ମୁ ଓ ଲଦାଖର ଲୋକେ ରାଜ୍ୟର ଅଂଶବିଶେଷ ବୋଲି ହୃଦୟଙ୍ଗମ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

ଆଲୋଚନା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ କଶ୍ମୀର ବିଭାଜନ ପାଇଁ କିଏ ଦାୟୀ ବୋଲି ପ୍ରଶ୍ନ କରିବାରୁ ଏହାକୁ ନେଇ ଗୃହରେ ହଟ୍ଟଗୋଳ ହୋଇଥିଲା। କଂଗ୍ରେସ ଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପାଇଁ ଆମେ ଏକତୃତୀୟାଂଶ କଶ୍ମୀରୀବାସୀ ଆମ ସହିତ ନାହାନ୍ତି ବୋଲି ଶାହ କହିଥିଲେ। ରାଜ୍ୟ ସରକାରଙ୍କୁ ବରଖାସ୍ତ କରି କେନ୍ଦ୍ରୀୟ ଶାସନ ଲାଗୁ କରିବାରେ କଂଗ୍ରେସ ଦଳ ଧାରା ୩୫୬କୁ ବ୍ୟବହାର କରିଆସିଛି ବୋଲି ସେ କହିଥିଲେ। ମୋଟ ୧୩୨ ଥର ଧାରା ୩୫୬ର ପ୍ରୟୋଗ କରାଯାଇଥିବାବେଳେ ସେଥିରୁ କଂଗ୍ରେସ ସରକାର ସମୟରେ ୯୩ ଥର ବ୍ୟବହାର କରାଯାଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ବୋଲି ଏହି ଅବସରରେ ଶାହ କହିଥିଲେ।

ଧରିତ୍ରୀ
DHARITRI
ଶନିବାର, ୨୯ ଜୁନ୍, ୨୦୧୯






## ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଉଚ୍ଚଶିକ୍ଷା ସଚିବଙ୍କ ଚିଠି

**ଭୁବନେଶ୍ୱର, ୨୮।୬ (ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ' କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ କୁଳପତିଙ୍କୁ ଉଚ୍ଚଶିକ୍ଷା ସଚିବ ଚିଠି ଲେଖିଛନ୍ତି। ଏହାର ତଦନ୍ତ କରିବା ସହ ମାସକରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଛନ୍ତି। ୟୁନିଭର୍ସିଟି ଲ' କଲେଜରେ ଗେଷ୍ଟ ଫାକଲ୍‌ଟିମାନଙ୍କୁ କିଛି ମାସ ଧରି ଦରମା ଦିଆଯାଉ ନ ଥିବା ସହ ନିର୍ଦ୍ଧାରିତ ପରିମାଣର ଟଙ୍କା ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଥିଲା। ରେଗୁଲାର ଟିଚରମାନେ ଏକ୍ସଟ୍ରା କ୍ଲାସ କରି ଗେଷ୍ଟ ଫାକଲ୍‌ଟିଙ୍କ ପାଇଁ ଉଦ୍ଦିଷ୍ଟ ଦରମାକୁ ନେଇଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

VIT AP AMARAVATI
Apply Knowledge. Improve Life!™
VIT-AP SCHOOL OF LAW (VSL)
For Bright Career in Legal Profession / Legal Administration
Join 5-year Integrated
B.A., LL.B. (Hons) | B.B.A., LL.B. (Hons) in VIT-AP
[Approved by Bar Council of India]
Key Features :
- Fully Flexible Credit System (FFCS)
- Moot Court Sessions
- Qualified Faculty
- Internships
- Foreign language option
- Softskill Improvement programme
- Legal Aid Clinic Sessions
- Legal problem solving / Project Based Learning
- Fully equipped law Library with online Law databases
- Computer Lab
- Separate Hostels for Boys & Girls
- University Buses for Day Scholars

Eligibility Criteria :
- Intermediate / +2 in any group with 60% aggregate
- 2019 CLAT / LSAT Score

Apply for Admissions
Last Date to Apply online :- Monday, 15th July 2019
Date of Admission Counselling :- Monday, 22nd July 2019
Application Fee :- Rs.850/-
VIT-AP University, Near AP Secretariat
Amaravati, Andhra Pradesh - 522237
ADMISSION HELPLINE 7901091283 | 0863-2370444
Website : www.vitap.ac.in E-mail : admission@vitap.ac.in
/vitap.university @vitap.university @VITAPuniversity vit-ap VITAP

### ସଂକ୍ଷେପରେ

## ୨ ପର୍ଯ୍ୟନ୍ତ ବର୍ଷା

**ଭୁବନେଶ୍ୱର,୨୮।୬(ବ୍ୟୁରୋ):** କିଛିଦିନ ଧରି ରାଜ୍ୟରେ ଅସହ୍ୟ ଗରମ ପରେ ପୁଣି ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ବାୟୁମଣ୍ଡଳର ଉପରି ଭାଗରେ ଏକ ମନ୍‌ସୁନ୍ ଟ୍ରଫ୍ ଲାଇନ୍ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ୩ତାରିଖରୁ ବର୍ଷାର ପରିମାଣ କମିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ରାତିରୁ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ପରିମାଣ ବଢ଼ିଛି। ଫଳରେ ଦୁର୍ବଳ ହୋଇଯାଇଥିବା ମୌସୁମୀ ପୁଣିଥରେ ସକ୍ରିୟ ହୋଇଛି। ଦକ୍ଷିଣ ଓଡ଼ିଶା ଓ ଉପକୂଳବର୍ତ୍ତୀ ଉତ୍ତର ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲାରେ ଅଧିକ ପରିମାଣର ବର୍ଷା ହେବ। ମାଲକାନଗିରି, କୋରାପୁଟ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଜଗତ୍‌ସିଂହପୁର, ଢେଙ୍କାନାଳ, ଗଜପତି ଆଦି ୧୦ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜୁନ୍ ୩୦ରୁ କନ୍ଧମାଳ, ବଲାଙ୍ଗୀର, ସୋନପୁର, ବରଗଡ଼, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, କଟକ, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା ଓ କୋରାପୁଟ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

### ୩୦ ମିନିଟରେ ସରିଲା ରଥଯାତ୍ରା ସମୀକ୍ଷା ବୈଠକ

# ରଥଯାତ୍ରା ପାଇଁ ୩ଦିନ ନିଃଶୁଳ୍କ ରହିବ ଟୋଲ୍ ଗେଟ୍

- ପୁରୀକୁ ଆସୁଥିବା ଭକ୍ତ ଆମ ଅତିଥି: ମୁଖ୍ୟମନ୍ତ୍ରୀ
- ପ୍ରଶ୍ନବାଣରୁ ଅଧିକାରୀଙ୍କୁ ମିଳିଲା ନିସ୍ତାର
- ମୁଖ୍ୟମନ୍ତ୍ରୀଙ୍କୁ ଯୁବ କଂଗ୍ରେସର କଳା ପତାକା ପ୍ରଦର୍ଶନ
- ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ରହିବ ୫ ଆମ୍ବୁଲାନ୍ସ

**ପୁରୀ ଅଫିସ, ୨୮।୬**


ନୀଳାଦ୍ରି ଭକ୍ତନିବାସଠାରେ ଆୟୋଜିତ ରଥଯାତ୍ରା ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ମନ୍ତ୍ରୀ ଏବଂ ଅଧିକାରୀମାନେ।

ରଥଯାତ୍ରା ଦେଖିବା ପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ରହଣି ଓ ଯାତାୟାତ ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର। ରଥଯାତ୍ରା ସମୟରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲିଠାରେ ଥିବା ଟୋଲ ଗେଟ୍‌ରେ ଯାତ୍ରୀଙ୍କଠାରୁ ଶୁଳ୍କ ଆଦାୟ କରାଯିବ ନାହିଁ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଏହି ତିନି ଦିନ ଟୋଲଗେଟ୍ ନିଶୁଳ୍କ ରହିବ ବୋଲି ଶୁକ୍ରବାର ଅନୁଷ୍ଠିତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ରଥଯାତ୍ରାକୁ ଭଲ ଭାବେ ପାଳନ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏ ଦିଗରେ ସେବାୟତ ବନ୍ଧୁମାନେ ସବୁବେଳେ ସହଯୋଗ କରିଆସିଛନ୍ତି। ରଥଯାତ୍ରା ପାଇଁ ପୁରୀକୁ ଆସୁଥିବା ସବୁ ଭକ୍ତ ହେଉଛନ୍ତି ଆମର ଅତିଥି। ସେମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଆମେ ବିଶେଷ ଧ୍ୟାନ ଦେବା ଦରକାର ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଶୁକ୍ରବାର ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି। ମହାପ୍ରଭୁଙ୍କ ଏହି ପବିତ୍ର ଘୋଷଯାତ୍ରା ପାଇଁ ସମସ୍ତଙ୍କୁ ବିଶେଷକରି ପୁରୀର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ। ସମୀକ୍ଷା ବୈଠକ ୧୧ଟା ୫ରେ ଆରମ୍ଭ ହୋଇ ୧୧ଟା ୩୫ ମିନିଟରେ ସରିଥିଲା। ଗତବର୍ଷ ଭଳି ଏଥର ମଧ୍ୟ ଅଧଘଣ୍ଟାଏରେ ଶେଷ ହୋଇଛି ଏହି ସ୍ୱତନ୍ତ୍ର ସମୀକ୍ଷା ବୈଠକ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କଠାରୁ ଅନୁମତି ନେଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ପ୍ରଶାସକ ଗୋଟିଏ ପରେ ଗୋଟିଏ ବିଷୟରେ ଆଲୋଚନା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡାକି ବୈଠକକୁ ଆଗକୁ ନେଇଥିଲେ। ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଶ୍ନବାଣରୁ ଏକପ୍ରକାର ନିସ୍ତାର ମିଳିଥିଲା। କାଁ ଭାଁ ପ୍ରଶ୍ନ ପଚରାଯାଇଥିଲେ ମଧ୍ୟ ମଞ୍ଚାସୀନ ବରିଷ୍ଠ ଅଧିକାରୀ ସତର୍କତାର ସହ ପ୍ରଶ୍ନକର୍ତ୍ତାଙ୍କୁ ବସାଇ ଦେଉଥିଲେ। ତେବେ ବୈଠକରେ ଜଣେ ପରେ ଜଣେ ଅଧିକାରୀ ରଥଯାତ୍ରା ପାଇଁ ତାଙ୍କ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ଖୁବ କମ୍ ସମୟ ଅର୍ଥାତ୍ ୧ରୁ ୨ମିନିଟ ମଧ୍ୟରେ କହିଥିଲେ। ଏପରିକି ରଥଯାତ୍ରା ପ୍ରସ୍ତୁତି ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ କହିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ସୁଯୋଗ ଦିଆଯାଇ ନ ଥିଲା। ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତି ସଂକ୍ରାନ୍ତରେ ବୈଠକରେ ଚୁମ୍ବକରେ ସୂଚନା ଦେଇଥିଲେ ।

ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ରଥ ନିର୍ମାଣଠୁ ଆରମ୍ଭ କରି ମହାପ୍ରଭୁଙ୍କ ରୀତିନୀତି ସବୁ ଶୃଙ୍ଖଳିତ ଭାବେ ଚାଲିଛି। ରଥ ପାଇଁ ଆବଶ୍ୟକ କାଠ ଆସିଯାଇଥିବା ବେଳେ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କହିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ, ରଥଯାତ୍ରା ପାଇଁ ୨୯ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ। ବଡ଼ଦାଣ୍ଡରେ ୧୮ ଏବଂ ଜାତୀୟ ରାଜପଥ ପାର୍ଶ୍ୱରେ ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ରହିବ। ମୋଟ ୩୦ ଆମ୍ବୁଲାନ୍ସ ମଧ୍ୟରୁ ବଡ଼ଦାଣ୍ଡରେ ୧୩, ସମୁଦ୍ର କୂଳରେ ୪, ଅନ୍ୟ ଚିକିତ୍ସାଳୟରେ ୮ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ଟି ଆମ୍ବୁଲାନ୍ସ କାର୍ଯ୍ୟ କରିବ। ୧୭୦ଟି ଅଧିକ ଶଯ୍ୟା ବ୍ୟବସ୍ଥା ହେବ। ସେହିପରି ଜାତୀୟ ରାଜପଥରେ ୫ଟି ଆମ୍ବୁଲାନ୍ସ ରହିବ। ବାହାରୁ ୧୮୭ ଜଣ ଡାକ୍ତର ଏବଂ ୩୯୯ ଜଣ ପାରାମେଡିକାଲ ଷ୍ଟାଫ ନିୟୋଜିତ ହେବେ। ରକ୍ତଭଣ୍ଡାରରେ ୨୦୦ ବୋତଲ ରକ୍ତ ମହଜୁଦ୍ ରହିବ। ୨୫୦ ଜଣ ସ୍ୱେଚ୍ଛାସେବୀ ସ୍ୱାସ୍ଥ୍ୟସେବାରେ ସହଯୋଗ କରିବେ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲିଠାରେ ଥିବା ଟୋଲ ଗେଟ୍‌କୁ ୩ଦିନ ପାଇଁ ଛାଡ଼ କରାଯିବା କଥା ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ବୈଠକରେ ଘୋଷଣା କରିଥିଲେ। ୬ଜଣ ଫୁଡ୍ ସେଫ୍‌ଟି ଅଫିସର ମଧ୍ୟ କାର୍ଯ୍ୟ କରିବେ। ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ଶରତ କୁମାର ମିଶ୍ର କହିଥିଲେ, ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ଭାବେ ଜଳ ଯୋଗାଣ କରାଯିବ। ଏଥିନେଇ ସମସ୍ତ ପ୍ରସ୍ତୁତି ସରିଛି। ସେହିପରି ପୂର୍ତ୍ତ, ସେସୁ, ପରିବହନ, ରେଳ ବିଭାଗ, ଜାତୀୟ ରାଜପଥ, ପୌରସଂସ୍ଥା ପକ୍ଷରୁ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଯାତ୍ରୀ ତଥା ଭକ୍ତଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ଉପରେ ସବୁ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ରଥଯାତ୍ରା ସୁରକ୍ଷା ଓ ଟ୍ରାଫିକ ପରିଚାଳନା ଉପରେ ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏସ୍‌ପି ଉମାଶଙ୍କର ଦାଶ କହିଥିଲେ ଯେ, ଚଳିତ ବର୍ଷ ୧୫୫ ପ୍ଲାଟୁନ ଫୋର୍ସ ଏବଂ ୧ ହଜାରରୁ ଅଧିକ ଅଫିସିଆଲ ନିୟୋଜିତ ହେବେ। ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଭାବେ ବିଭିନ୍ନ ସ୍ଥାନରେ ରହି ସୁରକ୍ଷା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବେ। ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରହିବ ପୁରୀ ସହର। ସହରର ପ୍ରମୁଖ ପ୍ରବେଶ ପଥରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବଡ଼ଦାଣ୍ଡ ଦେଇ ସଭାସ୍ଥଳକୁ ଯାଉଥିବା ବେଳେ ବଗଲା ଧର୍ମଶାଳା ନିକଟରୁ ଛାତ୍ର କଂଗ୍ରେସ କର୍ମୀମାନେ ବାଇକ୍‌ରେ କଳା ପତାକା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର ପଛରେ ଯାଇଥିଲେ। ଟାଉନ ଥାନା ସମ୍ମୁଖରୁ ପୋଲିସ ଯୁବ କଂଗ୍ରେସର ଆଲୋକ ଦାଶ, ଆଶୁତୋଷ ମିଶ୍ର, ଦେବାଶିଷ ଦାସମହାପାତ୍ର, ସୂର୍ଯ୍ୟକାନ୍ତ ପଣ୍ଡା, ବିଭୁ ରଥ, ଅନୀଲ ପ୍ରଧାନ, ରୁଦ୍ର ଦାଶ ଓ ସମ୍ବିତ ବାରିକଙ୍କୁ ଧରି ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଆଇନ ବିଭାଗ ସଚିବ ଶଶିକାନ୍ତ ମିଶ୍ର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହିତ ବିଭିନ୍ନ ବିଭାଗୀୟ ସଚିବ, ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ମନୋଜ ଜେନା ହତ୍ୟା ମାମଲା

# ମୁଖ୍ୟ ଅଭିଯୁକ୍ତ ଭାଲୁ ଗିରଫ

**ବ୍ରହ୍ମପୁର ଅଫିସ,୨୮।୬**

ଆସିକା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ତଥା ମଦ ବ୍ୟବସାୟୀ ମନୋଜ ଜେନାଙ୍କୁ ଗୁଳିକରି ହତ୍ୟା ଘଟଣାରେ ବ୍ରହ୍ମପୁର ପୋଲିସ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି । ସେ ହେଲେ ଆସିକାର ଭାଲୁ ଓରଫ ଭଗବାନ ସାହୁ । ବ୍ରହ୍ମପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫ କରିଥିବା ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି କହିଛନ୍ତି। ବ୍ରହ୍ମପୁର ପୋଲିସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଭାଲୁଙ୍କ ନାଁରେ ପୂର୍ବରୁ ଜାମିନିବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲା। ଭାଲୁ ପୋଲିସ ନିକଟରେ ହାଜର ନ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ପଳାତକ ଘୋଷଣା କରାଯିବ ବୋଲି ଏସ୍‌ଡିପିଓ ପତି ସୂଚନା ଦେଇଥିଲେ ।

ପୂର୍ବ ଶତ୍ରୁତାକୁ ନେଇ ଭାଲୁ ହିଁ ମନୋଜଙ୍କୁ ହତ୍ୟା କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏଥିପାଇଁ ସେ ସୁଲତାନ ଓରଫ ସୁନୀଲ ନାୟକଙ୍କ ସହାୟତାରେ ୫ ମାସ ପୂର୍ବରୁ ଭୁବନେଶ୍ୱରରେ ଏକ ଘର ଭଡ଼ା ନେଇ ମନୋଜଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଶେଷରେ ମେ ୨୨ ତାରିଖ ରାତି ପ୍ରାୟ ୧୦ଟା ବେଳେ ବ୍ରହ୍ମପୁର ବିଏନ୍‌ପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ୧୬ନଂ. ଜାତୀୟ ରାଜପଥରେ ମନୋଜଙ୍କୁ ଟାର୍ଗେଟ କରି ଗୁଳି କରିବା ସହ ଗଳାକାଟି ହତ୍ୟା କରିଥିଲେ। ପୋଲିସ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ସୁଲତାନଙ୍କ ସମେତ ୫ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଗିରଫ କରିଥିଲା। ପୂର୍ବରୁ ମେ ୩୧ ତାରିଖରେ ଦୁଇ ମୁଖ୍ୟ ଅଭିଯୁକ୍ତ ବୁଲୁ ଓରଫ ଗଣେଶ ନାୟକ ଓ ହୃଷୀକେଶ ପାତ୍ର ଆନ୍ଧ୍ରପ୍ରଦେଶକୁ ପଳାଉଥିବା ବେଳେ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇଥିଲେ। ଏଥିପୂର୍ବରୁ ପୋଲିସ ଚିହ୍ନଟ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ସହ ସମସ୍ତଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଥିଲା। ବ୍ରହ୍ମପୁର ପୋଲିସର ଦୁଇଟି ଟିମ୍ ଦୁଇଟି ପୃଥକ୍ ସ୍ଥାନରେ ଚଢ଼ାଉ କରିଥିଲା। ଗୋଟିଏ ଟିମ୍ ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ସୁଲତାନଙ୍କୁ ବାଲୁଗାଁ ରେଳ ଷ୍ଟେଶନରୁ ଗିରଫ କରିଥିଲା। ସେହିପରି ଅନ୍ୟ ଏକ ଟିମ୍ କୋରାପୁଟ ଲକ୍ଷ୍ମୀପୁର ଅଞ୍ଚଳରୁ ଆନନ୍ଦ ସ୍ୱାଇଁ, ଶଙ୍କର ରାଉତ, ଶିବରାମ ବେହେରା ଓ କାର୍ତ୍ତିକ ନାହାକଙ୍କୁ ଗିରଫ କରି ଗତ ୫ ତାରିଖରେ କୋର୍ଟଚାଲାଣ କରିଥିଲା। ମେ ୩୧ ତାରିଖ ଏନ୍‌କାଉଣ୍ଟରରେ ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ହେଉଥିବା ହୃଷୀକେଶ ସୁସ୍ଥ ହେବା ପରେ ଗତ ୧୦ ତାରିଖରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ସେହିପରି ଏନ୍‌କାଉଣ୍ଟରରେ ଆହତ ହୋଇ ଏମ୍‌କେସିଜିରେ ଚିକିତ୍ସାଧୀନ ଥିବା ଅନ୍ୟ ଅଭିଯୁକ୍ତ ବୁଲୁ ଓରଫ ଗଣେଶ ନାହାକଙ୍କୁ ବିଏନ୍‌ପୁର ପୋଲିସ ପୂର୍ବରୁ କୋର୍ଟଚାଲାଣ କରିଥିଲା ।

ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାରୁ ମନୋଜ ଭାଲୁଙ୍କ ଭାଇଙ୍କୁ ହତ୍ୟା କରିଥିଲେ। ଭାଲୁ ଭାଇ ହତ୍ୟାର ପ୍ରତିଶୋଧ ନେଇଥିଲେ ବୋଲି ଗତ ୫ ତାରିଖରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଥିଲେ।

# ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣ ହେଉଛି ଗୋମାଂସ


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍‌କୁ ରାସ୍ତାରୁ ହଟାଯାଉଛି।

- ଦୁର୍ଘଟଣା ପରେ ଜଣାପଡ଼ିଲା
- ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା

**ଜଳେଶ୍ୱର, ୨୮।୬ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଗୋଚାଲାଣ ଉପରେ ଅଙ୍କୁଶ ଲଗାଯିବା ପରେ ବେପାରୀମାନେ ଏବେ ଗୋମାଂସ ଚାଲାଣ ଭଳି ପନ୍ଥା ଆପଣେଇଛନ୍ତି। କୋଲକାତା ଅଭିମୁଖେ ଯାଉଥିବା ଗୋମାଂସ ବୋଝେଇ ଏକ ପିକ୍‌ଅପ୍ ଜଳେଶ୍ୱର ଥାନା ଅଧୀନ ୬୦ ନଂ.ଜାତୀୟ ରାଜପଥର ଚାଲନ୍ତୀ ଓ ସେକ୍‌ସରାଇ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଏହି ଘଟଣା ନଜରକୁ ଆସିଛି। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବଜରଙ୍ଗ ଦଳର କର୍ମୀମାନେ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ଏକ ମାମଲା(ନଂ.୧୩୪/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର ଭୋର ସମୟରେ ଉକ୍ତ ରାସ୍ତାରେ ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡି୦୫କେ-୬୭୪୮) ଏକ କଣ୍ଟେନର (ନଂ.ଟିଏନ୍‌୦୧ବିଏଫ୍-୦୩୯୭) କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ପିକଅପ୍ ଭ୍ୟାନରୁ ରକ୍ତ ମିଶ୍ରିତ ଥଣ୍ଡା ପାଣି ବୋହିବାରୁ ସେଠାରେ ଉପସ୍ଥିତ ଲୋକଙ୍କ ମନରେ ସନ୍ଦେହ ଉପୁଜିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିକଅପ୍ ଭ୍ୟାନକୁ ଯାଞ୍ଚ କରିବା ପରେ ସେଥିରେ ଗୋମାଂସ ଥିବା ଜଣାପଡିଥିଲା। ପିକ୍‌ଅପ୍ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଥିଲେ। ଗୋମାଂସକୁ ପଲିଥିନରେ ଭର୍ତ୍ତି କରାଯାଇ ବରଫ ଖଣ୍ଡ ଦେଇ ମାଛବୁହା କ୍ୟାରେଟରେ ସଜାଇ ରଖାଯାଇଥିଲା। ଏଥିରେ ୩୦ରୁ ୪୦ କୁଇଣ୍ଟାଲ ଗୋମାଂସ ଥିବା ଅନୁମାନ କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କଣ୍ଟେନର ଓ ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହ ଗୋମାଂସକୁ ମାଟିଖୋଳି ପୋତିଦେଇଛି। ସେଥିରୁ କିଛି ନମୁନା ଫରେନ୍‌ସିକ ଲ୍ୟାବକୁ ଯାଞ୍ଚ ନିମନ୍ତେ ପଠାଯାଇଛି ବୋଲି ଆଇଆଇସି ପ୍ରଦୀପ କୁମାର ମାଝି କହିଛନ୍ତି।

## ରାଜ୍ୟବାସୀଙ୍କ ଆଶା ଅନୁଯାୟୀ ବଜେଟ: ନବୀନ

**ଭୁବନେଶ୍ୱର, ୨୮।୬ (ବ୍ୟୁରୋ):** ୨୦୧୯-୨୦ ବଜେଟ୍ ଉପସ୍ଥାପନା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ଆଶା ଯାହା ଥିଲା, ତାହା ବଜେଟ୍‌ରେ ପ୍ରତିଫଳିତ ହୋଇଛି। ବଜେଟ୍‌ରେ କାଳିଆ ଯୋଜନାକୁ ବଢାଯିବା ସହ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଏଥିରେ ସାମିଲ କରାଯାଇଛି। ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ପୂର୍ବ ନିର୍ଦ୍ଧାରିତ ଅର୍ଥ ରାଶି ବୃଦ୍ଧି କରାଯାଇ ୧୦ ଲକ୍ଷ ଟଙ୍କା କରାଯାଇଛି। ଏହି ୨ଟି ଯାକ ପ୍ରତିଶ୍ରୁତି ବଜେଟ୍‌ରେ ପୂରଣ କରାଯାଇଛି। କାଳିଆ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି, ଯାହା ୭୫ ଲକ୍ଷ ଯୋଗ୍ୟ ଚାଷୀ ସହାୟତା ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମେଡିକାଲ ସହାୟତା ମିଳିବ ବୋଲି ନବୀନ କହିଛନ୍ତି। ଏହାଛଡା ଓଡିଆ ବିଶ୍ୱବିଦ୍ୟାଳୟ ଏବଂ ଫନୀ ପରବର୍ତ୍ତୀ ସମୟର ପୁନରୁଦ୍ଧାର ପାଇଁ ଅର୍ଥ ବରାଦ କରାଯାଇଥିବାରୁ ଖୁସି ଲାଗୁଛି। ଜାଗା ମିଶନ ପାଇଁ ୧୦୦ କୋଟି ଟଙ୍କା ବଜେଟ୍‌ରେ ରଖାଯାଇଛି, ଯାହାଦ୍ୱାରା ବସ୍ତି ବାସିନ୍ଦା ସଶକ୍ତ ହୋଇପାରିବେ। ମିଶନ ଶକ୍ତି ପାଇଁ ଘର ପ୍ରତି ପଞ୍ଚାୟତରେ କରାଯିବ। ଏଥିପାଇଁ ୩୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ମୋଟାମୋଟି ଭାବେ କୃଷକ, ମହିଳା ଏବଂ ଗରିବମାନଙ୍କ ବିକାଶ ପାଇଁ ଏହି ବଜେଟ୍। ରାଜ୍ୟ ଅର୍ଥନୀତି ଶେଷ ୬ ବର୍ଷ ହେଲା ଦେଶର ଅର୍ଥନୀତିଠାରୁ ଦ୍ରୁତ ଗତିରେ ବଢିବାରେ ଲାଗିଛି। ରାଜ୍ୟ ବିକାଶ ପାଇଁ ବଜେଟ୍‌ରେ ବିଶେଷ ଗୁରୁତ୍ୱ ଦିଆଯାଇଥିବାରୁ ରାଜ୍ୟ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ଏହି ବଜେଟ୍ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ ବୋଲି ଆଶା କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ
(ଭାରତ ସରକାରଙ୍କ ଉପକ୍ରମ)
୨୩୯, ବିଧାନ ଭବନ ମାର୍ଗ, ନରିମାନ ପଏଣ୍ଟ, ମୁମ୍ବାଇ - ୪୦୦୦୨୧
ସର୍ବସାଧାରଣ ବିଜ୍ଞପ୍ତି
ଆମର ସମ୍ମାନନୀୟ ଗ୍ରାହକଙ୍କ ଧ୍ୟାନ ଆକର୍ଷଣ ପାଇଁ
କେୱାଇସି ଅନୁପାଳନ
ନିଜ ଗ୍ରାହକଙ୍କୁ ଜାଣନ୍ତୁ (କେୱାଇସି) ଦିଗ୍‌ନିର୍ଦ୍ଦେଶାବଳୀର ଅନୁପାଳନ ପାଇଁ, ଯେଉଁ ଗ୍ରାହକମାନଙ୍କର ଖାତା ତା୦୧।୦୪।୨୦୧୦ରିଖ ପୂର୍ବରୁ ଖୋଲାଯାଇଛି ଓ ଯେଉଁମାନେ ପ୍ୟାନ୍ ନମ୍ବର କିମ୍ବା ଫର୍ମ ୬୦ ଦାଖଲ କରିନାହାନ୍ତି, ସେହି ଗ୍ରାହକମାନଙ୍କୁ ଏହି ସର୍ବସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଏତଦ୍ୱାରା ସୂଚିତ କରାଯାଉଛି ଯେ ସେମାନେ ଯଥାଶୀଘ୍ର ୟୁନିୟନ ବ୍ୟାଙ୍କ ଶାଖାରେ ନିଜର ପ୍ୟାନ୍ ନମ୍ବର କିମ୍ବା ଫର୍ମ ୬୦ ଦାଖଲ କରନ୍ତୁ । ଦୟାକରି ଧ୍ୟାନ ରଖନ୍ତୁ ଯେ ପ୍ୟାନ୍ ନମ୍ବର ଅଥବା ଫର୍ମ ୬୦ ଦାଖଲ କରା ନ ଗଲେ, ଆବଶ୍ୟକୀୟ ଔପଚାରିକତା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଖାତାଗୁଡ଼ିକର ଡେବିଟ୍ ଅଚଳ କରିଦିଆଯିବ ।
ଦୟାକରି ନିମ୍ନଲିଖିତ ସୂଚନା/ ଆନୁଷ୍ଠାନିକ ଭାବେ ବୈଧ ଦସ୍ତାବିଜ (ଓଭିଡି) ମଧ୍ୟ ଦାଖଲ କରନ୍ତୁ:
- ଖାତାଧାରୀଙ୍କ ସଦ୍ୟତମ ଫଟୋଗ୍ରାଫ୍ (ପାସ୍‌ପୋର୍ଟ ଆକାର)
- ପରିଚୟ ପ୍ରମାଣପତ୍ର ଓ ମୋବାଇଲ ନମ୍ବର
- ସଦ୍ୟତମ ଆବାସିକ ଠିକଣା ପ୍ରମାଣ

ଆପଣଙ୍କୁ ଉତ୍ତମ ସେବା ଯୋଗାଇବାରେ ଆମକୁ ସକ୍ଷମ କରିବା ପାଇଁ ଆମେ ଆପଣଙ୍କଠାରୁ ତତ୍କାଳ ପ୍ରତ୍ୟୁତ୍ତର ଆଶା କରୁଛୁ ।
ମୁଖ୍ୟ
ସାଧାରଣ ବ୍ୟାଙ୍କିଙ୍ଗ୍ ପରିଚାଳନା ବିଭାଗ
କେନ୍ଦ୍ରୀୟ କାର୍ଯ୍ୟାଳୟ, ମୁମ୍ବାଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..................................


ଗୁଡୁଲୁ
ପରିବାରବର୍ଗ


ଆରୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କିଶୋରୀଙ୍କୁ ଦିଆଯିବ ଟିଡି ଟିକା

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ଜାତୀୟ ଟିକାକରଣ କାର୍ଯ୍ୟକ୍ରମରେ ୧୦ ରୁ ୧୬ବର୍ଷ ବୟସର କିଶୋରୀମାନଙ୍କୁ ଟିଟାନାସ ଡିପ୍‌ଥେରିଆ (ଟିଡି) ଟିକା ଦେବାଲାଗି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଯାଉଥିବା ୫ମରୁ ୧୦ମ ଶ୍ରେଣୀର କିଶୋରୀମାନଙ୍କୁ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯିବ। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଅଧୀନରେ ବର୍ଷକୁ ଥରୁଟିଏ ଏହି ଟିକା ଦିଆଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ୯୦ ପ୍ରତିଶତ କିଶୋରୀଙ୍କୁ ଟିଡି ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ କିଶୋରୀ ଓ ଗର୍ଭବତୀ ମହିଳାମାନଙ୍କୁ ଟିଟି ଦିଆଯାଉଥିବାବେଳେ ଏବେ ତାହା ସ୍ଥାନରେ ଟିଡି ଟିକା ପ୍ରଦାନ କରାଯିବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଟିକାକରଣ ଡାଟା ଅନୁଯାୟୀ, ୨୦୧୭ ମସିହାରେ ୭୭ ପ୍ରତିଶତ ଏବଂ ୨୦୧୮ ମସିହାରେ ୭୬ ପ୍ରତିଶତ ଡିପ୍‌ଥେରିଆ କେବଳ ୫ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ପିଲାଙ୍କୁ ଦିଆଯାଇଥିଲା। ପିଲାବେଳେ ଟିକା ନେଇ ନ ଥିଲେ ପରିଣତ ବୟସରେ ଡିପ୍‌ଥେରିଆ ହେବାର ଆଶଙ୍କା ରହିଥାଏ। ୨୦୧୮-୧୯ ବର୍ଷରେ ଟିଟି ଟିକାକରଣ କ୍ଷେତ୍ରରେ ଯଥାକ୍ରମେ ୫୫ ପ୍ରତିଶତ ଓ ୬୪ ପ୍ରତିଶତ ସଫଳତା ମିଳିଛି। ଟିଡି ଟିକାକରଣ କ୍ଷେତ୍ରରେ ୯୦ ପ୍ରତିଶତରୁ ଅଧିକ ଲକ୍ଷ୍ୟ

## ୯୦ ପ୍ରତିଶତ ଲକ୍ଷ୍ୟ ହାସଲ ଲାଗି ପରାମର୍ଶ

ହାସଲ ଲାଗି ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଯୋଜନା ପ୍ରସ୍ତୁତ କରିବେ। ଆଶାକର୍ମୀମାନେ ସ୍ୱାସ୍ଥ୍ୟକର୍ମୀଙ୍କୁ ଗୋଷ୍ଠୀସ୍ତରରେ ସହାୟତା କରିବା ସହିତ ବିଦ୍ୟାଳୟ ଟିକାକରଣ କାର୍ଯ୍ୟକ୍ରମରେ ମଧ୍ୟ ସହଯୋଗ କରିବେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା କହିଛନ୍ତି ଯେ, ବ୍ଲକ ସ୍ତରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଏଥିପାଇଁ ବ୍ଲକ ମାଇକ୍ରୋ ପ୍ଲାନ, ଇଞ୍ଜେକ୍‌ଶନ ଓ ଟିକାର ଆବଶ୍ୟକ, ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ଶିକ୍ଷକ- ଅଭିଭାବକ ବୈଠକ, ସଚେତନତା ଦ୍ୱାରା ଟିଡି ଟୀକା ସଂକ୍ରାନ୍ତରେ ପ୍ରଚାର ପ୍ରସାର କରିବେ। ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଆରବିଏସ୍‌କେ ଟିମ୍‌ର ସହାୟତା ନେବେ। ଜିଲା ସ୍ତରରେ ଥିବା ଟିମ୍‌ଗୁଡ଼ିକ ଜିଲା ମାଇକ୍ରୋ ପ୍ଲାନ ପ୍ରସ୍ତୁତ ସହିତ କେତେ ଟିକା ଆବଶ୍ୟକ ତାହା ଦର୍ଶାଇବେ। ପ୍ରତିଦିନ ଟିକାକରଣର ସୂଚନା ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ବ୍ଲକକୁ ଦେବେ। ବ୍ଲକ ସ୍ତରରେ ଏହାର ସମୀକ୍ଷା ହୋଇ ପ୍ରତିଦିନ ଜିଲାକୁ ରିପୋର୍ଟ ଦିଆଯିବ। ଜିଲାସ୍ତରରୁ ପ୍ରତିଦିନ ଏହି ରିପୋର୍ଟ ରାଜ୍ୟସ୍ତରକୁ ଆସିବା ସହିତ ଏହା ଏଚ୍‌ଏମ୍‌ଆଇଏସ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶିକା ନିର୍ଦ୍ଦେଶ ଦେଇଛନ୍ତି।

# ଏନ୍‌ଆଇଏନ୍‌ଏଲ୍‌ରୁ ଓହରିପାରେ ଏମ୍‌ଏମ୍‌ଟିସି

**ଯାଜପୁର ଅଫିସ,୨୮।୬**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି (ମେଟାଲ ଆଣ୍ଡ ମିନେରାଲ୍ସ ଟ୍ରେଡିଂ କର୍ପୋରେଶନ), ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ୧୯୯୬ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏଥିରୁ ଏମ୍‌ଏମ୍‌ଟିସି ପୁଞ୍ଜି ପ୍ରତ୍ୟାହାର କରି ନେବାକୁ ଚିନ୍ତା କରିଥିବା ନେଇ କମ୍ପାନୀ ସେକ୍ରେଟାରୀ ଜି. ଆନନ୍ଦନାରାୟଣନ୍ ଚିଠି ମାଧ୍ୟମରେ ପ୍ରକାଶ କରିଛନ୍ତି। ଏନ୍‌ଆଇଏନ୍‌ଏଲରେ ଏମ୍‌ଏମ୍‌ଟିସିର ୪୯ ପ୍ରତିଶତ ଶେୟାର ରହିଛି। ଏକ ସମନ୍ୱିତ ଇସ୍ପାତ ପ୍ରକଳ୍ପ ଭାବେ ବିକଶିତ କରିବାକୁ ଏନ୍‌ଆଇଏନ୍‌ଏଲ ପୂର୍ବରୁ ଲକ୍ଷ୍ୟ ରଖିଥିଲା। ତେବେ ଏହି ପ୍ରକଳ୍ପରୁ ଏବେ ପିଗ୍ ଆଇରନ୍, କୋକ୍, ବିଲେଟ୍, ତାର ଏବଂ ଆଲୁମିନିୟମ ସଲ୍‌ଫେଟ୍ ସୀମିତ ଭାବେ ଉତ୍ପାଦନ ହେଉଛି। ନିକଟରେ କମ୍ପାନୀ ଟିଏମ୍‌ଟି ବାର ଉତ୍ପାଦନ ଆରମ୍ଭ କରିଛି। ଷ୍ଟିଲ ମେଲ୍‌ଟିଂ ସପ୍‌ରେ ଉତ୍ପାଦିତ

## କର୍ମଚାରୀ ମହଲରେ ଚିନ୍ତା

ବିଲେଟ୍‌ରୁ କନଭର୍ସନ ମାଧ୍ୟମରେ କମ୍ପାନୀ ଟିଏମଟି ବାର ଉତ୍ପାଦନ କରିବ ଏବଂ ପ୍ରାରମ୍ଭରେ ମାସକୁ ୧୦ ହଜାର ଟନ ଉତ୍ପାଦନ ଲକ୍ଷ୍ୟ ରଖିଛି। ଏହବାଦ ନିଜସ୍ୱ ଲୁହାପଥର ଖଣିରୁ ଖୁବଶୀଘ୍ର ଉତ୍ତୋଳନ କରିବ ବୋଲି କମ୍ପାନୀ ପକ୍ଷରୁ ପୂର୍ବରୁ ସୂଚିତ କରାଯାଇଛି। ଏବେ ଏମ୍‌ଏମ୍‌ଟିସି ପରିଚାଳନାରୁ ଓହରିଯିବାକୁ ଚିନ୍ତା କରିବା ପରେ କର୍ମଚାରୀ ମହଲରେ ନିରାଶା ଦେଖାଦେଇଛି। କମ୍ପାନୀକୁ ସମ୍ପୂର୍ଣ୍ଣ ଘରୋଇକରଣ କରାଯିବ କିମ୍ବା ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ (ଆରଆଇଏନ୍‌ଏଲ) ଓ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍)କୁ ଏମ୍‌ଏମ୍‌ଟିସିର ଅଂଶଧନ ଦିଆଯାଇପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ କଳିଙ୍ଗନଗର ଶ୍ରମିକ ସଂଘ ପକ୍ଷରୁ ପୂର୍ବରୁ ଏମ୍‌ଏମ୍‌ଟିସିକୁ ହଟାଇ କୌଣସି ଘରୋଇକରଣ ନ କରି ଆର୍‌ଆଇଏନ୍‌ଏଲ୍ ଓ ସେଲ୍‌କୁ ଦିଆଯାଉ ବୋଲି ଦାବି ହୋଇଥିଲା।

■ ରାଜ୍ୟ ସଭା ଉପନିର୍ବାଚନ

# ସସ୍ମିତ, ଅମର ଏବଂ ଅଶ୍ୱିନୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବଙ୍କୁ ସଦସ୍ୟତା ପ୍ରମାଣ ପତ୍ର ନିର୍ବାଚନ ରିଟର୍ନିଂ ଅଫିସର ବିଷ୍ଣୁପ୍ରସାଦ ମିଶ୍ର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨୮।୬(ବ୍ୟୁରୋ)**

ରାଜ୍ୟ ସଭାକୁ ଓଡ଼ିଶାର ୩ ଆସନ ପାଇଁ ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜେଡି ସସ୍ମିତ ଏବଂ ଅମରଙ୍କୁ ପ୍ରାର୍ଥୀ କରିଥିବା ବେଳେ ଗୋଟିଏ ଆସନରେ ଭାଜପାକୁ ସମର୍ଥନ କରିଥିଲା। ସଂଖ୍ୟା ଦୃଷ୍ଟିରୁ ବିଜେଡି ୩ଟି ଯାକ ରାଜ୍ୟ ସଭା ଆସନ ହାତେଇ ପାରିଥାଆନ୍ତା। ହେଲେ ଏପରି କରିବା ବଦଳରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁରୋଧକୁ ରକ୍ଷା କରି ଗୋଟିଏ ଆସନରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଜଣାଇଲେ। ଅନ୍ୟପଟେ ଏହି ୩ ପ୍ରାର୍ଥୀଙ୍କୁ ଛାଡିଦେଲେ ସ୍ୱାଧୀନଭାବେ ନାମାଙ୍କନ ଦାଖଲ କରିଥିବା ନଗେନ୍ଦ୍ର ମିଶ୍ରଙ୍କ ପ୍ରାର୍ଥିପତ୍ର ରଦ୍ଦ ହୋଇଯାଇଥିଲା। ତେଣୁ ପ୍ରାର୍ଥିପତ୍ର ଯାଞ୍ଚ ଅର୍ଥାତ୍ ଗତ ୨୬ ତାରିଖରୁ ହିଁ ବିଜେଡି ଓ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନେଇ ସ୍ପଷ୍ଟ ହୋଇଯାଇଥିଲା। ଅନ୍ୟପଟେ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ ପ୍ରତ୍ୟାହାର କରି ନ ଥିଲେ। ଶେଷରେ ରାଜ୍ୟ ସଭା ନିର୍ବାଚନ ରିଟର୍ନିଂ ଅଫିସର ବିଷ୍ଣୁପ୍ରସାଦ ମିଶ୍ର ନିୟମ ଅନୁସାରେ ସସ୍ମିତ ପାତ୍ର, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରିବା ସହ ସେମାନଙ୍କୁ ରାଜ୍ୟ ସଭା ସଦସ୍ୟତାର ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ଅଶ୍ୱିନୀ କହିଛନ୍ତି, ଲୋକଙ୍କ ପାଇଁ ଦୀର୍ଘଦିନ ହେଲା କାମ କରିଛି। ଓଡିଶାର କେତେଗୁଡିଏ ଜିଲାରେ କାମ କରିଛି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ୍ୟ କାର୍ଯ୍ୟ କରିଛି। ଯେଉଁଠାରେ ପଚାରିବେ କେହି ବିରୋଧରେ କହିବେନି। ମୋ ଜୀବନ ଏକ ଖୋଲା ବହି ସଦୃଶ। ମୋର କୌଣସି ଖଣି ନାହିଁ। କଂଗ୍ରେସ ନେତାମାନେ ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆଣୁଛନ୍ତି, ତାହାର ତଥ୍ୟ ଦିଅନ୍ତୁ। ଏପରିକି ଯଦି ଚାହୁଁଛନ୍ତି ଆଇନର ଆଶ୍ରୟ ନିଅନ୍ତୁ। ଆଜିର ଯୁଗରେ କୌଣସି କଥା କାହାକୁ ଲୁଚି ରହେ ନାହିଁ। ସବୁ ଜିନିଷ ଲୋକଙ୍କ ସାମ୍ନାରେ ରହିଛି। ମହାପ୍ରଭୁ ଜଗନ୍ନାଥ ଯାହା ସୁଯୋଗ ଦେଇଛନ୍ତି ତାକୁ ଠିକ ଢଙ୍ଗରେ ପାଳନ କରିବି। ରାଜ୍ୟ ସଭାରେ ଓଡିଶାର ସ୍ୱର ପ୍ରଥମେ ଉଠିବ। ଏହି ରାଜ୍ୟର ବିକାଶ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିବି। ଜଣେ ରାଜନେତା ନୁହେଁ, କାର୍ଯ୍ୟକର୍ତ୍ତା ଭାବେ କାମ କରିବାକୁ ପ୍ରୟାସ କରିବି ବୋଲି ଅଶ୍ୱିନୀ କହିଛନ୍ତି।

ସସ୍ମିତ ପାତ୍ର କହିଛନ୍ତି, ଏହି ସୁଯୋଗ ପାଇଥିବାରୁ ଦଳର ସଭାପତିଙ୍କୁ ଧନ୍ୟବାଦ ଦେଉଛି। ଯୋଉ ଆଶା ଏବଂ ବିଶ୍ୱାସ ନେଇ ଦାୟିତ୍ୱ ଦେଇଛନ୍ତି ତାକୁ ପୂର୍ଣ୍ଣ କରିବି। ରାଜ୍ୟ ହିତ ଲାଗି ବହୁ ପ୍ରସଙ୍ଗ ଉଠାଇବାର ଆବଶ୍ୟକତା ରହିଛି। ସେହିସବୁ ପ୍ରସଙ୍ଗ ଉଠାଇବି। ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା, ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ଭାବେ ଓଡିଶା ଉପରେ ଗୁରୁତ୍ୱ ଦେବା। କୋଇଲା ରୟାଲଟି ବଢାଇବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବି ବୋଲି ସସ୍ମିତ କହିଛନ୍ତି।

## ଉଲିବୁରୁ ଖଣି ଦୁର୍ନୀତି: ଆବେଦନକାରୀଙ୍କ ଯୁକ୍ତି ଉପସ୍ଥାପନ ଶେଷ

**କଟକ ଅଫିସ, ୨୮।୬**

ରାଜ୍ୟର ବହୁଚର୍ଚ୍ଚିତ କେନ୍ଦୁଝର ଜିଲା ଉଲିବୁରୁ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କ ଜାମିନ ମାମଲାରେ ତାଙ୍କ ପକ୍ଷରୁ ଅଦାଲତରେ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ଅନ୍ୟପକ୍ଷରେ ମାମଲାର ତଦନ୍ତକାରୀ ସଂସ୍ଥା ଭିଜିଲାନ୍ସ ପକ୍ଷରୁ ଅଦାଲତରେ ଜବାବସୁଆଲ ଆରମ୍ଭ ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୫ ତାରିଖରେ ହେବ। ସୂଚନାଥାଉ କି, ୧୮୦୦ କୋଟି ଟଙ୍କାର ଏହି ବଡ଼ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ମାମଲାରେ ଦୀପକ ଓ ତାଙ୍କ ପରିବାର ଲୋକଙ୍କୁ ଭିଜିଲାନ୍ସ ପକ୍ଷଭୁକ୍ତ କରିଥିଲା। ଜାମିନ ପାଇବା ପାଇଁ ଦୀପକ ୫ ଥର ହାଇକୋର୍ଟରେ ଆବେଦନ କରିଥିବା ବେଳେ ସୁପ୍ରିମକୋର୍ଟରେ ମଧ୍ୟ ଦୁଇଥର ଆବେଦନ କରିଥିଲେ। ମାତ୍ର ଉଭୟ କୋର୍ଟରେ ଦୀପକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଷଷ୍ଠ ଥର ଲାଗି ଦୀପକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବନ୍ଧୁଙ୍କ ପରାମର୍ଶରେ ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ସର୍ବସାଧାରଣରେ ପ୍ରଶଂସିତ ହେବେ। କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇଯିବାର ଆଶଙ୍କା ରହିଛି। ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ।

**ବୃଷ**
ଆପଣଙ୍କର ଆଜିର କାମ ହାସଲ ପାଇଁ କୌଣସି ଅସୁବିଧା ହେବନାହିଁ। ମାତ୍ର ଆନୁଷ୍ଠାନିକ କ୍ଷେତ୍ରରେ,ବନ୍ଧୁତ୍ୱ ସ୍ଥାପନ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କର ସମାଲୋଚିତ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ଅବଶ୍ୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**
ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। କିନ୍ତୁ ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ। କାର୍ଯ୍ୟବ୍ୟସ୍ତତା କାରଣରୁ ଅନ୍ୟମନସ୍କ ରହି ପାରନ୍ତି।

**କର୍କଟ**
ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇ ପାରନ୍ତି।

**ସିଂହ**
କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଶତ୍ରୁତା କାରଣରୁ ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା**
ଗ୍ରହଙ୍କ ପ୍ରତିକୂଳତା କାରଣରୁ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇ ପାରିବେ ନାହିଁ। ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଭାବପ୍ରବଣତା ବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା**
ପରିସ୍ଥିତିର ବଶବର୍ତ୍ତୀ ହୋଇ କେତେକ କ୍ଷେତ୍ରରେ ଇଚ୍ଛା ବିରୁଦ୍ଧ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିବେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗିରହିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା**
ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। କେତେକ ଅହେତୁକ କାରଣରୁ ଯେତେ ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ ଓ ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ**
ଅନ୍ୟମାନଙ୍କ କଥାରେ ଭାସିବୁଲିଲେ ମୁଣ୍ଡରେ ହାତ ଦେଇ ବସିବାକୁ ପଡ଼ିବ। ଆଜି ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ।

**ମକର**
ଗ୍ରହମାନଙ୍କ ଅନୁକୂଳତା କାରଣରୁ ଯିଏ ଯାହା କହୁନା କାହିଁକି, ଆପଣ ଯେମିତି ଭାବୁଛନ୍ତି ସେମିତି କରିବା ମନ୍ଦ ହେବନି। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ**
କୌଣସି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ତରବରିଆ ପଦକ୍ଷେପ ନ ନେଇ ପରିବାର ସହ ଆଲୋଚନା କରିବା ଭଲ ହେବ। ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟ ସ୍ୱଜନମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ସନ୍ଧ୍ୟା ସମୟରେ ହଠାତ୍ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇପାରେ।

ଆଜି ଆଷାଢ଼ କୃଷ୍ଣପକ୍ଷର ସର୍ବସମ୍ମତ ଖଳିଲାଗି ଏକାଦଶୀ ଶନିବାର, ଶ୍ରୀଜୀଉଙ୍କର ଖଳିଲାଗି ବିଧି, ଅନବସର ଏକାଦଶୀ ଓ ଚନ୍ଦନ ଲାଗି,ଏକାଦଶୀର ବ୍ରତ ଓ ଉପବାସ, ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନଦିବସ (ପରିସଂଖ୍ୟାନବିତ୍ ପ୍ରଶାନ୍ତଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ), ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଦିବା ଘ୧୧।୧୦ମି. ଗତେ, କୃତିକା ନକ୍ଷତ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା।


# classifieds Everyday
0674-2580101, 2549302



**SALE**

Commercial white CELERIO VXI 2016 model for immediate sale. 9437854493. D-65907

**HIRE**

Required SwiftDzire for monthly rented basis on Govt. duty. Contact: 9337819041. D-13155



**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Gharabari boundary plot Tamando MCL boundary site. Direct owner: 8144391451.** D-13175

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ **Grandbazar** ସମ୍ମୁଖରେ ଘରବାରି **plot** କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438525948.** D-66717

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ୍‌କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

**ଫୁଲନଖରାସ୍ଥିତ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। 9438432164.** D-66718

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

**Gharabari plot having Boundary sale 2000sqft near Audi showroom service centre, Bhubaneswar (50'x40'), (North/ Eastfacing). Contact: 8249853413.** D-13149

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

ଭୁବନେଶ୍ୱର ହଂସପାଳ ଅଟଳା, ରଙ୍ଗବଜାରରେ ଘରବାରି ବାଉଣ୍ଡାରୀ ପ୍ଲଟ ବିକ୍ରି ହେବ- 8093465134, 9668194157. D-66497

**ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। 9583725970.** D-66721

Booking 2BHK simplex BJEM(2) 1200sqft land 11,80,000/-, (finishing house) Badagada Canalroad plots available. 7735738102. D-13174


Factory with shed and land sale at Choudwar. Mobile: 9437311617. D-13178

2000sqft plot sale at Satyanagar, Bhubaneswar, only genuine buyers directly contact Deepak: 9937329999. D-66252



Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13183



Summer special mesmerizing offer expert therapeutic refreshing massage appointment. 9668374480. D-66579

Kajal ayurvedic massage club fully relaxed by smart lady, home service available. 9937637219. D-66912

**AFFIDAVIT**



By virtue of an affidavit sworn before Notary Public, Cuttack Town Dt. 06.12.2018. I am Umasankar Das, S/o-Raiba Charan Mallick & my name is treated as Umasankar Das for all purposes. D-13181

By the virtue of an affidavit before Executive Magistarte, Cuttack, I Amiya Ranjan Behera changed my name to Amiya Ranjan Pani vide affidavit dated 14.7.16 for all future purpose. D-13184

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଜିଲା ଚିଠି
## ଢେଙ୍କାନାଳ

### ହାତୀ ପାଇଁ ହାତ ଟେକିଦେଲେ

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ସଂଘର୍ଷ ଚରମ ସୀମାରେ ପହଞ୍ଚିଛି। ସଂରକ୍ଷିତ ଜଙ୍ଗଲରେ ଖାଦ୍ୟାଭାବ, ଶିକାରୀ ଭୟ ଏବେ ହାତୀ ଭଳି ବିଶାଳକାୟ ଜନ୍ତୁଙ୍କୁ ଜନବସତିମୁହାଁ କରାଉଛି। ଫଳସ୍ୱରୂପ ଏବେ ସ୍ଥିତି ଦିନକୁ ଦିନ ଅସମ୍ଭାଳ ହେଲାଣି। ପ୍ରତିଦିନ ଜିଲାର କେଉଁଠି ନା କେଉଁଠି ହାତୀ ଉତ୍ପାତ, ହାତୀ ମୃତ୍ୟୁ ଖବର ଶିରୋନାମା ପାଲଟୁଛି। ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ଯୋଜନା କରାଯାଉ ନ ଥିବାବେଳେ ଅସହାୟ ବନ ବିଭାଗ ଏବେ ହାତ ଟେକିଦେଇଛି। ଜିଲାର ବିସ୍ତୀର୍ଣ୍ଣ ସଂରକ୍ଷିତ ଜଙ୍ଗଲ, ଥଣ୍ଡା ପରିବେଶ ହାତୀଙ୍କୁ ଦୀର୍ଘଦିନରୁ ଆକର୍ଷିତ କରିଆସିଛି। ହାତୀସଂଖ୍ୟାରେ ଶିମିଳିପାଳ ପରେ ଢେଙ୍କାନାଳର ସ୍ଥାନ ଦ୍ୱିତୀୟ। ତେବେ ହାତୀମୃତ୍ୟୁରେ ଢେଙ୍କାନାଳ ରାଜ୍ୟସ୍ତରରେ ପ୍ରଥମ ସ୍ଥାନରେ ରହି ବଦ୍‌ନାମ ମୁଣ୍ଡାଇଛି। ସରକାରୀ ଖାତାରେ ଜିଲାରେ ବିଚରଣ କରୁଥିବା ହାତୀସଂଖ୍ୟା ୧୬୬। ହେଲେ ବେସରକାରୀ ସୂତ୍ରରେ ଏହା ୪୦୦ରୁ ଊର୍ଦ୍ଧ୍ୱ। ଜିଲା ବାହାରୁ ହାତୀଙ୍କ ପ୍ରବେଶ ପରେ ଏହି ସଂଖ୍ୟା ବଢ଼ିଚାଲିଛି। ୨୦୧୪-୧୯ ମଧ୍ୟରେ ବିଭିନ୍ନ କାରଣରୁ ଜିଲାରେ ୭୫ହାତୀଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ତାର, ଟ୍ରେନ୍ ଧକ୍କା, ଶିକାରୀ ଫାଶ, ଉପଯୁକ୍ତ ଚିକିତ୍ସା ଅଭାବ ହାତୀମୃତ୍ୟୁର ପ୍ରମୁଖ କାରଣ। ସେହିପରି ଏହି ସମୟରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି ୯୮ଜଣ ବ୍ୟକ୍ତି। ୧୪୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ପ୍ରାକୃତିକ ବାସସ୍ଥଳୀରେ ଶିକାରୀ ଭୟ, ଖାଦ୍ୟାଭାବ ହାତୀଙ୍କୁ ଜନବସତିମୁହାଁ କରାଯାଉଛି। ଫଳସ୍ୱରୂପ ହାତୀ-ମଣିଷ ମଧ୍ୟରେ ସଂଘର୍ଷ ଏବେ ନିତିଦିନିଆ ହୋଇଯାଇଛି। ହାତୀ ଆକ୍ରମଣରେ ମୃତ୍ୟୁହେଲେ କେବଳ କ୍ଷତିପୂରଣ ଦିଆଯାଇ ମାମଲାକୁ ରଫାଦଫା କରିଦିଆଯାଉଛି। ହାତୀମୃତ୍ୟୁ ଘଟଣା ତଦନ୍ତରେ ସୀମିତ ହୋଇ ରହିଯାଉଛି। ବନ ବିଭାଗର ସ୍ୱଳ୍ପସଂଖ୍ୟକ କର୍ମଚାରୀ ଜଙ୍ଗଲ ସୁରକ୍ଷା, କାଠ ଚୋରଙ୍କୁ ଧରିବା, ଚାରାରୋପଣରେ ନିୟୋଜିତ ରହୁଥିବାବେଳେ ହାତୀ ଘଉଡ଼ାଇବା ନେଇ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରୁନାହିଁ। ଏତେ ସଂଖ୍ୟାରେ ହାତୀଙ୍କୁ ସୁରକ୍ଷା ଦେବା ସହିତ ଏକାଥରକେ ହାତୀ ଉପଦ୍ରୁତ ଗ୍ରାମରେ ପାଟ୍ରୋଲିଂ କରିବା ଅସମ୍ଭବ ହୋଇପଡୁଛି। ଜିଲାର ଜୀବନଧାରା କୁହାଯାଉଥିବା ୫୩ ଏବଂ ୫୫ନଂ ଜାତୀୟ ରାଜପଥକୁ ହାତୀପଲ ଅବରୋଧ କରି ରଖୁଛନ୍ତି। ଜନବସତିରେ ପଶି ବ୍ୟାପକ ଉପଦ୍ରବ କରିବା ସହ ଫସଲ ନଷ୍ଟ କରୁଛନ୍ତି। ହାତୀ ପାଇଁ ଯାତାୟାତ ବାଧାପ୍ରାପ୍ତ ହେଉଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଉପୁଜିବା ଆରମ୍ଭ ହେଲାଣି। ଏହାର ସମାଧାନ ଲାଗି କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଯୋଜନା କରାଯାଉନାହିଁ। କେନ୍ଦ୍ର ସରକାର ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀର ମାନ୍ୟତା ଦେଇଛନ୍ତି ସତ, ହେଲେ ସେମାନଙ୍କ ସୁରକ୍ଷା ଦିଗରେ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ ହେଉନାହିଁ। 'ହାତୀ ମୋର ସାଥୀ', 'ଗଜବନ୍ଧୁ' ଯୋଜନାର ସଫଳ ରୂପାୟନ ହୋଇ ନ ପାରିବା ହାତୀବଂଶକୁ ବିପଦରେ ପକାଇଛି।

– ରତନ ନାୟାର

■ ମନ୍ତ୍ରୀଙ୍କ ଉପରେ ବର୍ଷିଲେ ବିରୋଧୀ, ଶାସକ

# ବଳକା ଯଦି ବିଦ୍ୟୁତ୍ କାଟ୍ କାହିଁକି

ଭୁବନେଶ୍ୱର, ୨୮।୬ (ବ୍ୟୁରୋ)

ରାଜ୍ୟରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ସାମାନ୍ୟ ପବନ ହେଲେ ମଧ୍ୟ ଗାଁ ଗଣ୍ଡାରେ ୨/୩ ଘଣ୍ଟା ଯାଏ ବିଦ୍ୟୁତ୍ ଉଭାନ ହୋଇଯାଉଛି। ବାତ୍ୟା ଫନୀରେ ଖୋର୍ଦ୍ଧା, ପୁରୀ ଜିଲାରେ ବିଦ୍ୟୁତ୍ ଭିତ୍ତିଭୂମି ଉଜୁଡି ଯାଇଛି। ୧ମାସ ୨୫ ଦିନ ପରେ ମଧ୍ୟ ପୁରୀ ଜିଲାରେ ବିଦ୍ୟୁତ୍ ନାହିଁ। ତରବରିଆ ଭାବେ ଖୁଣ୍ଟ ପୋତି କିଛି ଅଞ୍ଚଳକୁ ବିଦ୍ୟୁତ୍ ଦିଆଯାଇଥିଲା। କାଳବୈଶାଖୀରେ ସେ ସବୁ ପୁଣି ଶୋଇପଡ଼ିଲାଣି। ତୁରନ୍ତ ସେଗୁଡ଼ିକ କଂକ୍ରିଟ ଢଳାଇ ନ କଲେ ବିଦ୍ୟୁତ୍ ବିଭାଗ ପ୍ରତି ମହାବିପଦ ମାଡ଼ି ଆସିବ। ଜୁଲାଇ ୪ ତାରିଖ ରଥଯାତ୍ରା ପୂର୍ବରୁ ପୁରୀ ଜିଲାକୁ ବିଦ୍ୟୁତ୍ ଯୋଗାଇ ଦିଆଯାଉ। ରାଜ୍ୟର ବିଦ୍ୟୁତ୍ ଉତ୍ପାଦନକୁ ନେଇ ଶକ୍ତିମନ୍ତ୍ରୀଙ୍କ ସ୍ଥାନରେ ଉତ୍ତର ଦେଉଥିବା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ବିରୋଧୀ ଦଳ ସଦସ୍ୟମାନେ କାଠଗଡ଼ାରେ ଛିଡ଼ା କରିଥିଲେ। ରାଜ୍ୟରେ କେତେ ବିଦ୍ୟୁତ୍ ଉତ୍ପାଦନ ହେଉଛି, ଯଦି ଅଧିକ ଉତ୍ପାଦନ ହେଉଛି, ତେବେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି କାହିଁକି। ମନ୍ତ୍ରୀଙ୍କଠାରୁ ସଦସ୍ୟମାନେ ଏହାର ଜବାବ ତଲବ କରିଥିଲେ।

ଶୁକ୍ରବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର ରାଜ୍ୟରେ କେତେ ବିଦ୍ୟୁତ୍ ଉତ୍ପାଦନ ହେଉଛି, ଘରୋଇ ଏବଂ ଶିଳ୍ପ କ୍ଷେତ୍ରରେ କେତେ ବ୍ୟବହାର ହେଉଛି, ୨୦୦୦ ମସିହାରୁ ଏ ପର୍ଯ୍ୟନ୍ତ ଜଣାଇବା ପାଇଁ ମନ୍ତ୍ରୀଙ୍କୁ କହିଥିଲେ। ଶକ୍ତି ମନ୍ତ୍ରୀଙ୍କ ଅନୁପସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ନିୟୋଜନ ମନ୍ତ୍ରୀ ସୁଶାନ୍ତ ସିଂ ଉତ୍ତରରେ କହିଥିଲେ ଯେ, ୨୦୧୮-୧୯ରେ ରାଜ୍ୟକୁ ୨୫, ୬୬୮ ନିୟୁତ ୟୁନିଟ୍ ବିଦ୍ୟୁତ୍ ଆବଶ୍ୟକତା ଥିବାବେଳେ ଗ୍ରୀଡ୍‌କୋ ବିଭିନ୍ନ ଉତ୍ସରୁ ୨୭, ୬୩୩ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଯୋଗାଇଛି। ମନ୍ତ୍ରୀଙ୍କଠାରୁ ଏଭଳି ଉତ୍ତର ଶୁଣିବା ପରେ ନରସିଂହ ପୁଣି ପଚାରିଲେ, ଯଦି ଏତେ ବିଦ୍ୟୁତ୍ ବଳୁଛି ତେବେ ବିଦ୍ୟୁତ୍ କାଟ୍ କାହିଁକି ହେଉଛି। କେଉଁ କ୍ଷେତ୍ରରୁ କେତେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି ସେ ବିଷୟରେ ଜଣାଇବା ସହିତ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ଶକ୍ତି ଯୋଗାଇ ନ ଦେବାର କାରଣ କ'ଣ। ବିଦ୍ୟୁତ୍ ବିନା ଡାକ୍ତରଖାନାରେ ଟର୍ଚ୍ଚ ଲାଇଟ୍ ଏବଂ ମହମବତି ଜଳାଇ ରୋଗୀସେବା କରାଯାଉଛି ବୋଲି ସେ ଅଭିଯୋଗ ଆଣିଥିଲେ। ଉତ୍ତରରେ ମନ୍ତ୍ରୀ କେଉଁ କ୍ଷେତ୍ରରୁ କେତେ ବିଦ୍ୟୁତ୍ ବଳୁଛି ସେ ନେଇ ମନ୍ତ୍ରୀ ସୁଶାନ୍ତ ସିଂ ଉତ୍ତର ରଖିଥିଲେ। ବିଜେଡି ସଭ୍ୟ ପ୍ରୀତିରଞ୍ଜନ ଘଡେଇ, ଭାଜପା ସଭ୍ୟ ମଦନ ମୋହନ ଦତ୍ତ ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ, ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ଯୋଗାଇ ନ ପାରିଲେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବେ କି। ମନ୍ତ୍ରୀ କହିଥିଲେ ଯେ, ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମିର ବିକାଶ ପାଇଁ ଘଡ଼ଘଡି ଓ ପବନରୁ ରକ୍ଷା ଲାଗି ବିଦ୍ୟୁତ୍ କାଟ କରାଯାଉଛି।

> ■ ରଥଯାତ୍ରା ପୂର୍ବରୁ ପୁରୀକୁ ବିଦ୍ୟୁତ୍ ଯୋଗାଇଦେବାକୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି
> ■ ଗ୍ରୀଡ୍‌କୋକୁ ମିଳୁଛି ୨୭ ହଜାର ୬୩୩ ନିୟୁତ ୟୁନିଟ୍
> ■ ଖର୍ଚ୍ଚ ହେଉଛି ୨୫ ହଜାର ୬୬୮ ନିୟୁତ ୟୁନିଟ୍

ସରିଲା ମେଡିକାଲ ପାଠ୍ୟକ୍ରମ ଲାଗି ରେଜିଷ୍ଟ୍ରେସନ ପ୍ରକ୍ରିୟା

## ୧ରେ ବାହାରିବ ମେରିଟ୍ ଲିଷ୍ଟ

ଭୁବନେଶ୍ୱର,୨୮।୬(ବ୍ୟୁରୋ): ଚଳିତବର୍ଷ ରାଜ୍ୟରେ ମେଡିକାଲ ପାଠ୍ୟକ୍ରମ ଲାଗି ରେଜିଷ୍ଟ୍ରେସନ ପ୍ରକ୍ରିୟା ଶେଷ ହୋଇଯାଇଛି। ରାଜ୍ୟର ମୋଟ ୭ ମେଡିକାଲ କଲେଜରେ ୧୨୫୦ ସିଟ୍ ଏବଂ ୨ ବିଡିଏସ୍ କଲେଜରେ ୧୫୦ ସିଟ୍ ଲାଗି ନାମଲେଖା ହେବ। ଏଥର ଏମ୍‌ବିବିଏସ୍‌ରେ ୨୫୦ ସିଟ୍ ବଢ଼ିଛି। ସୂଚନାଯୋଗ୍ୟ, ଆର୍ଥିକ ଅନଗ୍ରସର କୋଟା ଲାଗୁ ପରେ ଜୁନ୍ ୨୦ରୁ ଆରମ୍ଭ ହୋଇଥିବା ମେଡିକାଲ ରେଜିଷ୍ଟ୍ରେସନ ପ୍ରକ୍ରିୟାକୁ ଦୁଇଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଆସନ୍ତା ଜୁଲାଇ ୧ରେ ଷ୍ଟେଟ୍ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୧ତାରିଖ ପୂର୍ବାହ୍ନ ୧୧ଟାରୁ ୨ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଚଏସ୍ ଫିଲିଂ ଓ ଲକିଂ କରିପାରିବେ ବୋଲି ଓଜେଇଇ ଚେୟାରମ୍ୟାନ ସୁଦୀପ୍ କୁମାର ଚାନ୍ଦ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରାୟ ୫୫୦୦ ଛାତ୍ରୀଛାତ୍ର ଆବେଦନ କରିଛନ୍ତି।

ପୋଲାଭରମ୍‌କୁ ନେଇ ବିଧାନସଭାରେ ଉଦ୍‌ବେଗ

## ଗୃହ କମିଟି ଗଠନ କରିବାକୁ ଦାବି

ଭୁବନେଶ୍ୱର, ୨୮।୬(ବ୍ୟୁରୋ): ପୋଲାଭରମ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନେଇ ବିଧାନସଭାରେ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମାଲକାନଗିରି ଜିଲାର ବହୁ ଜଙ୍ଗଲ ଓ ଆଦିବାସୀ ଗାଁ ବୁଡିଯିବ। ତୁରନ୍ତ ଏହି ପ୍ରକଳ୍ପକୁ ବନ୍ଦ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଶୂନ୍ୟକାଳରେ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର ଏହି ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକଳ୍ପ ବନ୍ଦ କରିବାକୁ ଏକ ପ୍ରସ୍ତାବ ଗୃହରେ ଅଣାଯାଉ। ବିଧାନସଭା ଗୃହ କମିଟି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତକରି ପ୍ରକଳ୍ପ ବନ୍ଦ କରିବା ପାଇଁ ଦାବି ଜଣାଇବାକୁ ସେ ପ୍ରସ୍ତାବ ଦେଇଥିଲେ। ଏହାକୁ କଂଗ୍ରେସ ଦଳ ସଦସ୍ୟ ତାରାପ୍ରସାଦ ବାହିନୀପତି ସମର୍ଥନ କରିବା ସହିତ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ପ୍ରକଳ୍ପ ବନ୍ଦ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଆଦିବାସୀଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଦୀପ୍ତ ନାଏକ, ମୁଖ୍ୟମନ୍ତ୍ରୀ ବୈଠକ ଡାକି ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ମାଗନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅରବିନ୍ଦ ଢାଲି ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ମାଲକାନଗିରିର ସଂରକ୍ଷିତ ଜଙ୍ଗଲ ଏବଂ ୩୫ଟି ଆଦିବାସୀ ଗାଁ ବୁଡିଯିବ। ଏକ ହାଉସ୍ କମିଟି କରି ପ୍ରକଳ୍ପ ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଆର୍‌ପିଆର୍‌ସିରେ ଅର୍କିଡାରିୟମ୍ ଲୋକାର୍ପିତ

ଭୁବନେଶ୍ୱର, ୨୮।୬(ବ୍ୟୁରୋ)

ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆର୍‌ପିଆର୍‌ସି)ର ବଟାନିକାଲ୍ ଗାର୍ଡେନରେ ଶୁକ୍ରବାର ଅର୍କିଡାରିୟମ୍ ଲୋକାର୍ପିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାକୁ ଲୋକାର୍ପିତ କରି କହିଛନ୍ତି ଯେ, ଉଦ୍ଭିଦ ସଂରକ୍ଷଣ ଓ ଗବେଷଣା ହେଉଛି ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାର ଅନନ୍ୟ ଉଦ୍ଭିଦ ସମ୍ପଦର ସଂରକ୍ଷଣ ଦିଗରେ ଏହା ନିରବଚ୍ଛିନ୍ନ ଭାବରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଆସୁଛି। ରାଜ୍ୟର ବନ୍ୟ ଅର୍କିଡ୍‌ର ସଂରକ୍ଷଣ ଓ ବଂଶବୃଦ୍ଧି ସହ ବ୍ୟବସାୟିକ ଗୁରୁତ୍ୱ ଥିବା ହାଇବ୍ରିଡ୍ ଅର୍କିଡ୍ ଉପରେ ଗବେଷଣା ଏହି ଅନୁଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଆମ ରାଜ୍ୟର ଜଙ୍ଗଲ ବିଶେଷ କରି ଶିମିଳିପାଳ, ମହେନ୍ଦ୍ରଗିରି, ସିଂହରାଜୁ, ମାଲ୍ୟଗିରି ଓ କେଉଁଝର ଜଙ୍ଗଲରେ ୧୪୮ ପ୍ରଜାତିର ଅର୍କିଡ୍ ଦୃଷ୍ଟିଗୋଚର ହୋଇଥାଏ। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ୯୩ଟି ବନ୍ୟ ଅର୍କିଡ୍ ଓ ୨୧୭ ହାଇବ୍ରିଡ୍ ଅର୍କିଡ୍ ରହିଛି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ବଟାନିକାଲ୍ ଗାର୍ଡେନରେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ଏହି ଅର୍କିଡାରିୟମ୍ କେବଳ ଆମ ରାଜ୍ୟ ନୁହେଁ ସମଗ୍ର ଦେଶରେ ଅନନ୍ୟ ଓ ସର୍ବବୃହତ୍। ଏହି ଅର୍କିଡାରିୟମ୍ କୃଷକ, ଗବେଷକ, ବୈଜ୍ଞାନିକ, ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୭୩ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମିତ ଏହି ଅର୍କିଡାରିୟମ୍ ରାଜ୍ୟର ଉଦ୍ଭିଦପ୍ରେମୀଙ୍କ ପାଇଁ ଏକ ଅପୂର୍ବ ଆକର୍ଷଣ ଭାବେ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

> ୯୩ ବନ୍ୟ ଅର୍କିଡ୍, ୨୧୭ ହାଇବ୍ରିଡ୍ ଅର୍କିଡ୍ ପ୍ରଦର୍ଶିତ



ଲୋକାର୍ପଣ ଅବସରରେ ଅର୍କିଡାରିୟମ୍‌କୁ ବୁଲି ଦେଖୁଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ଅନ୍ୟମାନେ।

# ପଞ୍ଚମ, ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ୍ ବ୍ୟବସ୍ଥା

ଭୁବନେଶ୍ୱର,୨୮।୬(ବ୍ୟୁରୋ): ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ ହୋଇପାରେ। ଉଭୟ ଶ୍ରେଣୀର ପିଲାଙ୍କ ପାଇଁ ପରୀକ୍ଷା ଏବଂ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଜନା କରୁଛି। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ବହୁ ପୂର୍ବରୁ ପ୍ରଚଳିତ ଥିବା ଏହି ବ୍ୟବସ୍ଥାକୁ ପୁଣିଥରେ କାର୍ଯ୍ୟକାରୀ କରିବା ଲାଗି ଗଭୀର ଭାବେ ଅନୁଶୀଳନ କରାଯାଉଛି। ପଞ୍ଚମ ଶ୍ରେଣୀରେ ଫେଲ୍ ପିଲାଙ୍କୁ ପୁଣିଥରେ ପରୀକ୍ଷା ପାଇଁ ସୁଯୋଗ ଦେବା ଏବଂ ଅଷ୍ଟମରେ ଉତ୍ତୀର୍ଣ୍ଣ ନ ହେଲେ ଆଉ ଥରେ ସେହି ଶ୍ରେଣୀରେ ପଢ଼ିବା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ନୀତି ଆୟୋଗଙ୍କ ରିପୋର୍ଟ ପରେ ସ୍ୱାସ୍ଥ୍ୟ ବିଭାଗର ତନାଘନା

# ଠିକ୍ ସୂଚନା ଦେବାକୁ ସମସ୍ତ ଜିଲାପାଳଙ୍କୁ ସ୍ୱାସ୍ଥ୍ୟ ମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୬(ବ୍ୟୁରୋ): ନୀତି ଆୟୋଗଙ୍କ ରିପୋର୍ଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ତଳକୁ ଖସିବା ପରେ ସ୍ୱାସ୍ଥ୍ୟ ବିଭାଗର ନିଦ ହଜିଯାଇଛି। କେଉଁଠି କେଉଁ ପ୍ରକାର ଭୁଲ୍ ରହିଲା, ତା'ର ଅନୁଧ୍ୟାନ ପାଇଁ ବିଭାଗ ଚଳଚଞ୍ଚଳ ହୋଇପଡ଼ିଛି। ତଳ ସ୍ତରରୁ ଠିକ୍ ସୂଚନା ଆସି ନ ପାରିବାରୁ ଭଲ କାମ ସତ୍ତ୍ୱେ ଓଡ଼ିଶା ଜାତୀୟ ସ୍ତରରେ ପଛରେ ରହିଛି ବୋଲି ବିଭାଗ ଜାଣିବାକୁ ପାଇଛି। ତେଣୁ ଆସନ୍ତା ଜୁଲାଇ ୩ ସୁଦ୍ଧା ସବୁ ପ୍ରକାର ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସୂଚନା ଦେବାକୁ ସ୍ୱାସ୍ଥ୍ୟ ମିଶନ ରାଜ୍ୟର ସମସ୍ତ ଜିଲାପାଳଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ସମସ୍ତ ସୂଚନା ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା(ଏଚ୍‌ଏମ୍‌ଆଇଏସ୍)ରେ ଅପ୍‌ଲୋଡ୍ ହୋଇଥାଏ। ଏହା କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ନିକଟକୁ ଯିବା ସହିତ ରାଜ୍ୟର ସ୍ୱାସ୍ଥ୍ୟ ସୂଚକାଙ୍କ ପ୍ରସ୍ତୁତି ସମୟରେ ହିସାବକୁ ନିଆଯାଇଥାଏ। କେବଳ ସ୍ୱାସ୍ଥ୍ୟ ସୂଚକାଙ୍କ ନୁହେଁ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଆକାଂକ୍ଷୀ ଜିଲାର ପ୍ରଦର୍ଶନ ମଧ୍ୟ ଏହି ସୂଚନା ଆଧାରରେ କେନ୍ଦ୍ର ସରକାର ପ୍ରସ୍ତୁତ କରିଥାଆନ୍ତି। କିନ୍ତୁ କିଛି ବର୍ଷ ହେଲା ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମିଳୁଥିବା ସ୍ୱାସ୍ଥ୍ୟସେବାର ତଥ୍ୟ ସଂଗ୍ରହ ହେଉନାହିଁ। ଏପରି କି, କେତେକ ଯୋଜନା ସଂକ୍ରାନ୍ତରେ ଭୁଲ୍ ତଥ୍ୟ ପ୍ରଦାନ ହେଉଥିବାରୁ ରାଜ୍ୟ ସରକାର ଧାର୍ଯ୍ୟ କରୁଥିବା ଲକ୍ଷ୍ୟ ଓ ଏଚ୍‌ଏମ୍‌ଆଇଏସ୍ ଡାଟା ମଧ୍ୟରେ ତାଳମେଳ ରହୁନାହିଁ। ତେଣୁ ଜାତୀୟ ସ୍ତରରେ ରାଜ୍ୟ ସ୍ୱାସ୍ଥ୍ୟସେବାର ସ୍ଥିତି ନିର୍ଦ୍ଧାରଣ ସମୟରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ସେଥିପାଇଁ ୨୦୧୮-୧୯ ବର୍ଷର ସ୍ୱାସ୍ଥ୍ୟ ସୂଚନା ତୁରନ୍ତ ଦେବା ପାଇଁ କୁହାଯାଇଛି। ସମସ୍ତ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଶିଶୁ ଜନ୍ମ ଓ ମୃତ୍ୟୁ, ମାତୃମୃତ୍ୟୁ, ଜନ୍ମ ନିୟନ୍ତ୍ରଣ, ଟିକାକରଣ, ବିଭିନ୍ନ ରୋଗ, ଚିକିତ୍ସାଳୟରେ ଆଉଟ୍‌ଡୋର ଓ ଇନ୍‌ଡୋରରେ ଚିକିତ୍ସିତ ରୋଗୀଙ୍କ ତାଲିକା ଆଦିର ହିସାବ ଦେବାକୁ କୁହାଯାଇଛି। ଜିଲା ଓ ବ୍ଲକ ସ୍ତରରେ ଥିବା ଡାଟା ମ୍ୟାନେଜରମାନେ ସମସ୍ତ ସ୍ୱାସ୍ଥ୍ୟ ସୂଚକାଙ୍କ ସଂକ୍ରାନ୍ତରେ ନିର୍ଭୁଲ ସୂଚନା ଏଚ୍‌ଏମ୍‌ଆଇଏସ୍‌ରେ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ତାରିଖ ସୁଦ୍ଧା ସମସ୍ତ ଡାଟା ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ କୁହାଯାଇଛି।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଆରୁଷ (କିଶନ୍)
ଜନ୍ମ: ତା ୨୯।୦୬।୨୦୧୮
ପ୍ଲଟ ନଂ: ୧୦୨, କଟକରୋଡ, ଝାରପଡ଼ା, ଭୁବନେଶ୍ୱର
ଆଜିର ପ୍ରଥମ ଜନ୍ମବାର୍ଷିକୀ ଶୁଭାବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ କି ତୁମର ଚଲାପଥ କୁସୁମିତ ହେଉ। ତୁମେ ଦୀର୍ଘାୟୁ ହୁଅ ଓ ଯଶସ୍ୱୀ ହୁଅ।
ଶୁଭେଚ୍ଛା ସହ: ତୁମର ବାବା, ମାମା, ଜେଜେବାପା, ଜେଜେମା, ଆଈ ଓ ଦାଦା।
ଧ-୧୩୧୮୨

୪ର୍ଥ ଜନ୍ମବାର୍ଷିକୀ



ଅୟନ ବାସୁଦେବ ପ୍ରତିହାରୀ
ହରଚଣ୍ଡୀସାହି, ପୁରୀ
(ଖଳିଲାଗି ଏକାଦଶୀ)
ଆଜିର ଶୁଭ ଅବସରରେ ସମସ୍ତ ବନ୍ଧୁ ଏବଂ ପରିବାର ତରଫରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ଦୀର୍ଘାୟୁ କାମନା କରୁଅଛୁ।
ଶୁଭେଚ୍ଛା ସହ:
ଅନୁଷ୍କା ଏବଂ ଭଲପାଉଥିବା ପରିବାରର ସମସ୍ତ ସଦସ୍ୟ
ଧ-୮୪୦୭୪

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତା କୁମାରୀ ତରାସିଆ
ଦେବୀନଗର, ଛତ୍ରପୁର,
ଜିଲ୍ଲା: ଗଞ୍ଜାମ
ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭକରୁ ଏହା ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ୱାମୀ: ସୀମାଦ୍ରି ତରାସିଆ, ପୁଅ, ବୋହୂ ଏବଂ ପରିବାରବର୍ଗ।
ଧ-୧୩୧୮୦

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ) [ରୁଲ୍-୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତାମାନେ: ଶ୍ରୀ ସୁଦାମ ଘଡେଇ,** ପିତା: ତାରେଶ୍ୱର ଘଡେଇ, ପ୍ଲଟ୍ ନଂ.: ୧୮୦୯/୩୧୮୦, ଚିନ୍ତାମଣିଶ୍ୱର ଟେମ୍ପୁଲ୍ ଏରିଆ, ପୋ.: ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର-୭୫୧୦୦୬, ଓଡ଼ିଶା, ୨) **ଶ୍ରୀ ସଂଗ୍ରାମ କେଶରୀ ଘଡେଇ,** ପିତା: ଶ୍ରୀ ସୁଦାମ ଘଡେଇ, କ୍ୱାର୍ଟର ନଂ.: ଡି-୪, ୧୩୨/ ୩୩କେଭି ଗ୍ରିଡ୍ ଏସ୍‌ଏନ୍‌ବି କଲୋନୀ, ପାଟଣାଗଡ, ବଲାଙ୍ଗୀର-୭୬୭୦୦୧ | **ସୁଦାମ ଘଡେଇ**ଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତିର ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଡିଏସ୍‌ଆର୍‌ଓ: ଭୁବନେଶ୍ୱର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୫୨, ମୌଜା: ଲକ୍ଷ୍ମୀସାଗର, ଭୁବନେଶ୍ୱର ସହର, ୟୁନିଟ୍-୩୦, ଖାତା ନଂ.: ୧୫୯୩/୯୭୭, ପ୍ଲଟ୍ ନଂ.: ୧୮୮୩, କ୍ଷେତ୍ର: ଏକର୦.୦୬୨ ଡିସିମିଲି, କିସମ: ଘରବାରୀ, ପ୍ରକାର: ସ୍ଥିତିବାନ, ଘରବାରୀ-୨ (ଘରବାରୀ), ଅନୁରୂପ ଖାତା ନଂ.: ୬୩୬, ଏହାର ଚଉହଦି ପାର୍ଶ୍ୱରେ ପୂର୍ବ: ସବ୍ ପ୍ଲଟ୍ ନଂ.: ସି ଏବଂରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୮୮୨ ଏବଂ ୧୮୦୦, ଉତ୍ତର: ବ୍ରଜ ବିହାରୀ କାନୁନ୍‌ଗୋ, ଦକ୍ଷିଣ: ରାସ୍ତା | **ତା.୨୨.୦୧.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧୩,୮୩,୪୩୭/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୩.୦୧.୨୦୧୯ / ୨୭.୦୬.୨୦୧୯ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୨୮.୦୬.୨୦୧୯** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**ODISHA JOINT ENTRANCE EXAMINATION-2019**
**(OJEE - 2019)**

**NOTICE FOR 2ND / Special OJEE FOR B.TECH, Lateral Entry TO B.TECH, MBA, MCA & Lateral Entry TO MCA**

**No: 292 /OJEE2019** **Date: 27.06.2019**

**Date of Examination : 21.07.2019 (SUNDAY)**

2nd /Special OJEE for **B.Tech., Lateral Entry to B.Tech., MBA, MCA** and **LE-MCA** will be held on **21.07.2019 (SUNDAY)**. For other details, please visit:- **ojee.nic.in / www.odishajee.com**.

Syllabus for Examination : For B.TECH as per JEE MAIN 2019, For Lateral Entry to B.TECH, MBA, MCA and LE-MCA, the syllabi are same as given in OJEE 2019 Information Brochure.

**Candidates, who have rank in JEE MAIN 2019 for BTECH or OJEE 2019 for Lateral Entry to BTECH/ MBA/MCA/LE-MCA are not required to appear the 2nd /Special OJEE.**

**Duration and Type of Examination : Time: 10AM to 11AM (1Hour)**
**(60 Multiple Choice Question type)**

**Schedule:**

1. **Online Application with fee : 30.06.2019 to 10.07.2019**
2. **Download of Admit Card Starts : 15.07.2019**
3. **Date of Examination : 21.07.2019**
4. **Result Publication : 25.07.2019**
5. **Download Rank Card and Online Registration Choice Filling : 25.07.2019 to 27.07.2019**
6. **Display of 1st Round Allotment : 30.07.2019**
7. **Document verification at Nodal Centers: 01.08.2019 to 02.08.2019**
8. **Final allotment and reporting to the college: 03.08.2019.**

**(Colleges have to verify the documents of newly allotted candidates and submit to OJEE along with the documents of college level admission candidates, whose date will be notified later.)**
**The allotment for this counselling will be done for the vacant seats left over after 1st phase counselling only.**

**Sd/-**
**Chairman, OJEE 2019**

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା



# ବାବୁଙ୍କ ଉପରେ ଭରସା



ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ପ୍ରଥମ ପାଳିରେ ଯାହା ଦେଖିବାକୁ ମିଳିଥିଲା ତାହା ଏବେ ଦ୍ୱିତୀୟ ପାଳିରେ ବି ଦେଖିବାକୁ ମିଳୁଛି। ତାହା ହେଉଛି ପୋଖତ ରାଜନେତାମାନେ ଯେଉଁ କାମ କରି ନ ପାରିବେ, କେତେକ କ୍ଷେତ୍ରରେ ଅଭିଜ୍ଞ ବାବୁମାନେ ତା'ଠୁ ଭଲ କରିପାରିବେ ବୋଲି ମୋଦିଙ୍କ ଦୃଢ଼ ବିଶ୍ୱାସ। ଆଗରୁ ଅବଶ୍ୟ ବାବୁମାନେ ନେତା ହେବା ଘଟଣା କିଛି ଦୁର୍ଲଭ ନ ଥିଲା, କିନ୍ତୁ ୨୦୧୪ରେ ମୋଦିଙ୍କ ଅଧୀନରେ ଏନ୍‌ଡିଏ କ୍ଷମତାକୁ ଆସିବା ପରେ ଏହା ଏକ ମୁଖ୍ୟ ଧାରାରେ ପରିଣତ ହୋଇଛି। ତାଙ୍କ ପ୍ରଥମ ପାଳିରେ ମୋଦି ବହୁ ଆଶାୟୀ ଦଳୀୟ ସହଯୋଗୀଙ୍କୁ ଉପେକ୍ଷା କରି ଚାରିଜଣ ପୂର୍ବତନ ବାବୁ ଯଥା ଆର୍.କେ. ସିଂ, ହରଦୀପ ପୁରୀ, କେ.ଜେ. ଆଲ୍‌ଫନ୍‌ସ ଓ ସତ୍ୟପାଲ ସିଂଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱ ଅର୍ପଣ କରିଥିଲେ। ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଥିବାରୁ ସେ ସମ୍ଭାବ୍ୟ ଅସନ୍ତୁଷ୍ଟମାନଙ୍କୁ ଉପେକ୍ଷା କରି ଏପରି କରିପାରିଥିଲେ। ବର୍ତ୍ତମାନ ଦ୍ୱିତୀୟ ପାଳିରେ ଭାଜପା ୩୦୩ ଆସନ ଦଖଲ କରିପାରିଥିବାରୁ ପ୍ରଧାନମନ୍ତ୍ରୀ ସେହି ଏକା ଫର୍ମୁଲା ଆହୁରି ତେଜର ସହ ପ୍ରୟୋଗ କରୁଛନ୍ତି।

ମୋଦିଙ୍କ ଅମଲାତନ୍ତ୍ରୀ ପ୍ରୀତି ବିଷୟରେ ଜାଣି ସୁଦ୍ଧା ଯେତେବେଳେ ମନ୍ତ୍ରୀମାନଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରକାଶ ଜାଭଡେକର, ପୀୟୂଷ ଗୋୟଲ ଓ ମୁଖ୍‌ତାର ଅବ୍ବାସ ନକଭିଙ୍କ ପରି ଦଳର ପୁରୁଖା ପ୍ରବୀଣ ନେତାଙ୍କ ପୂର୍ବରୁ ପୂର୍ବତନ ବିଦେଶ ସଚିବ ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେବାକୁ ଡକାଗଲା, ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅବସରପ୍ରାପ୍ତ ଭାରତୀୟ ବିଦେଶ ସେବାର ୧୯୭୭ ବ୍ୟାଚ୍ ଅଫିସର ଜଣକ ଏବେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ। ଚାକିରି କ୍ଷେତ୍ରରେ ଜୟଶଙ୍କରଙ୍କଠାରୁ ବରିଷ୍ଠ ତଥା ଜାତିସଂଘର ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ହରଦୀପ ସିଂ ପୁରୀ ନିର୍ବାଚନରେ ହାରିଯାଇଥିଲେ ମଧ୍ୟ ମୋଦି ତାଙ୍କୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱ ଦେଇଛନ୍ତି- ଆବାସ ଓ ସହର ବ୍ୟାପାର ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ। ସେହିପରି ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଆର୍.କେ. ସିଂଙ୍କୁ ଦୁଇଟି ମନ୍ତ୍ରଣାଳୟର ସ୍ୱାଧୀନ ଦାୟିତ୍ୱ ଦିଆଯାଇଛି- ଶକ୍ତି ମନ୍ତ୍ରଣାଳୟ ଏବଂ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ।

ବର୍ତ୍ତମାନ ସରକାରରେ ପାଞ୍ଚଟି କେନ୍ଦ୍ର ମନ୍ତ୍ରଣାଳୟରେ ମନ୍ତ୍ରିପଦ ଏବଂ ଚାରିଟି ମନ୍ତ୍ରଣାଳୟରେ ରାଷ୍ଟ୍ରମନ୍ତ୍ରୀ ପଦ ପୂର୍ବତନ ବାବୁମାନଙ୍କୁ ମିଳିଛି। ସମୟକ୍ରମେ ବାବୁମାନଙ୍କ ଉପରେ ମୋଦିଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଇବାରେ ଲାଗିଛି। ନିଶ୍ଚିତ ଭାବେ ମୋଦିଙ୍କ ହାତବଛା ବିଶ୍ୱସ୍ତ ବାବୁମାନଙ୍କ ଦ୍ୱାରା ପରିପୂର୍ଣ୍ଣ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ହେଉଛି ଏ ସରକାରରେ ସବୁଠାରୁ କ୍ଷମତାଶାଳୀ କାର୍ଯ୍ୟାଳୟ। ପ୍ରଧାନମନ୍ତ୍ରୀ ତାଙ୍କ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ଏବଂ ଅତିରିକ୍ତ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କୁ ପୁନର୍ନିଯୁକ୍ତି ଦେଇଥିବା ବେଳେ ସେମାନଙ୍କୁ କ୍ୟାବିନେଟ୍ ପାହ୍ୟା ପ୍ରଦାନ କରିଛନ୍ତି। ସେହିପରି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ପୁନର୍ନିଯୁକ୍ତି ଦିଆଯିବା ସହ କ୍ୟାବିନେଟ୍ ପାହ୍ୟା ପ୍ରଦାନ କରାଯାଇଛି।

କିନ୍ତୁ ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ବାବୁରୁ ନେତା ହୋଇଥିବା ଏହି ମନ୍ତ୍ରୀମାନଙ୍କ ଲାଗି ସେମାନଙ୍କ ମନ୍ତ୍ରିମଣ୍ଡଳୀୟ ପରିସରରେ ରହିଥିବା ପ୍ରସଙ୍ଗଗୁଡ଼ିକ ବଡ଼ ଆହ୍ୱାନ ନୁହେଁ, ବରଂ ସେମାନଙ୍କ ପୂର୍ବତନ ସହକର୍ମୀମାନଙ୍କୁ ସାଙ୍ଗରେ ନେଇ କାମ କରିବା ହେଉଛି ବଡ଼ ଆହ୍ୱାନ। ଏକ ଭିନ୍ନମତ ବା ଚିନ୍ତାଧାରା ଅନୁସାରେ ପ୍ରଶାସନିକ ସେବା ପୃଷ୍ଠଭୂମିରୁ ଆସିଥିବା ସମସ୍ତେ ଯେ ଭଲ ମନ୍ତ୍ରୀ ହୋଇପାରିବେ ତା'ର କୌଣସି ନିଶ୍ଚୟତା ନାହିଁ। ସରକାର କେମିତି ଚାଲେ ଏ ବିଷୟରେ ବାବୁମାନଙ୍କର ଭଲ ଜ୍ଞାନ ଅଛି, ଏହାକୁ ଅସ୍ୱୀକାର କରାଯାଇ ନ ପାରିଲେ ବି ଜଣେ ପୋଖତ ନେତା ଲୋକମାନେ କ'ଣ ଚାହାନ୍ତି ତାହା ଅଧିକ ଭଲଭାବେ ବୁଝିପାରେ। ତେବେ ଏ ପ୍ରକାର ବିଶ୍ୱାସ କେଉଁଠୁ ଆସିଛି, ତାହା ବୁଝିବାରେ କିଛି ଅସୁବିଧା ନାହିଁ।

ଗତ ପାଞ୍ଚବର୍ଷରେ ଦେଖାଯାଇଛି ଯେ ମୋଦିଙ୍କ କାର୍ଯ୍ୟ ସଂସ୍କୃତିରେ ଅଛି ପ୍ରତ୍ୟକ୍ଷ ଅଭିଗମନ (ଡାଇରେକ୍ଟ ଆକ୍ସେସ୍), ପ୍ରକ୍ରିୟାଗୁଡ଼ିକର ସରଳୀକରଣ ଏବଂ ତ୍ୱରିତ ନିଷ୍ପତ୍ତି ନେଇ ନିଷ୍ପତ୍ତିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା। ମୋଦି ଜାଣିଛନ୍ତି ଯେ, ତାଙ୍କ ପ୍ରଧାନମନ୍ତ୍ରିତ୍ୱର ଦ୍ୱିତୀୟ ପାଳିକୁ ତାଙ୍କ ସରକାରର ଦକ୍ଷତା ଓ ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ଭିତ୍ତିରେ ମୂଲ୍ୟାୟନ କରାଯିବ। ତେଣୁ ଯେଉଁ ବାବୁମାନଙ୍କ ଉପରେ ସେ ଆସ୍ଥା ସ୍ଥାପନ କରିଛନ୍ତି ସେମାନଙ୍କୁ ଏପରି କାର୍ଯ୍ୟ କରିବାକୁ ହେବ ଯାହାଦ୍ୱାରା ଲୋକେ ଏ ସରକାରକୁ ନିଜର ବଚନ ରକ୍ଷା କରିପାରିଥିବା ଭଲ ସରକାର ବୋଲି କହିବେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | 4 | 5 | E | | B | | 6 | C | | | | 9 |
| | | | | | D | 4 | | 5 | | | | | | A |
| B | | | | | | | 9 | 2 | | 0 | 5 | D | | |
| | | 6 | | | | | C | E | | | | | | 8 |
| A | | | 6 | | | | | 8 | 2 | | | | | |
| 4 | | | | B | | | 7 | | | | | | | 5 |
| 3 | | C | | | 6 | D | 4 | | | A | | B | | |
| 6 | | | 0 | | | | 3 | | E | D | 8 | A | 7 | |
| | | | | | | | | A | | 5 | | | 9 | |
| | B | | | D | 1 | E | 8 | | | 6 | | | | |
| | 1 | | | 7 | | | A | 4 | | | 2 | | | |
| | | | D | E | 5 | | | | | | 4 | 6 | 3 | 0 |
| | | | | | | | | | 3 | B | | 9 | 1 | D |
| 7 | | | | | 3 | 9 | | | | | C | 8 | | |
| | | D | | | | C | | | 9 | 8 | | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

# ନୂଆ ଭାରତ ଓ ନୂଆ ଓଡ଼ିଶା କେତେ ବାସ୍ତବ



ଡ. ସନ୍ତୋଷ କୁମାର ମହାପାତ୍ର

ଯିଏ ସରକାର ଗଢୁ ବା ଶାସନ କରୁ ବିଭିନ୍ନ ପ୍ରକାର ଆର୍ଥିକ, ରାଜନୈତିକ ତଥା ସାମାଜିକ ସମସ୍ୟା ସମାଧାନ କରିବା ସହଜ ନୁହେଁ। ଅବଶ୍ୟ ସରକାର ଏଥିପାଇଁ ପ୍ରଚେଷ୍ଟା କରିବା ଉଚିତ। କିନ୍ତୁ ସମ୍ପ୍ରତି ଭାରତ ସମେତ ବିଭିନ୍ନ ଦେଶରେ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ କର୍ପୋରେଟ ତଥା ପୁଞ୍ଜିପତିଙ୍କ ନିୟନ୍ତ୍ରଣରେ ରହିଛି। ଯେଉଁମାନେ ଶାସନ ଗାଦିରେ ଥାନ୍ତି ସେମାନଙ୍କୁ ପଛପଟୁ ବଡ଼ ବଡ଼ କମ୍ପାନୀ ଏବଂ ପୁଞ୍ଜିପତି ନିୟନ୍ତ୍ରଣ କରିଥାନ୍ତି ଏବଂ ତାଙ୍କୁ ସୁହାଇଲା ପରି ନୀତି ପ୍ରଣୟନ କରିବାକୁ ବାଧ୍ୟ କରିଥାନ୍ତି ଏବଂ ସଫଳ ହୋଇଥାନ୍ତି। ଫଳରେ ବେକାରି, ବୈଷମ୍ୟ, କ୍ଷୁଧା ଆଜି ବି ପ୍ରମୁଖ ସମସ୍ୟା ହୋଇ ରହିଛି। ଏପରି ସମସ୍ୟାର ସମାଧାନ କରିବାରେ ବିଫଳ ହେବା ଯୋଗୁ ଜନପ୍ରିୟତା ହରାଇବାକୁ ପଡ଼ିଥାଏ। ଏଣୁ ଚତୁର ରାଜନେତାମାନେ ବିଭିନ୍ନ ପ୍ରକାର ମନଭୁଲା ସ୍ଲୋଗାନ ଦେବା ସହିତ ଜନତାଙ୍କ ଭାବାବେଗକୁ ଛୁଇଁଲା ଭଳି କଥା କହିଥାନ୍ତି ଏବଂ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଏପରି ମନଭୁଲାଣିଆ ସ୍ଲୋଗାନ ଦେବାରେ ଯଦି କିଏ ସର୍ବାଗ୍ରେ ରହିବେ ସେ ହେଉଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଙ୍କର ପ୍ରଥମ ଶାସନ ଅମଳରେ ସେ ନୂଆ ଭାରତର ଏକ ସ୍ୱପ୍ନ ଦେଖାଇଥିଲେ ଏବଂ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହେବା ପରେ ତାହାକୁ ଦୋହରାଇଛନ୍ତି। ତାଙ୍କ ନୂଆ ଭାରତର ସଂକଳ୍ପ ଅନୁଯାୟୀ ଭାରତରେ ଦାରିଦ୍ର୍ୟ, ଦୁର୍ନୀତି, ଆତଙ୍କବାଦ, ସାମ୍ପ୍ରଦାୟିକତାବାଦ, ଜାତିପ୍ରଥା ଆଦି ରହିବ ନାହିଁ ଏବଂ ଭାରତ ଏକ ଶକ୍ତିଶାଳୀ, ଉନ୍ନତ ରାଷ୍ଟ୍ରରେ ପରିଣତ ହେବ। ସେହିପରି ନବୀନ ପଟ୍ଟନାୟକ ତାଙ୍କର ଜନପ୍ରିୟତା ଯୋଗୁ ୫ ଥର ମୁଖ୍ୟମନ୍ତ୍ରୀ ହେଲା ପରେ ନୂଆ ଓଡ଼ିଶା କଥା ମଧ୍ୟ କହିଛନ୍ତି। କିନ୍ତୁ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯଦି ଅଧିକରୁ ଅଧିକ ଅପରାଧରେ ସମ୍ପୃକ୍ତ ବା ଧନିକ ଶ୍ରେଣୀର ବ୍ୟକ୍ତି ବିଧାନସଭା ବା ସଂସଦକୁ ନିର୍ବାଚିତ ହୋଇ ଯାଆନ୍ତି, ତେବେ କିପରି ନୂଆ ଭାରତ ବା ନୂଆ ଓଡ଼ିଶା ସମ୍ଭବ ହେବ। ସେମାନେ ଗରିବ, ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରିବେ ନା ପୁନର୍ବାର କିପରି କ୍ଷମତାକୁ ଆସିବେ ଏବଂ ସାତପିଢ଼ି ପାଇଁ ସମ୍ପଦ ରଖିବେ ତାହା ପାଇଁ ଚେଷ୍ଟା କରିବେ? ସେମାନେ ପୁଞ୍ଜିପତି, ଶିଳ୍ପପତି ଓ ଧନିକ ଶ୍ରେଣୀଙ୍କ ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟ କରିବେ।

ଉଲ୍ଲେଖଯୋଗ୍ୟ ଯେ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର) ନ୍ୟାଶନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ)(ଓଡ଼ିଶାରେ ଓଡ଼ିଶା ଇଲେକ୍ସନ ୱାଚ୍) ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧର କାହାଣୀ ଓ ସମ୍ପଦର ସମୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ପ୍ରାର୍ଥୀମାନେ ଯାହା ସତ୍ୟପାଠରେ ଘୋଷଣା କରିଥାନ୍ତି ସେହି ତଥ୍ୟ ଦେଇଥାନ୍ତି। ଏହି ତଥ୍ୟ ଅନୁସାରେ ୨୦୦୯ରେ ୩୩% ବିଧାୟକଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ଏହା ୨୦୧୪ରେ ୩୫% ଏବଂ ୨୦୧୯ରେ ୪୬%କୁ ବୃଦ୍ଧି ପାଇଛି। ଯଦି ନରହତ୍ୟା ବା ନରହତ୍ୟା ପାଇଁ ଉଦ୍ୟମ, ଅପହରଣ, ମହିଳାଙ୍କ ବିରୋଧରେ ଅପରାଧ ଆଦି ସାଂଘାତିକ ଅପରାଧ କଥା ବିଚାର କରାଯାଏ ତେବେ ୨୦୧୪ରେ ଏହା ୨୮% ଥିଲାବେଳେ ୨୦୧୯ରେ ୩୪%କୁ ବୃଦ୍ଧି ପାଇଛି। ସେହିପରି ଯଦି ଲୋକ ସଭା କଥା ବିଚାର କରାଯାଏ ୨୦୦୯ରେ ୨୪% ସାଂସଦଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ୨୦୦୯ରେ ୩୦%, ୨୦୧୪ରେ ୩୪% ଏବଂ ୨୦୧୯ରେ ୪୩%କୁ ବୃଦ୍ଧିପାଇଛି। ସାଂଘାତିକ ଅପରାଧ ଦୃଷ୍ଟିରୁ ୨୦୦୯ରେ ୧୪% ସାଂସଦଙ୍କ ନାମରେ ଅଭିଯୋଗ ଥିଲାବେଳେ ଏହା ୨୦୧୪ରେ ୨୧% ଏବଂ ୨୦୧୯ରେ ୨୯%କୁ ବୃଦ୍ଧି ପାଇଛି। ସବୁଠାରୁ ଚିନ୍ତାର ବିଷୟ ହେଉଛି ନରେନ୍ଦ୍ର ମୋଦିଙ୍କ ପ୍ରଥମ ଶାସନ ଅମଳରେ ୩୧% ମନ୍ତ୍ରୀଙ୍କ ନାମରେ ଅପରାଧର ଅଭିଯୋଗ ଥିଲାବେଳେ ବର୍ତ୍ତମାନର ମନ୍ତ୍ରିମଣ୍ଡଳରେ ତାହା ୩୯%କୁ ବୃଦ୍ଧି ପାଇଛି। ଯଦି ସମ୍ପଦ କଥା ବିଚାର କରାଯାଏ ୨୦୦୯ରେ ଓଡ଼ିଶାରେ ମାତ୍ର ୧୫% ବିଧାୟକ କୋଟିପତି ଥିଲାବେଳେ ୨୦୧୪ରେ ଏମାନଙ୍କ ସଂଖ୍ୟା ୫୨% ଓ ୨୦୧୯ରେ ୬୫%କୁ ବୃଦ୍ଧିପାଇଛି। ୨୦୧୯ରେ ପୁନଃନିର୍ବାଚିତ ହୋଇଥିବା ୬୦ ଜଣ ବିଧାୟକଙ୍କ ସମ୍ପଦ ୨୦୧୪ ତୁଳନାରେ ୧୨୨% ବା ହାରାହାରି ମୁଣ୍ଡପିଛା ୨.୬୯ କୋଟି ଟଙ୍କା ବୃଦ୍ଧି ପାଇଛି। ସେହିପରି ଲୋକ ସଭା କ୍ଷେତ୍ରରେ କୋଟିପତି ସାଂସଦଙ୍କ ସଂଖ୍ୟା, ଯାହା ୨୦୦୯ରେ ୫୮% ଥିଲା ତାହା ୨୦୧୪ରେ ୮୩% ଏବଂ ୨୦୧୯ରେ ୮୮%କୁ ବୃଦ୍ଧି ପାଇଛି। ଜଣେ ଯୁକ୍ତିଛଳରେ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ଏହି ବୃଦ୍ଧି କମ୍ ହେବ। କିନ୍ତୁ ସାଧାରଣ ଟିକସଦାତାଙ୍କ ସମ୍ପଦ ବୃଦ୍ଧି ତୁଳନାରେ ବିଧାୟକ ବା ସାଂସଦଙ୍କ ସମ୍ପଦ ଅଧିକ ହାରରେ ବୃଦ୍ଧି ପାଉଛି। ୨୦୧୪ରେ ଲୋକ ସଭା ସଦସ୍ୟଙ୍କ ହାରାହାରି ସମ୍ପତ୍ତି ୧୪.୭ କୋଟି ହୋଇଥିଲା ବେଳେ ୨୦୧୯ରେ ଏହା ୨୦.୯ କୋଟି। ୨୦୧୪ରେ ଜଣେ ଟିକସଦାତାଙ୍କ ସମ୍ପତ୍ତି ତୁଳନାରେ ଲୋକ ସଭା ସଦସ୍ୟଙ୍କ ସମ୍ପତ୍ତି ୨୯୯.୮ ଗୁଣ ଥିଲାବେଳେ ୨୦୧୯ରେ ଏହା ୩୪୫.୮ ଗୁଣରେ ପହଞ୍ଚିଛି। ରାଜ୍ୟ ସଭାକୁ ଗୁଣୀ, ଜ୍ଞାନୀ, ବୁଦ୍ଧିଜୀବୀ ତଥା ସୃଜନାତ୍ମକ ବ୍ୟକ୍ତିଙ୍କୁ ବିଭିନ୍ନ ଦଳ ତରଫରୁ ନିର୍ବାଚିତ କରି ପଠାଇବା କଥା କିନ୍ତୁ ତାହା ଧନିକ ଶ୍ରେଣୀଙ୍କ ପେଣ୍ଠସ୍ଥଳୀ ହୋଇଛି। ରାଜ୍ୟ ସଭାର ସଦସ୍ୟଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୨୦୧୮ ସୁଦ୍ଧା ୫୫ କୋଟିରେ ପହଞ୍ଚିଛି।

ପୁନଶ୍ଚ ଯଦି ନରେନ୍ଦ୍ର ମୋଦିଙ୍କ ଗତ ୫ ବର୍ଷର ଶାସନ ଏବଂ ନବୀନଙ୍କ ବିଗତ ୫ ବର୍ଷର ଶାସନକୁ ସମୀକ୍ଷା କରାଯାଏ ତେବେ ନୂଆ ଭାରତ ଦୁଃସ୍ୱପ୍ନ ପରି ମନେ ହେଲାବେଳେ ନୂଆ ଓଡ଼ିଶା ଅବାସ୍ତବ ମନେ ହେଉଛି। ୨୦୧୧ରେ ଭାରତ ମହିଳାମାନଙ୍କ ପାଇଁ ୪ର୍ଥ ବିପଦପୂର୍ଣ୍ଣ ରାଷ୍ଟ୍ର ଥିବାବେଳେ ୨୦୧୮ସବୁଠାରୁ ପ୍ରଥମ ବିପଦପୂର୍ଣ୍ଣ ରାଷ୍ଟ୍ର। ଓଡ଼ିଶାରେ ମଧ୍ୟ ଆଜି ମହିଳାଙ୍କ ଉପରେ ନିର୍ଯାତନା ବୃଦ୍ଧିପାଇଛି ଓ ମୋଦିଙ୍କ ଗତ ୫ ବର୍ଷରେ ଅର୍ଥନୀତି ସମ୍ପୂର୍ଣ୍ଣ ବିଗିଡ଼ିଯିବା ସହିତ ବିଭିନ୍ନ ସୂଚକାଙ୍କରେ ଅବନତି ଘଟିଛି। କିନ୍ତୁ ନବୀନଙ୍କ ଶାସନ ଅବଧିରେ ଅର୍ଥନୀତି ବା କୌଣସି ପରିସ୍ଥିତି ନିମ୍ନମୁଖୀ ନ ହୋଇଥିଲା ବେଳେ ଆଶାନୁରୂପ ଉନ୍ନତି ଘଟିନାହିଁ। ଅବଶ୍ୟ ଦାରିଦ୍ର୍ୟ ହ୍ରାସ ପାଇବା ସହିତ ଅଭିବୃଦ୍ଧି ଅଧିକ ହୋଇଛି। ଆଗରୁ ସରକାର ଦରମା ଦେବାକୁ ଅକ୍ଷମ ହେଲାବେଳେ ବର୍ତ୍ତମାନ ସ୍ଥିତିରେ ଉନ୍ନତି ଘଟିଛି। ରାଜ୍ୟ ସରକାର ଗୁଡ଼ାଏ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବାରୁ ମାନବ ଉନ୍ନୟନ କ୍ଷେତ୍ରରେ ଉନ୍ନତି ଘଟିଛି। ଭାରତ ୨୦୧୭ରେ ମାନବ ଉନ୍ନୟନ ସୂଚକାଙ୍କରେ ୧୮୯ ଦେଶ ମଧ୍ୟରୁ ୧୩୦ ସ୍ଥାନରେ ରହିଛି। ଅର୍ଥାତ୍ ୧୨୯ଟି ଦେଶ ତଳେ। ଗତ କିଛିବର୍ଷ ସେହି ଅଙ୍କ ପାଖାପାଖି ରହୁଛି। କିନ୍ତୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅନୁସାରେ ଓଡ଼ିଶା ଏକଦା ମାନବ ଉନ୍ନୟନ ଦୃଷ୍ଟିରୁ ବହୁତ ପଛରେ ଥିଲାବେଳେ ୧୯୯୦ରୁ ୨୦୧୭ ମଧ୍ୟରେ ସାମାଜିକ ବ୍ୟୟ ପୌନଃପୌନିକ ବାର୍ଷିକ ଅଭିବୃଦ୍ଧି ୧୫.୧% ହେବା ଯୋଗୁ (ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ୩ୟ ସ୍ଥାନ) ୨୦୧୪ଠାରୁ ଅଭୁତପୂର୍ବ ଉନ୍ନତି ଘଟି ପ୍ରମୁଖ ରାଜ୍ୟ ମଧ୍ୟରେ ରହିଛି। କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ଅବଶ୍ୟ ସବୁ ରାଜ୍ୟର ଅବସ୍ଥା ଏକପ୍ରକାର। ଏଣୁ ଦେଶରେ ବେକାରି ହାର ୨୦୧୮ରେ ୬.୧%ରେ ପହଞ୍ଚିଛି, ଯାହା ଗତ ୪୫ ବର୍ଷରେ ସର୍ବାଧିକ।

ଗତ ୫ ବର୍ଷରେ ଭାରତ ବେଶି ଅଶାନ୍ତ, ଅସୁଖୀ ହେବା ସହିତ କ୍ଷୁଧା ଦୂର କରିବାରେ ବହୁତ ପଛେଇ ଯାଇଛି। ଏଣୁ ନୂଆ ଭାରତ କିପରି ଆଶା କରିବା? ଉଦାହରଣ ସ୍ୱରୂପ ୨୦୧୫ରେ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ୧୦୪ଟି ଦେଶ ମଧ୍ୟରେ ୮୦ତମ ସ୍ଥାନରେ ଥିଲାବେଳେ ୨୦୧୮ରେ ୧୧୯ଟି ଦେଶ ମଧ୍ୟରେ ୧୦୩ତମ ସ୍ଥାନରେ। ସେହିପରି ସଦ୍ୟ ପ୍ରକାଶିତ ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୧୯ ଅନୁସାରେ ଭାରତ ୧୬୩ଟି ଦେଶ ମଧ୍ୟରେ ୧୪୧ ସ୍ଥାନରେ ରହିଛି। ଗତବର୍ଷ ତୁଳନାରେ ଆହୁରି ୪ ସ୍ଥାନ ନିମ୍ନଗାମୀ ହୋଇଛି। ବିଭିନ୍ନ ପ୍ରକାର ହିଂସା ଯୋଗୁ ଆର୍ଥିକ କ୍ଷତି, ଯାହା କ୍ରୟ ଶକ୍ତି ସମତା (ପିପିପି) ଦୃଷ୍ଟିରୁ ୨୦୧୪ରେ ୩୪୧.୭ ବିଲିୟନ ଡଲାର ଥିଲା ତାହା ୨୦୧୭ରେ ୫୦୬.୨ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ସେହିପରି ବିଶ୍ୱ ଖୁସି ସୂଚକାଙ୍କ ୨୦୧୯ ଅନୁସାରେ ଭାରତ ୧୫୬ଟି ଦେଶ ମଧ୍ୟରୁ ୧୪୦ ସ୍ଥାନରେ ରହିଛି। ଗତ ୪ ବର୍ଷରେ ଭାରତ ୨୩ ଅଙ୍କ ତଳକୁ ଖସି ଆସିଛି। ଦେଶରେ ୪ କୋଟି ଲୋକ ଏବେ ବି ଆଧୁନିକ କ୍ରୀତଦାସ ଭାବେ ଜୀବନ ବିତାଉଛନ୍ତି। ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି, କିଛି ପରିବର୍ତ୍ତନ ଆଣିବାକୁ ହେଲେ ଅଭିବୃଦ୍ଧିର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବା ଉଚିତ। ଦେଶ ସମ୍ପଦର ସୁଷମ ବଣ୍ଟନ ସାଙ୍ଗକୁ ବୈଷମ୍ୟ ହ୍ରାସ ଘଟିବା ଉଚିତ। ସେଥିପାଇଁ ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ ହେବା ଉଚିତ ଯାହା ଆମ ଦେଶରେ ହେଉନାହିଁ। ଗତ ୫ ବର୍ଷରେ ଆହୁରି ସ୍ଥିତି ଖରାପ ଆଡକୁ ଗତି କରିଛି। ୨୦୧୩ରେ ୧% ଜନତା ଦେଶର ମୋଟ ସମ୍ପଦର ୪୮.୭%ର ଅଧିକାରୀ ହୋଇଥିଲା ବେଳେ ୨୦୧୮ରେ ୫୧.୫୩% ସମ୍ପଦର ଅଧିକାରୀ। କେବଳ ୯ ଜଣ ଦେଶର ୫୦% ସମ୍ପଦର ଅଧିକାରୀ। ଏପରି ବୈଷମ୍ୟ ହ୍ରାସ କରିବାରେ ମୋଦି ସରକାର ମଧ୍ୟ ଅନ୍ୟ ଦେଶ ତୁଳନାରେ ପଛରେ, ୧୫୭ଟି ଦେଶ ମଧ୍ୟରୁ ୧୪୭ ତମ ସ୍ଥାନରେ। ପୁନଶ୍ଚ ସାମାଜିକ କ୍ଷେତ୍ର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟୟ ଦୃଷ୍ଟିରୁ ଭାରତ ପଛୁଆ। ଏଥିପାଇଁ ଅମର୍ତ୍ତ୍ୟ ସେନ ଭାରତ ପଛୁଆ ବୋଲି କହିଛନ୍ତି।

ଯେତେବେଳେ ଅଗ୍ରଗତି ଘଟୁନି, ସରକାର ତଥ୍ୟ ବିକୃତୀକରଣ କରୁଛନ୍ତି। ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଉଛନ୍ତି। ଏଣୁ ଏପରି ସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି ବୃଦ୍ଧି ସାଙ୍ଗକୁ ଜନତାଙ୍କ ଜୀବନ ଧାରଣର ମାନରେ ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ। କିଛି ସ୍ଲୋଗାନର ଆବଶ୍ୟକ ନାହିଁ।

ମୋ-୯୪୩୭୨୦୮୭୬୨

# ପରିସଂଖ୍ୟାନର ଉଭୟ ଦିଗ



ବିଭୁପ୍ରସାଦ ମହାପାତ୍ର

କିଛି କୃତବିଦ୍ୟ ସାହିତ୍ୟିକ ସେମାନଙ୍କ ପେନ୍ ନେମ୍‌ରେ ପାଠକଙ୍କ ଗହଣରେ ଜଣାଶୁଣା ଅଥଚ ପ୍ରକୃତ ନାମ ବହୁତ କମ୍ ଲୋକ ଜାଣିଥାନ୍ତି। ଆମ ଓଡ଼ିଆ ସାହିତ୍ୟରେ ଫତୁରାନନ୍ଦ ଏକ ପରିଚିତ ନାମ, କିନ୍ତୁ ରାମଚନ୍ଦ୍ର ମିଶ୍ର କହିଲେ ବହୁତ କମ୍ ପାଠକ ଜାଣନ୍ତି। ସେହିପରି ମାର୍କ ଟ୍ୱେନ୍ (୧୮୩୫-୧୯୧୦) ବିଶ୍ୱ ସାହିତ୍ୟରେ ପରିଚିତ ନାମ, ଯାହାଙ୍କର ପ୍ରକୃତ ନାମ ହେଉଛି- ସାମୁଏଲ ଲାଙ୍ଗହର୍ନ କ୍ଲେମେନ୍‌ସ। ଏହି ଆମେରିକୀୟ ଔପନ୍ୟାସିକ ଓ ସାମ୍ବାଦିକ, ସର୍ବୋପରି ଜୀବନରେ ମୁଦ୍ରାକରଠାରୁ ଆରମ୍ଭ କରି ପାଇଲଟ୍ ପର୍ଯ୍ୟନ୍ତ ବିଭିନ୍ନ ଚାକିରି କରିଥିବା ଟ୍ୱେନ୍ ନିଜ ଶୈଶବ ଜୀବନର ଅନୁଭୂତି ଉପରେ ଆଧାରିତ ତଥା ତାଙ୍କର ସଫଳତମ କୃତି 'The Adventures of Huckleberry Finn'ର ଲେଖକ ରୂପେ ପୃଥିବୀର ଅଧିକାଂଶ ପାଠକଙ୍କ ନିକଟରେ ସୁପରିଚିତ। ଅନ୍ୟତମ ଆଧୁନିକ ମାର୍କିନ କ୍ଷୁଦ୍ର ଗାଳ୍ପିକ ତଥା ଔପନ୍ୟାସିକ ଅର୍ନେଷ୍ଟ ହେମିଙ୍ଗ୍‌ୱେ (୧୮୯୮-୧୯୬୧) କହନ୍ତି ଯେ, ସମସ୍ତ ଆଧୁନିକ ମାର୍କିନ ସାହିତ୍ୟ ଶିଶୁସାହିତ୍ୟ ଜଗତର ଏକ ଅଭିନବ ସୃଷ୍ଟି (The Adventures of Huckleberry Finn)ରୁ ସମ୍ଭୂତ। ହେମିଙ୍ଗ୍‌ୱେ ତାଙ୍କ ସମଧର୍ମା ଟ୍ୱେନ୍‌ଙ୍କ ପ୍ରଶଂସା ଗାନରେ ଶତମୁଖ ହେଲେ ହେଁ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଟ୍ୱେନ୍ ସ୍ୱପରିସଂସ୍ଥା (ସାହିତ୍ୟ ଜଗତ) ଛାଡ଼ି ପର ପରିସଂସ୍ଥା (ପରିସଂଖ୍ୟାନ ଜଗତ)ରେ ଅବାଧ ପ୍ରବେଶ କରି କୁତ୍ସାରଟନା କରି ଚାଲିଯାଇଛନ୍ତି। ତାଙ୍କ ମତରେ "There are 3 types of lies-lies, damned lies and statistics." ଏହି ଉଦ୍ଧୃତିଟିର ଶ୍ରେୟ କେହି କେହି ଯୁକ୍ତ ରାଜ୍ୟର ଦୁଇ ଦୁଇଥର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ଡିସରାଏଲଙ୍କୁ ଦେଇଥାନ୍ତି। ପରିସଂଖ୍ୟାନ ମିଛୁଆମାନଙ୍କର ପାଠ ବୋଲି ପ୍ରଚାର ହୋଇଗଲା।

ପରିସଂଖ୍ୟାନର ସଂଜ୍ଞା ଦେବାକୁ ଯାଇ ବ୍ୟଙ୍ଗଶୈଳୀରେ କହିଥାନ୍ତି- "Statistics is a bikini clad young lady, who exposes everything except the vital parts" ଆରନ ଲେଭନଷ୍ଟେନଙ୍କ

## ଜାତୀୟ ପରିସଂଖ୍ୟାନ ଦିବସ ଉପଲକ୍ଷେ

ପରି ଲେଖକ (୧୯୧୩-୧୯୮୬)ଙ୍କ ମତରେ 'Statistics are like bikinis. what they reveal is suggestive, but what they conceal is vital.'

ପରିସଂଖ୍ୟାନ ପରି ପ୍ରୟୋଗାତ୍ମକ ବିଦ୍ୟାକୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। କିନ୍ତୁ ଦୈନନ୍ଦିନ ଜୀବନରେ ପରିସଂଖ୍ୟାନର ଉପଯୋଗିତାକୁ ବୁଝାଇବାକୁ ଯାଇ 'ଲେଡି ୱିଥ୍ ଏ ଲ୍ୟାମ୍ପ' ଭାବେ ପରିଚିତ କରୁଣାମୟୀ ଫ୍ଲୋରେନ୍ସ ନାଇଟେଙ୍ଗଲ (୧୮୨୦-୧୯୧୦) କହିଥିଲେ, ଭଗବାନଙ୍କ ସ୍ୱରୂପ ବୁଝିବା ହେଉଛି ଧର୍ମତତ୍ତ୍ୱର ମୂଳ ଲକ୍ଷ୍ୟ। ପରିସଂଖ୍ୟାନ ସାହାଯ୍ୟରେ ପ୍ରକୃତି ଓ ଭଗବାନଙ୍କ ଲୀଳା ବୁଝିବା ସହଜ ହୋଇଥାଏ। ପରିସଂଖ୍ୟାନ ଚର୍ଚ୍ଚା ଏକପ୍ରକାର ଧର୍ମଚର୍ଚ୍ଚା।

ରୋନାଲ୍ଡ ଫିଶର, ମହାଲନବିଶ, ପିଅର୍‌ସନ, ଜେଟ୍ରୁଡ୍ କକ୍ସ, ଫ୍ରାଙ୍କ ୟେଟ୍‌ସ, କିରଷ୍ଟାଇନ ସ୍ମିଥ୍, ଜନ୍ ଟକ୍, ଜର୍ଜ ଟକ୍, ଜର୍ଜ ବକ୍ସ, ଜେରମ୍ ଫ୍ରାଏଡ୍‌ମ୍ୟାନ, ଡାଭିଡ କକ୍ସ, ଏଫ୍.ଏନ୍. ଡାଭିଡ, ରାଜ ଚନ୍ଦ୍ର ବୋଷ ଏବଂ କାଲିମ୍ପୁଡି ଆର୍ ରାଓ ପ୍ରମୁଖ ପରିସଂଖ୍ୟାନବିତ୍‌ମାନଙ୍କ ପ୍ରୟାସ ଫଳରେ ଜନସାଧାରଣଙ୍କର ପରିସଂଖ୍ୟାନ ପ୍ରତି ଆଭିମୁଖ୍ୟ ବଦଳି ସାରିଲାଣି। ପ୍ରତିଦିନ ଖବରକାଗଜର ପୃଷ୍ଠା ଓଲଟାଇବା ମାତ୍ରେ ପରିସଂଖ୍ୟାନଭିତ୍ତିକ ବିଭିନ୍ନ ତଥ୍ୟ ଆମ୍ଭମାନଙ୍କ ଦୃଷ୍ଟିଗୋଚର ହୋଇଥାଏ। ଅର୍ଥନୀତି ହେଉ ଅବା ବାଣିଜ୍ୟ, ଅବା କୃଷି, ଶିଳ୍ପ, ଶିକ୍ଷା ଓ ସ୍ୱାସ୍ଥ୍ୟ- ସବୁ କ୍ଷେତ୍ରରେ ପରିସଂଖ୍ୟାନର ସଫଳ ପ୍ରୟୋଗ ଏକାନ୍ତ ଅପରିହାର୍ଯ୍ୟ । ପରିସଂଖ୍ୟାନର ଉପଯୋଗିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଆନ୍ତର୍ଜାତିକ ସ୍ତରରେ ୨୦୧୩ ମସିହାକୁ ପରିସଂଖ୍ୟାନ ବର୍ଷ ଭାବେ ପାଳନ କରାଯାଇଥିଲା। ୨୦୦୬ରୁ ଭାରତ ସରକାର ଭାରତୀୟ ପରିସଂଖ୍ୟାନର ଜନକ ପ୍ରଶାନ୍ତ ଚନ୍ଦ୍ର ମହାଲନବିଶଙ୍କ ଜନ୍ମଦିନ ୨୯ ଜୁନ୍‌କୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ଜାତୀୟସ୍ତରରେ ପାଳନ କରିଆସୁଛନ୍ତି।

ତେବେ କେବଳ ସୂଚନା ଏବଂ ପରୀକ୍ଷା ନିର୍ଗତ ଫଳାଫଳକୁ ବିବେକଶୂନ୍ୟ ଭାବେ ବ୍ୟବହାର କଲେ ବିଜ୍ଞାନ ତଥା ସମାଜର ପ୍ରଗତି ହୋଇପାରେନା। ଆଜିକାଲି ପରିସଂଖ୍ୟାନକୁ ଯେଉଁଭଳି ଭାବେ ସରକାରୀ ହେଉ ବା ଅନ୍ୟ ପ୍ରରୋଚନାରେ ଲୋକମାନଙ୍କ ଆଗରେ ଉପସ୍ଥାପନ କରାଯାଉଛି, ତାହା ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ। ତେଣୁ ପରିସଂଖ୍ୟାନର ସୁଚିନ୍ତିତ ପ୍ରୟୋଗରେ ହିଁ ସମାଜର କଲ୍ୟାଣ ସମ୍ଭବ।

ଭୋଗଡ଼ା, ଖୋର୍ଦ୍ଧା,
ମୋ-୮୨୭୦୦୮୩୬୫୩

## ଏଇ ଭାରତରେ

ନାଶିକର ଜଣେ ୮ବର୍ଷର ବାଳକ ସାଇକେଲ ଯୋଗେ ୩୬୦ କିଲୋମିଟର ଯାତ୍ରା କରିବାକୁ ଉଦ୍ୟମ କରିବା ନିଆରା ନିଶ୍ଚୟ। ଏହି ବାଳକ ନାଶିକଠାରୁ ପଣ୍ଢରପୁର 'ସାଇକେଲ ୱାରି' ଯାତ୍ରା କରିଥିଲେ। ପ୍ରେମ ସଚିନ ନିଫାଡେ ନାମକ ଏହି ବାଳକଙ୍କ ମାତାପିତା ମଧ୍ୟ ଏହି ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହା ନାଶିକ ସାଇକ୍ଲିଷ୍ଟ ଫାଉଣ୍ଡେଶନ୍ ଦ୍ୱାରା ଆୟୋଜିତ ହୋଇଥିଲା। ନାଶିକଠାରୁ ପଣ୍ଢରପୁରକୁ ତୀର୍ଥଯାତ୍ରା ପାଇଁ ପାଦରେ ଚାଲିଚାଲି ଯିବାକୁ ହୋଇଥାଏ। ଏହା ଏକ ପବିତ୍ର ସ୍ଥାନ। ଏଠାରେ ଭଗବାନ ବିଠୋବାଙ୍କ ପୀଠ ରହିଛି। କିନ୍ତୁ ବିଗତ ୮ବର୍ଷ ହେଲା ନାଶିକ ସାଇକ୍ଲିଷ୍ଟ ଫାଉଣ୍ଡେଶନ୍ (ଏନ୍‌ସିଏଫ୍) ଦ୍ୱାରା ସେଠାକୁ ସାଇକେଲ ଯାତ୍ରା ଆରମ୍ଭ ହୋଇଛି। ଅନ୍ୟମାନଙ୍କ ସହ ଏହି ୮ବର୍ଷର ବାଳକ ଖୁସିରେ ସାଇକେଲ ଯାତ୍ରା କରୁଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆଉ କିଛି ବାଟ ବାକି ଥିବାବେଳେ ନାଶିକ-ପୁଣେ ହାଇୱେ ଉପରେ ଏକ ଟ୍ରକ୍ ଧକ୍କାରେ ବାଳକଙ୍କ ଜୀବନଦୀପ ଲିଭିଯାଇଛି। ଦୁର୍ଘଟଣା ପରେ ଅଧିକାଂଶ ତୀର୍ଥଯାତ୍ରୀ ଘରକୁ ଫେରିଯାଇଛନ୍ତି।

## ଚିରନ୍ତନୀ

ଭୋଗ ରାଗ କେତେ କଣ ଯାଚିଲା ତ ଦିଅଁ ଠାଇଁ
ଡାକି ଡାକି ଥକିଲା ତ ନ ଶୁଣିଲେ କିଏ କାହିଁ।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୯୪

- ଜନତା ଦଳ ବିଭାଜିତ ଗୋଷ୍ଠୀର ସଭାପତି ରୂପେ ଜର୍ଜ ଫର୍ନାଣ୍ଡିଜ୍ ନିର୍ବାଚିତ।
- ମୁଜାଫରପୁର ନିକଟବର୍ତ୍ତୀ ବାଗ୍ମତୀ ନଦୀରେ ନୌକା ବୁଡ଼ି ୩୦ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଥିଲେ ନଷ୍ଟ ନ ଥିଲେ କଷ୍ଟ

ମହାଶୟ,

ଧରିତ୍ରୀ(୪।୬)ର ସମ୍ପାଦକୀୟ 'ଥିଲେ ନଷ୍ଟ, ନ ଥିଲେ କଷ୍ଟ' ଏକ ସର୍ବକାଳୀନ ବାସ୍ତବ ସତ୍ୟ। ଭାରତରେ ନଦୀର ସଂଯୋଗୀକରଣ ବିଷୟରେ ଯାହା ପୂର୍ବରୁ ଚିନ୍ତା କରାଯାଉଥିଲା, ସେ ସମ୍ପର୍କରେ ଦଳମତ ନିର୍ବିଶେଷରେ ପଦକ୍ଷେପ ନିଆଯିବା ଜରୁରୀ। ମୁଁ ଭାବୁଛି ଅର୍ଥର ଅଭାବ ରହିବ ନାହିଁ। ନଦୀ ସଂଯୋଗୀକରଣ ଏକ ବିକଳ୍ପ ପନ୍ଥା। କେବଳ ତାମିଲନାଡୁ ନୁହେଁ, ବିହାର ଓ ଝାଡ଼ଖଣ୍ଡରେ ବି ସେହି ଏକା ଅବସ୍ଥା- ପାଣି ମୁନ୍ଦେ ପାଇଁ ତହଲବିକଳ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ୧୨ ଆୟକର ଅଧିକାରୀ ବିଦା

ଧରିତ୍ରୀ(୧୨।୬)ରେ ୧୨ ବରିଷ୍ଠ ଆୟକର ଅଧିକାରୀଙ୍କୁ ଦୁର୍ନୀତି, ଆୟବହିର୍ଭୂତ ସମ୍ପତ୍ତି ଠୁଳ, ଅପାରଗତା ଓ ଯୌନ ନିର୍ଯାତନା ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯିବା ଖବର ପ୍ରଣିଧାନଯୋଗ୍ୟ। ଆମ ରାଜ୍ୟରେ କେଉଁ ଆବହମାନ ଯୁଗରୁ ପ୍ରଶାସନରେ ପିସି କାରବାର ଚାଲିଆସୁଛି। ସାଧାରଣରେ ଧାରଣା ଯେ ପିସି ନ ଦେଲେ କୌଣସି କାର୍ଯ୍ୟ ହେବନାହିଁ। ଯେଉଁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦୁଇ ଦୁଇଥର ଭିଜିଲାନ୍ସ ଦ୍ୱାରା ଗିରଫ ହେଲେଣି ଓ ଜେଲ ଗଲେଣି, ପୁଣି ଦେଖିଲାବେଳକୁ ସେହି ଚୌକିରେ ଆସୀନ। ସେହିପରି ଆୟକର ବିଭାଗରେ କେତେଜଣ ଅଧିକାରୀ ବିନା ଉପୁରିରେ ଚାକିରି କରୁଛନ୍ତି! ତାହାର ସଂଖ୍ୟା ନଗଣ୍ୟ ହୋଇପାରେ। ଚାକିରିରୁ ତଡା ଖାଇବା ଯଥେଷ୍ଟ ନୁହେଁ, ଏହି ଆୟକର ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୃଥକ୍ ୩ ମାମଲାରେ ୬ ଗିରଫ

**ବ୍ରହ୍ମପୁର ଅଫିସ/ କୁକୁଡାଖଣ୍ଡି,୨୮।୬:** ପୃଥକ ୩ ମାମଲାରେ ସଦର ଥାନା ପୋଲିସ ୬ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଦକ୍ଷିଣପୁର ଗ୍ରାମର ବବି ଜାନୀଙ୍କ ଘରେ ପଶି ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ରୁଦ୍ର ସ୍ୱାଇଁ, ତାଙ୍କ ମା' ଲକ୍ଷ୍ମୀ ସ୍ୱାଇଁ ଓ ଭଉଣୀ ଦିବାନୀ ସ୍ୱାଇଁଙ୍କୁ ମାମଲା ନଂ. ୧୬୦/୧୯ରେ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଦିବାନୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ନମ୍ବର ୧୬୧/୧୯ରେ ବବି ଜାନୀ ଓ ତାଙ୍କ ସ୍ୱାମୀ ସନିଆ ଜାନୀଙ୍କୁ ଗିରଫ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଉଭୟ ପରିବାର ମଧରେ ଗଣ୍ଡଗୋଳ ଲାଗି ରହିଛି। ତାକୁ କେନ୍ଦ୍ରକରି ଗତ ୨୬ ତାରିଖରେ ଉଭୟ ପରିବାରଙ୍କ ମଧରେ ଝଗଡା ହୋଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ ଯୋଗିଆପଲ୍ଲୀ ଗ୍ରାମର ସନିଆ ଦାସ ଓ ତାଙ୍କ ପଡୋଶୀ ସନ୍ତୋଷ ଦାସଙ୍କ ମଧରେ ଘର କାନ୍ଥ ନିର୍ମାଣକୁ ନେଇ ଝଗଡା ଲାଗି ରହିଥିଲା। ଗୁରୁବାର କାନ୍ଥ ନିର୍ମାଣକୁ କେନ୍ଦ୍ରକରି ସନିଆଙ୍କୁ ସନ୍ତୋଷ ଆକ୍ରମଣ କରିଥିଲେ। ଏନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ଅନୁସନ୍ଧାନ କରି ସନ୍ତୋଷଙ୍କୁ ଗିରଫ କରିଥିଲା।

### ସିଲ୍କ ସିଟି କପ୍: ରବିବାର ଫାଇନାଲ୍

**ବ୍ରହ୍ମପୁର ଅଫିସ୍,୨୮।୬:** ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ସିଲ୍କ ସିଟି କପ୍‌ର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ରୟାଲ୍ ଷ୍ଟ୍ରାଇକର୍ସ ଏବଂ ରାଇଜିଂ ଷ୍ଟାର୍ ମଧ୍ୟରେ ଶୁକ୍ରବାର ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟାର୍ ଦଳ ୧୦ଓଭରରେ ୭ ଉଇକେଟ୍ ହରାଇ ୧୧୦ରନ୍ କରିଥିଲେ। ଏହାର ଜବାବରେ ରୟାଲ୍ ଷ୍ଟ୍ରାଇକର୍ସ ମାତ୍ର ୭୨ରନ କରି ସମସ୍ତ ଉଇକେଟ୍ ହରାଇ ପରାସ୍ତ ହୋଇଥିଲା । ୩୦ରନ୍ କରିଥିବା ବିଜୟୀ ଦଳର ଦେବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା । ଆମ୍ପାୟର୍ ଭାବେ ଦୁର୍ଗା ପ୍ରସାଦ ଏବଂ ଜଗଦୀଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ । ରବିବାର ଟୁର୍ନାମେଣ୍ଟର ଫାଇନାଲ୍ ବ୍ରହ୍ମପୁରର ରାଇଜିଂ ଷ୍ଟାର୍ ଏବଂ ଗୋପାଳପୁରର ବଡ଼ପୁଟି ମଧ୍ୟରେ ଖେଳାଯିବ । ଚାମ୍ପିୟନ୍ ଦଳକୁ ଟ୍ରଫି ସହ ୩୦ହଜାର ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କାର ପ୍ରଦାନ କରାଯିବ । ଅତିଥି ଭାବେ ବିଧାୟକ ବିକ୍ରମ ପଣ୍ଡା, ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ଭଗବାନ ଗନ୍ତାୟତ, ମୁରଲୀ ମୋହନ୍ ଏବଂ ଅନିଲ ନାୟକ ଯୋଗଦେବାକୁ ସ୍ୱିକୃତୀ ପ୍ରଦାନ କରିଥିବା ଆୟୋଜକଙ୍କ ତରଫରୁ କୁହାଯାଇଛି। ଟୁର୍ନାମେଣ୍ଟକୁ ଦେବାଶିଷ ପଟ୍ଟନାୟକ, ଜଗଦୀଶ ପ୍ରଧାନ, ରାକେଶ ପାତ୍ର, ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ମିଟୁ ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ କେସି ହାଇସ୍କୁଲ ପରିସରରୁ ଇଂଲିଶ ମାଧ୍ୟମ ସ୍କୁଲ ଉଚ୍ଛେଦ ଦାବି

# ଆରଡିସିଙ୍କ କାର୍ଯ୍ୟାଳୟରେ ସଂସ୍କାରବାଦୀଙ୍କ ଧାରଣା

**ବ୍ରହ୍ମପୁର ଅଫିସ,୨୮।୬**


କେସି ହାଇସ୍କୁଲ ପରିସରରେ ଚାଲିଥିବା ବେସରକାରୀ ଇଂଲିଶ ମାଧ୍ୟମ ସ୍କୁଲ ଉଚ୍ଛେଦ ଦାବି ଏବେ ଜୋର ଧରିଛି । ସାମାଜିକ ଅନୁଷ୍ଠାନ ସଂସ୍କାରବାଦୀ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପରେ ଶୁକ୍ରବାର ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ସରକାରୀ ଅନୁଦାନ ପ୍ରାପ୍ତ ତଥା ଗୋଷାଣୀନୂଆଗାଁର ସର୍ବପୁରାତନ କେସି ହାଇସ୍କୁଲରେ ଦୀର୍ଘ ମାସ ଧରି ବେଆଇନ ଭାବେ ଘରୋଇ ଇଂଲିଶ ମିଡିୟମ ସ୍କୁଲ ପରିଚାଳିତ ହେଉଛି । ଏହାକୁ ଉଚ୍ଛେଦ କରିବାକୁ ବହୁବାର ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉ ନ ଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା । କେସି ହାଇସ୍କୁଲ ପରିସରରେ ପରିଚାଳିତ ବେସରକାରୀ ଇଂଲିଶ ମାଧ୍ୟମ ସ୍କୁଲ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାକୁ



ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ସଂସ୍କାରବାଦୀମାନେ ଧାରଣା ଦେଇଛନ୍ତି ।

**ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆରଡିସିଙ୍କୁ ଦାବିପତ୍ର**

ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଦିଗରେ ପଦକ୍ଷେପ ନେବା, ପ୍ରଧାନ ଶିକ୍ଷକ ଭାବେ ବରିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଏବଂ କେସି ଟାଉନ, କେସି ବାଳିକା, କେସି ହାଇସ୍କୁଲରେ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା । ଏନେଇ ଆରଡିସିଙ୍କ ଜରିଆରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ସଭାପତି ତ୍ରିନାଥ ମହାରଣା, ଉପସଭାପତି ବଂଶୀଧର ଭୂୟାଁଙ୍କ ସମେତ ପ୍ରତାପ ଚନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର ଖାଡଙ୍ଗା, ବିଜୟ ଚନ୍ଦ୍ର ବିଷୋୟୀ, ଗୌରୀ ଶଙ୍କର ମହାନ୍ତି, ଏସ୍. ଶାମ୍ଭଶିବ ରାଓ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ ।


କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ବ୍ରହ୍ମପୁର ସହରର ଆକାଶ ମେଘାଚ୍ଛନ ।

## କୁଇନ୍ ମିଶନରେ ଅଭିଭାବକ ଶିକ୍ଷକ ସମ୍ମିଳନୀ

**ବ୍ରହ୍ମପୁର ଅଫିସ, ୨୮।୬**

ସରକାରୀ କୁଇନ ମିଶନ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଅଭିଭାବକ ଶିକ୍ଷକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ, ଶିକ୍ଷଣ ଅଭିବୃଦ୍ଧି, ନିୟମିତ ଉପସ୍ଥାନ ପ୍ରଭୃତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରେଣୀ ଉପଯୋଗୀ ଶିକ୍ଷକ ଦକ୍ଷତା, ବିଦ୍ୟାର୍ଥୀଙ୍କ ଶିକ୍ଷାର ଆବଶ୍ୟକତା, ବିଦ୍ୟାଳୟ ପରିବେଶର ସୌନ୍ଦର୍ଯ୍ୟକରଣ, ମଧାହ୍ନ ଭୋଜନର ସୁପରିଚାଳନା ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପରିଚାଳନା କମିଟି ଓ ଅଭିଭାବକଙ୍କ ସହଯୋଗ କାମନା କରାଯାଇଥିଲା । ଏଥିରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଷଷ୍ଠରୁ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ ।

## କାୟା ମେଲାଇଲାଣି ଡେଙ୍ଗୁ: ୩ଜଣ ଚିହ୍ନଟ

**ବ୍ରହ୍ମପୁର ଅଫିସ୍,୨୮।୬**

ଗଞ୍ଜାମ ଜିଲାରେ ଧୀରେ ଧୀରେ ଡେଙ୍ଗୁ କାୟା ମେଲାଇବାରେ ଲାଗିଛି। ଅଳ୍ପ ଦିନ ବ୍ୟବଧାନରେ ୩ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଚିକିତ୍ସିତ ହୋଇଥିବା ବେଳେ ଆଉ ଜଣେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପାତ୍ରପୁର ବ୍ଲକର ଜଣେ ୨୫ବର୍ଷୀୟ ଏବଂ ଜଣେ ୨୭ବର୍ଷୀୟ ଯୁବକ ଅସୁସ୍ଥତା ଯୋଗୁ ରକ୍ତ ପରୀକ୍ଷା କରିଥିଲେ। ଗତ ୧୩ତାରିଖରେ ସେମାନଙ୍କ ରକ୍ତ ପରୀକ୍ଷା ହୋଇଥିଲା, ଉଭୟଙ୍କ ରକ୍ତ ନମୁନାରେ ଡେଙ୍ଗୁ ଭୂତାଣୁ ଥିବା ରିପୋର୍ଟ ମିଳିଥିଲା । ସେମାନେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ । ଉଭୟ ସୁସ୍ଥ ହେବା ପରେ ଘରକୁ ଫେରିଛନ୍ତି । ତେବେ ଉଭୟ ହାଇଦ୍ରାବାଦ୍‌ରେ କାମ କରୁଥିବା ବେଳେ ଗତ କିଛି ଦିନ ପୂର୍ବେ ନିଜ ଘରକୁ ଫେରିଥିଲେ । ଏଣୁ ହାଇଦ୍ରାବାଦ୍‌ରେ ନା ଘରେ, ସେମାନେ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି ତାହା ସ୍ପଷ୍ଟ ହୋଇନି । ଅନ୍ୟପଟେ ବ୍ରହ୍ମପୁରର ଜଣେ ୨୭ବର୍ଷୀୟ ଯୁବକ ଡେଙ୍ଗୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି । ଗତ ୨୧ତାରିଖରେ ରକ୍ତ ପରୀକ୍ଷା ବେଳେ ଡେଙ୍ଗୁ ଚିହ୍ନଟ ହୋଇଥିଲା । ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ପରିବାର ବର୍ଗ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍‌ପିଟାଲ୍‌କୁ ଚିକିତ୍ସା ପାଇଁ ନେଇଛନ୍ତି । ସେ ବର୍ତ୍ତମାନ ସୁଦ୍ଧା ଚିକିତ୍ସାଧୀନ ରହିଛନ୍ତି । ଜୁନ୍ ପହିଲାରୁ ୨୭ତାରିଖ ସୁଦ୍ଧା ଜିଲାରେ ୩୭ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି । ସେଥିରୁ ଏହି ୩ ଜଣଙ୍କ ନମୁନାରେ ଡେଙ୍ଗୁ ଭୂତାଣୁ ମିଳିଛି ।

## ଚୋରି: ୨ ଗିରଫ

**ବ୍ରହ୍ମପୁର ଅଫିସ,୨୮।୬**

ଏକ ଶୋ' ରୁମରୁ ସ୍ପେୟାର ପାର୍ଟସ ଚୋରି ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସ୍କା ରୋଡ ଅଞ୍ଚଳର ଟୁନା ଦାସ ଓ ଚୋରି ସାମଗ୍ରୀ କିଣିଥିବା ପୁରୁଣା ବ୍ରହ୍ମପୁରର କବିରାଜ ନାୟକ। ନଂ.୬୪/୧୯ରେ ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୨୦ ତାରିଖରେ ନୀଳକଣ୍ଠ ନଗର ସ୍କୁଲ ନିକଟରେ ଥିବା ଏକ ଗାଡି ଶୋ' ରୁମରୁ ୫୦ ହଜାର ଟଙ୍କାର ପାର୍ଟସ ଚୋରି ହୋଇଥିଲା। ମାଲିକ ରବୀନ୍ଦ୍ର ପାଢୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସି ଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଜେରା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ତାଙ୍କ ବୟାନକୁ ଆଧାର କରି ଚୋରି ସାମଗ୍ରୀ କିଣିଥିବା ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା । ଟୁନା ବ୍ୟବହାର କରିଥିବା ଏକ ସାଇକେଲକୁ ପୋଲିସ ଜବତ କରିଛି।

## ରୋଟାରି କ୍ଲବର ସାମାଜିକ କାର୍ଯ୍ୟ



ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୨୮।୬**

ବ୍ରହ୍ମପୁର ରୋଟାରି କ୍ଲବ ପକ୍ଷରୁ ଶୁକ୍ରବାର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସକାଳେ ରାଳବ ସ୍ଥିତ ସଂକଳ୍ପ ସିନିୟର୍ ସେକେଣ୍ଡାରୀ ସ୍କୁଲରେ ଚାର୍ଟର୍ ପ୍ରେଜେଣ୍ଟେଶନ୍ କାର୍ଯ୍ୟକ୍ରମ ରହିଥିଲା। ପରେ ଚାରା ରୋପଣ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ନର ଶିବବ୍ରତ ଦାସ ଯୋଗ ଦେଇଥିଲେ। ଅପରାହ୍ନରେ ଗୋସାଇଁନୂଆଗାଁ ଥାନା ପରିସରରେ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଏବଂ ଆଇସି ସୁମିତ ସୋରେନ୍ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ପ୍ରେମ୍‌ନଗର ସ୍ଥିତ କ୍ଲବ ପରିସରରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ଲବ ସକ୍ରିୟ ସଦସ୍ୟମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ଜିଓଏଚ୍ ସୌମ୍ୟରଞ୍ଜନ ମିଶ୍ର, ମୃଣାଳ ନାୟକ, ଶ୍ରୀନିବାସ ପୃଷ୍ଟି, ସତ୍ୟକାମ ପାତ୍ର, ଲଳିତ ମୋହନ ମଙ୍ଗରାଜ, ମମତା ଚୌଧୁରୀ ଓ ରୁବି ଖେମାନୀଙ୍କ ସମେତ କ୍ଲବର ବହୁ ସଦସ୍ୟ ଯୋଗ ଦେଇଥିଲେ ।

## ପ୍ରତିଷ୍ଠା ମହୋତ୍ସବ ପାଇଁ ମହିଳାଙ୍କ ଜଳଯାତ୍ରା


ଆଙ୍କୁଲିରେ ମହିଳାମାନଙ୍କ ଜଳଯାତ୍ରା ।

**ବ୍ରହ୍ମପୁର ଅଫିସ,୨୮।୬**

ସ୍ଥାନୀୟ ଶିଳ୍ପାଞ୍ଚଳ ଆଙ୍କୁଲିରେ ଶୁକ୍ରବାର ମହିଳାଙ୍କ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା । ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ପାଇଁ ଏହା କରାଯାଇଥିଲା । ବୋଇତାଲୁ ବନ୍ଧ (ପୋଖରୀ)ରୁ ଜଳ ଧରି ମହିଳାମାନେ ଶୋଭାଯାତ୍ରାରେ ଆସି ମନ୍ଦିର ପାଖରେ ପହଞ୍ଚିବା ପରେ ବିଧି ଅନୁସାରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀ ଶର୍ମା ଓ ଅନ୍ୟମାନେ ବନଯଜ୍ଞ ଏବଂ କର୍ମାରମ୍ଭ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଜଗନ୍ନାଥ କଥାଯଜ୍ଞରେ ବହୁ ସଂଖ୍ୟକ ଜଗନ୍ନାଥପ୍ରେମୀ ଯୋଗ ଦେଇଥିଲେ । ଜଗନ୍ନାଥ ଦର୍ଶନ ଓ ତତ୍ତ୍ୱକୁ ନେଇ ପୁରୀ ନିଳାଚଳ ଧାମରୁ ଆସିଥିବା ସାଧକମାନେ ଆଧାତ୍ମିକ ପ୍ରବଚନ ଦେଇଥିଲେ। ପ୍ରତିଷ୍ଠା ମହୋତ୍ସବ, ଯଜ୍ଞ ଓ ପ୍ରବଚନ ଶୁଣିବା ପାଇଁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ସାମାଜିକ କର୍ମୀ ଭାଗୀରଥି ମହାରଣା, ସନ୍ତୋଷ ପ୍ରଧାନ, ସୁଦାମ ଦାସ, ପ୍ରକାଶ ଘଟୁଆଳ, ଅନୁପ ଚୌଧୁରୀ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ କାଉନସିଲର ବାବୁଲା ନାୟକଙ୍କ ସମେତ ପ୍ରକାଶ ନାୟକ, ଚନ୍ଦ୍ରଶେଖର ଶତପଥୀ, ତୁଷାର ବେହେରା, ସୁନୀଲ ଲେଙ୍କା, ବ୍ରଜ ମୋହନ ପ୍ରଧାନ ପ୍ରମୁଖ ମହୋତ୍ସବ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରୁଥିବା ବେଳେ ରଜନୀକାନ୍ତ ମଣ୍ଡଳ ସଂଯୋଜନା କରିଥିଲେ ।

## ଶିକ୍ଷକ-ଅଭିଭାବକ ସମ୍ମିଳନୀ

**ବ୍ରହ୍ମପୁର ଅଫିସ୍,୨୮।୬**

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର-୨ରେ ଓସେପା ପକ୍ଷରୁ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଡ. ସବିତା ରାଣୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ଚାଚା ନେହେରୁ କ୍ଲଷ୍ଟର୍ ସିଆର୍‌ସିସି ମମତା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ବିଜୟ କୁମାର ବେହେରା ଏବଂ ଶିକ୍ଷୟିତ୍ରୀ ଚାରୁସ୍ମିତା ଦାଶ ସମ୍ମିଳନୀର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷା, ଉଜ୍ଜ୍ୱଳ ଉତ୍ଥାନ ଏବଂ ଉତ୍କର୍ଷ କାର୍ଯ୍ୟକ୍ରମ, ଶତ ପ୍ରତିଶତ ଉପସ୍ଥାନ, ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା ହୋଇଥିଲା। ବାର୍ଷିକ ଫଳାଫଳ ହାର ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷକ କ୍ଷେତ୍ରବାସୀ, ପ୍ରଦୀପ କୁମାର ପତି, ପୁଷ୍ପିତା ଦେବୀ, ଜି.ରେବତୀ, ଜ୍ୟୋତିରାଣୀ ସାହୁ, ଏସ୍.ନାଗମଣୀ, ମଞ୍ଜୁଳା ପାଣିଗ୍ରାହୀ, ରଶ୍ମି ବିଷୋୟୀ ଏବଂ ସୁଶ୍ରୀ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସଂଯୁକ୍ତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।


ଶିକ୍ଷକ-ଅଭିଭାବକ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ଚାଲିଛି ।

## ଜୁନିୟର ଭାରତୀୟ ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ସନ୍ଦୀପ୍

**ବ୍ରହ୍ମପୁର ଅଫିସ,୨୮।୬**

ସ୍ୱିଡେନର ଗଡେନ ବର୍ଗଠାରେ ଆସନ୍ତା ମାସରେ ହେବାକୁ ଥିବା ଅନ୍ତର୍ଜାତୀୟ ପାର୍ଟିଲି କପ୍‌ରେ ଭାଗ ନେବା ପାଇଁ ଭାରତୀୟ ଦଳ ତରଫରୁ ବ୍ରହ୍ମପୁରର ସନ୍ଦୀପ୍ ପାତ୍ର ଶୁକ୍ରବାର ଦିଲ୍ଲୀ ଯାତ୍ରା କରିଛନ୍ତି। ସେ ଦିଲ୍ଲୀରେ ଭାରତୀୟ ହ୍ୟାଣ୍ଡବଲ ଦଳ ସହ ସ୍ୱିଡେନ ଗସ୍ତ କରିବେ। ସନ୍ଦୀପ୍ ଅକ୍ଟୋବର ୨୦୧୩ରେ ଶ୍ରୀନଗରରେ ଅନୁଷ୍ଠିତ ସବ୍ ଜୁନିୟର ନ୍ୟାଶନାଲ, ୨୦୧୪ରେ ଆସାମର ୩୪ ଜୁନିୟର ନ୍ୟାଶନାଲ, ଅକ୍ଟୋବର ୨୦୧୫ରେ ଜାମସେଦପୁରର ଜୁନିୟର ନ୍ୟାସନାଲ, ଅକ୍ଟୋବର ୨୦୧୬ରେ ଦିଲ୍ଲୀର ଦ୍ୱିତୀୟ ଏନ୍‌ସିସି ନ୍ୟାଶନାଲ ଗେମ୍, ନଭେମ୍ବର ୨୦୧୬ରେ ପାଟନାର ୩୭ତମ ଜୁନିୟର ନ୍ୟାସନାଲ, ଫେବୃୟାରୀ ୨୦୧୯ରେ ମଣିପୁରର ୩୯ତମ ଜୁନିୟର ନ୍ୟାସନାଲ ଆଦି ବିଭିନ୍ନ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି ବ୍ରହ୍ମପୁରରେ ହୋଇଥିବା ଜୁନିୟର ଷ୍ଟେଟ୍ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଗଞ୍ଜାମ ହ୍ୟାଣ୍ଡବଲ ଦଳକୁ ଚାମ୍ପିୟନ କରାଇବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଫଳତା ପାଇଁ ଗଞ୍ଜାମ ଜିଲା ହ୍ୟାଣ୍ଡବଲ ସଂଗଠନ ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ସଭାପତି ଅଶୋକ ଶୁକ୍ଳାଙ୍କ ସହ ସଂଗଠନ କର୍ମକର୍ତ୍ତା ପ୍ରକାଶ ପଣ୍ଡା, ମନୋଜ ପାତ୍ର, ଦୁଷ୍ମନ୍ତ ପାଢ଼ୀ ଓ ଜାତୀୟ କୋଚ୍ ପ୍ରଶାନ୍ତ କୁମାର ରଥ ଶୁଭେଚ୍ଛା ଜଣାଇଛନ୍ତି । ସନ୍ଦୀପ ଦୀର୍ଘଦିନ ଧରି କୋଚ୍ ପ୍ରଶାନ୍ତ କୁମାର ରଥଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ । ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଏହି ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।


କୃତୀ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି ବ୍ରହ୍ମପୁର ବିଧାୟକ।

## ମେଧା, ଗଣିତ ପ୍ରତିଭା ପରୀକ୍ଷାରେ ସଫଳତା

**ବ୍ରହ୍ମପୁର ଅଫିସ୍,୨୮।୬**

ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପରିଚାଳିତ ପ୍ରାନ୍ତୀୟ ମେଧା ଓ ଗଣିତ ପ୍ରତିଭା ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ସଫଳତା ମିଳିଛି । ସପ୍ତମ ଶ୍ରେଣୀ ମେଧା ପରୀକ୍ଷାରେ ୩ଜଣ ଏବଂ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭାରେ ୨ଜଣ, ନବମ ଶ୍ରେଣୀ ମେଧା ପରୀକ୍ଷାରେ ୭ଜଣ ଏବଂ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭାରେ ୫ଜଣ ଏହିପରି ପ୍ରଥମ ଦଶଟି ର୍‍ୟାଙ୍କରୁ ମୋଟ ୧୭ଜଣ ରାଜ୍ୟସ୍ତରୀୟ ର୍‍ୟାଙ୍କ ରଖିଛନ୍ତି । ସପ୍ତମ ପ୍ରାଦେଶିକ ମେଧା ପରୀକ୍ଷାରେ ଶାଶ୍ୱତ ସାହୁ ଦ୍ୱିତୀୟ ସ୍ଥାନ, ରୁଦ୍ର ପ୍ରତାପ ସ୍ୱାଇଁ ଷଷ୍ଠ, ସାଗର କୁମାର ମହାପାତ୍ର ନବମ, ସେହିପରି ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭାରେ ଶାଶ୍ୱତ ସାହୁ ଦ୍ୱିତୀୟ ସ୍ଥାନ ଓ ଶୁଭାଶିଷ ଦାସ ଦଶମ ସ୍ଥାନ ଅଧିକାର କରିଛନ୍ତି । ନବମ ଶ୍ରେଣୀ ପ୍ରାଦେଶିକ ମେଧା ପରୀକ୍ଷାରେ ଆଶୁତୋଷ ପାଢୀ ପ୍ରଥମ ସ୍ଥାନ, ସତ୍ୟଜିତ ଦଳାଇ ତୃତୀୟ ସ୍ଥାନ, ଅରୁଲାଲ ସେନାପତି ଚତୁର୍ଥ, ସୌମିତ୍ର ନାୟକ ପଞ୍ଚମ, ସୂର୍ଯ୍ୟସ୍ନାତା ପ୍ରିୟଦର୍ଶିନୀ ଷଷ୍ଠ ସ୍ଥାନ, ସ୍ୱାଗତ ପାଣିଗ୍ରାହୀ ସପ୍ତମ ସ୍ଥାନ ଓ ରୁଦ୍ର ପ୍ରସାଦ ରଥ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି । ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭାରେ ସତ୍ୟଜିତ୍ ଦଳାଇ ପ୍ରଥମ ସ୍ଥାନ, ଆଶୁତୋଷ ପାଢୀ ଦ୍ୱିତୀୟ, ଅରୁଲାଲ ସେନାପତି ତୃତୀୟ, ସୌମିତ୍ର ନାୟକ ଚତୁର୍ଥ ଓ ରୁଦ୍ର ପ୍ରସାଦ ରଥ ଷଷ୍ଠ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ସଫଳତା ପାଇ ଶିକ୍ଷା କ୍ଷେତ୍ରରେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି । ଛାତ୍ରୀଛାତ୍ରମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢୀ, ହରିକୃଷ୍ଣ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ତଥା ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।


ଗୁରୁଜୀଙ୍କ ଗହଣରେ ସଫଳ ଛାତ୍ରୀଛାତ୍ରମାନେ ।

## ସଂକ୍ଷେପରେ

### ୨ ବିଭାଗରେ ସ୍ନାତକୋତ୍ତର ଖୋଲିବାକୁ ଅନୁମତି

ଖଲ୍ଲିକୋଟ,୨୮।୬(ଡି.ଏନ.ଏ.): ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ୨ଟି ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁମତି ମିଳିଛି। ଚଳିତ ଶିକ୍ଷାବର୍ଷ ୨୦୧୯-୨୦ ବର୍ଷରେ ଓଡ଼ିଆ ଏବଂ ରସାୟନ ବିଜ୍ଞାନ ବିଭାଗରେ ଛାତ୍ରୀଛାତ୍ର ଶିକ୍ଷାଦାନ କରିବେ। ପ୍ରତି ବିଭାଗରେ ୧୬ ସିଟ୍ ରହିଥିବା ଅଧକ୍ଷ ଶ୍ୟାମ ସୁନ୍ଦର ପାଢ଼ୀ ପ୍ରକାଶ କରିଥିଲେ। ଆର୍‌ସିଏମ ସାଇନ୍ସ କଲେଜରେ ଏହି ଶିକ୍ଷାଦାନ ସୁବିଧା ଅନୁମତି ମିଳିଥିବାରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, କଲେଜ ପରିଚାଳନା ପରିଷଦ ସଭାପତି ତଥା ଖଲ୍ଲିକୋଟ ରାଣୀ ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ଅଧକ୍ଷ ପାଢ଼ୀ କୃତଜ୍ଞତା ଜଣାଇଛନ୍ତି। ଚଳିତ ଶିକ୍ଷାବର୍ଷରୁ ଛାତ୍ରୀଛାତ୍ର ଉପରୋକ୍ତ ଦୁଇ ସ୍ନାତକୋତ୍ତର ବିଭାଗରେ ନାମ ଲେଖାଇ ଅଧ୍ୟୟନ କରିପାରିବେ।

### ଏନ୍‌ଏସି ପକ୍ଷରୁ ୧୦ କେଜି ପଲିଥିନ୍ ଜବତ

ବୁଗୁଡ଼ା,୨୮।୬(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି ପ୍ରଶାସନ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ୧୦ କେଜି ପଲିଥିନ୍ ସହ ୧ଶହ ପାଣି ପାଉଚ ଜବତ କରାଯାଇଛି। ଏଥିସହ ଉକ୍ତ ଦୋକାନ ଗୁଡ଼ିକରୁ ୧୪ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ଉକ୍ତ ଧରପଗଡ଼ରେ ଏନ୍‌ଏସି ନୋଡାଲ ଅଧିକାରୀ କାଳୀ ଚରଣ ରଥ ଓ ଜଗଦୀଶ ପଣ୍ଡା, ରମେଶ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପ୍ରଧାନ, ବିରଞ୍ଚି ନାରାୟଣ ପାତ୍ର, ଭାଗିରଥି ପଣ୍ଡା, ତ୍ରିନାଥ ନାୟକ, ଅଶୋକ କୁମାର ସାହୁ ଏବଂ ଏନଏସି କର୍ମଚାରୀ ସାମିଲ ଥିଲେ । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ଚଢ଼ାଉ ହୋଇଥିଲା।

### ଚିକିଟିରେ କୃଷକ ସମ୍ପର୍କ ମେଳା

ଚିକିଟି,୨୮।୬(ଡି.ଏନ.ଏ.)-ଚିକିଟି ବ୍ଲକ ଓଳପୁର ଗ୍ରାମରେ ଶୁକ୍ରବାର ଜିଲ୍ଲା କୃଷି ଅଧିକାରୀ ସନ୍ତୋଷ କୁମାର ରାୟଙ୍କ ସଭାପତିତ୍ୱରେ କୃଷକ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇ, ସମ୍ମାନିତ ଅତିଥି ଭାବେ ଚିକିଟି ବିଡିଓ ଫାଲ୍‌ଗୁନି ମାଝି, ଉଦ୍ୟାନ କୃଷି ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀ, ସମବାୟ ବିଭାଗ, ଜଳସେଚନ, କୃଷି ଓ ପ୍ରାଣୀ ବିଭାଗ ଯୋଗଦେଇଥିଲେ। ଚାଷୀମାନେ କୃଷିଜାତ ଦ୍ରବ୍ୟ ଉପରେ ନିର୍ଭର କରି ଜୀବନ ଅତିବାହିତ କରନ୍ତି। ତେଣୁ କୃଷିର ଉନ୍ନତିରେ ଜିଲାର ଉନ୍ନତି ସମ୍ଭବ । ଚାଷୀମାନେ କିପରି ସୁଫଳ ପାଇବେ ଏବଂ କର୍ମଚାରୀମାନଙ୍କ ସହିତ କୃଷକମାନଙ୍କର କିପରି ସମ୍ପନ୍ୱୟ ରକ୍ଷା କରାଯାଇପାରିବ, ସେବା ସମବାୟ ସମିତି ମାଧମରେ ପଞ୍ଜୀକରଣ କରିପାରିବେ, ଉତ୍ପାଦିତ ଧାନ ମଣ୍ଡିରେ ବିକ୍ରି କରିପାରିବେ, ସେବା ସମବାୟ ସମିତିରେ ଜମାଖାତା ଖୋଲିବା ସହିତ ରବି ଓ ଖରିଫ ପାଇଁ ଋଣ ନେଇପାରିବେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଚିକିଟି କୃଷି ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ଆର୍.ଉଦୟଗିରିରେ ରଥ ନିର୍ମାଣ ଜୋର୍‌ସୋର୍

ଆର.ଉଦୟଗିରି,୨୮।୬ (ଡି.ଏନ.ଏ.)-ଆର.ଉଦୟଗିରି ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଗତ ସୋମବାରଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ଗୁରୁବାର ଘୋଷଯାତ୍ରା ହେବାକୁ ଥିବା ବେଳେ ଆର.ଉଦୟଗିରି ସହର ଚଳଚଞ୍ଚଳ ହୋଇ ଉଠିଲାଣି । ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାରେ ସମ୍ପୂର୍ଣ୍ଣ ହେବ ସେ ନେଇ ପୂର୍ବ ପ୍ରସ୍ତୁତି ବୈଠକରେ ଆଲୋଚନା କରିବା ସହ ବିଭିନ୍ନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିବା ମନ୍ଦିର କମିଟିର ସୁନ୍ଦରାୟ ପାତ୍ର କହିଛନ୍ତି । ସ୍ଥାନୀୟ ପାତ୍ର ସାହିର ବାଳକୃଷ୍ଣ ଦଳପତି, କୁମୁଦ ପାଇକ, ତାରିଣୀ ପାଇକ ଓ ଅଭି ଗୌଡ଼ ପ୍ରମୁଖ ରଥ ନିର୍ମାଣ କାର୍ଯ୍ୟରେ ସହଯୋଗ କରୁଛନ୍ତି। ଦୁଇରୁ ତିନିଦିନ ମଧରେ ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପାତ୍ର କହିଛନ୍ତି।

■ କର୍ମଚାରୀ ସଂଘର ସାଧାରଣ ସଭା

# ଚିନିଶିଳ୍ପ ବନ୍ଦ ଲାଗି ଚକ୍ରାନ୍ତ ଚାଲିଛି

**ଆସିକା,୨୮।୬ (ଡି.ଏନ୍.ଏ.)** ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘର ସାଧାରଣ ସଭା ଶୁକ୍ରବାର ଚିନିଶିଳ୍ପ ପରିସରରେ ଏଆଇଟିୟୁସି ନେତା ବିଦେଶୀ ନାହାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ସୌରୀବନ୍ଧୁ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପରିଷଦ ସଦସ୍ୟ ରାମକୃଷ୍ଣ ପଣ୍ଡା, ଜିଲା ସଦସ୍ୟ ଅଳକାନାଥ ମିଶ୍ର, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ନାରାୟଣ ଜେନା, ସନ୍ତୋଷ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର ଦାସ, ଚିନିଶିଳ୍ପ କର୍ମଚାରୀ ସଂଘ ସମ୍ପାଦକ ସହଦେବ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଚିନିଶିଳ୍ପ ଶ୍ରମିକ ସଙ୍ଗଠନ ପ୍ରତିଷ୍ଠାଠାରୁ ରହି ଆସିଥିବା ସଂଘର ସଭାପତି ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ବିୟୋଗରେ ଶୋକ ପ୍ରକାଶ ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସଂଘର ନୂତନ ସଭାପତି ଭାବେ ଯୁବନେତା ରାମକୃଷ୍ଣ ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ଶ୍ରମିକନେତାମାନେ ଚିନିଶିଳ୍ପର ସାମ୍ପ୍ରତିକ ସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାର ରୀତିମତ ଭାବେ ସମସ୍ତ ସରକାରୀ ଉଦ୍ୟୋଗକୁ ଋଣ ଭାର ଓ ରୁଗ୍‌ଣ ଘୋଷଣା କରି ବିକ୍ରି କରୁଥିବା ନୀତିରେ ଏହି ଶିଳ୍ପ ପ୍ରତି ମଧ ଦୃଷ୍ଟି ଦେଉନଥିବା ଅଭିଯୋଗ କରାଯାଇଥିଲା। ଆସିକା ଚିନିଶିଳ୍ପକୁ ବନ୍ଦ କରିବା ଲାଗି ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଏକ ବିଧିବଦ୍ଧ ଚକ୍ରାନ୍ତ ଚାଲିଥିବା ରାଜ୍ୟ ସମ୍ପାଦକ କର ଅଭିଯୋଗ କରିଥିଲେ। ଚିନିଶିଳ୍ପ ଶ୍ରମିକ ଓ କୃଷକ ସଙ୍ଗଠିତ ହୋଇ ଏଭଳି ଚକ୍ରାନ୍ତକୁ ପ୍ରତିହତ କରିବା ଲାଗି ସଂକଳ୍ପବଦ୍ଧ ହେବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ସରକାର ଭିତ୍ତିଭୂମିର ବିକାଶ ନ ଘଟାଇ ଚାଷୀଙ୍କୁ ସହାୟତା ଦେବା ଏକ ନିରର୍ଥକ ଯୋଜନା। ଚାଷ ଲାଗି ବିହନ, ସାର, ଜଳସେଚନ ବ୍ୟବସ୍ଥା, ଉତ୍ପାଦିତ ଦ୍ରବ୍ୟର ବଜାର ବ୍ୟବସ୍ଥା ସାଙ୍ଗକୁ ଶୀତଳଭଣ୍ଡାର ସ୍ଥାପନ ଦିଗରେ ତତ୍ପର ହେବାଲାଗି ସେ ଦାବି କରିଥିଲେ। ରାଜ୍ୟର ବିକାଶ ନିମନ୍ତେ ନିମ୍ନ ସ୍ତରରେ ରହିଥିବା ଶ୍ରମିକ, କୃଷକ ଓ ଖଟିଖିଆ ଜନସାଧାରଣଙ୍କ ଅର୍ଥନୈତିକ ବିକାଶ ବିନା ଏହି ବିକାଶର କୌଣସି ମୂଲ୍ୟ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ସରକାର ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପକୁ ଅଧିକ ଆର୍ଥିକ ସହାୟତା ଯୋଗାଣ ପୂର୍ବକ ଏହାର ଆଧୁନିକୀକରଣ ନିମନ୍ତେ ଯତ୍ନବାନ ହେବା ଲାଗି ଦାବି କରାଯାଇଥିଲା।

**ନୂତନ ସଭାପତି ହେଲେ ରାମକୃଷ୍ଣ**



କର୍ମଚାରୀ ସଂଘ ବୈଠକରେ ମଞ୍ଚାସୀନ ଅତିଥି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କିତ କର୍ମଶାଳା

**ଆସିକା,୨୮।୬ (ଡି.ଏନ୍.ଏ.)** ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୩ ଦଫାରେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିସରଭୁକ୍ତ ୧୧ଟି ସମ୍ପୂର୍ଣ୍ଣ ଓ ୩ଟି ଆଂଶିକ ବ୍ଲକର ୧୯୧ କୃଷି ସମବାୟ ସମିତିର ସମ୍ପାଦକ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ବୀରେନ୍ଦ୍ରୀ କେଶରୀ ଆରୁଖ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ସମ୍ପାଦକ କୃଷ୍ଣଚନ୍ଦ୍ର ଜାନି, ବୀମା ଦାୟିତ୍ୱ ନେଇଥିବା ଏଚ୍‌ଡିଏଫ୍‌ସି ଏଗ୍ରୋ କମ୍ପାନୀ ପରିଚାଳକ ପ୍ରକାଶ ଶ୍ରୀବାସ୍ତବ, କୃଷି ଅଧିକାରୀ ନିମାଇଁ ଚରଣ ଦାଶ, ବ୍ୟାଙ୍କ ସହକାରୀ ପରିଚାଳକ ଗୋବିନ୍ଦ ରେଢ୍ଡୀ, ନିଳାଞ୍ଚଳ ପଣ୍ଡା, ନୋଡାଲ୍ ଅଫିସର୍ ଚାନ୍ଦିନୀ ସ୍ୱାଇଁ, ଶାଖା ପରିଚାଳକ ମହେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ଖରିଫ୍ ଫସଲ ଲାଗି ବ୍ୟାଙ୍କ ପକ୍ଷରୁ ଚାଷୀଙ୍କୁ ଦିଆଯାଉଥିବା କୃଷି ଋଣରେ ଋଣ ରାଶିର ୨ ପ୍ରତିଶତ ବୀମାଦେୟ ବାବଦରେ ପ୍ରଦାନ ପୂର୍ବକ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟରେ ଫସଲହାନୀରେ ବୀମାଅର୍ଥ ପାଇବା ନିମନ୍ତେ ଆକର୍ଷିତ କରିବା ଲାଗି ଆହ୍ୱାନ କରାଯାଇଥିଲା। ୨୦୧୮ ତିତ୍‌ଲି ବାତ୍ୟାରେ ବ୍ୟାଙ୍କ ପରିସରଭୁକ୍ତ ବିଭିନ୍ନ କୃଷି ସମବାୟ ସମିତିରେ ୨୩ ହଜାର ଉପଭୋକ୍ତାଙ୍କୁ ୨୫ କୋଟି ଟଙ୍କା ବୀମା ସହାୟତା ଯୋଗାଇ ଦିଆଯାଇଥିବା ଜଣାପଡିଛି। ସେଥିମଧ୍ୟରୁ କେବଳ ଆସିକା ବ୍ଲକରେ ୭କୋଟି ଟଙ୍କା ପ୍ରଦାନ କରାଯାଇଛି। ଚଳିତ ଖରିଫ୍ ଋତୁରେ ଏହି ବ୍ୟାଙ୍କ ପକ୍ଷରୁ ୨୫୮ କୋଟି ଟଙ୍କା ଖରିଫ୍ ଋଣ ପ୍ରଦାନ ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ବେଳେ ବର୍ତ୍ତମାନସୁଧା ଶହେ କୋଟି ଟଙ୍କା ଋଣ ଲଗାଣ ହୋଇସାରିଲାଣି। ଆଗାମୀ ଜୁଲାଇ ଶେଷସୁଧା ଋଣ ଲଗାଣ ଲକ୍ଷ୍ୟ ପୂରଣ ହେବ ବୋଲି ପରିଚାଳନା ପରିଷଦ ସଭାପତି ଆରୁଖ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇବାଟେ ଗଲା କଥା ନ କହିଲା**
**ଦହିଲା ମୋ ପଞ୍ଚମନ**
**ସବୁ ସରିଯିବ, କଥା ତ ରହିବ**
**କେତେ ଦିନର ଜୀବନ ।**

ଯେଉଁଠି ସ୍ନେହ, ପ୍ରେମ, ଭଲପାଇବା ଥାଏ ସେଇଠି ରାଗ ରୋଷ ମାନ ଅଭିମାନ ରହିଥାଏ। ପରନ୍ତୁ ଏହି ମାନ ଅଭିମାନର ମାତ୍ରା ଯେତେ କମ୍ ହୁଏ ସମ୍ପର୍କ ସେତେ ମଧୁମୟ ଓ ସୁଖମୟ ହୋଇଥାଏ। ଅଭିମାନରେ ମୁହଁ ବୁଲାଇ ଚାଲିଯିବା ଦ୍ୱାରା ପ୍ରେମୀ ମନରେ ସୃଷ୍ଟି ହେଉଥିବା ଆହତାବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକା ଲାଉର ମଞ୍ଜି**
**କାହାକୁ କରିବି କାଞ୍ଜି ।**

ସମସ୍ତେ ଏକା ଭଳିଆ, ଏକା ପ୍ରକାର । କିଛି ବ୍ୟକ୍ତି ସମପ୍ରକୃତିର ହୋଇଥାନ୍ତି। ତାଙ୍କ ହାବଭାବ, ନୀତି ତଥା ସ୍ୱଭାବରେ କୌଣସି ପ୍ରଭେଦ ବାରି ହୋଇ ନ ଥାଏ। ସୁଗୁଣ ଅପେକ୍ଷା ଦୁର୍ଗୁଣର ମାତ୍ରା ଅଧିକ ପରିଲକ୍ଷିତ ହେଉଥିବା ସ୍ଥଳେ ତାଙ୍କ ମଧ୍ୟରେ କିଏ ଭଲ କି ଭେଲ ତାକୁ ନେଇ ସନ୍ଦିହାନ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ

**କବିସୂର୍ଯ୍ୟନଗର,୨୮।୬**

କବିସୂର୍ଯ୍ୟନଗର ମର୍ଦ୍ଦରାଜ ହାଇସ୍କୁଲ ସଭାଗୃହରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଲମ୍ବୋଦର ମିଶ୍ରଙ୍କ ସ୍ମୃତିଚାରଣ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଟ୍ରିକରେ ସର୍ବାଧିକ ନମ୍ବର (୫୧୫ ମାର୍କ)ରଖିଥିବା ସିଦ୍ଧାର୍ଥ ଶେଖର ଜେନାଙ୍କୁ ପୁରସ୍କୃତ କରାଯାଇଛି। ସ୍ୱର୍ଗତ ମିଶ୍ରଙ୍କ ପୁଅ ଶାନ୍ତନୁ କୁମାର ମିଶ୍ର ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଏନ୍‌ଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଉତ୍ସବ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମୁଖ୍ୟବକ୍ତା ପ୍ରମୋଦ କୁମାର ଦାଶ, ଏବିଇଓ କୈଳାସ ଚନ୍ଦ୍ର ବେହେରା, ରାମନାଥ ମାଝି, ଚିତ୍ତରଞ୍ଜନ ଜେନା, ଗଣପତି ସାହୁ, ପ୍ରାକ୍ତନ ଏମ୍‌ପି ପ୍ରତିନିଧି ଯୋଗୀ ଚରଣ ମିଶ୍ର, ଯନ୍ତ୍ରୀ ବିଜୟ ଚନ୍ଦ୍ର ନାୟକ ଓ ସନ୍ତୋଷ କୁମାର ମାଝି ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ, ସ୍ୱାଗତ ଭାଷଣ ଗୋବିନ୍ଦ ପ୍ରସାଦ ରଥ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


CLASSIFIED DISPLAY
MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL
ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
9078839971

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଗର୍ଭବତୀଙ୍କ ମୃତ୍ୟୁ

**ଭଞ୍ଜନଗର,୨୮।୬(ଡି.ଏନ.ଏ):** ଭଞ୍ଜନଗର ଥାନା ଡୁମାକୁମ୍ପା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ଜଣେ ୭ମାସ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶଙ୍କର ଗୌଡ଼ଙ୍କ ସ୍ତ୍ରୀ ରୁନି (୨୫)। ଭଞ୍ଜନଗର ପୋଲିସ ରାତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ପ୍ରକାଶ ଯେ, ରୁନି ଗର୍ଭବତୀ ଥିବାରୁ ଗୁରୁବାର ତାଙ୍କୁ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ କରିବା ପରେ ସ୍ୱାମୀ କର୍ମକ୍ଷେତ୍ର ବିଶାଖପାଟଣା ଚାଲିଯାଇଥିଲେ। ସ୍ତ୍ରୀ ଘରେ ଥିଲେ। ଶୁକ୍ରବାର ସନ୍ଧ୍ୟାରେ କୌଣସି ପରିସ୍ଥିତିରେ ରୁନିଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ପରିବାର ଲୋକେ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରୁନିଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଛି ସେ ନେଇ ପୋଲିସ ତଦନ୍ତ ଚଳାଇଛି।

### ମହିଳା ମହାବିଦ୍ୟାଳୟରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଦାବି

**ଜି.ଉଦୟଗିରି,୨୮।୬(ଡି.ଏନ.ଏ.):** ଜି.ଉଦୟଗିରିସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ସାଇକେଲ ଷ୍ଟାଣ୍ଡ ନ ଥିବା ଯୋଗୁ ଛାତ୍ରୀମାନେ ବାହାରେ ସାଇକେଲ ରଖୁଛନ୍ତି। କଲେଜରେ ଏକ ସାଇକେଲ ଷ୍ଟାଣ୍ଡ କରିବାକୁ ବିଭିନ୍ନ ସମୟରେ ଛାତ୍ରୀମାନଙ୍କ ତରଫରୁ ଦାବି ହୋଇ ଆସୁଥିଲେ ମଧ ଏହା ନିର୍ମାଣ ହୋଇପାରୁନାହିଁ। ଏମ୍‌ପି କିମ୍ବା ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଏଠାରେ ସାଇକେଲ ଷ୍ଟାଣ୍ଡ କରିବାକୁ ଅଭିଭାବକମାନଙ୍କ ତରଫରୁ ମଧ ଦାବି ହେଉଛି। ସୂଚନା ପ୍ରକାରେ, ୧୯୯୬ରେ ଏହି ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ମହାବିଦ୍ୟାଳୟରେ କେବଳ ଯୁକ୍ତ ୨ କଳା ବିଭାଗ ଅଛି। ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। ଏହି ମହିଳା ମହାବିଦ୍ୟାଳୟ ଜିଲାର ଦ୍ୱିତୀୟ ମହିଳା ମହାବିଦ୍ୟାଳୟ। ଏଠାରେ ସାଇକେଲ ଷ୍ଟାଣ୍ଡ ନ ଥିବା ଯୋଗୁ ଛାତ୍ରୀମାନେ ସାଇକେଲ ରଖିବାରେ ଅସୁବିଧା ହେଉଛି। ଏ ସମ୍ପର୍କରେ ଅଧକ୍ଷ ଶିବରାମ ସାହୁଙ୍କୁ ପଚାରିବାରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ କଲେଜରେ ଆବଶ୍ୟକ ଅର୍ଥ ନାହିଁ। ତେଣୁ ଏମ୍‌ପି ଓ ବିଧାୟକଙ୍କୁ ସାଇକେଲ ଷ୍ଟାଣ୍ଡ ପାଇଁ ଆମେ ଅନୁରୋଧ କରିବୁ ବୋଲି କହିଥିଲେ।

### ଡାକରଡ଼ା ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

**ବୁଗୁଡ଼ା,୨୮।୬(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଡାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅଭିଭାବକ-ଶିକ୍ଷକ ବୈଠକ (ପିଟିଏମ୍)ଶୁକ୍ରବାର ସମ୍ପୃକ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଟିଏମ୍ ସଭାପତି ନାରାୟଣ ପ୍ରଧାନ ଅଧକ୍ଷତା କରିଥିଲେ। ବୈଠକରେ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ସମ୍ପର୍କରେ ଆଲୋଚନା ହେବା ସହ ବିଦ୍ୟାଳୟରେ ଶୈକ୍ଷିକ ଅଭିବୃଦ୍ଧି, ପିଲାଟିଏ ଗଛଟିଏ, ଗ୍ରାମର ସବୁ ପିଲା ପାଠ ପଢ଼ିବେ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇ ସଚେତନତା କରାଯାଇଥିଲା। ବୈଠକରେ ପିଟିଏମ୍ ଉପସଭାପତି ଜିତାଶ୍ରୀ ନାୟକ, ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଭ୍ୟା, ସଭ୍ୟ ଓ ଅଭିଭାବକମାନେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ସ୍କୁଲ ପରିଚାଳନା କମିଟି ଗଠିତ

**ଗଞ୍ଜାମ,୨୮।୬(ଡି.ଏନ.ଏ.):** ଗଞ୍ଜାମସ୍ଥିତ ଭାରତୀ ବିଦ୍ୟାପୀଠରେ ଶୁକ୍ରବାର ଅଭିଭାବକମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କବିରାଜ ଦାସ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ସ୍କୁଲର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ସମସ୍ତ ଅଭିଭାବକଙ୍କ ସମ୍ମତି ଅନୁସାରେ ବାବାଜୀ ଗୌଡ଼ଙ୍କୁ ସଭାପତି, ଲକ୍ଷ୍ମୀ କୁମାରୀ ବେହେରାଙ୍କୁ ଉପସଭାପତି ଚୟନ କରାଯାଇଥିଲା। ଏଥିସହ ସ୍କୁଲ ଆସୁଥିବା ପିଲାମାନଙ୍କ ନିମନ୍ତେ ରୋଡ ସେଫ୍ଟି କମିଟି ମଧ ଗଠନ କରାଯାଇଥିଲା। ଏହାର ସଭାପତି ଭାବେ ସୂର୍ଯ୍ୟନାରାୟଣପୁର ଗ୍ରାମର ବିକ୍ରମ ପ୍ରଧାନଙ୍କ ନାମ ଘୋଷଣା କରାଯାଇଥିଲା। ପରେ ପଲିଥିନ ବ୍ୟବହାର ନ କରିବା, ଚାରାରୋପଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାରେ କିରାଣି ହରି ବାରିକ, ଶିକ୍ଷକ କାମେଶ୍ୱର ମହାନ୍ତି, ସୂର୍ଯ୍ୟ ନାରାୟଣ ଦାସ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ରେଡ୍ଡୀ, ସୁନିତା ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ■ ବାଲ୍ୟବିବାହ, ଶିଶୁ ଶ୍ରମିକ ରୋକିବାକୁ ପ୍ରୟାସ

# ଜୁଲାଇରୁ ଆରମ୍ଭ ହେବ 'ନିର୍ଭୟ କଢ଼ି'

**ଛତ୍ରପୁର,୨୮।୬(ଡି.ଏନ.ଏ.)**

■ ବିବାହଯୋଗ୍ୟ ବୟସ ଯାଞ୍ଚ କରିବ କମିଟି

■ ଖର୍ଚ୍ଚ କମାଇବାକୁ ହେବ ସମୂହ ବିବାହ

ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଶୁକ୍ରବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଜିଲାରେ ଯେପରି ଗୋଟିଏ ବି ବାଲ୍ୟବିବାହ ହେବନି ଏବଂ ଶିଶୁ ଶ୍ରମିକ ରହିବେନି ତାହା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲାର ମହିଳା ସଂଘ ସଦସ୍ୟାମାନେ ଏଥିପ୍ରତି ଅଧିକ ଧ୍ୟାନ ଦେବାକୁ ପଡିବ ବୋଲି ଜିଲାପାଳ କହିଥିଲେ। ଆଗାମୀ ଦିନରେ ଏସବୁକୁ ରୋକିବା ପାଇଁ ଜିଲା, ବ୍ଲକ ଓ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବାକୁ କୁହାଯାଇଛି। ଜୁଲାଇ ପ୍ରଥମ ସପ୍ତାହରୁ ଜିଲାରେ ପ୍ରଥମଥର ପାଇଁ ଜିଲା ପ୍ରଶାସନ ପକ୍ଷରୁ 'ନିର୍ଭୟ କଢ଼ି' ନାମକ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ରୋକିବା ଏବଂ ଶିଶୁମାନଙ୍କ ସୁରକ୍ଷା ଓ ସେମାନଙ୍କ ବିକାଶ ଉପରେ ସଚେତନ କରାଯିବ।




ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଯେ କୌଣସି ବିବାହ ସମୟରେ ବରକନ୍ୟାଙ୍କ ଆଧାର କାର୍ଡ ଯାଞ୍ଚ କରାଯାଇ ସେମାନଙ୍କର ବିବାହଯୋଗ୍ୟ ବୟସ ହୋଇଛି କି ନାହିଁ ସେ ସମ୍ପର୍କରେ କମିଟି ତଦାରଖ କରିବ ବୋଲି କୁହାଯାଇଛି। ବୟସ କମ୍ ହୋଇଥିଲେ ଉକ୍ତ ଅଞ୍ଚଳର ଜନପ୍ରତିନିଧି, ଗାଁ ମୁଖିଆ, କୌଳିକ ସଙ୍ଗଠନର କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଆପୋସ ବୁଝାମଣାରେ ବିବାହ ବନ୍ଦ ନ ହେଲେ ଆଇନଗତ ପନ୍ଥା ଗ୍ରହଣ କରାଯିବ। ପ୍ରତି ମାସରେ ପଞ୍ଚାୟତସ୍ତରରେ ବାଲ୍ୟ ବିବାହ ରୋକିବା ଉପରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ବାହାଘର ସମୟରେ ଅଯଥା ଅଧିକ ଟଙ୍କା ଖର୍ଚ୍ଚ ନ କରିବା ଉପରେ ସଚେତନ କରାଯାଇ ଆଗାମୀ ଦିନରେ ସମୂହ ବିବାହ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଚେଷ୍ଟା କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ବର ଓ କନ୍ୟାପକ୍ଷ ବଳକା ଟଙ୍କା କୌଣସି ସ୍କୁଲ, ମେଡିକାଲ କିମ୍ବା ଭଲ କାର୍ଯ୍ୟରେ ବିନିଯୋଗ କରିପାରିବେ। ଓଡିଶାରେ ବାଲ୍ୟବିବାହ ୨୧ ପ୍ରତିଶତ ଥିବାବେଳେ ଗଞ୍ଜାମ ଜିଲାରେ ଏହା ୨୯ ପ୍ରତିଶତ ରହିଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ସିଡବ୍ଲ୍ୟୁସି ସଦସ୍ୟ ହରିହର ପାଢ଼ୀ, ଚାଇଲ୍ଡ ଲାଇନର ସୁଧୀର ସାବତ, ଜ୍ୟୋତିକୃଷ୍ଣ ବେହେରା, ଶ୍ରୀକୃଷ୍ଣ ପଣ୍ଡା, ଡିପିସି ମିଶନ ଶକ୍ତିର ଶାଶ୍ୱତ କୁମାର ସାହୁ, ଆକଶନ୍ ଏଡ୍‌ର ଜିଲା ସଂଯୋଜକ ଦେବବ୍ରତ ମହନ୍ତ, ସାମାଜିକ କର୍ମୀ ଶିବପ୍ରସାଦ ରଥଙ୍କ ସମେତ ବିଭିନ୍ନ ମହିଳା ସଂଘର ସଭାନେତ୍ରୀ ଓ ସମ୍ପାଦିକାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟିଲା କାର

**ଦିଗପହଣ୍ଡି,୨୮।୬(ଡି.ଏନ.ଏ.)**

ପାଟପୁର ଥାନା ପଳାସପୁର-ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତା ହରିଣା ଗ୍ରାମ ସହ ସିଙ୍ଗିପୁର ଗ୍ରାମକୁ ସଂଯୋଗ କରୁଥିବା ପୋଲ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ କାର (ନଂ.ଓଆର୦୨ଏଆର-୫୫୦୧) ରାସ୍ତା କଡକୁ ଓଲଟି ପଡ଼ିଥିବା ଜଣାପଡିଛି। ହେଲେ ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଖବରନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଘଟଣା ଘଟିଥିବାରୁ କାହାରିକୁ କିଛି ଖବର ଜଣାପଡି ନ ଥିବା ବେଳେ ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ଥିବା ଜଣାପଡିଛି।



## ■ ଚାଷୀ, ଚାଷ ସମସ୍ୟା ସମାଧାନ ଦାବି

# କୃଷିମନ୍ତ୍ରୀଙ୍କୁ ଭେଟିଲା ଋଷିକୁଲ୍ୟା ରୟତ ମହାସଭା

**ଛତ୍ରପୁର,୨୮।୬(ଡି.ଏନ.ଏ.)**

ଋଷିକୁଲ୍ୟା ରୟତ ମହାସଭାର କର୍ମକର୍ତ୍ତାମାନେ ଭୁବନେଶ୍ୱରଠାରେ କୃଷିମନ୍ତ୍ରୀ ଅରୁଣ ସାହୁଙ୍କୁ ଭେଟି ଚାଷୀ ଓ ଚାଷ ସମସ୍ୟା ଅବଗତ କରିବା ସହ ଏହାର ସମାଧାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଗୁରୁବାର ମହାସଭା ପକ୍ଷରୁ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ମହାସଭାର ସଭାପତି ତ୍ରିନାଥ ବିଶ୍ୱାଳ ଓ ସମ୍ପାଦକ ସୀମାଞ୍ଚଳ ନାହାକ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ।

ଗଞ୍ଜାମ ଜିଲାରେ ମାତ୍ର ୩୫ ଭାଗ ଜମିକୁ ଜଳସେଚନ ସୁବିଧା ରହିଛି। ଏଥିପାଇଁ ଚାଷୀ ଖରିଫ୍ ଓ ରବି ୨ଟି ଫସଲ କରିବାରେ ସକ୍ଷମ ହୋଇପାରୁନାହାନ୍ତି। ଏଣୁ ସବୁ ଚାଷ ଜମିକୁ ଜଳସେଚନ ସୁବିଧା କରିବା ପାଇଁ ମାଷ୍ଟର ପ୍ଲାନ୍ କରିବାକୁ ମହାସଭା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଜିଲାରେ କୃଷିଜାତ ପଦାର୍ଥର ମାର୍କେଟିଂ ଓ ସଂରକ୍ଷଣର ସୁବିଧା ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ କ୍ଷତି ସହୁଛନ୍ତି। ଏଣୁ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଓ ମାର୍କେଟିଂ ୟାର୍ଡ କରି ସରକାରୀ ସ୍ତରରେ କିଣିବା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଜିଲାରେ ୫୦ ଭାଗରୁ ଅଧିକ ଜମି ଭାଗ ଚାଷୀମାନେ ଚାଷ କରିଥାନ୍ତି। ଯେଉଁମାନେ ପ୍ରକୃତ ଚାଷୀ। ଏଣୁ ସେମାନଙ୍କୁ ଚାଷୀ ମାନ୍ୟତା ଦେଇ ସବୁ ପ୍ରକାର ସରକାରୀ ସହାୟତା ପ୍ରଦାନ କଲେ କୃଷିର ବିକାଶ ହୋଇପାରିବ ବୋଲି କୁହାଯାଇଛି। ଗତ ବର୍ଷ ହୋଇଥିବା ତିତ୍‌ଲି କ୍ଷତିଗ୍ରସ୍ତ ମଧ୍ୟରୁ ହାତଗଣତି ଚାଷୀଙ୍କୁ ବୀମା ସହାୟତା ମିଳିଛି। ଏହାଉପରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏଥିସହ ଜୈବିକ ଚାଷୀଙ୍କୁ ପ୍ରୋତ୍ସାହନ ଦେଇ ଜୈବ ପଞ୍ଚାୟତ ଗଠନ କରିବା, ଚାଷୀଙ୍କୁ ସାମାଜିକ ନିରାପତ୍ତା ଭତ୍ତା ବାବଦକୁ ମାସକୁ ୩ ହଜାର ଟଙ୍କା ପ୍ରଦାନ, ଚାଷ ଜମିକୁ ଅଣଚାଷ କାମରେ ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରିବା, କୃଷିଭିତ୍ତିକ କୁଟୀରଶିଳ୍ପ ପ୍ରତିଷ୍ଠା କରି ଯୁବତୀ ଓ ଯୁବକମାନଙ୍କୁ ନିଯୁକ୍ତି ଦେବା ବ୍ୟବସ୍ଥା କରିବାକୁ ମହାସଭା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

### ପ୍ରାଥମିକ ବିଦ୍ୟାଳୟ ଅଭିଭାବକ ବୈଠକ

**ପାତ୍ରପୁର,୨୮।୬(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଆମ୍ବପୁର ପଞ୍ଚାୟତ କନ୍ଧ ବିଜୟପୁର ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅବିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପିଲା ଟିଏ ଗଛ ଟିଏ, ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା, ଉଜ୍ଜଳ ଓ ଉତ୍‌ଥାନ, ପଲିଥିନ ମୁକ୍ତ ସହ ଛାତ୍ରୀଛାତ୍ରଙ୍କ ସହ ମାତା ଓ ପିତାଙ୍କ ସମ୍ପର୍କ ଉପରେ ଅଭିଭାବକ ମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଇନ୍ଦ୍ର ମୋହନ ପ୍ରଧାନ, ଶିକ୍ଷା କମିଟି ସଭାପତି କାହ୍ନୁ ଦଳେଇଙ୍କ ସହ ସମସ୍ତ ଶିକ୍ଷକ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ବେଣୁଗୋପାଳ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟାଟା ପ୍ରକଳ୍ପରେ ଶ୍ରମିକ ଅଶାନ୍ତି

### ଭଙ୍ଗାରୁଜା ନେଇ ମାମଲା ରୁଜୁ, ଉଭୟ ପକ୍ଷ ସହ ଆଲୋଚନା

**ଛତ୍ରପୁର,୨୮।୬(ଡି.ଏନ.ଏ.)**

ଚମାଖଣ୍ଡି ଥାନା ଅଞ୍ଚଳରେ ଥିବା ଟାଟା ପ୍ରକଳ୍ପରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। ଟାଟା ଷ୍ଟିଲ୍‌ରେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଠିକା କର୍ମଚାରୀ ତଥା ବିସ୍ଥାପିତମାନେ କାମ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅନ୍ୟପକ୍ଷରେ ଗୁରୁବାର ରାତିରେ ଆନ୍ଦୋଳନକାରୀ ଟାଟା ପ୍ରକଳ୍ପରେ ଭଙ୍ଗାରୁଜା କରିଥିଲେ। ଏ ସମ୍ପର୍କରେ ଶୁକ୍ରବାର କମ୍ପାନୀ କର୍ତ୍ତୃପକ୍ଷ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଚମାଖଣ୍ଡି ପୋଲିସ ଏକ ମାମଲା (ନଂ.୭୩/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏବେ ପରିସ୍ଥିତି ଶାନ୍ତ ଅଛି। ଉଭୟ ପକ୍ଷ ସହ ପୋଲିସ ଓ ପ୍ରଶାସନ ପକ୍ଷରୁ ଆଲୋଚନା ଚାଲିଥିବା ଛତ୍ରପୁର ଏସଡିପିଓ ଉତ୍କଳକେଶରୀ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଟାଟା ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକେ ବିସ୍ଥାପିତ ହୋଇଥିଲେ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କମ୍ପାନୀ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କୁଆଡେ ପ୍ରତିଶ୍ରୁତି ମିଳିଥିଲା। ୭୦ ଜଣ ବିସ୍ଥାପିତ ଟାଟା ପ୍ରକଳ୍ପରେ ଠିକା ଭାବେ କାମ କରି ଆସୁଛନ୍ତି। ସ୍ଥାୟୀ ନିଯୁକ୍ତି ଦାବି ପୂରଣ ପାଇଁ ପୂର୍ବରୁ ବହୁବାର କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏଥିରେ ହସ୍ତକ୍ଷେପ କରିବାକୁ ସେମାନେ ପ୍ରଶାସନକୁ ଅନୁରୋଧ କରି ଆସୁଥିଲେ। ସବୁଠୁନିରାଶ ହେବା ପରେ କେତେଜଣ ବିସ୍ଥାପିତ ଟାଟା ପ୍ରକଳ୍ପରେ ଭଙ୍ଗାରୁଜା କରିଥିବା ଜଣାପଡିଛି।

## ଅଭିଭାବକ,କର୍ମଚାରୀ ସମ୍ମିଳନୀ

**ଶଙ୍କରାଖୋଲ,୨୮।୬(ଡି.ଏନ୍.ଏ.)**


ଚକାପାଦ ବ୍ଲକ ଶଙ୍କରାଖୋଲରେ ଥିବା ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଯୁକ୍ତ ୨ କଳାର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର, ଅଭିଭାବକ ଓ କର୍ମଚାରୀଙ୍କୁ ନେଇ ପ୍ରଥମ ଥର ପାଇଁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ଡ. ସନ୍ତୋଷ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସିମ୍‌ସର ପରିଚାଳକ ନିର୍ଦ୍ଦେଶକ ଅଜିତ୍ କୁମାର ପାତ୍ର, ଅଧ୍ୟାପକ ରାମକୃଷ୍ଣ ମହାନ୍ତି, ଏମ୍ ବାଳକୃଷ୍ଣ ଦୋରା, ସନ୍ନ୍ୟାସୀ ଜେନା, ବୈକୁଣ୍ଠ ପଣ୍ଡା ଯୋଗଦେଇଥିଲେ। ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣରେ ଉନ୍ନତି ଆଣିବା, ଛାତ୍ରୀଛାତ୍ରମାନଙ୍କ ନିୟମିତ ଉପସ୍ଥାନ ବୃଦ୍ଧି, ବିଦ୍ୟାଳୟକୁ ଛାତ୍ରୀଛାତ୍ର ମୋବାଇଲ ଫୋନ୍ ଆଣିବା ମନା ଏବଂ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ସମ୍ପର୍କିତ ବିଭିନ୍ନ ସମସ୍ୟା ଆଦି ଉପରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ଯୁକ୍ତ ୨ କଳା ଓ ଧନ୍ଦାମୂଳକ ଶିକ୍ଷାରେ ଭଲ ପ୍ରଦର୍ଶନ ଥିବାରୁ ଛାତ୍ରୀଛାତ୍ର ଏବଂ ଅଧ୍ୟାପକଙ୍କୁ ଅଭିଭାବକମାନେ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ବହୁ ବିଦ୍ୟାର୍ଥୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

### ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ

**ବାଲିଗୁଡା,୨୮।୬(ଡି.ଏନ୍.ଏ.)**

ବାଲିଗୁଡ଼ା ବ୍ଲକ୍ ବାରଖମା ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ପରମପାଙ୍ଗା ପଞ୍ଚାୟତରେ ବର୍ନିମିଲା ଗ୍ରାମରେ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡ. ଅରବିନ୍ଦ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ମ୍ୟାଲେରିଆ ଦମନ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ଲୋକେ କିଭଳି ମ୍ୟାଲେରିଆରୁ ମୁକ୍ତି ପାଇବେ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ସହ ନିୟମିତ ମଶାରୀ ବ୍ୟବହାର, ନାଳ ନର୍ଦ୍ଦମା ସଫା ରଖିବା, ପରିବେଶ ନିର୍ମଳ ରଖିବା ଏବଂ ମ୍ୟାଲେରିଆ ଔଷଧ ଖାଇବା ଉପରେ ପରାମର୍ଶ ଦିଆଯାଇଥିଲା। ସେହପରି କୀଟନାଶକ ସିଞ୍ଚନ ହୋଇଥିବା ସ୍ଥାନଗୁଡ଼ିକରେ ୩ମାସ ପର୍ଯ୍ୟନ୍ତ ଲିପାପୋଛା ନକରିବାକୁ ବୁଝା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୪୯ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇ ଜଣଙ୍କର ମ୍ୟାଲେରିଆ ପଜିଟିଭ୍ ବାହାରି ଥିଲା। ତାଙ୍କୁ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟ ପରିଦର୍ଶକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ନାରାୟଣ ବରାଳ ଓ ଅନ୍ୟାନ୍ୟ କର୍ମଚାରୀ ପରିଚାଳନା କରିଥିଲେ।

## ପିଲିବନ୍ଧ ଚତୁଃପାର୍ଶ୍ୱ ସଫେଇ କଲେ ସିପାହୀ



ପିଲିବନ୍ଧ ପାର୍ଶ୍ୱରୁ ଅନାବନା ଗଛ କଟାଯାଉଛି।

**ଛତ୍ରପୁର,୨୮।୬(ଡି.ଏନ.ଏ.)**

ଛତ୍ରପୁର ଅଷ୍ଟମ ବାଟାଲିୟନ ପକ୍ଷରୁ ପିଲିବନ୍ଧ ଚତୁଃପାର୍ଶ୍ୱକୁ ସଫେଇ କରାଯାଇଛି। ବାଟାଲିୟନ୍ କମାଣ୍ଡାଣ୍ଟ ଉଦୟ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସିପାହୀ ଓ ସଂଘର କର୍ମକର୍ତ୍ତାମାନେ ସାମିଲ ଥିଲେ। ପିଲିବନ୍ଧର ଚତୁଃପାର୍ଶ୍ୱରେ ଥିବା ଆବର୍ଜନା ହଟାଯିବା ସହ ଅନାବନା ଗଛକାଟି ସଫା କରାଯାଇଥିଲା। ସଫେଇ ଅଭିଯାନରେ ଡେପୁଟି କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠୀ, ସୁବେଦାର ଏସ୍. ଏନ୍. ବେହେରା, ବି. ଏନ୍. ମଲ୍ଲିକ, ହାବିଲଦାର ଓ ସିପାହୀ ସଂଘ ସଭାପତି ପ୍ରଭାକର ବେହେରା, ସମ୍ପାଦକ ନୀଳାଦ୍ରି ନାୟକଙ୍କ ସମେତ ସିପାହିମାନେ ସାମିଲ ଥିଲେ।

## କ୍ଷତ୍ରିୟବରପୁର କଲେଜରେ ସମାବର୍ତ୍ତନ ଉତ୍ସବ




ମଞ୍ଚାସୀନ ଅତିଥି।

**ଭଞ୍ଜନଗର,୨୮।୬(ଡି.ଏନ.ଏ.)**

କ୍ଷତ୍ରିୟବରପୁର କଲେଜରେ ଶୁକ୍ରବାର ଆୟୋଜିତ ସମାବର୍ତ୍ତନ ଉତ୍ସବରେ ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। କଲେଜ ଅଧକ୍ଷ ଅମୂଲ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସୂର୍ଯ୍ୟକାନ୍ତ ମହାନ୍ତି, ଡ. ରାମ ପ୍ରସାଦ ପଣ୍ଡା, କୁମୁଦ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାଧ୍ୟାପକ ବି.ଗୋବିନ୍ଦ ରାଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ରୁନିବାଳା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡ. ରାଜେନ୍ଦ୍ର ଡାକୁଆ, ବିବେକାନନ୍ଦ କର, ସୁଶାନ୍ତ କୁମାର ଲେଙ୍କା, ଭାରତୀ ବିଶ୍ୱାଳ, ପିଙ୍କି ପଲାଇ, ରମେଶ ଚନ୍ଦ୍ର ରାଉତ, ସ୍ୱରୂପାରାଣୀ ବିଶ୍ୱାଳ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କଲେଜର ୮୮ ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩ ଜଣ ପ୍ରଥମ ଶ୍ରେଣୀରେ, ୨୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୩୩ ଜଣ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି।

## ■ ଚତୁର୍ଥ ସେମିଷ୍ଟର ପରୀକ୍ଷା ଆରମ୍ଭ

# ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ

**ଭଞ୍ଜନଗର,୨୮।୬(ଡି.ଏନ.ଏ.)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ କଲେଜରେ ଶୁକ୍ରବାର ଠାରୁ ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନ ଦ୍ୱିତୀୟ ବର୍ଷ ଚତୁର୍ଥ ସେମିଷ୍ଟର ପରୀକ୍ଷା ଆରମ୍ଭ ହୋଇଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ, ସାବିତ୍ରୀ ମହିଳା କଲେଜ, କ୍ଷତ୍ରିୟବରପୁର, ଗାଲେରି, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ଆଦି କଲେଜରେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଆରମ୍ଭ ହୋଇଛି। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ପୂଜାର୍ଚ୍ଚନା କରିବା ପରେ ପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରାଧ୍ୟାପକ ଡ଼.ବିନୋଦ ଚନ୍ଦ୍ର ଦାସ, ବାଲାଜୀ ପାତ୍ର, ଅଧ୍ୟାପିକା ମନ୍ଦାକିନୀ ପଣ୍ଡା ପରୀକ୍ଷା ପରିଚାଳନା ଦାୟିତ୍ୱରେ ଅଛନ୍ତି। ଏହା ପୂର୍ବରୁ ଫନୀ ପାଇଁ ବନ୍ଦ ଥିବା ପ୍ରଥମ ସେମିଷ୍ଟର ପରୀକ୍ଷା ସରିଛି। ଆଗକୁ ତୃତୀୟ, ପଞ୍ଚମ ସେମିଷ୍ଟର ପରୀକ୍ଷା ହେବ। ସିବିସିଏସ୍ ସିଲାବସ୍‌ରେ ବାରମ୍ବାର ସେମିଷ୍ଟର ପରୀକ୍ଷା, ମିଡ୍ ସେମ୍ ପରୀକ୍ଷା ଏବଂ ପ୍ରାକ୍ଟିକାଲ ପରୀକ୍ଷା ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢ଼ା ବୋଝ ବଢୁଛି। ଗତ ସାଧାରଣ ନିର୍ବାଚନ ପାଇଁ ପରୀକ୍ଷାଗୁଡ଼ିକ ନିର୍ଦ୍ଧାରିତ ସମୟରେ ହୋଇପାରି ନ ଥିଲା। ବିଳମ୍ବରେ ପରୀକ୍ଷା ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନସିକ ଚାପ ବଢ଼ୁଥିବା ବେଳେ ପରୀକ୍ଷା ଫଳ ମଧ୍ୟ ବିଳମ୍ବରେ ପ୍ରକାଶ ପାଉଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଷଷ୍ଠ ସେମିଷ୍ଟର ପରୀକ୍ଷା ଫଳ ଏ ଯାଏ ପ୍ରକାଶ ପାଇନାହିଁ। ଫଳ ପ୍ରକାଶନରେ ବିଳମ୍ବ ଯୋଗୁ ଅନ୍ୟ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଶିକ୍ଷା କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ ନିରାଶ ହେବା ସମ୍ଭାବନା ରହୁଛି। ତେବେ ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀ ଖୁବଶୀଘ୍ର ଷଷ୍ଠ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି। ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

## ସଂକ୍ଷେପରେ

### ଜଳ ସଂରକ୍ଷଣ ପାଇଁ ଗ୍ରାମସଭାରେ ଆଲୋଚନା

**ଗୋଷାଣି, ୨୮।୬ :** ଜଳ ସଂରକ୍ଷଣ ପାଇଁ ଗୋଷାଣି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋଷାଣି ସରପଞ୍ଚ ଗେଦିସା କଳ୍ପନା, ନାଏବ ସରପଞ୍ଚ ମନୋରଞ୍ଜନ ଜେନା, ପିଇଓ ପ୍ରଭାତ କୁମାର ବିଶ୍ୱାଳ, ଜିଆର୍‌ଏସ୍ ଏବଂ ପଞ୍ଚାୟତର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଏହାସହ ପଞ୍ଚାୟତର ସମାଜସେବୀ ଭଗବାନ ପ୍ରସାଦ ନାୟକ, ଶଙ୍କର ସାମଲ, ରତ୍ନାକର ପାତ୍ର, ସୁନୀତା ମଲିକ ଉପସ୍ଥିତ ରହି ଜଳର ଉଚିତ୍ ବ୍ୟବହାର ଏବଂ ପ୍ରତ୍ୟେକ ଗ୍ରାମରେ କିପରି ଜଳ ସଂରକ୍ଷଣ ହୋଇପାରିବ ତା'ଉପରେ ଆଲୋଚନା କରିଥିଲେ।

### ସମବାୟ ସମିତିର ସାଧାରଣ ବୈଠକ

**ପାରଳାଖେମୁଣ୍ଡି, ୨୮।୬ (ସ୍ୱ.ପ୍ର.) :** ଗଜପତି ଜିଲା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତସ୍ଥିତ ରାମଲିଙ୍ଗେଶ୍ୱର ସମବାୟ ସମିତି ସଂସ୍ଥାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀଙ୍କ ଋଣ, ବିହନ ଆଦି କିପରି ସେମାନଙ୍କ ନିକଟରେ ପହଞ୍ଚିପାରିବ ଏବଂ ଏହି ସମବାୟ ସମିତି ଅନ୍ତର୍ଭୁକ୍ତ କୃଷକମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାମଲିଙ୍ଗେଶ୍ୱର ସମବାୟ ସମିତି କାର୍ଯ୍ୟାଳୟ କୋଠା ଗୃହଟି ବହୁ ପୁରୁଣା ହୋଇଥିବାବେଳେ ସେଠାରେ ଏକ ନୂତନ କୋଠାଗୃହ ନିର୍ମାଣ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ବୈଠକରେ ପ୍ରଶାନ୍ତ କୁମାର ପାଳ, ପି. ସୁରିନାରାୟଣ, ଇ. ରାମ ପ୍ରସାଦ ଉପସ୍ଥିତ ଥିଲେ।

### ଅଧିକ କ୍ରିୟାଶୀଳ ହେବ 'ଟିଚ୍ ଗଜପତି'

**ପାରଳାଖେମୁଣ୍ଡି, ୨୮।୬ (ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ଟିଚ୍ ଗଜପତି କାର୍ଯ୍ୟକ୍ରମ ଏକ ସଫଳ ଅଧ୍ୟାୟ ସୃଷ୍ଟି କରିଥିବାବେଳେ ଏହାକୁ ଅଧିକ କ୍ରିୟାଶୀଳ କରାଯାଇ ଜିଲାରେ ଶିକ୍ଷାର ମାନବୃଦ୍ଧି କରିବାପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ପାରଳାଖେମୁଣ୍ଡିସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବା ସହ କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବାପାଇଁ ଯୋଜନା କରାଯାଇଛି। ଟିଚ୍ ଗଜପତି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପଦବୀରେ ଥିବା ଅଧିକାରୀମାନେ ସମୟ ବାହାର କରି ବିଭିନ୍ନ ବିଦ୍ୟାଳୟରେ ଭିନ୍ନ ଭିନ୍ନ ବିଷୟ ବସ୍ତୁ ଉପରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ପରାମର୍ଶ ଦିଆଯାଇଛି। ଏହା ଦ୍ୱାରା ଛାତ୍ରୀଛାତ୍ରୀଙ୍କ ଶିକ୍ଷାପ୍ରତି ଅଧିକ ଆଗ୍ରହ ବଢ଼ିବା ସହ ଜିଲାରେ ଶିକ୍ଷାର ମାନରେ ମଧ ବୃଦ୍ଧି ଘଟିବ। ଏହି ପରିପ୍ରେକ୍ଷୀରେ ୩ମାସ ମଧରେ ଅତିକମ୍‌ରେ ୧୫ଟି ଶ୍ରେଣୀରେ ପିଲାଙ୍କୁ ଶିକ୍ଷାଦାନ କରି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବାକୁ ବ୍ଲକ ଅଧିକାରୀ, ଜିଲାଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ବୈଠକରେ ଜିଲାପାଳ ଅନୁପମ ସାହା, ଅତିରିକ୍ତ ଜିଲାପାଳ ସ୍ୱଧା ଦେବସିଂ, ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭିତ୍ତିଭୂମି ଅଭାବ: ଅଡୁଆରେ ଘରୋଇ ସ୍କୁଲ

**ବ୍ରହ୍ମପୁର ଅଫିସ,୨୮।୬**

ଆବଶ୍ୟକ ଭିତ୍ତିଭୂମି ନ ଥାଇ ପିଲାଙ୍କୁ ପାଠ ପଢ଼ାଉଥିବା ଘରୋଇ ସ୍କୁଲଗୁଡ଼ିକର ଅଡୁଆ ବଢ଼ିବାରେ ଲାଗିଛି। ବିଶେଷକରି ଯେଉଁ ଘରୋଇ ସ୍କୁଲଗୁଡ଼ିକ ସାର୍ଟିଫିକେଟ୍ ଅଫ୍ ରେକ୍‌ଗନାଇଜେଶନ୍(ସିଓଆର୍) ନାହିଁ, ସେଗୁଡ଼ିକ ବନ୍ଦ ହେବା ସମ୍ଭାବନା ଦେଖାଦେଇଛି। ଶିକ୍ଷା ବିଭାଗ ସିଓଆର୍‌କୁ ନେଇ କଠୋର ହୋଇଥିବା ବେଳେ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି। କେତେକ ବିଦ୍ୟାଳୟକୁ ତାଲା ପକାଇ ବନ୍ଦକରି ଦିଆଯାଇଥିଲା। ହେଲେ ଏବେ ସିଓଆର୍ ଆବେଦନ ୩୦ତାରିଖକୁ ଘୁଞ୍ଚିବା ପରେ ତାଲା ଖୋଲିଦିଆଯାଇଛି। ତଥାପି ଚିନ୍ତା ହଟିନି।

ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲାରେ ୪୮୧ ଘରୋଇ ପ୍ରାଥମିକ ବିଦ୍ୟାଳୟ ରହିଛି। କିନ୍ତୁ ଶିକ୍ଷା ଅଧିକାର ଅନୁଯାୟୀ ମାନଦଣ୍ଡ ଅଧିକାଂଶ ଘରୋଇ ସ୍କୁଲର ନାହିଁ। ଆର୍ଥିକ ପଛୁଆ ବର୍ଗର ୨୫ପ୍ରତିଶତ ଶିଶୁଙ୍କ ପାଇଁ ନାମଲେଖାରେ ସଂରକ୍ଷଣ, ଓଟିଇଟି ପାସ୍ କରିଥିବା ଶିକ୍ଷକ, ପାଚେରି ନ ଥିବା ଏବଂ ଅନ୍ୟାନ୍ୟ ମାନଦଣ୍ଡ ନ ଥିବା ଯୋଗୁ ୨୩୨ ଘରୋଇ ସ୍କୁଲ ପାଖରେ ସିଓଆର୍ ନାହିଁ। ଏହି ସ୍କୁଲଗୁଡ଼ିକର ଏକ ତାଲିକା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ଏଣୁ ବିଦ୍ୟାଳୟଗୁଡ଼ିକୁ ସିଲ୍ କରିଦେବା ପାଇଁ ଜିଲାପାଳଙ୍କ ପକ୍ଷରୁ ବ୍ରହ୍ମପୁର, ଛତ୍ରପୁର ଏବଂ ଭଞ୍ଜନଗର ଉପଜିଲାପାଳଙ୍କୁ ଚିଠି ଲେଖାଯାଇଥିଲା। ଶିକ୍ଷା ଅଧିକାର ଆଇନ୍ ଉଲ୍ଲଂଘନ ଯୋଗୁ ତାଲା ପକାଇବାକୁ ନିର୍ଦ୍ଦେଶରେ କୁହାଯାଇଥିଲା। ଜିଲାରେ ପ୍ରଥମେ ଭଞ୍ଜନଗର ଉପଖଣ୍ଡ ଜଗନ୍ନାଥପ୍ରସାଦ ଏବଂ ବେଲଗୁଣ୍ଠା ବ୍ଲକର କେତେକ ଘରୋଇ ସ୍କୁଲକୁ ସିଲ୍ କରିଦିଆ ଯାଇଥିଲା। ହେଲେ ଏ ସମ୍ପର୍କରେ ଅଭିଭାବକଙ୍କୁ କୌଣସି ପ୍ରକାରର ଆଗୁଆ ସୂଚନା ଦିଆଯାଇ ନ ଥିଲା। ଖରା ଛୁଟି ପରେ ସିଓଆର୍ ବିଷୟରେ ଜଣାପଡ଼ିଥିଲା। ଏଣୁ ନିଜ ନିଜ ପିଲାମାନଙ୍କୁ ଅନ୍ୟତ୍ର ନାମ ଲେଖାଇବା ପାଇଁ ଅଭିଭାବକମାନେ ନିଷ୍ପତ୍ତି ନେଇଥିଲେ। ହେଲେ ଘରୋଇ ସ୍କୁଲଗୁଡ଼ିକ ବନ୍ଦ ରହିଥିବା ଯୋଗୁ ଆବଶ୍ୟକ ପ୍ରମାଣପତ୍ର ମିଳିପାରି ନ ଥିଲା। ତେବେ ହଠାତ୍ ୨ଶହରୁ ଅଧିକ ସ୍କୁଲ ବନ୍ଦ ହୋଇଗଲେ, ସରକାରୀ ସ୍କୁଲଗୁଡ଼ିକ ଉପରେ ଭାର ବଢ଼ିବାର ସମ୍ଭାବନା ଦେଖା ଦେଇଥିଲା। ଏହା ଶିକ୍ଷା ବିଭାଗକୁ ଚିନ୍ତାରେ ପକାଇ ଦେଇଥିଲା। ଫଳରେ ସିଓଆର୍‌ଗୁଡ଼ିକ ଆବେଦନକୁ ଅନୁମତି ଦେବାର ଅବଧି ୩୦ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି।

ଅପରପକ୍ଷେ ଏହି ବିଷୟକୁ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନେଇ ଏକ ବୈଠକ ବସିଥିବା ସୂଚନା ମିଳିଛି। ଯଦି ସରକାର ଘରୋଇ ସ୍କୁଲଗୁଡ଼ିକୁ ବନ୍ଦ କରିଦେବା ପାଇଁ ନିଷ୍ପତ୍ତି ନିଅନ୍ତି, ତେବେ ସରକାରୀ ସ୍କୁଲଗୁଡ଼ିକ କିଭଳି ଭାବେ ଏହାର ମୁକାବିଲା କରିବେ, ସେ ନେଇ ଆଲୋଚନା କରାଯାଇଥିଲା। ସେହିଭଳି ସିଓଆର୍ ଆବେଦନଗୁଡ଼ିକୁ ତୁରନ୍ତ ବିଭାଗ ପାଖକୁ ପଠାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଦୁର୍ଦ୍ଦାନ୍ତ ସୁନୀଲଙ୍କ ନାଁରେ ଏନ୍‌ଏସ୍‌ଏ ନୋଟିସ

**ବ୍ରହ୍ମପୁର ଅଫିସ,୨୮।୬**

ବ୍ରହ୍ମପୁର ପୋଲିସ ଜିଲାର ୨୫ରୁ ଊର୍ଦ୍ଧ୍ୱ ସଙ୍ଗିନ ମାମଲାରେ ଜଡ଼ିତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ବେହେରାଙ୍କ ନାଁରେ ପୋଲିସ ଏନ୍‌ଏସ୍‌ଏ(ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ) ନୋଟିସ ନଂ. ୨/୧୯ ଜାରି କରିଛି । ଏପରିକି ସୁନୀଲ ଗତ କିଛିଦିନ ତଳେ ରେଳଷ୍ଟେଶନରେ ବୋମା ଧରି ଯାତ୍ରୀମାନଙ୍କୁ ଭୟଭୀତ କରିବା ସହ ଆତଙ୍କ ଖେଳାଉଥିବା ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୁନୀଲ ଏବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବେଳେ ପୋଲିସ ଶୁକ୍ରବାର ତାଙ୍କୁ ଏନ୍‌ଏସ୍‌ଏ ନୋଟିସ ଦେଇଥିବା ବେଳେ ଅନ୍ୟପଟେ ତାଙ୍କ ପରିବାର ବର୍ଗଙ୍କୁ ଜଣାଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି । ଏବେ ସୁନିଲଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଜେଲରୁ ମୁକୁଳିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏହା ଲାଗୁ ହେଲେ ସେ ୬ ମାସ ପର୍ଯ୍ୟନ୍ତ ଜେଲରୁ ମୁକୁଳି ପାରିବେ ନାହିଁ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ସେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାଁରେ ବିଭିନ୍ନ ଥାନାରେ ହତ୍ୟା, ଡ଼କାୟତି, ଦାଦାବଟି ଭଳି ଅନେକ ମାମଲା ରହିଛି । ତାଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିବା ପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସରକାରଙ୍କ ନିକଟକୁ ଚିଠି ଲେଖିଥିବା ଜଣାପଡ଼ିଛି ।


ସୁନୀଲ ବେହେରା।

# ଦୁଇ ବିଦ୍ୟାଳୟର ମିଶ୍ରଣ

**ହିଞ୍ଜିଳିକାଟୁ,୨୮।୬(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବୃନ୍ଦାବନ ବିଦ୍ୟାପୀଠର ମିଶ୍ରଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍କୁଲ ଏବେ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଭାବେ ପରିଚାଳିତ ହେବ ବୋଲି ମିଶ୍ରଣ ପର୍ବ ପରେ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା କହିଛନ୍ତି। ସରକାରଙ୍କ ନୂତନ ନୀତି ପ୍ରକାରେ, ଲାଗି ଲାଗି ଥିବା ୨ଟି ସ୍କୁଲକୁ ଗୋଟିଏ ସ୍କୁଲ କରି ପରିଚାଳନା କରିବା ପାଇଁ ପ୍ରୟାସ କରାଯାଉଛି। ତେବେ ଉକ୍ତ ବିଦ୍ୟାଳୟ ଗୁଡ଼ିକ ଲାଗି ଲଗି ଥିବାରୁ ତାହାକୁ ମିଶାଇ ଗୋଟିଏ ସ୍କୁଲ କରିବା ପାଇଁ ଗତ ବର୍ଷଠାରୁ ଉଦ୍ୟମ ହୋଇଥିଲା। ଏ ନେଇ ପୂର୍ବାହ୍ନରେ ବୃନ୍ଦାବନ ବିଦ୍ୟାପୀଠ ପରିସରରେ ଉଭୟ ସ୍କୁଲର ପରିଚାଳନାକମିଟି ସଦସ୍ୟଙ୍କ ବୈଠକ ହୋଇଥିଲା। ଏଥିରେ ଉଭୟ ସ୍କୁଲର ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ଆୟୋଜିତ ବୈଠକରେ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନୀ ଅଧ୍ୟକ୍ଷତା କରିଥିଲେ। ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଏନ୍ ରଘୁନାଥ ଓ ବୃନ୍ଦାବନ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନିକୁଞ୍ଜ ପ୍ରଧାନ ମଞ୍ଚାସୀନ ଥିଲେ। ଏଥିରେ ଉଭୟ ସ୍କୁଲ ମିଶ୍ରଣ ନେଇ ଜିଲା ଶିକ୍ଷାଧିକାରୀ ଘୋଷଣା କରିଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷା, ରିଜେଲ୍ଟ ଓ ସରକାରୀ କାର୍ଯ୍ୟକ୍ରମ ଉତ୍ଥାନ ସମ୍ପର୍କରେ ଆଲୋଚନା ହେବା ସହ ମୋ ସ୍କୁଲ ଯୋଜନାରେ ଏକ ଲାଇବ୍ରେରୀକୁ ଜିଲା ଶିକ୍ଷାଧିକାରୀ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିସରରେ ଚାରା ରୋପଣ ହୋଇଥିଲା। ଏଥିରେ ବହୁ ଅଭିଭାବକଙ୍କ ସହ ସମସ୍ତ ଶିକ୍ଷୟିତ୍ର, ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


ମିଶ୍ରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ସାପ କାମୁଡ଼ାରେ ଯୁବକ ମୃତ

**ପୁରୁଷୋତ୍ତମପୁର, ୨୮।୬(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ କେ.ଏନ ପୁର ପଞ୍ଚାୟତ ଖାଜିପଲ୍ଲୀ ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ଧୀରେନ୍ଦ୍ର ଆଚାର୍ଯ୍ୟ (୪୦)। ଧୀରେନ୍ଦ୍ର ଶୁକ୍ରବାର ରାତିରେ କେତେଜଣ ସାଙ୍ଗଙ୍କ ସହ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଉଥିବା ବେଳେ ସାପ କାମୁଡ଼ି ଦେଇଥିଲା। ସାଙ୍ଗମାନେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । କିନ୍ତୁ ଆମ୍ବୁଲାନ୍ସ ନ ଆସିବାରୁ ଧୀରେନ୍ଦ୍ରଙ୍କୁ ସେମାନେ ଏକ ଅଟୋ ଯୋଗେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ. ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଆମ୍ବୁଲାନ୍ସ ନ ଆସିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ଦେଖାଦେଇଛି।

### ନାବାଳିକା ଉଦ୍ଧାର, ଚାଇଲ୍ଡ ଲାଇନକୁ ହସ୍ତାନ୍ତର

**ଗଞ୍ଜାମ,୨୮।୬(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ତ୍ରିବେଣୀ ମଠଛକଠାରେ ଶୁକ୍ରବାର ଅସହାୟ ଭାବେ ବୁଲୁଥିବା ଜଣେ ନାବାଳିକା (୧୫ବର୍ଷ)ଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ନାବାଳିକା ଜଣକ ମଠଛକ ଠାରେ ଏକାକୀ ବୁଲୁଥିଲେ। ସ୍ଥାନୀୟ ଅଞ୍ଚଳର ସକ୍ଷମ ସଭାପତି ବସନ୍ତ କୁମାର ସାହୁ, ଭରସା ସମ୍ପାଦକ ଦୁର୍ଗାମାଧବ ପାଣିଗ୍ରାହୀ, ପ୍ରଭାତ କୁମାର ସାହୁ, ମୁରଲୀ ରେଡ୍ଡୀ, ଶ୍ୟାମା ରେଡ୍ଡୀ ପ୍ରମୁଖ ତାଙ୍କୁ ଅସହାୟ ଅବସ୍ଥାରେ ଦେଖି ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ଜଣାଇଥିଲେ। ଚାଇଲ୍ଡ ଲାଇନର ରଞ୍ଜିତ ବେହେରା, ନୃସିଂହ ପାଣିଗ୍ରାହୀ ଓ ଟିମ୍ ସଦସ୍ୟ ଲତିକା ଦଳାଇ, ସଂଯୋଜିକା ତଅପୋଇ ସାହୁ ପ୍ରମୁଖ ଗଞ୍ଜାମରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କ ଘର ବୌଦ୍ଧ ଜିଲାରେ ବୋଲି ଜଣାପଡିଛି।

# ବିଡିଓଙ୍କ କାର୍ଯ୍ୟକୁ ବିରୋଧ


ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲୋକମାନେ ହୋହାଲ୍ଲା କରୁଛନ୍ତି।

**ବେଗୁନିଆପଡା,୨୮।୬(ଡି.ଏନ.ଏ.)**

ବେଗୁନିଆପଡା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକେ ପହଞ୍ଚି ହୋହଲ୍ଲା କରିଥିଲେ। ବିଡିଓ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ବିଲ୍ ପୈଠରେ ବିଳମ୍ବ କରୁଥିବା, କାର୍ଯ୍ୟାଳୟରେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବା, ସାଧାରଣ ଲୋକଙ୍କୁ ବାରମ୍ବାର ଦୌଡାଉ ଥିବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ। ଏପରିକି ସରକାରୀ କର୍ମଚାରୀ ସାଢ଼େ ୫ଟା ପର୍ଯ୍ୟନ୍ତ ଅଫିସରେ ରହିବାକୁ ନିୟମ ଥିଲେ ବି ସମୟ ପୂର୍ବରୁ ବିଡିଓ ପଳାଇ ଯାଉଥିବା ଦର୍ଶାଇ ତାଳସର, ଝରିଗାଁ ଆଦି ଅଞ୍ଚଳର କେତେଜଣ ଲୋକ ଏହାକୁ ବିରୋଧ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ବିଜୟ କୁମାର ଦୋରା ବୁଝାଶୁଝା କରିବା ସହ କ'ଣ ହୋଇଛି ବିଡିଓଙ୍କୁ ପଚାରି ବୁଝିବେ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ୨ ଦିନ ହେଲା କାର୍ଯ୍ୟାଳୟକୁ ବିଡିଓ ଆସୁ ନ ଥିବାରୁ କୌଣସି ସମସ୍ୟା ସମାଧାନ ହୋଇନି। ଏପରିକି ବିଡିଓ ଅରୁଣ କୁମାର ମଲ୍ଲିକଙ୍କୁ ତାଙ୍କ ମୋବାଇଲ ଫୋନ ନଂ.୬୩୭୦୬୪୨୪୬୧ରେ ଯୋଗାଯୋଗ କରାଯାଇଥିଲେ ମଧ ସେ କଲ୍ ଗ୍ରହଣ କରୁନାହାନ୍ତି।

### ଏବିଆର୍‌ଏସ୍‌ଟିରେ ନୂତନ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

**ପାରଳାଖେମୁଣ୍ଡି, ୨୮।୬ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ (ଏବିଆର୍‌ଏସ୍‌ଟି)ର ନୂତନ ନିର୍ଦ୍ଦେଶକ ରୂପେ ଅଚ୍ୟୁତାନନ୍ଦ ବ୍ରହ୍ମା ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ପ୍ରତିଷ୍ଠାନରେ ଥିବା ଚିନ୍ତାମଣୀ ଭୂୟାଁଙ୍କୁ ଗଞ୍ଜାମ ଜିଲା ଛତ୍ରପୁର ନିକଟସ୍ଥ ତାମ୍ପରା ସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ତାଲିମ୍ ପ୍ରତିଷ୍ଠାନକୁ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ବ୍ରହ୍ମାଙ୍କୁ ନିଯୁକ୍ତ କରାଯାଇଛି। ସେ ଏହା ପୂର୍ବରୁ ବିଶାଖାପାଟଣା ସ୍ଥିତ ଆନ୍ଧ୍ର ବ୍ୟାଙ୍କ ଷ୍ଟାଫ କଲେଜରେ ଦାୟିତ୍ୱରେ ଥିଲେ। ଦାୟିତ୍ୱ ଗ୍ରହଣ ଅବସରରେ ସେ କହିଛନ୍ତି ଯେ, ଜିଲାର ଗ୍ରାମାଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବା ଦିଗକୁ ପ୍ରାଥମିକତା ଦିଆଯିବ ।

### ଶ୍ମଶାନ ଗୃହ ନିର୍ମାଣକୁ ୩ ବର୍ଷ
# ବିଲ୍ ମିଳୁ ନ ଥିବା ଅଭିଯୋଗ

**ଖଜୁରିପଡ଼ା,୨୮।୬(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକ ଆଦିବାସୀ ଅଧୁଷିତ ବଣ ପାହାଡ଼ ଘେରା ୧୪ ପଞ୍ଚାୟତକୁ ନେଇ ଗଠିତ। ଏଭଳି ଦୁର୍ଗମ ଇଲାକାଗୁଡ଼ିକୁ ଚାରିଚକିଆ ଯାନ ଯାଇପାରୁ ନ ଥିବାରୁ ଜିଲାର ଉଚ୍ଚସ୍ତରୀୟ ଅଧିକାରୀଙ୍କ ପାଦ ପଡୁନାହିଁ। ଫଳରେ ଏବେବି ଲୋକେ ସମସ୍ୟାରେ ଘାଣ୍ଟି ହେଉଛନ୍ତି। ସରକାରୀ ଯୋଜନା ବାଟବଣା ହେଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଦୁତିପଡ଼ା ପଞ୍ଚାୟତରେ। ପଞ୍ଚାୟତର ଜାମଝରୀ ଗ୍ରାମର କିଶୋର ଦିଗାଲ ୨୦୧୪-୧୫ରେ ଜାମଝରୀ ଗ୍ରାମ ଶ୍ମଶାନ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ବ୍ୟୟଅଟକଳ ଥିଲା ୧ ଲକ୍ଷ ୫୦ ହଜାର ଟଙ୍କା। ନିର୍ଦ୍ଧାରିତ ସମୟ ମଧରେ ଘର ଛାତ ପଡିସାରିଛି। ମାତ୍ର ବିଭାଗ ପକ୍ଷରୁ ରନିଙ୍ଗ ବିଲ୍ ବାବଦକୁ ମାତ୍ର ୭୨ ହଜାର ଟଙ୍କା ମିଳିଛି। ୩ବର୍ଷ ବିତିଲାଣି ହେଲେ ପୂର୍ଣ୍ଣାଙ୍ଗ ବିଲ୍ ହେଉନାହିଁ। ବିଭାଗୀୟ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖରଙ୍କୁ ବାରମ୍ବାର ଭେଟି ଫାଇନାଲ ବିଲ୍ ପାଇଁ ବାରମ୍ବାର କହିଥିଲେ ମଧ ସେ ଶୁଣୁ ନ ଥିବା କିଶୋର ଗଣମାଧମ ଆଗରେ ଅଭିଯୋଗ କରିଛନ୍ତି। ଏନେଇ ସହକାରୀ ଯନ୍ତ୍ରୀ ଶେଖରଙ୍କୁ ପଚାରିବାରୁ ସେ ଏନେଇ ତଥ୍ୟ ଦେବାକୁ ମନା କରିଥିଲେ। କିଶୋର ବିଲ୍ ନ ପାଇ ନିରାଶ ହୋଇ ପଡିଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।


ଜାମଝରୀ ଗ୍ରାମ ଶ୍ମଶାନ ଗୃହ।

## ଗଜପତିରୁ ସି-ଟିମ୍‌ର ଶୁଭାରମ୍ଭ
# ଜାରି ହେଲା ଫୋନ୍ ନମ୍ବର, ୱେବ୍‌ସାଇଟ୍

**ପାରଳାଖେମୁଣ୍ଡି, ୨୮।୬ (ସ୍ୱ.ପ୍ର.)**

ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଗଜପତି ପୋଲିସ ପକ୍ଷରୁ ଏବଂ ଜିଲା ଶିଶୁ କଲ୍ୟାଣ ୟୁନିଟ୍‌ର ସହଯୋଗରେ ଉଦ୍‌ଘାଟିତ ହୋଇଛି ସି-ଟିମ୍। ରାଜ୍ୟରେ ପ୍ରଥମ ଥର ପାଇଁ ଗଜପତି ଜିଲାରେ ଏହା କାର୍ଯ୍ୟକାରୀ ହୋଇଛି। ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଏହି ପାଇଲଟ ପ୍ରୋଜେକ୍ଟର ଶୁଭାରମ୍ଭ ହୋଇଛି।

ଏଥିରେ ମୁଖ୍ୟ ଅତିଥିଭାବେ କଟକ ଉଚ୍ଚ ନ୍ୟାୟାଳୟର ଜଷ୍ଟିସ୍ କେ.ଆର୍. ମହାପାତ୍ର ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଗଜପତି ଏସ୍‌ପି ସାରା ଶର୍ମା ଯୋଗଦେଇ ସି-ଟିମ୍‌ର କାର୍ଯ୍ୟକଳାପ ଏବଂ ଏହାର କିପରି ଭାବେ ସଫଳ ରୂପାୟନ ହେବ ସେ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଟିମ୍‌ର ଏକ ୱେବ୍‌ସାଇଟ (www.sheteamgajapati.com) କିପରି କାର୍ଯ୍ୟକରିବ ସେ ବିଷୟରେ ମଧ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ସହରର ଯେ କୌଣସି ସ୍ଥାନରୁ ସି-ଟିମ୍‌କୁ ଯୋଗାଯୋଗ ପାଇଁ ୨ଟି ଫୋନ୍ ନମ୍ବର ମଧ ଜାରି କରାଯାଇଛି । ଏହି ଦୁଇଟି ନମ୍ବର ହେଲା ୦୬୮୧୫-୨୨୨୩୮୮, ୯୪୩୯୯୧୬୭୦୭। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମିରାକଲ୍ ଡ୍ୟାନ୍ସ ଗ୍ରୁପ୍‌ର ଶିଶୁ କଳାକାରମାନେ ସି-ଟିମ୍‌ର ଥିମ୍ ସଙ୍ଗରେ ନୃତ୍ୟ ପରିବେଷଣ କରିଥିଲେ। ଏହି ଥିମ୍ ସଙ୍ଗରେ ଖୋଦ୍ ଏସ୍‌ପି ଶର୍ମା କଣ୍ଠଦାନ କରିଛନ୍ତି। ସେହିପରି ଛୋଟଛୋଟ ସଚେତନତାଧର୍ମୀ ନାଟକ ପରିବେଷଣ କରାଯାଇ ସି-ଟିମ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରଘୁନାଥ ପାତ୍ର। ସି-ଟିମ୍ ସଚେତନତା ସପ୍ତାହ ପାଳନ ଅବସରରେ ଯେଉଁ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା ତାହାର କୃତୀ ପ୍ରତିଯୋଗୀଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା । ସି-ଟିମ୍ ଜଣେ ମହିଳା ଏସ୍.ଆଇଙ୍କ ନେତୃତ୍ୱରେ କାର୍ଯ୍ୟକରିବ ଏବଂ ଟିମ୍ ପାଇଁ ଏକ ସ୍ୱତନ୍ତ୍ର ପୋଷାକ ମଧ ନିର୍ଦ୍ଧାରଣ କରାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବସିଂ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ରିଜର୍ଭ ପୋଲିସ ଅଧିକାରୀ ଉମ୍ବରୁଧର ହନାଗା ଉପସ୍ଥିତ ଥିଲେ ।

# ଡିଜେ ସାଉଣ୍ଡରେ କମ୍ପୁଛି ପୁରୁଷୋତ୍ତମପୁର

**ପୁରୁଷୋତ୍ତମପୁର,୨୮।୬(ଡି.ଏନ୍.ଏ.)**

- ପ୍ରଦୂଷଣ ପ୍ରତି ପୋଲିସର ନିଘାନାହିଁ
- କଷ୍ଟ ଭୋଗୁଛନ୍ତି ଜନସାଧାରଣ

ପୁରୁଷୋତ୍ତମପୁର ଅଞ୍ଚଳରେ ବିଗତ ଦିନରେ ଡିଜେ ସାଉଣ୍ଡକୁ ନେଇ ବିବାଦ ଉପୁଜିଥିଲା। ବିବାହ, ବ୍ରତ, ଭଷାଣି ଆଦିରେ ଉଚ୍ଚ ଶବ୍ଦରେ ଡିଜେ ବ୍ୟବହାରକୁ ନେଇ ଲୋକେ ଅତିଷ୍ଠ ହୋଇଥିଲେ। ଏହା ଉପରେ ରୋକ୍ ଲଗାଇବାକୁ ତତ୍‌କାଳୀନ ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ ଅଧିକାରୀ ଏହାକୁ ଗୁରୁତର ସହ ନେଇ ଅଞ୍ଚଳରେ ଡିଜେ ବ୍ୟବହାର ଉପରେ କଟକଣା ଜାରିକରି ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରିଥିଲେ। ମାତ୍ର ଏବେ ବିବାହ ଋତୁ ଆରମ୍ଭ ହୋଇଯାଇଛି। ତତ୍‌କାଳୀନ ତହସିଲଦାର ଓ ଥାନା ଅଧିକାରୀ ମଧ ବଦଳି ହୋଇଯାଇଛନ୍ତି। ଫଳରେ ଏହି କଟକଣାକୁ ଆଉ କେହି ମାନୁନାହାନ୍ତି। ବିବାହ, ବ୍ରତ, ଭଷାଣିରେ ଏବେ ପୁଣି ସରକାରୀ ନିୟମକୁ ଉଲ୍ଲଘଂନ କରି ଉଚ୍ଚ ଶବ୍ଦରେ ଡିଜେ ବାଜୁଛି। ସରକାରୀ ନିୟମ ପ୍ରକାରେ ଡାକବାଜି ଯନ୍ତ୍ର ବ୍ୟବହାର କରିବାକୁ ହେଲ ଉପଜିଲାପାଳ ତଥା ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଠାରୁ ଓଡିଶା ଆତସବାଜି ତଥା ଡାକବାଜି ଅଧିନିୟମ ୧୯୫୮ ଧାରା ୪ ଅନୁଯାୟୀ ଅନୁମତି ଆଣିବା ନିୟମ ରହିଛି। ଏହାସହ ଡାକବାଜି ଯନ୍ତ୍ରର ଶବ୍ଦ ମାତ୍ରା ୬୫ ଡେସିବିଲଠାରୁ ଅଧିକ ହେବନାହିଁ। ମାତ୍ର ଏସବକୁ କେହି ଆଉ ଅଞ୍ଚଳରେ ଖାତିର କରୁନାହାନ୍ତି। ଡିଜେ ଶବ୍ଦରେ ଘର ଥରି ଉଠୁଛି। ହୃଦ୍‌ଘାତ ଓ ରକ୍ତଚାପ ରୋଗୀ, ବୃଦ୍ଧାବୃଦ୍ଧ, ଛାତ୍ରୀଛାତ୍ର ଓ ଶିଶୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲିସ ପ୍ରଶାସନ ସବୁ ଦେଖି ମଧ ଚୁପ୍ ରହୁଛି। ପୋଲିସ ପ୍ରଶାସନର ଏଭଳି ନୀରବତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଜିଲା ପ୍ରଶାସନ, ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଡିଜେ ସାଉଣ୍ଡ ପ୍ରତି ଅଙ୍କୁଶ ଲଗାଇବାକୁ ଜନସାଧାରଣଙ୍କ ପକ୍ଷରୁ ଦୃଢ ଦାବି ହେଉଛି।

## ■ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା

# ନିରାପତ୍ତା କମିଶନରଙ୍କ ତଦନ୍ତ ଆରମ୍ଭ

**ରାୟଗଡା ଅଫିସ୍, ୨୮।୬**

ଗତ ୨୫ତାରିଖରେ ରାୟଗଡ଼ା କେଉଟଗୁଡା ଓ ସିଙ୍ଗାପୁର ରୋଡ ଷ୍ଟେଶନ୍ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ରେଳବାଇ ନିରାପତ୍ତା କମିଶନର। ଶୁକ୍ରବାର କମିଶନର ଆର୍.କେ ଶର୍ମାଙ୍କ ନେତୃତ୍ୱରେ ଏକ ଟିମ୍ କୋଲକାତାରୁ ଆସି ଏହି ତଦନ୍ତ କରିଥିଲେ। ଉକ୍ତ ଟିମ୍ ପ୍ରଥମେ ସିଙ୍ଗାପୁର ରୋଡ ରେଳ ଷ୍ଟେଶନ୍‌କୁ ଯାଇଥିଲେ। ଦୁର୍ଘଟଣା ଦିନ ଟ୍ରେନ ଚଳାଚଳର ସମୟାବଳୀ ସହ ଅନ୍ୟାନ୍ୟ ବୈଷୟିକ ଦିଗ ସମ୍ପର୍କରେ ଷ୍ଟେଶନ୍ କର୍ମଚାରୀଙ୍କୁ ପଚାରିଥିଲେ। ତେବେ ପଚରାଉଚୁରା ବେଳେ ଷ୍ଟେଶନ୍ ପରିଚାଳକ ଏସ୍.ଆର୍ ମହାନ୍ତି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ କମିଶନର ଶର୍ମା ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହ ଏହିଭଳି ତ୍ରୁଟି ଯୋଗୁ ଦୁର୍ଘଟଣା ବଢ଼ୁଛି ବୋଲି କହିଥିଲେ। ସିଙ୍ଗାପୁର ରୋଡ ଷ୍ଟେଶନ୍ ଠାରେ ଦରପୋଡା ଅବସ୍ଥାରେ ଥିବା ଇଞ୍ଜିନର ଅନୁସନ୍ଧାନ କରିଥିଲେ। ପରେ ସେଠାରୁ ବାହାରି କେଉଟଗୁଡା ଷ୍ଟେଶନ୍ ଯାଇଥିଲେ। ସେଠାରେ ମଧ୍ୟ ଉକ୍ତ ଦିନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଡାକି ପଚରାଉଚୁରା କରିଥିଲେ। କେଉଁଭଳି ସ୍ଥିତିରେ ସିଗ୍‌ନାଲ ପ୍ରଦାନରେ ଭୁଲ ରହିଲା ଓ ଷ୍ଟେଶନ୍ ପରିଚାଳକଙ୍କ ଦାୟିତ୍ୱ କ'ଣ ରହିଥିଲା ତାହାକୁ ପ୍ରାଥମିକତା ଦିଆଯାଇଥିଲା। ତେବେ ଉଭୟ ଷ୍ଟେଶନ୍‌ରେ ତଦନ୍ତ ବେଳେ କର୍ମଚାରୀମାନଙ୍କୁ କମିଶନରଙ୍କ ଟିମ୍ ଗୁଡେଇ ତୁଡେଇ ପ୍ରଶ୍ନ କରିଥିଲେ। ଏଥିସହ ୨ ଦରପୋଡା ଟ୍ରେନର ଇଞ୍ଜିନରୁ କିଛି ନମୁନା ମଧ୍ୟ ସଂଗ୍ରହ କରାଯାଇଥିଲା। ଏହି ଟିମ୍ ସେଠାରୁ ଫେରି ରାୟଗଡା ରେଲୱେ ବିଶ୍ରାମ ଗୃହଠାରେ ମଧ୍ୟ ତଦନ୍ତ କରିଥିଲେ। ରାୟଗଡା ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନର ଡ଼କାଯାଇଥିବା ୬୧ଜଣ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରୁ କେତେଜଣ ରାୟଗଡାଠାରେ ଉପସ୍ଥିତ ଥିଲେ। ସେମାନଙ୍କୁ ମଧ୍ୟ ପଚରାଉଚରା କରିଥିଲେ। ଅନ୍ୟମାନଙ୍କୁ ବିଶାଖାପାଟଣା ଡକାଯାଇଥିବା ଜଣାପଡିଛି। ଏହି ତଦନ୍ତ ୩ ଦିନ ଧରି ଚାଲୁ ରହିବ। କମିଶନର ଶର୍ମାଙ୍କ ନେତୃତ୍ୱରେ ଏହି ଟିମ୍‌ରେ ପୂର୍ବତଟ ରେଳପଥର ମୁଖ୍ୟ ନିରାପତ୍ତା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଉପମୁଖ୍ୟ ନିରାପତ୍ତା ଅଧିକାରୀ ମଦନମୋହନ ପଟ୍ଟନାୟକ, ମୁଖ୍ୟ ଟ୍ରାଫିକ୍ ଇନ୍ସପେକ୍ଟର ବି.କେ. ପାଢ଼ୀ ରହିଥିଲେ।

# ସମଲେଶ୍ୱରୀ ଟ୍ରେନ୍‌ରେ ଯାନ୍ତ୍ରିକ ତ୍ରୁଟି


୭ ଘଣ୍ଟା ବିଳମ୍ବରେ ପହଞ୍ଚିଲା ଜୟପୁର ଷ୍ଟେଶନ

ଜୟପୁର,୨୮।୬(ନି.ପ୍ର./ଡି.ଏନ୍.ଏ.): ଜଗଦଲପୁର-ହାୱଡ଼ା ସମଲେଶ୍ୱରୀ ଟ୍ରେନ୍ ଯାନ୍ତ୍ରିକ ତ୍ରୁଟି ପାଇଁ ଶୁକ୍ରବାର କୋରାପୁଟ ଜିଲା କୋଟପାଡ଼ ରୋଡ୍-ଜୟପୁର ଷ୍ଟେସନ ମଧ୍ୟରେ ୭ ଘଣ୍ଟା ଅଟକି ରହିଛି। ଭୋର୍ ସାଢ଼େ ୪ଟାରେ ଜଗଦଲପୁର ଷ୍ଟେସନ ଛାଡ଼ିଥିବା ଏହି ଟ୍ରେନ୍ ମାତ୍ର ଅଧଘଣ୍ଟାର ରାସ୍ତା ଅତିକ୍ରମ କରିବା ପରେ ପାୱାର ଫେଲ୍ ହୋଇଯିବାରୁ କୋଟପାଡ଼-କୁସୁମି ମଧ୍ୟରେ ଅଟକି ରହିଥିଲା। ଜଗଦଲପୁରର ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ଜୟପୁର ଷ୍ଟେସନରୁ ୨ଟି ଇଞ୍ଜିନ ସେଠାକୁ ପଠାଯାଇଥିଲା। କିନ୍ତୁ ତାହା ମଧ ଫେଲ୍ ମାରିଥିଲା। ପରେ ଅନ୍ୟ ଏକ ଇଞ୍ଜିନ ଯାଇ ଟ୍ରେନ୍‌କୁ ଆଣିଥିଲା। ଭୋର ସାଢ଼େ ୫ଟାରେ ଜୟପୁର ଷ୍ଟେସନରେ ପହଞ୍ଚିବାକୁ ଥିବା ଟ୍ରେନ୍ ଦିନ ସାଢ଼େ ୧୨ରେ ପହଞ୍ଚିଥିଲା। ଏହାପରେ ଟ୍ରେନ୍ ହାୱଡ଼ା ଅଭିମୁଖେ ଯାତ୍ରା କରିଥିଲା ବୋଲି ଜୟପୁର ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ ଜନ୍ କୁଜୁର ସୂଚନା ଦେଇଛନ୍ତି।

# ଜଳିଗଲା ପୌର ପରିଷଦ ଗୋଦାମ

**ମାଲକାନଗିରି, ୨୮।୬(ଡି.ଏନ.ଏ.):** ମାଲକାନଗିରି ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମରେ ଶୁକ୍ରବାର ନିଆଁ ଲାଗିଯାଇଥିଲା। ଫଳରେ ବହୁ ସାମଗ୍ରୀ ସହ କାଗଜପତ୍ର ପୋଡି ନଷ୍ଟ ହୋଇଯାଇଛି। ୮ଟି ବାଇକ୍ ମଧ୍ୟ ପୋଡ଼ି ଛାରଖାର ହୋଇଯାଇଛି। ନିଆଁ ଲାଗିବା ପରେ ଏକ ବିସ୍ଫୋରଣ ହୋଇଥିଲା। କର୍ମଚାରୀମାନେ ବାହାରକୁ ଚାଲିଆସିଥିଲେ। ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, ଏହାକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରାୟ ୨ ଘଣ୍ଟା ଲାଗିଥିଲା। ଗୋଦାମରେ ନିଆଁ କିଭଳି ଲାଗିଲା ତାହା ଅସ୍ପଷ୍ଟ ରହିଛି। ଗୋଦାମରେ ଫିନାଇଲ, ବ୍ଲିଚିଙ୍ଗ ପାଉଡର,ଡି.ଡି.ଟି ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରଖାଯାଇଥିଲା। ପ୍ରଥମେ ଗୋଦାମରେ ନିଆଁ ଲାଗିବା ପରେ ଏହା ବ୍ୟାପୀ ସମ୍ମୁଖରେ ଥିବା ବାଇକ୍‌ଗୁଡ଼ିକରେ ଲାଗି ଯାଇଥିଲା। ଫଳରେ ୪ ଜଣ ବ୍ୟାଙ୍କ କର୍ମଚାରୀଙ୍କ ସହ ଅନ୍ୟ ଲୋକମାନଙ୍କର ମିଶି ମୋଟ ୮ଟି ବାଇକ୍ ଓ ଗୋଟିଏ ସାଇକେଲ ପୋଡ଼ି ନଷ୍ଟ ହୋଇଯାଇଛି। ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀ ଅଶୋକ କୁମାର ପ୍ରଧାନ, କିଶୋର ମଣ୍ଡଳ, ରବି ତେଜା, କୃତିବାସ ମହାରଣାଙ୍କ ସହ ଅଭିମନ୍ୟୁ ନାୟକ, ଶଙ୍କରୀ କିର୍ତ୍ତନ, ଦୀପକ ହାଲଦାର ଓ ଇବ୍ରାହିମ ଖାନଙ୍କ ବାଇକ୍ ପୋଡ଼ି ଯାଇଛି। ସ୍ୱାଧୀନ କୁମାର ପଟ୍ଟନାୟକଙ୍କ ସାଇକେଲ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୨ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଛି। କେଉଁ କାରଣରୁ ନିଆଁ ଲାଗିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୌର ନିର୍ବାହୀ ଅଧିକାରୀ ଏମ.ନିଳକଣ୍ଠ ନାଇଡୁ କହିଛନ୍ତି।

# ଲାଲ୍‌ବାହିନୀ ଗୁଳିମାଡ଼ରେ ୩ ଯବାନ ଶହୀଦ

- ■ ରାସ୍ତାରେ ଯାଉଥିବା ଭ୍ୟାନ୍‌ରେ ବାଜିଲା ୫ ଗୁଳି
- ■ ଜଣେ ଛାତ୍ର ମୃତ, ଜଣେ ଆହତ

ମାଲକାନଗିରି, ୨୮।୬(ଡି.ଏନ.ଏ.): ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ଭେରମଗଡ ଥାନା ଅଞ୍ଚଳରେ ଲାଲ୍‌ବାହିନୀ ଓ ପୋଲିସ ମଧ୍ୟରେ ଶୁକ୍ରବାର ଗୁଳି ବିନିମୟ ହୋଇଛି। ଏଥିରେ ୩ଜଣ ଯବାନ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ ଜଣେ ଯବାନଙ୍କ ପରିଚୟ ମିଳିପାରିନାହିଁ। ପରିଚୟ ମିଳଥିବା ସମ୍ପୃକ୍ତ ୨ ଯବାନ ହେଲେ ଓ.ପି. ସାଜ ଓ ମହାଦେବ ପାଟିଲ। ଏହି ଗୁଳି ବିନିମୟ ବେଳେ ଜିବି ତେଲମ ନାମକ ଜଣେ ଛାତ୍ରଙ୍କ ମଧ ମୃତ୍ୟୁ ଘଟିଛି। ଜଣେ ଯବାନ ଓ ଜଣେ ଛାତ୍ର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଭେରମଗଡ ଥାନା କେସକୁତୁଲ ଗ୍ରାମରେ ମାଓବାଦୀମାନେ ଥିବା ଖବର ପାଇ ୧୯୯ ବାଟାଲିୟନର ସିଆରପିଏଫ ଯବାନମାନେ କୋମ୍ବିଂ ଅପେରଶନରେ ଯାଇଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଯବାନମାନେ ଏହାର ପ୍ରତି ଜବାବ ଦେଇ ପାଲଟା ଗୁଳି ଚଳାଇଥିଲେ। ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିବାବେଳେ ଭେରମଗଡ ସାପ୍ତାହିକ ହାଟକୁ ଯାଉଥିବା ଏକ ଯାତ୍ରୀବାହୀ ଭ୍ୟାନ ଫଶି ଯାଇଥିଲା। ଭ୍ୟାନରେ ୫ଟି ଗୁଳି ବାଜିଥିଲା। ଗୋଟିଏ ଗୁଳି ଭ୍ୟାନରେ ଥିବା ଛାତ୍ର ଜିବି ତେଲମଙ୍କ ଦେହରେ ବାଜିଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଛାତ୍ର ଆହତ ହୋଇଥିଲେ। ଆହତ ଛାତ୍ର ଓ ଯବାନ ମଦନ ଲାଲଙ୍କୁ ପ୍ରଥମେ ଭେରମଗଡ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ରାୟପୁର ପଠାଯାଇଥିବା ଜଣାପଡିଛି। ଖବର ପାଇ ଅଧିକ ଫୋର୍ସ ଘଟଣା ସ୍ଥଳକୁ ଯାଇ ସର୍ଚ୍ଚ ଅପେରଶନ ଚଳାଇଛନ୍ତି।

# ଆମ୍ବୁଲାନ୍ସ-ଟ୍ରକ୍-ବାଇକ ଧକ୍କା

**ସମ୍ବଲପୁର,୨୮।୬(ବ୍ୟୁରୋ):** ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥର ହାତୀବାରି ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ସିରିଜ୍ ଦୁର୍ଘଟଣା ଘଟିଛି। ପ୍ରଥମେ ଟ୍ରକ୍-ଆମ୍ବୁଲାନ୍ସ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ପରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତାରେ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେଇ ରାସ୍ତାପାର୍ଶ୍ୱରେ ଓଲଟି ପଡିଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀଙ୍କ ସହ ଜିଲା ସଦର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ, ରୋଗୀଙ୍କ ସମ୍ପର୍କୀୟ ଓ ୨ ଜଣ ବାଇକ୍ ଆରୋହୀଙ୍କ ସମେତ ମୋଟ ୯ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରେଢାଖୋଲ ଥାନା କଦଳୀଗଡ଼ ଗ୍ରାମର ସୁନୀତା ନାଏକ (୧୩), ତାଙ୍କ ମା' ଯମୁନା ନାଏକ (୩୫) ଓ ସବିତା ପ୍ରଧାନ । ବାଇକ୍ ଆରୋହୀ ଦ୍ୱୟ ହେଲେ ସମ୍ବଲପୁରର ମହମ୍ମଦ ଇମରାନ (୨୪) ଓ ରିୟାସତ ହୁସେନ (୩୭)। ଆମ୍ବୁଲାନ୍ସ ଡ୍ରାଇଭର ନନ୍ଦଲାଲ ଜଗଦଳା (୩୫), କର୍ମଚାରୀ ସୁମନ୍ତ କୁମାର ସାହୁ (୨୪),ଶୁଭ୍ରାନ୍ତ ମହାନନ୍ଦ (୨୬), ସୁମନ୍ତ ରାଉତ (୨୪)। ଆମ୍ବୁଲାନ୍ସ ଚାଳକ ନନ୍ଦଲାଲଙ୍କ ସହ ୨ ବାଇକ ଆରୋହୀ ହୁସେନ ଓ ଇମରାନଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନେ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଧୁୁୁୁୁୁଗ୍ଗୁରା ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ, ଟ୍ରକ ଓ ବାଇକକୁ ଜବତ କରି ତଦନ୍ତ କରୁଛି।


### ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା, ଗଞ୍ଜାମ

ପତ୍ର ସଂଖ୍ୟା: ୮୦୯ — ତା୨୮।୦୬।୧୯

**ନିଲାମ ସ୍ଥଗିତ ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଇ ଦିଆଯାଉଅଛି ଯେ, ପରିଷଦ ଚିଠି ନଂ-୭୬୯, ତା୨୨।୦୬।୧୯ ଓ ଚିଠି ନଂ-୭୭୦, ତା୨୨।୦୬।୨୦୧୯ ଅନୁସାରେ ପ୍ରକାଶ ପାଇଥିବା ପାର୍କିଂ ଓ ବାଣୀବିହାର କଲ୍ୟାଣ ମଣ୍ଡପ ନିଲାମ ଆସନ୍ତା ୨୯।୦୬।୨୦୧୯ରେ ଥିଲା, ତାହା ଅନିବାର୍ଯ୍ୟ କାରଣ ବଶତଃ ବର୍ତ୍ତମାନ ପାଇଁ ସ୍ଥଗିତ କରାଗଲା। ପୁନର୍ବାର ନିଲାମ ପ୍ରକାଶନ ହେଲେ ପୂର୍ବରୁ ରସିଦ କାଟି ଭାଗ ନେଇଥିବା ବ୍ୟକ୍ତିଙ୍କୁ ଅଂଶଗ୍ରହଣ ପାଇଁ ସେହି ସର୍ତ୍ତାବଳୀ ଲାଗୁ ହେବ।

ସ୍ୱା./- ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR

TENDER CALL NOTICE

**Ref No.4384** — **Dated: 28.06.19**

"It is for information to all the parties concerned to submit their bid for supply of Drugs and Consumables for the year 2019-2020" to the Office of the CDM&PHO, Jajpur on or before 23.07.2019 at 4 P.M. by speed post / registered post only. For terms and conditions regarding Tender Call, please log on to the website www.jajpur.nic.in.

The interested parties with valid documents may participate in tender process himself or with their representatives with applicable terms and conditions.

**Sd./-**
**Chief District Medical & Public Health Officer, Jajpur**

### CT & GST CIRCLE, KORAPUT, JEYPORE

(Under CT & GST Territorial Range, Koraput)
(Finance Department, Government of Odisha)

No. 5554/Accounts/CT&GST/IX-19 — Dated: 26.06.2019

**AUCTION SALE NOTICE**

The Govt. Vehicle-type Mahindra Jeep bearing Registration Number OR05D 1911 Jeep (condemned) of the Office of the Deputy Commissioner of CT & GST Circle, Koraput, Jeypore is proposed to be disposed of by way of inviting sealed bids with the upset price of Rs. 62,000/- (Rupees Sixty Two Thousand).

The intending parties / bidders may inspect the vehicle in the office of the undersigned on any working days from 10.30 AM to 1.30 PM. The intending parties / bidders may participate in the auction sale process to offer their sealed bids as per the date, time and venue mentioned below.

Date : 26.06.2019 to 25.07.2019
Time : 10.00 AM to 5.30 PM
Venue : Office of the Deputy Commissioner of CT & GST Circle, Koraput, Jeypore

The sealed bids shall be opened on 26.07.2019 at 11.00 AM

*Sd./-*
*Deputy Commissioner of CT & GST Circle Koraput, Jeypore*

### OFFICE OF THE NOTIFIED AREA COUNCIL, BOUDHGARH

**QUOTATION CALL NOTICE**

**Letter No.2245 / 2019** — **Dated: 27.06.2019**

Sealed Quotation in plain paper are invited from the registered Authorised Dealers/ Manufactures having valid upto date ITCC, PAN Card and GST clearance Certificate for supply of the following equipments to be used in shifting Garbage in Solid Waste Management to the NAC, Boudhgarh for the financial year 2019-20 . The quotation paper should reach in this Office through Registered Post /Speed Post or in person on or before dt 10.07.19 by 3.30 PM in specified tender Box and same will be opened on dt 10.07.19 at 4.00 PM in the presence of the Quotationers or their Agent who may wish to attend. The Quotationer should submit his quotation along with EMD amounting to Rs 20,000.00 ( Rupees Twenty Thousand ) only in shape of Bank Draft /Bankers Cheque drawn of Executive Officer , NAC Boudhgarh and xerox copy of PAN card, GST Clearance Certificate, Company catalog, details of fuel and working efficiency, price list etc . The Quoted rate should be inclusive of all Taxes and delivery charges of materials at NAC Office, Boudh. The supply order will_be issue to the appropriate quotationer after making administrative decision basing upon the working efficiency, available of service, spare parts, price etc.

The authority reserves the right to reject any or all the quotations without assigning any reason thereof.

| Sl No. | Description of equipments | Quantity Required |
|---|---|---|
| 1 | Battery Operated Auto Tipper to be used for collection of waste in Blue and Green container for solid waste Management. | 03 (three) nos. |
| 2 | Four wheel Auto Tipper to be used for collection of waste in Blue and Green container for solid waste Management. | 01 (one) no. |

**Sd./- Executive Officer**
**Boudhgarh, N.A.C**

### OFFICE OF THE SUPERINTENDENT, CHC PADMAPUR, KEONJHAR

NO. 100-E

Advt. No......... — Date –

**TENDER CALL NOTICE**

Sealed tenders are invited from registered Travel Agency/ Party for **HIRING OF VEHICLE OF RBSK UNDER CHC PADMAPUR** of KEONJHAR District of Odisha. Details regarding the terms and conditions and tender papers may be downloaded from www.Keonjhar.nic.in, KEONJHAR. The tender document must be reach to the office of the undersigned through Reg. Post /Speed Post/ courier only along with all the relevant documents and E.M.D. the bidder should subscribe " Tender for **HIRING OF VEHICLE OF RBSK UNDER CHC PADMAPUR** on top of the envelope. The tenders will be opened in presence of the bidders/their authorized representatives.

Last date of submission of Tender – Dt. 15.07.19 till 2 PM
Date of Opening of tender – Dt. 15.07.19 at 3 PM

The undersigned has reserve the right to reject or cancel any or all the tenderers without assigning any reason thereof.

10140/11/0001/1920 — Sd/- Superintendent, CHC Padmapur Keonjhar

### ଜିଲ୍ଲା କୃଷି କାର୍ଯ୍ୟାଳୟ, ବାଲେଶ୍ୱର

**ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯-୨୦**
**ନୀରୋଗ ଫସଲ ପାଇଁ ବିହନ ବିଶୋଧନ**

ଚଳିତ ଖରିଫ ଋତୁରେ ରାଜ୍ୟ କୃଷି ଯୋଜନା ୨୦୧୯-୨୦ ଅନ୍ତର୍ଗତ ''ଉନ୍ନତ ଚାଷ ପଦ୍ଧତିର ପ୍ରସାର'' କାର୍ଯ୍ୟକ୍ରମ ମାଧ୍ୟମରେ ବାଲେଶ୍ୱର କୃଷି ଜିଲ୍ଲାର ସଦର, ରେମୁଣା, ବସ୍ତା ବ୍ଲକର ମୋଟ ୨୪ଟି ଗ୍ରାମରେ ଧାନ ଫସଲକୁ ରୋଗମୁକ୍ତ କରିବା ପାଇଁ ''ବିହନ ବିଶୋଧନ ଅଭିଯାନ'' ଆସନ୍ତା ତା୦୧।୦୭।୨୦୧୯ ରିଖଠାରୁ ୧୦।୦୭।୨୦୧୯ ମଧ୍ୟରେ ସମ୍ପନ୍ନ ହେବ। ବିହନ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ଆକ୍ରମଣ କରୁଥିବା ବିହନ ଓ ମୃତ୍ତିକାବାହୀ ରୋଗରୁ ଫସଲକୁ ସହଜରେ ଓ କମ୍ ଖର୍ଚ୍ଚରେ ରକ୍ଷା କରାଯାଇପାରେ। ସ୍ଥିରୀକୃତ ଗ୍ରାମଗୁଡ଼ିକରେ ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ରାସାୟନିକ ଫିମ୍ପି-ନାଶକର ବ୍ୟବହାର ଓ କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ। ଏଥିନିମନ୍ତେ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ନିର୍ଦ୍ଧାରିତ ସ୍ଥାନ ଓ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜର ସାଇତା ବିହନକୁ ବିଶୋଧନ କରାଇବା ସହ ଯୋଜନାଟିକୁ ସଫଳ କରାଇବାକୁ ଅନୁରୋଧ କରାଯାଇଛି।

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ବାଲେଶ୍ୱର, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା**

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର

ପତ୍ର ସଂଖ୍ୟା: ୬୬୬ — ତାରିଖ: ୨୭।୦୬।୧୯

**ବିଜ୍ଞାପନ**

ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ଦୀନ୍ ଦୟାଲ ଅନ୍ତ୍ୟୋଦୟ ଯୋଜନା- ଜାତୀୟ ସହରାଞ୍ଚଳ ଜୀବିକା ମିଶନ (DAY- NULM) ଏକ ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧ୍ୟମରେ ଆତ୍ମ ନିଯୁକ୍ତି ଯୋଜନା (ବ୍ୟକ୍ତିଗତ ଓ ଦଳଗତ) ଅଧୀନରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା (ବିପିଏଲ/ ଖାଦ୍ୟ ନିରାପତ୍ତା କାର୍ଡ) ୧୮ ବର୍ଷରୁ ଉର୍ଦ୍ଧ୍ୱ ଗରିବ ଓ ସ୍ୱଳ୍ପ ରୋଜଗାରକ୍ଷମ ବ୍ୟକ୍ତି ତଥା ଗୋଷ୍ଠୀମାନଙ୍କୁ ସେମାନଙ୍କ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ଋଣ (ବ୍ୟକ୍ତିଗତ- ଦୁଇ ଲକ୍ଷ ଓ ଦଳଗତ- ଦଶ ଲକ୍ଷ) ପ୍ରଦାନ କରାଯିବା ନିମନ୍ତେ ଦରଖାସ୍ତ ଫର୍ମ ଗ୍ରହଣ କରାଯିବ। ଦରଖାସ୍ତ ଫର୍ମ ତା୨୯।୦୬।୧୯ରିଖ ଠାରୁ ତା୦୮।୦୭।୧୯ରିଖ ମଧ୍ୟରେ (ସରକାରୀ କାର୍ଯ୍ୟ ଦିବସରେ) ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆବେଦନ କରିପାରିବେ।

**ଆବଶ୍ୟକୀୟ ସଂଲଗ୍ନଗୁଡ଼ିକର ତାଲିକା**

➤ବିପିଏଲ/ ଖାଦ୍ୟ ନିରାପତ୍ତା କାର୍ଡର ନକଲ, ➤ବୟସ ଓ ଠିକଣାର ପ୍ରମାଣ ପାଇଁ ଭୋଟର ପରିଚୟ ପତ୍ର/ ଆଧାର କାର୍ଡ ନକଲ, ➤ବ୍ୟବସାୟ ପ୍ରକଳ୍ପର ପୂର୍ଣ୍ଣ ବିବରଣୀ, ➤ଦୁଇଟି ବର୍ତ୍ତମାନର ପାସପୋର୍ଟ ସାଇଜ ଫଟୋଗ୍ରାଫ, ➤ଦରଖାସ୍ତକାରୀ ପୂର୍ବରୁ ଉକ୍ତ ଯୋଜନା ମାଧ୍ୟମରେ ଲାଭବାନ ହୋଇନଥିବେ କିମ୍ବା ଅନ୍ୟ କୌଣସି ଠାରେ ଋଣ ନେଇ ନଥିବେ ତାର ଲିଖିତ ପ୍ରମାଣ ପତ୍ର, ➤ଗୋଷ୍ଠୀ ଗଠନର ଅଧିବେଶନ ନକଲ (ଦଳଗତ ଋଣ କ୍ଷେତ୍ରରେ), ➤ଋଣ ନିମନ୍ତେ ଅଧିବେଶନ ନକଲ (ଦଳଗତ ଋଣ କ୍ଷେତ୍ରରେ), ➤ବ୍ୟାଙ୍କ ଖାତାର ଏକକିତା ନକଲ, ➤ଜିଲ୍ଲା ମେଡିକାଲ ବୋର୍ଡ ପ୍ରଦତ୍ତ ଭିନ୍ନକ୍ଷମର ପ୍ରମାଣ ପତ୍ରର ନକଲ (ଭିନ୍ନକ୍ଷମ ବ୍ୟକ୍ତି କ୍ଷେତ୍ରରେ), ➤ଶିକ୍ଷାଗତ ଯୋଗ୍ୟତାର ନକଲ।

Sd./- Executive Officer, N.A.C., Gopalpur

### ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ!!

**ବିହନ ବିଶୋଧନ ଅଭିଯାନ ଖରିଫ-୨୦୧୯**

### ଜିଲ୍ଲା କୃଷି କାର୍ଯ୍ୟାଳୟ, ଭଞ୍ଜନଗର

ଏତଦ୍ୱାରା ଭଞ୍ଜନଗର କୃଷି ଜିଲ୍ଲା ଅନ୍ତର୍ଗତ ଭଞ୍ଜନଗର, ଜଗନ୍ନାଥପ୍ରସାଦ, ବୁଗୁଡ଼ା ଓ ବେଲଗୁଣ୍ଠା ବ୍ଲକର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରଯାଉଛି କି ଚଳିତ ବର୍ଷ ୨୦୧୯ ଖରିଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କର ସାଇତା ଧାନ ବିହନକୁ ବିହନ ବିଶୋଧନ କାର୍ଯ୍ୟକ୍ରମ ରାଜ୍ୟ ଯୋଜନାରେ ବିଶୋଧନ କରିବାର ବ୍ୟବସ୍ଥା ହୋଇଅଛି। ଏହି କାର୍ଯ୍ୟକ୍ରମଟି ତା୦୧।୦୭।୨୦୧୯ରିଖ ଠାରୁ ତା୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଚାଲୁ ରହିବ।

ଏଣୁ ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିହନ ବିଶୋଧନ (ରାଜ୍ୟ ଯୋଜନା)କୁ ସାଫଲ୍ୟ ମଣ୍ଡିତ କରିବେ।

'ଗାଆଁ ଗାଆଁରେ ବିହନ ବିଶୋଧନ ନୀରୋଗ ଫସଲ ପାଇଁ ନିଶ୍ଚିତ ସମାଧାନ'

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଭଞ୍ଜନଗର**

**ବି.ଦ୍ର.:-** ସବିଶେଷ ବିବରଣୀ ପାଇଁ ନିଜ ଅଞ୍ଚଳର ଗ୍ରାମ୍ୟ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀଙ୍କ ସହ ପରାମର୍ଶ କରନ୍ତୁ।

### ROGI KALYAN SAMITI

**DISTRICT HEAD QUARTERS HOSPITAL, ANGUL**

**Tender Call Notice**

Expression of Interest is invited from interested registered Organizations/ Agencies/ Firms/ Individuals/ SHGs having relevant experience in the related field for Providing Diet Services to RKS, DHH, Angul. Details regarding eligibility criteria, terms & conditions and format for submission of tenders may be downloaded from the website www.angul.nic.in. Tender should reach the office of the undersigned by 17.07.2019 (till 2 PM) through Registered Post/ Speed Post/ Courier only. The tender will be opened at 11 AM on 19.07.2019. The undersigned reserves the right to accept or reject any or all the tenders without assigning any reason thereof.

**Sd./- Dr. P.K. Behera**
**CDM&PHO, Angul**

### ବିହନ ବିଶୋଧନ ଅଭିଯାନ-ଖରିଫ-୨୦୧୯
### ଜିଲ୍ଲା କୃଷି ଅଧିକାରୀ, ଲେଫ୍ରିପଡ଼ା ଆନୁକୂଲ୍ୟରେ

ଚଳିତ ଖରିଫ ଋତୁ-୨୦୧୯ବର୍ଷ ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ଧାନ ବିହନ ବିଶୋଧନ ତାଲିମ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ଲେଫ୍ରିପଡ଼ା କୃଷି ଜିଲ୍ଲାର ୩ଟି ବ୍ଲକ ଯଥା- ହେମଗିର, ଲେଫ୍ରିପଡ଼ା ଓ ଟାଙ୍ଗରପାଲି ଅନ୍ତର୍ଗତ ଗ୍ରାମମାନଙ୍କରେ ଆସନ୍ତା ତା.୩୦।୦୬।୨୦୧୯ଠାରୁ ତା.୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ କରାଯିବା ପାଇଁ ସ୍ଥିର କରାଯାଇଅଛି। ପ୍ରତି ବ୍ଲକର ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ସଞ୍ଚିତ ଧାନ ବିହନକୁ ବିଶୋଧନ କରାଇ ନିଅନ୍ତୁ।

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ**
**ଲେଫ୍ରିପଡ଼ା, ସୁନ୍ଦରଗଡ଼**

### ତହସିଲଦାରଙ୍କ କାର୍ଯ୍ୟାଳୟ, ଜଳେଶ୍ୱର

ବିଜ୍ଞପ୍ତି ସଂଖ୍ୟା ୨୦୬୮ — ତା୨୭।୦୬।୨୦୧୯

**ସୈରାତ୍ ଉତ୍ସ ନିଲାମ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜଳେଶ୍ୱର ତହସିଲ ଅଧୀନସ୍ଥ ବିଭିନ୍ନ ସୈରାତ୍ ଉତ୍ସଗୁଡ଼ିକୁ ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୯-୨୦ ନିମନ୍ତେ ନିର୍ଦ୍ଧାରିତ ତାରିଖ ତା୧୬।୦୭।୧୯ରିଖ ଦିବା ୧୧.୦୦ ଘଟିକା ସମୟରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶ୍ୟ ନିଲାମ ହେବା ପାଇଁ ସ୍ଥିରୀକୃତ ହୋଇଅଛି। ନିଲାମ ହେବାକୁ ଥିବା ସୈରାତ୍ ଉତ୍ସଗୁଡ଼ିକର ବିଶଦ ବିବରଣୀ ଓ ନିଲାମ ସମ୍ପର୍କିତ ତଥ୍ୟ ସମସ୍ତ କାର୍ଯ୍ୟ ଦିବସମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ହେବ। ତତ୍ ସଙ୍ଗେସଙ୍ଗେ ଏହା ବାଲେଶ୍ୱର ଜିଲ୍ଲାପାଳଙ୍କ website:- www.baleswar.nic.in ରେ ଉପଲବ୍ଧ ହେବ। ଏଣୁ ନିଲାମ ନେବାକୁ ଆଗ୍ରହୀ ବ୍ୟକ୍ତିମାନେ ଉକ୍ତ ଧାର୍ଯ୍ୟ ତାରିଖ ଓ ସମୟରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମ୍ପୃକ୍ତ ଉତ୍ସ ନିମନ୍ତେ ଧାର୍ଯ୍ୟ ସରକାରୀ ମୂଲ୍ୟର ଶତକଡ଼ା ୧୦% (ଦଶ ପ୍ରତିଶତ) ବଇନାଧନ (Earnest money) ବାବଦକୁ ନଗଦ ଅର୍ଥ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା ଦେଇ ନିଲାମରେ ଅଂଶଗ୍ରହଣ କରିପାରିବେ। ଉପରୋକ୍ତ ଧାର୍ଯ୍ୟ ତାରିଖରେ ନିଲାମ ହୋଇ ପାରିନଥିବା ସୈରାତ୍ ଉତ୍ସଗୁଡ଼ିକୁ ଦ୍ୱିତୀୟ ପର୍ଯ୍ୟାୟରେ ତା୨୪।୦୭।୧୯ରିଖରେ ଓ ସେହିପରି, ଦ୍ୱିତୀୟ ପର୍ଯ୍ୟାୟରେ ନିଲାମ ହୋଇ ପାରିନଥିବା ଉତ୍ସଗୁଡ଼ିକୁ ତୃତୀୟ ପର୍ଯ୍ୟାୟରେ ତା୦୧।୮।୧୯ରିଖ ଅନ୍ୟାନ୍ୟ ନିୟମ ଅପରିବର୍ତ୍ତିତ ଥାଇ ନିଲାମ କରାଯିବ। ଅନିବାର୍ଯ୍ୟ କାରଣବଶତଃ କିମ୍ବା କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିବା କିମ୍ବା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷଙ୍କର ରହିଅଛି।

**ସ୍ୱା./- ତହସିଲଦାର, ଜଳେଶ୍ୱର**

### DIRECTORATE OF TECHNICAL EDUCATION & TRAINING, ODISHA Killamaidan, CUTTACK- 753001

**Diploma Admission-2019**

**Notice to 1st Sem./Year (P.C.)Candidates**

**No.25-KK :-** It is brought to the attention of all Physically Challenged (PC) candidates whose applications have been validated during the year 2019-20 and interested for taking admission into 1st Semester/Year Diploma Courses that they will have to appear before the Medical Board at SCB Medical College & Hospital, Cuttack on 01.07.2019 and 02.07.2019 at 9.30 AM onwards for examination of their medical standard. They will report to the Principal, BOSE, Cuttack by 8.30 AM on the above scheduled date and time for the said purpose. For details of reporting & date wise list of such candidates, please visit **www.samsodisha.gov.in**

**Sd./-**
**Director of Technical Education & Training, Odisha**

14004/11/0006/1920

### ପୌରପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼

ସଂଖ୍ୟା: ୨୬୮୪ — ତା୨୮।୦୬।୨୦୧୯ରିଖ

**ଭୁଲ୍ ସଂଶୋଧନ ପତ୍ର**

ଅଫିସ୍ ପତ୍ର ସଂଖ୍ୟା ୨୬୦୦/ତା୨୧।୦୬।୨୦୧୯ ପ୍ରକାଶିତ କ୍ରମିକ ନଂ ୬ ଟାକ୍ସି ଷ୍ଟାଣ୍ଡ (ମ୍ୟୁନିସିପାଲିଟି ଅଫିସ ପାଖ ଓ ପ୍ରାଇଭେଟ ବସଷ୍ଟାଣ୍ଡ) ପରିବର୍ତ୍ତେ ଟାକ୍ସି ଷ୍ଟାଣ୍ଡ (ଜିଲ୍ଲା କାରାଗାର ମୁଖ୍ୟ ଦ୍ୱାର ପାର୍ଶ୍ୱ) ପଢ଼ିବା ହେବ ଓ ସର୍ତ୍ତାବଳୀ କ୍ରମିକ ନଂ ୫ (ଖ) (ଗ) ତା୨୯।୦୬।୨୦୧୯ରିଖ ପରିବର୍ତ୍ତେ ତା୦୩।୦୭।୨୦୧୯ରିଖ ପଢ଼ିବା ହେଉ।

ବାକି ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପରିଷଦ**

### ODISHA HYDRO POWER CORPORATION LTD. BHUBANESWAR

OHPC
(A GOVT. OF ODISHA UNDERTAKING)
CIN: U40101OR1995SGC003963
REGD. OFFICE: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOK, JANPATH, BHUBANESWAR -751022
PHONE : 91-0674-2542983, 2542802, 2545526, 2542826, FAX : 2542102

NO. CAD-145

**EXPRESSION OF INTEREST**

Ref. No.OHPC/AC/9/99/Vol-XXII/ 5274 — Date: 27.06.2019

Sealed bids are invited in the following prescribed format for rate of interest for fixed deposit amounting to **Rs.50-80 Crores (approx.)** (Interest compounded quarterly) from Bhubaneswar based empaneled banks in line with GOO, Finance Deptt. order No. 32648 dated 10.10.2018.

| Sl. No. | Period | (%) Rate of Interest per annum (Non-Callable) |
|---|---|---|
| 1 | One Year | |

The Bid should be super scribed in red "Rate of Interest" & must reach the undersigned in sealed cover by Speed Post / Special Messenger on or before **11.45 AM** on dtd.**08.07.2019** and the same will be opened at **12.00 Noon** on the same day at OHPC's office, Bhubaneswar in the presence of the representative of the participating Banks. Interest offer of bank shall remain valid upto **10.07.2019**. The interest rate quoted by Bank is final & in no circumstances change of interest rate will be entertained. Thedecision of the Management with regard to investment will be final. **Bids should be submitted strictly in the above format only without any deviation to the tender condition. Bids not fulfilling the tender condition & submission of bid in other than the earmarked format is liable for rejection.**

CGM(Finance)

Detail can be viewed in OHPC official site: www.ohpcltd.com /
Email: ohpcltdinvestment@gmail.com /ohpc.co@gmail.com

04012/11/0003/1920

### The Odisha Small Industries Corporation Ltd.

( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in

**SHORT TENDER CALL NOTICE**

Ref No. 2340 /OSIC — Dt. 28.06.2019

The Managing Director, OSIC Ltd. invites tender from experienced MSMEs duly empanelled with OSIC for the work, "Survey, Investigation, Design, Installation, Testing, Commissioning, Warranty and Comprehensive maintenance contract for a period of 5 years of solar pumping system and micro drip irrigation system under the title of the project- conserve water through the management of run-off in the river basin to reduce vulnerability and enhance resilience for traditional livelihood of Nuapada District".

| | |
|---|---|
| Estimated Cost | Rs. 2,62,21,061.00 (Without GST) |
| EMD | Rs. 2,63,000.00 |
| Period of availability of tender documents | 29.06.2019 to 06.07.2019 up to 3.30 PM |
| Last date of submission of tender | 06.07.2019 at 4.00 PM |
| Date of opening of tender | 07.07.2019 at 3.00 PM |
| Tender paper cost | Rs. 10,000.00 (Rupees ten thousand) |
| OSIC Service Charge | 5% of BID Value |
| Validity of Tender | 90 Calender days |

The detailed tender notice and paper can be downloaded from OSIC website www.osicltd.in authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

**MANAGING DIRECTOR**

# ବଜେଟ ପ୍ରତିକ୍ରିୟା

## ବେକାର ଯୁବତୀ ଯୁବକଙ୍କ ପାଇଁ କିଛି ନାହିଁ



ନିର୍ବାଚନ ପୂର୍ବରୁ କେମିତି ଜିତିବେ ସେଥିପାଇଁ ବଜେଟରେ ବ୍ୟବସ୍ଥା କରିଛନ୍ତି, ହେଲେ ସାଧାରଣ, ମଧ୍ୟମ ଓ ଗରିବଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ବେକାର ଯୁବତୀ ଯୁବକଙ୍କ ପାଇଁ ବଜେଟରେ ସରକାର କିଛି ଯୋଜନା ରଖିନାହାନ୍ତି। ଯେତିକି ଟଙ୍କାର ବ୍ୟବସ୍ଥା କରାଯାଇଛି ସେଥିରେ, ଚାଷୀ, ଭାଗଚାଷୀ ଏବଂ ଗରିବ ଚାଷୀଙ୍କୁ କୌଣସି ସହଯୋଗ ମିଳିବ ନାହିଁ। ରାଜ୍ୟର ରାଜସ୍ୱ ବଢାଇବା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ଆଖିଦୃଶିଆ କିଛି କରାଯାଇ ନାହିଁ। ଏହି ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ଯେହେତୁ ଯୁବତୀ ଯୁବକଙ୍କ ଭବିଷ୍ୟତ ପାଇଁ ସରକାର କିଛି ନିଷ୍ପତ୍ତି ନେଲେନାହିଁ ସେଥିପାଇଁ ଏହାକୁ ଆମେ ସମର୍ଥନ କରିପାରିବୁ ନାହିଁ।

**–ପ୍ରଦୀପ୍ତ ନାୟକ, ବିରୋଧୀ ଦଳ ନେତା**

## ଖଟିଖିଆ, ମଜଦୁରଙ୍କ ପାଇଁ ନୈରାଶ୍ୟଜନକ



ସରକାରଙ୍କ ପାଖରେ ଟଙ୍କା ନାହିଁ ତଥାପ ୧ଲକ୍ଷ ୩୯ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ରାଜ୍ୟ ସରକାରଙ୍କ ନିଜସ୍ୱ ଆୟ ୪୫ ହଜାର କୋଟି ଟଙ୍କା ଥିବାବେଳେ ବଳକା ଋଣ କରିବେ କିମ୍ବା କେନ୍ଦ୍ର ସରକାରଙ୍କ ଅର୍ଥ ଉପରେ ନିର୍ଭର କରିବେ। ଗରିବ, ଖଟିଖିଆ, ମଜଦୁରଙ୍କ ପାଇଁ ଏହି ବଜେଟ ନୈରାଶ୍ୟଜନକ। ଚାଷୀଙ୍କୁ ଚକୋଲେଟ ଦେଇ ଭୋଟ ନେଲେ। ଏବେ ଯେଉଁ ଆର୍ଥିକ ସହାୟତା ଚାଷୀଙ୍କୁ ଦେବେ କହୁଛନ୍ତି ତାହା କେଉଁ କାମକୁ ନୁହେଁ। ସରକାର ନିଜେ ସ୍ୱୀକାର କରିଛନ୍ତି, ଚାଷୀ ଗୋଟେ କୁଇଣ୍ଟାଲ ଧାନ ଉତ୍ପାଦନ କରିବା ପାଇଁ ଯେତିକି ଖର୍ଚ୍ଚ ହେଉଛି ସେତିକି ଟଙ୍କା ସେମାନେ ପାଉନାହାନ୍ତି। ଏହି ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ।

**– ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା**

## ଶିଶୁ ଓ ମହିଳାଙ୍କ ଉପରେ ସ୍ୱତନ୍ତ୍ର ଫୋକସ



ବଜେଟ ସାମଗ୍ରିକ ଭାବରେ ସାଧାରଣ ଜନତାଙ୍କ ପାଇଁ ଉପଯୋଗୀ। ଶିଶୁ ଓ ମହିଳାଙ୍କ ଉପରେ ସ୍ୱତନ୍ତ୍ର ଫୋକସ କରାଯାଇଛି। ସେମାନଙ୍କୁ ସାମାଜିକଭାବେ ଏକତ୍ରୀକରଣ କରାଯାଇଛି। ଏହା ପ୍ରଥମ ଥର ପାଇଁ କରାଯାଇଛି। ପୂର୍ବଥର କୃଷି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ୟମ କରାଯାଇଥିଲା। ଆଦିବାସୀ, ଦଳିତଙ୍କ ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ସେମାନଙ୍କ ପାଇଁ ବିଜୁ କେବିକେ ଯୋଜନା ଏବଂ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଦେବା ପାଇଁ ଅର୍ଥ ବରାଦ କରାଯାଇଛି। ଜନସାଧାରଣଙ୍କ ଉନ୍ନତିକୁ ଦୃଷ୍ଟିରେ ରଖି ଏହା ପ୍ରସ୍ତୁତ କରାଯାଇଛି। ତେଣୁ ଏଥିରେ ନିଶ୍ଚିତଭାବେ ସାର୍ବଜନୀନ ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ଜଣାପଡୁଛି।

**– ଶଶିଭୂଷଣ ବେହେରା, ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ**

## ସମ୍ପୂର୍ଣ୍ଣ ଋଣ ଉପରେ ନିର୍ଭରଶୀଳ ବଜେଟ



ପଞ୍ଚାୟତ ନିର୍ବାଚନକୁ ମୁଖ୍ୟ ଆଧାର କରାଯାଇ ଏହି ବଜେଟ ହୋଇଛି। ପଞ୍ଚାୟତ ସହ ମ୍ୟୁନିସିପାଲିଟି ନିର୍ବାଚନ ସମ୍ପର୍କିତ ବଜେଟ। ଏହା ସମ୍ପୂର୍ଣ୍ଣ ଋଣ ଉପରେ ନିର୍ଭରଶୀଳ ବଜେଟ। ଜିଡିପିକୁ ନେଇ ଦେଶରେ ଆଲୋଡନ ସୃଷ୍ଟି ହୋଇଛି। ରାଜ୍ୟ ସରକାର ନିଜସ୍ୱ ଆୟ ବୃଦ୍ଧି କରିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ବାହାରୁ କିପରି ଖାଦ୍ୟ ଶସ୍ୟ କିଣା ନ ଯାଇ ରାଜ୍ୟରେ ଉତ୍ପାଦନ ବଢ଼ିବ ସେଦିଗରେ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ।

**–ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ**

## କାଳିଆ ଟଙ୍କା ବାଣ୍ଟି ଭୋଟ କିଣିବାକୁ ବ୍ୟବସ୍ଥା



ରାଜ୍ୟ ପ୍ରଶାସନିକ ଅଧିକାରୀ ପ୍ରାୟୋଜିତ ବଜେଟ। କିନ୍ତୁ ଏଥିରେ ବେକାରି ସମସ୍ୟା ଦୂର କରିବା ପାଇଁ କିଛି ବ୍ୟବସ୍ଥା ରହିବ ବୋଲି ଭାବିଥିଲୁ। ହେଲେ ସରକାର ସେମିତି କିଛି କଲେନାହିଁ। ଦାଦନ ଶ୍ରମିକ ବାହାରକୁ କିପରି ନ ଯିବେ ସେଥିପାଇଁ କିଛି କରାଗଲା ନାହିଁ। ରାଜ୍ୟରେ ଗତ ୧୯ବର୍ଷରେ କିଛି କରିଲେ ନାହିଁ, ଏହି ୫ ବର୍ଷରେ ସରକାର କିଛି ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ଅନୁମାନ କରାଯାଉଥିଲା। ହେଲେ ସେମିତି କିଛି ହୋଇନାହିଁ। କେବଳ କାଳିଆ ଟଙ୍କା ବାଣ୍ଟି ଭୋଟ କିଣିବାକୁ ବ୍ୟବସ୍ଥା ହୋଇଛି। ବେକାର ସମସ୍ୟା ବଢାଇବାକୁ ପ୍ରୟାସ କରାଯାଇଛି। ଏଥିରୁ ଯାହା ଜଣାପଡୁଛି, ସରକାର ସମ୍ପୂର୍ଣ୍ଣଭାବେ କେନ୍ଦ୍ର ସରକାରଙ୍କ ଅର୍ଥ ଉପରେ ନିର୍ଭରଶୀଳ।

**– ଜନାର୍ଦ୍ଦନ ପତି, ସିପିଆଇ ନେତା**

# ବଜେଟ ମୁଖ୍ୟାଂଶ

### କୃଷି
- କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨୦,୭୧୪ କୋଟି ଟଙ୍କା।
- କାଳିଆ ଯୋଜନା ପାଇଁ ୫,୬୧୧ କୋଟି ଟଙ୍କା।
- ଶସ୍ୟ ଋଣ ସୁଧ ବାବଦକୁ ୮୦୦ କୋଟି ଟଙ୍କାର ସହାୟତା।
- କୃଷି ଉପକରଣଭିତ୍ତିକ ଉନ୍ନତି ପାଇଁ ୧୮୨ କୋଟି ଟଙ୍କା।
- ଉତ୍ତମ ମାନର ବୀଜ ଏବଂ ସାର ବଣ୍ଟନ ପାଇଁ ୨୬୦ କୋଟି ଟଙ୍କାର କର୍ପସ ଫଣ୍ଡ।

### ଜଳସେଚନ
- ଜଳସେଚନ କ୍ଷେତ୍ରକୁ ୯୭୧୩ କୋଟି ଟଙ୍କା।
- ପାର୍ବତୀ ଗିରି ମେଗା ଲିଫ୍ଟ ଜଳସେଚନ ଯୋଜନା ପାଇଁ ୧୭୭୭ କୋଟି ଟଙ୍କା।
- ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା ଲାଗି ୩୩୪ କୋଟି ଟଙ୍କା।
- ଡିପ୍ ବୋର୍‌ୱେଲ ସ୍କିମ୍ ପାଇଁ ୫୪୦ କୋଟି ଟଙ୍କା।
- ଜଳ କ୍ଷେତ୍ରୀୟ ଭିତ୍ତିଭୂମି ବିକାଶ ପାଇଁ ମୋଟ ୧୫୬୫ କୋଟି ଟଙ୍କା।

### ଖାଦ୍ୟ ସୁରକ୍ଷା
- ଟଙ୍କିକିଆ ଚାଉଳ ଯୋଜନା ପାଇଁ ୧୦୨୮ କୋଟି ଟଙ୍କା।

### ସାମାଜିକ ସୁରକ୍ଷା
- ସାମାଜିକ ସୁରକ୍ଷା ବାବଦକୁ ୪୪୨୭ କୋଟି ଟଙ୍କା।
- ମଧୁବାବୁ ପେନ୍‌ସନ ଯୋଜନାକୁ ୨୧୨୦ କୋଟି ଟଙ୍କା।
- ଏମ୍‌ଜିଏନ୍‌ଆରଇଜିଏ ବାବଦକୁ ୧୨୦୧ କୋଟି ଟଙ୍କା।

### ସ୍ୱାସ୍ଥ୍ୟ
- ସ୍ୱାସ୍ଥ୍ୟ କ୍ଷେତ୍ରକୁ ମୋଟ ୬୭୮୩ କୋଟି ଟଙ୍କା।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୧୨୦୩ କୋଟି ଟଙ୍କା।
- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନକୁ ୫୭୮ କୋଟି ଟଙ୍କା।
- ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ୧୩୨୩ କୋଟି ଟଙ୍କା।

### ମହିଳା ସଶକ୍ତୀକରଣ
- ମହିଳା ସଶକ୍ତୀକରଣ ବାବଦକୁ ମୋଟ ବ୍ୟୟ ବରାଦ ୨୪୪୨ କୋଟି ଟଙ୍କା।
- ମମତା ଯୋଜନା ପାଇଁ ୩୦୫ କୋଟି ଟଙ୍କା।
- ପୁଷ୍ଟିବିକାଶ କାର୍ଯ୍ୟକ୍ରମ ପାଇଁ ୩୦୫ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ବାବଦକୁ ୩୦୧ କୋଟି ଟଙ୍କା।
- ଗ୍ରାମ ପଞ୍ଚାୟତଗୁଡିକରେ ମିଶନ୍ ଶକ୍ତି ଗୃହ ପାଇଁ ୧୩୦ କୋଟି ଟଙ୍କା।

### ଆଦିବାସୀ ଉନ୍ନୟନ
- ଏସ୍‌ସି,ଏସ୍‌ଟି ଏବଂ ଏହାର ଉପଜାତି ବର୍ଗଗୁଡିକର ବିକାଶ ପାଇଁ ୨୩,୭୬୦ କୋଟି ଟଙ୍କା।
- ଏସ୍‌ଟି ଛାତ୍ରୀଙ୍କ ହଷ୍ଟେଲ ଏବଂ ସହରାଞ୍ଚଳରେ ହଷ୍ଟେଲ କମ୍ପ୍ଲେକ୍ସ ବାବଦକୁ ଆକାଂକ୍ଷା ଯୋଜନାରେ ୨୨୬ କୋଟି ଟଙ୍କା।
- ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ମେଧାବୃତ୍ତି ପାଇଁ ୯୫୯ କୋଟି ଟଙ୍କା।

### ଶିକ୍ଷା ଓ ଦକ୍ଷତା ବିକାଶ
- ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ ୧୯,୪୯୨ କୋଟି ଟଙ୍କା।
- ସମଗ୍ର ଶିକ୍ଷା ବାବଦକୁ ୨୫୫୦ କୋଟି ଟଙ୍କା।
- ମଧ୍ୟାହ୍ନ ଭୋଜନ ପାଇଁ ୮୪୪ କୋଟି ଟଙ୍କା (ରାଜ୍ୟ ଅଂଶ ୪୦%)।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୦୦ କୋଟି ଟଙ୍କା।
- ଗଙ୍ଗାଧର ମେହେର ଶିକ୍ଷା ମାନବୃଦ୍ଧି ଯୋଜନା ବାବଦକୁ ୨୩୯ କୋଟି ଟଙ୍କା।
- ମୋ ସ୍କୁଲ ଅଭିଯାନ ପାଇଁ ୪୦ କୋଟି ଟଙ୍କା।
- ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମି ଉନ୍ନତି ବାବଦକୁ ୧୯୦ କୋଟି ଟଙ୍କା।
- ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ କାର୍ଯ୍ୟକ୍ରମ ବାବଦକୁ ୧୦୦ କୋଟି ଟଙ୍କା।

### ଗ୍ରାମ୍ୟ ଉନ୍ନୟନ
- ମୋଟ ବ୍ୟୟବରାଦ ୨୦,୮୨୪ କୋଟି ଟଙ୍କା।
- ବିଜୁ ପକ୍କାଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାବଦକୁ ୪୮୨୦ କୋଟି ଟଙ୍କା।
- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ୨୯୦୦ କୋଟି ଟଙ୍କା।
- ସ୍ୱଚ୍ଛ ଭାରତ ମିଶନ ବାବଦକୁ ୨୫୦୦ କୋଟି ଟଙ୍କା।
- ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ବାବଦକୁ ୪୦୦ କୋଟି ଟଙ୍କା।
- ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ୫୪୦ କୋଟି ଟଙ୍କା।

### ପାନୀୟ ଜଳ
- ମୋଟ ବ୍ୟୟବରାଦ- ୫୦୦୦ କୋଟି ଟଙ୍କା।
- ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ଜଳଯୋଗାଣ ପାଇଁ ୨୭୪୦ କୋଟି ଟଙ୍କା।
- ନଗରାଞ୍ଚଳରେ ବସୁଧା ଜଳ ଯୋଗାଣ ବାବଦକୁ ୩୮୫ କୋଟି ଟଙ୍କା।
- ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ପାଇଁ ୫୦୦ କୋଟି ଟଙ୍କା।

### ଶିଳ୍ପ ନିବେଶ
- ଶିଳ୍ପ କ୍ଷେତ୍ରରେ ଉନ୍ନତି ଏବଂ ପୁଞ୍ଜିନିବେଶକୁ ଆକର୍ଷିତ କରିବା ପାଇଁ ୨୩୭ କୋଟି ଟଙ୍କା
- ହସ୍ତତନ୍ତ, ହସ୍ତଶିଳ୍ପ, ରେଶମ ଶିଳ୍ପ ଏବଂ ବୟନଶିଳ୍ପ ପାଇଁ ୧୮୩ କୋଟି ଟଙ୍କା
- ଅଣୁ, କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ବାବଦକୁ ୧୯୨ କୋଟି ଟଙ୍କା
- ଖଣିଜ କାମ ବାବଦକୁ ୧୨୨ କୋଟି ଟଙ୍କା।

### ନଗର ଉନ୍ନୟନ
- ମୋଟ ବ୍ୟୟ ବରାଦ- ୫୫୬୯ କୋଟି ଟଙ୍କା।
- ଉନ୍ନତି ଯୋଜନା ପାଇଁ ୩୭୦ କୋଟି ଟଙ୍କା।
- ସହରାଞ୍ଚଳ ଗୃହ ନିର୍ମାଣ ଲାଗି ୪୦୦ କୋଟି ଟଙ୍କା।
- ବସୁଧା ଜଳ ଯୋଗାଣ ବାବଦକୁ ୩୮୫ କୋଟି ଟଙ୍କା।
- ସ୍ୱଚ୍ଛ ଭାରତ ମିଶନରେ ୩୦୦ କୋଟି ବ୍ୟୟବରାଦ।
- ସିଏସ୍‌ଏସ୍ ଅମୃତ ଯୋଜନାରେ ୨୫୦ କୋଟି ଟଙ୍କା, ଜାତୀୟ ନଗରାଞ୍ଚଳ ଜୀବିକା ମିଶନରେ ୫୨ କୋଟି ଟଙ୍କାର ବ୍ୟୟବରାଦ।
- ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟି ମିଶନ ବାବଦକୁ ୪୦୦ କୋଟି ଟଙ୍କା।
- ଜାଗା ମିଶନରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ।

### ଭିତ୍ତିଭୂମି ଉନ୍ନୟନ
- ମୋଟ ବ୍ୟୟବରାଦ-୧୭,୮୦୯ କୋଟି ଟଙ୍କା।
- ରାସ୍ତା ନିର୍ମାଣ ଏବଂ ମରାମତି ବାବଦକୁ ୧୩୦୦ କୋଟି ଟଙ୍କା।
- ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳର ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ବାବଦରେ ୩୫୦ କୋଟି ଟଙ୍କା।
- ୩୩/୧୧ କେଭି ସବ୍‌ଷ୍ଟେଶନ ନିର୍ମାଣ ପାଇଁ ୫୩୩ କୋଟି ଟଙ୍କା।
- ରାଜ୍ୟ ରାଜପଥଗୁଡିକର ଦୋହରୀକରଣ ପାଇଁ ୨୦୦ କୋଟି।
- ପିପିପି ମୋଡ୍‌ରେ ବିଜୁ ଏକ୍ସପ୍ରେସ ୱେ ଏବଂ କେବିକେ ଜିଲା ରାସ୍ତା ପ୍ରକଳ୍ପ ଲାଗି ୫୦ କୋଟି ଟଙ୍କା।
- କେନ୍ଦ୍ରୀୟ ସଡକ ଯୋଜନା ବାବଦକୁ ୨୫୦ କୋଟି ଟଙ୍କା।
- ବିଜୁ ସେତୁ ଯୋଜନା ପାଇଁ ୫୦୦ କୋଟି ଟଙ୍କା।

## ସମ୍ବର୍ଦ୍ଧିତ ହେଲେ ୧୧ ଅନୁସୂଚିତ ଜାତି ବିଧାୟକ

ଭୁବନେଶ୍ୱର, ୨୮।୬(ବ୍ୟୁରୋ): ଆସନ୍ତା ୬ରୁ ଭାଜପାର ନୂତନ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ସମାଜର ସମସ୍ତ ବର୍ଗର ଲୋକଙ୍କୁ ଏହି ସଦସ୍ୟତା ଅଭିଯାନରେ ସାମିଲ କରାଯାଇ ଦଳର ସଙ୍ଗଠନକୁ ଆହୁରି ସୁଦୃଢ଼ ଓ ବ୍ୟାପକ କରାଯିବ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚାର ସଦସ୍ୟତା ଅଭିଯାନ ଭିନ୍ନଭିନ୍ନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳର ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ରବି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଦସ୍ୟତା ପ୍ରଭାରୀ ଅନନ୍ତ ନାୟକ, ସହପ୍ରଭାରୀ ଶାରଦା ଶତପଥୀ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଦଳର ୧୧ ଜଣ ନବନିର୍ବାଚିତ ଅନୁସୂଚିତ ଜନଜାତି ବିଧାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଚଳିତ ନିର୍ବାଚନରେ ରାଜ୍ୟର ଆଦିବାସୀମାନେ ଭାଜପା ଉପରେ ଆସ୍ଥା ପ୍ରକଟ କରିଛନ୍ତି।

## ଭିଜିଲାନ୍ସ ଜାଲରେ ୩ ସରକାରୀ କର୍ମଚାରୀ

- ଫୁଲବାଣୀ ପୌର ନିର୍ବାହୀ ଅଧିକାରୀ କୋଟିପତି
- ଲାଞ୍ଚ ନେଇ ଧରାପଡ଼ିଲେ ବଲାଙ୍ଗୀର ଡିଏଫ୍‌ଓ ଅଫିସର ଲିଜ୍ କ୍ଲର୍କ, ଟାପଢୋଲ ଫାଣ୍ଡି ଅଧିକାରୀ

ବ୍ରହ୍ମପୁର ଅଫିସ/ଫୁଲବାଣୀ ଅଫିସ୍/ ବଲାଙ୍ଗୀର ଅଫିସ୍/ ଅନୁଗୋଳ ଅଫିସ୍, ୨୮।୬

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଏବଂ ଲାଞ୍ଚ କାରବାର ଅଭିଯୋଗରେ ଶୁକ୍ରବାର ରାଜ୍ୟ ଭିଜିଲାନ୍ସ ବିଭାଗ ସ୍କାନରକୁ ଆସିଛନ୍ତି ୩ଜଣ ସରକାରୀ କର୍ମଚାରୀ। ସେମାନେ ହେଲେ ଫୁଲବାଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ (ଇଓ) ରାଧାମୋହନ ବେହେରା, ବଲାଙ୍ଗୀର ଟେରିଟୋରିଆଲ ଡିଏଫ୍‌ଓ କାର୍ଯ୍ୟାଳୟର ଜୁନିୟର ଆକାଉଣ୍ଟାଣ୍ଟ ତଥା ଲିଜ୍ କ୍ଲର୍କ କାଳିନ୍ଦୀ ଚରଣ ଭୂୟାଁ ଏବଂ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଟାପଢୋଲ ଫାଣ୍ଡି ଅଧିକାରୀ ଗଜେନ୍ଦ୍ର ବେହେରା। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଦୁର୍ନୀତି ନିବାରଣ ବିଭାଗ ତରଫରୁ ନିର୍ବାହୀ ଅଧିକାରୀ ରାଧାମୋହନଙ୍କ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୩୬ ଲକ୍ଷ ୩୨ ହଜାର ୦୭୭ ଟଙ୍କା ଆକଳନ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ କହିଛନ୍ତି। ଭିଜିଲାନ୍ସର ୫ଟି ଟିମ୍ ଏକକାଳୀନ ନିର୍ବାହୀ ଅଧିକାରୀଙ୍କ ବ୍ରହ୍ମପୁର ଜୟଦୁର୍ଗା ନଗରରେ ଥିବା ୩ ମହଲା କୋଠା, ଜରଡା ଥାନା ତୁରୁବୁଡିସ୍ଥିତ ଶ୍ୱଶୁର ଘର, ଫୁଲବାଣୀ ପୌର ପରିଷଦ କାର୍ଯ୍ୟାଳୟ, ତାଙ୍କ ସରକାରୀ କ୍ୱାର୍ଟର୍ସ ଏବଂ ପୌର କର୍ମଚାରୀ ଅମରେଶ ଗୌଡ଼ଙ୍କ ଘରେ ଚଢ଼ାଉ କରିଥିଲେ। ୨୦୧୬ ଜୁଲାଇରୁ ରାଧାମୋହନ ଫୁଲବାଣୀ ପୌର ପରିଷଦରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ବୋଲି ଭିଜିଲାନ୍ସ ଏସ୍‌ପି କହିଛନ୍ତି। ବଲାଙ୍ଗୀର ଟେରିଟୋରିଆଲ ଡିଏଫ୍‌ଓ ଅଫିସର ଜୁନିୟର ଆକାଉଣ୍ଟାଣ୍ଟ ତଥା ଲିଜ୍ କ୍ଲର୍କ କାଳିନ୍ଦୀ ଚରଣ ଭୂୟାଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି। ଭୋଇପାଲି ଓ କନ୍ହେଇମୁଣ୍ଡା ଅଞ୍ଚଳର ୬ଜଣ ବ୍ୟକ୍ତି ନିଜ ଜମିରେ ଥିବା ଗଛ କାଟିବାକୁ ଡିଏଫ୍‌ଓଙ୍କ ଅନୁମତି ଲୋଡ଼ିଥିଲେ। ଏଥିଲାଗି ଜୁନିୟର ଆକାଉଣ୍ଟାଣ୍ଟ କାଳିନ୍ଦୀଚରଣ ୧୦ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ମାଧିଆପାଲିର ପର୍ଶୁରାମ ବେହେରା ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲେ। ଅଭିଯୁକ୍ତ ଅଧିକାରୀଙ୍କୁ କୋର୍ଟଚାଲାଣ କରାଯାଇଥିବା ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଏକ ମାମଲା ରଫାଦଫା କରିବାକୁ ୫୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଟାପଢୋଲ ଫାଣ୍ଡି ଅଧିକାରୀ ଗଜେନ୍ଦ୍ର ବେହେରାଙ୍କୁ ଗିରଫ କରିଛନ୍ତି।

**SECURITY JOB**
GISS ଆବଶ୍ୟକ କରୁଛି କଟକ, ଜଗତପୁର, ଯାଜପୁର, ଭଦ୍ରକ, ପାରାଦୀପ ଏବଂ ଭୁବନେଶ୍ୱର ପାଇଁ ୫୧ଜଣ ସିକ୍ୟୁରିଟି ଗାର୍ଡ ଏବଂ ୫ଜଣ ସୁପରଭାଇଜର।
Contact :- 9861744455

**ଆବଶ୍ୟକ**
ସୁପ୍ରଭା ବେକେରି
- ପୁଅ/ଝିଅ–ସୁପରଭାଇଜର
- ମାର୍କେଟିଙ୍ଗ–ସୁପରଭାଇଜର
- ସେଲସ୍ ମ୍ୟାନ, ଅଟୋ ଡ୍ରାଇଭର ଆବଶ୍ୟକ
ଯୋଗାଯୋଗ:- 7978664755
Chandaka Industrial Est., Patia BBSR, Suprava Bakery, B-17

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Mob: 9938676412

**REQUIREMENT**
Civil/Electrical Engineers/Accountant : 03 Nos. each. Qualification : B.Tech/ B.Com, Experience : 05/ 02 years
Send your resume :-
Email: balajiamrutodisha@gmail.com
Mob.- 9437000981

**WANTED**
Male Staff for a INTERNET CAFE having knowledge of Computer, Internet, Typing etc. Walk-in with Bio-data, Photo, ID Proof etc.
Salary: Rs. 7000 to 10000
Prudent Communication
Badambadi New Lic Colony, Cuttack. M - 9337273594

URGENTLY REQUIRED
**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ପ୍ରାର୍ଥୀ/ପ୍ରାର୍ଥିନୀ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
CONTACT : 9178134788

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WANTED**
ଲଣ୍ଡ୍ରି କମ୍ପାନୀ ନିମନ୍ତେ ମହିଳା/ପୁରୁଷ, ଡ୍ରାଇଭର (ଅଟୋ ଏବଂ ଟାଟାମ୍ୟାଜିକ୍)
Contact- 7609893102 8637294131

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

**ଦେବଗିରି କିଷାନ୍ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର୍ କମ୍ପାନୀ ଲିଃ, ଗଜପତି**
Room No.2, Old Excise Office, B.N. Palace Road, Paralakhemundi Gajapati, Odisha, Pin-761200, Email id : dkappco.hr@gmail.com
**ନିଯୁକ୍ତି ବିଜ୍ଞାପନ**
ଦେବଗିରି କିଷାନ୍ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର୍ କମ୍ପାନୀ ଲିଃ, ଗଜପତିରେ ଚୁକ୍ତିଭିତ୍ତିକ କାର୍ଯ୍ୟ କରିବା ନିମନ୍ତେ ନିମ୍ନଲିଖିତ ପଦବୀ ପୂରଣ ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| Position | No. of Post | Salary |
|---|---|---|
| ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) | 1 | Rs.40,000/ Month |
| କ୍ଲଷ୍ଟର କୋଡିନେଟର୍ Cluster Co-ordinator | 3 | Rs.8,000/ Month |

ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ଗଜପତି website www.gajapati.nic.inରେ ପାଇପାରିବେ। ଆବେଦନର ଶେଷ ତାରିଖ : ୧୫।୦୭।୨୦୧୯ ସନ୍ଧ୍ୟା ୫ଘଟିକା ପର୍ଯ୍ୟନ୍ତ, ଯାହାକି Register Post/ Mail / Courier ଦ୍ୱାରା ଗ୍ରହଣ କରାଯିବ।
ସ୍ୱା./- ଅଧ୍ୟକ୍ଷା, ନିର୍ଦ୍ଦେଶିକା ମଣ୍ଡଳୀ, ଦେବଗିରି କିଷାନ୍ ଆଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର୍ କମ୍ପାନୀ ଲିଃ, ଗଜପତି

**REQUIRED**
Receptionist (F), PA (B.Tech/ MBA/ BBA Lady), Civil Engineer, Supervisor, Sales Officer, Office Asst., Architect, Electrician, Plumber, Welder, Car Driver.
Contact:-
0674-2973254, 9238482524
9090732020, 9090964245



ଏକ ଇନ୍‌ସ୍ୟୁରାନ୍‌ସ ଏଜେଣ୍ଟ ଭାବରେ ନ୍ୟାସନାଲ ରେ ଯୋଗ ଦିଅନ୍ତୁ
ସବୁ ବର୍ଗର ଲୋକମାନଙ୍କ ପାଇଁ ଏକ ସୁଯୋଗ
ଆୟ ଉପରେ ସୀମା ନାହିଁ
ଅବସର ବୟସ ନାହିଁ
ନିବେଶ ନାହିଁ
ଶୀଘ୍ର କରନ୍ତୁ !
- ସର୍ବନିମ୍ନ ଯୋଗ୍ୟତା - ଦଶମ ପାସ୍ କିମ୍ବା ତତ୍ତୁଲ୍ୟ
- ସର୍ବନିମ୍ନ ବୟସ - ୧୮ ବର୍ଷ
- ଏଜେନ୍‌ସି ପରୀକ୍ଷା ଓ ପ୍ରାକ୍ ଚୟନ ତାଲିମ ପାଇଁ ମାଗଣା ପ୍ରୟୋଜନ
- ଲାଇସେନ୍‌ସ / ରେଜିଷ୍ଟ୍ରେସନ ଫି ନାହିଁ
- ନୂଆ ଆବେଦନକାରୀ / ଲାଇଫ୍ ଇନ୍‌ସ୍ୟୁରାନ୍‌ସ / ହେଲ୍‌ଥ / ନନ୍‌ଲାଇଫ୍ ଇନ୍‌ସ୍ୟୁରାନ୍‌ସ ଏଜେଣ୍ଟମାନେ ଅନ୍‌ଲାଇନ୍ / ଅଫ୍‌ଲାଇନ୍‌ରେ ଆବେଦନ କରିପାରିବେ
Ad UIN : 045/18-19
ଅଧିକ ସୂଚନା ପାଇଁ ପରିଦର୍ଶନ କରନ୍ତୁ www.nationalinsuranceindia.com/ ନିକଟତମ ଅଫିସ ବା ଯୋଗାଯୋଗ କରନ୍ତୁ srijita.roy@nic.co.in, sreejan.banerjee@nic.co.in, କିମ୍ବା କଲ୍ କରନ୍ତୁ 24 x 7 ଶୁଳ୍କ ମୁକ୍ତ ନଂ: 1800-200-7710
नेशनल इन्श्योरेन्स कम्पनी लिमिटेड
National Insurance Company Limited
(A Govt. of India Undertaking) IRDA Registration No.58, CIN: U10200WB1906GO/001713
Registered & Head Office : 3, Middleton Street, Kolkata - 700 071
नेशनल इन्श्योरेन्स National Insurance Trusted Since 1906
www.nationalinsuranceindia.com
Toll Free No.1800-200-7710 I Email: customer.relations@nic.co.in /nationalinsuranceindia /NICLofficial / National Insurance

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ। ଦରମା – ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ – Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି – ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

**ଆବଶ୍ୟକ**
ଘରେ ରହି ରୋଷେଇ ଓ ଘର କାମ ପାଇଁ ଭୁବନେଶ୍ୱରରେ ଜଣେ ମହିଳା ଆବଶ୍ୟକ ଅଛି।
Contact- 9437256146

**STUDENTS' GYMKHANA**
भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
No.IITBBS/ADVT.19-20/01 Date:20/06/2019
FOR FULL-TIME SPORTS OFFICER / COACHES
The Students Gymkhana of IIT Bhubaneswar is seeking passionate and dynamic **Full Time** Sports Officer and Coaches for a period of one year starting from July 2019 on purely contractual basis.
**Sports Officer (1 No.), Coaches: Badminton (1 No.), Football (1 No.), Volleyball (1 No.)** For Qualification, Experience, application and selection procedure, please visit **www.iitbbs.ac.in.** Last date of application is **10th July, 2019**.
President Students Gymkhana
IIT Bhubaneswar

**REQUIRED**
RESTAURANT in Bhubaneswar require COOKS, HELPERS, and STEWARDS.
Contact : 7978459800

**REQUIRED**
Security Guard, Supervisor & Officers for Bhubaneswar.
E-mail: sbjena@avnglobal.in, hr@avnglobal.in
9860314749

**FACULTY REQUIRED**

| | |
|---|---|
| CHEMISTRY (2 no's) | Msc. qualified having more than 5yr's teaching experience to teach +2 & +3 science students. |
| Lab Demonstrator (Physics, Chemistry) | Bsc. or MSc. Qualified having more than 2yr's experience of Lab demonstration work. |
| Hostel Wadern (Male & Female) | Any Gradute with experience to guide the students at Hostel & maintain discipline. |

**SARASWATI**
JUNIOR & DEGREE SCIENCE COLLEGE
For details contact within 7days
Link Road, Arunodoya Market, Cuttack-12
Ph.- 8328952020 : E-mail : info@saraswaticollege.net

**ST. XAVIER HIGH SCHOOL**
PALAS PALLI, BBSR-20
REQUIRES TEACHER
PGT in - ENG / SST / MATH / SCIENCE
QUALIFICATION
B.A, B.Sc , M.A, M.Sc, With BEd
PRIMARY TEACHER
Qualification - NTT, C.T., D.EL.Ed
Date and Time of Interview :- 05.07.2019, 10:00 A.M.
Contact No.- 9439700065/9937737585
Sd./- Secretary

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday



ନୀତି ଆୟୋଗର ଢାଞ୍ଚାରେ ପରିବର୍ତ୍ତନ ସହ ଯୋଜନା କମିଶନଙ୍କ ଭଳି ଏହାକୁ ପାଣ୍ଠି ପ୍ରଦାନ କରିବାର କ୍ଷମତା ମିଳିବା ଉଚିତ୍।

– ରାକେଶ ମୋହନ, ପୂର୍ବତନ ଆର୍‌ବିଆଇ ଡେପୁଟି ଗଭର୍ନର



ରିଜର୍ଭ ବ୍ୟାଙ୍କର ଜୁନ୍ ୭ ସର୍କୁଲାର ଅନୁଯାୟୀ ଏନ୍‌ବିଏଫ୍‌ସି ଅଥବା ଅନ୍ୟ କୌଣସି କମ୍ପାନୀର ଏନ୍‌ପିଏ ସମାଧାନ କରାଯିବ। ଋଣପ୍ରଦାନକାରୀ ନିଜର ବକେୟା ଋଣ ସମ୍ପର୍କରେ ତର୍ଜମା କରିବେ।

– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ

## ସଂକ୍ଷେପରେ

### ଟେଲିକମ ସେକ୍ଟର ପାଇଁ ରିଲିଫ୍ ପ୍ୟାକେଜ ସପକ୍ଷରେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ,୨୮-୬: ସଙ୍କଟଗ୍ରସ୍ତ ଟେଲିକମ୍ ସେକ୍ଟରକୁ ଉଦ୍ଧାର କରିବା ଲାଗି ବଜେଟରେ ଲାଇସେନ୍ସ ଫି ହ୍ରାସ ସହ ଏକ ସିରିଜ ରିଲିଫ୍ ପ୍ୟାକେଜ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି ବୋଲି ଟେଲିକମ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଏଥିସହିତ ଟେଲିକମ ସେକ୍ଟର ପାଇଁ ଜିଏସ୍‌ଟି ହାରକୁ ୧୮ରୁ ୧୨%କୁ ହ୍ରାସ କରାଯିବା ଉଚିତ। ଏହାର ସୁଫଳ ପରୋକ୍ଷରେ ଗ୍ରାହକ ହିଁ ପାଇବେ ବୋଲି ସେ କହିଛନ୍ତି। ତାଙ୍କ ମତରେ ତେବେ ଜିଏସ୍‌ଟି କାଉନସିଲକୁ ଏ ଦିଗରେ ନିଷ୍ପତ୍ତି ନେବାକୁ ହେବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଟେଲିକମ୍ କମ୍ପାନୀଙ୍କ ପକ୍ଷରୁ ସରକାରଙ୍କୁ ପ୍ରଦାନ କରାଯାଉଥିବା ଲାଇସେନ୍ସ ଫି'୨୫% ହ୍ରାସ କରାଯିବା ଆବଶ୍ୟକ ବୋଲି ସେ ସୁପାରିସ୍ କରିଛନ୍ତି। ସରକାର ବର୍ତ୍ତମାନ ୟୁନିଭର୍ସାଲ ସର୍ଭିସେସ୍ ଓବ୍ଲିଗେଶନ ଫଣ୍ଡ ବାବଦରେ ୮% ଲାଇସେନ୍ସ ଫି ନେଉଥିବା ବେଳେ ଏଥିରେ ୨% ହ୍ରାସ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି।

### ପ୍ରଥମ ୨ ମାସରେ ବିତ୍ତୀୟ ନିଅଣ୍ଟ ୫୨% ଛୁଇଁଲା

ନୂଆଦିଲ୍ଲୀ,୨୮-୬: କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ୨ ମାସରେ ବଜେଟ ଅନୁମାନର ୫୨%ରେ ପହଞ୍ଚିଯାଇଛି। ମହାଲେଖା ନିୟନ୍ତ୍ରକ(ସିଜିଏ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ନିରପେକ୍ଷ ରୂପରେ ବିତ୍ତୀୟ ନିଅଣ୍ଟ ପରିମାଣ ୩,୬୬,୧୫୭ କୋଟି ଟଙ୍କା ହୋଇଛି। ପୂର୍ବବର୍ଷର ଏହି ଅବଧିରେ ନିଅଣ୍ଟ ପରିମାଣ ବଜେଟ ଲକ୍ଷ୍ୟର ୫୫.୩% ରହିଥିଲା। ଫେବୃୟାରୀରେ କେନ୍ଦ୍ର ସରକାର ୨୦୧୯-୨୦ର ଅନ୍ତରୀଣ ବଜେଟ ଉପସ୍ଥାପନ କରି ପୂରା ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ୭.୦୩ ଲକ୍ଷ କୋଟି ଟଙ୍କା ରହିବ ବୋଲି ଅନୁମାନ କରିଥିଲେ। ସରକାର ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ(ଜିଡ଼ିପି)ର ୩.୪%ରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗତ ଆର୍ଥିକ ବର୍ଷ ପାଇଁ ମଧ୍ୟ ସମାନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ଯାହା ପ୍ରାୟତଃ ପୂରଣ ହୋଇଛି। ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସ ଏପ୍ରିଲ-ମେ'ରେ ରାଜସ୍ୱ ଆୟ ବଜେଟ ଅନୁମାନର ୭.୩% ରହିଛି। ବର୍ଷକ ପୂର୍ବେ ଏହି ଅବଧିରେ ସମାନ ରାଜସ୍ୱ ଆଦାୟ ହୋଇଥିଲା। ତେବେ ପୁଞ୍ଜି ବ୍ୟୟ ଆଲୋଚ୍ୟ ବର୍ଷରେ ବଜେଟ ଅନୁମାନର କେବଳ ୧୪.୨% ରହିଛି, ଯାହା କି, ପୂର୍ବବର୍ଷର ଏହି ସମୟରେ ୨୧.୩% ରହିଥିଲା।

### ଜେଟ୍ ଏୟାରୱେଜ୍‌କୁ ଉଦ୍ଧାର କରିବେ କର୍ମଚାରୀ

ନୂଆଦିଲ୍ଲୀ,୨୮-୬: ଆର୍ଥିକ ସଙ୍କଟ କାରଣରୁ ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍ ଉଦ୍ଧାର କରିବା ଲାଗି ଏହାର କର୍ମଚାରୀମାନେ ଆଗେଇ ଆସିଛନ୍ତି। ଏୟାରଲାଇନ୍ସର ୭୫% ଅଂଶଧନ କିଣିବା ଲାଗି ବିଡ୍ ଦାଖଲ ଉଦ୍ଦେଶ୍ୟରେ ଜେଟ୍‌ର କର୍ମଚାରୀ ସଂଘ ଏବଂ ଏଡିଆଇ ଗ୍ରୁପ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ସେମାନେ ପାର୍ଟନର ଭାବେ ବିଡ୍ ଦାଖଲ କରିବାକୁ ରାଜି ହୋଇଛନ୍ତି। ଜେଟ୍ ବନ୍ଦ ହୋଇଯିବା କାରଣରୁ ଏବେ ଏହାର ପ୍ରାୟ ୨୦ ହଜାର କର୍ମଚାରୀ, ପାଇଲଟ, ଇଞ୍ଜିନିୟର ବେକାର ହୋଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ ଯେ, ଜେଟ୍‌ର ପୁନରୁଦ୍ଧାର ଏବେ କେବଳ ଦେବାଳିଆ ଅଦାଲତ ଦ୍ୱାରା ହିଁ ସମ୍ଭବ ହେବ। କାରଣ ଏହାର ପ୍ରମୋଟର କମ୍ପାନୀକୁ ପୂରା ପାଣ୍ଠି ଯୋଗାଇଲେ ନାହିଁ। ଏହି କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଏହି ଏୟାରଲାଇନ୍‌କୁ ଆଉ ସହାୟତା କରିବାକୁ ଅନିଚ୍ଛୁକ ହେଲେ।

# ଘରେ ଘରେ ଲାଗିବ ପ୍ରିପେଡ୍ ସ୍ମାର୍ଟ ମିଟର

ନୂଆଦିଲ୍ଲୀ,୨୮-୬

- ୩ ବର୍ଷ ଭିତରେ ୩୦ କୋଟି ମିଟର ଲଗାଯିବ
- ମୋବାଇଲ ଫୋନ ଭଳି ପୂର୍ବରୁ ମିଟରକୁ ଚାର୍ଜ କରିବେ
- ମିଟର ମୂଲ୍ୟ ପ୍ରାୟ ୨୦୦୦ ଟଙ୍କା ରହିବ
- ବିଦ୍ୟୁତ ଯୋଗାଣକାରୀ କମ୍ପାନୀଙ୍କୁ ମିଳିବ ଫାଇଦା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାରା ଦେଶରେ ଘରୋଇ ଓ କମ୍ପାନୀରେ ୩୦ କୋଟି ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବାକୁ ଯୋଜନା କରୁଛନ୍ତି। ବିଜୁଳି ଚୋରିକୁ ରୋକିବା ଉଦ୍ଦେଶ୍ୟରେ ଆସନ୍ତା ୩ ବର୍ଷ ଭିତରେ ଘରେ ଘରେ ସ୍ମାର୍ଟ ମିଟର ଲଗାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ମୋବାଇଲ ଫୋନ ଭଳି ଏହି ମିଟରକୁ ପୂର୍ବରୁ ରିଚାର୍ଜ କରି ହେବ। ଏହାଦ୍ୱାରା ବିଜୁଳି ଚୋରି ବନ୍ଦ ହୋଇଯିବା ସହିତ ସଚୋଟ ଗ୍ରାହକଙ୍କୁ ୨୪ ଘଣ୍ଟା ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇପାରିବ। ଏହି ଯୋଜନା ଲାଗୁ ହେବା ପରେ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଏହା ଗେମ୍ ଚେଞ୍ଜର ହେବ ବୋଲି ମତପ୍ରକାଶ ପାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ସ୍ମାର୍ଟ ମିଟର ଯୋଗାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ଉତ୍ପାଦକଙ୍କ ସହ ଆଲୋଚନା ଆରମ୍ଭ ହୋଇଯାଇଛି। ଏହାଦ୍ୱାରା ବିଜୁଳି ଯୋଗାଣ ଉପରେ ସହଜରେ ନଜର ରଖିହେବ। ଏହି ଯୋଜନା ଅନୁଯାୟୀ, ସରକାର ମିଟର ମୂଲ୍ୟ ଉପରେ ସବ୍‌ସିଡି ଦେବେ। ପ୍ରାରମ୍ଭିକ ଅନୁମାନ ଅନୁଯାୟୀ, ଗୋଟିଏ ସ୍ମାର୍ଟ ମିଟର ମୂଲ୍ୟ ପ୍ରାୟ ୨୦୦୦ ଟଙ୍କା ହେବ। ଏଥିପୂର୍ବରୁ ୨୦୧୭ରେ ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ସ୍ମାର୍ଟ ମିଟର କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମିଟର ପ୍ରତିଟିର ମୂଲ୍ୟ ୨୫୦୩ ଟଙ୍କା ଥିଲା। ତେବେ ଏଥର ଅଧିକ ମାତ୍ରାରେ ମିଟର କିଣାଯିବାକୁ ଥିବାରୁ ଏହାର ମୂଲ୍ୟ କମିବ ବୋଲି ଆଶାକରାଯାଉଛି। ତେବେ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଖୋଲାଖୋଲି ମତପ୍ରକାଶ କରାଯାଇ ନାହିଁ। ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ସ୍ମାର୍ଟ ମିଟରକୁ ପ୍ରିପେଡ୍ କରିଦେବା ଯୋଗୁ ବିଜୁଳି ବିତରଣ କମ୍ପାନୀ(ଡିସ୍‌କମ୍)ଙ୍କ ଖର୍ଚ୍ଚ ଅନେକାଂଶରେ କମିଯିବ ଏବଂ ସେମାନେ ସହଜରେ କ୍ଷତିରୁ ବାହାରି ଆସିପାରିବେ। ବର୍ତ୍ତମାନ ଦେଶର ଅଧିକାଂଶ ରାଜ୍ୟରେ କାର୍ଯ୍ୟରତ ଡିସ୍‌କମ୍‌ଗୁଡ଼ିକ କ୍ଷତିରେ ଚାଲୁଛନ୍ତି। କାରଣ ଟେକ୍ନିକାଲ, ବିଜୁଳି ଚୋରି ଓ ଅନ୍ୟାନ୍ୟ କାରଣରୁ ସେମାନଙ୍କ କ୍ଷତି ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବିଜୁଳି ଚୋରି, ତ୍ରୁଟିପୂର୍ଣ୍ଣ ବିଲ୍ ପ୍ରଦାନ ଓ ରାଜସ୍ୱ ଆଦାୟରେ ବିଫଳତା କାରଣରୁ କ୍ଷତି ବୃଦ୍ଧି ହେଉଛି। ଏହି କାରଣରୁ ସେମାନଙ୍କ ନିକଟରେ ବିଜୁଳି କିଣିବା ଲାଗି ଅର୍ଥ ନାହିଁ। ଫଳରେ ଗ୍ରାହକଙ୍କୁ ୨୪ ଘଣ୍ଟା ବିଜୁଳି ଯୋଗାଣ ସେମାନଙ୍କ ଦ୍ୱାରା ସମ୍ଭବ ହେଉନାହିଁ। ଏହାଛଡ଼ା ବିଦ୍ୟୁତ ସଞ୍ଚୟକାରୀ ଏଲ୍‌ଇଡି ଲାଇଟ ପ୍ରଦାନ, ସୌରଶକ୍ତିଯୁକ୍ତ ଜଳସେଚନ ବ୍ୟବସ୍ଥା ଆପଣାଇବା ଓ ଚୋରି ରୋକିବା ଲାଗି ଇନ୍‌ସୁଲେଟେଡ୍ ତାର ଲଗାଇବା ଆଦି ବ୍ୟବସ୍ଥା ଆପଣାଇବାକୁ ମୋଦି ସରକାର ପୂର୍ବରୁ କାର୍ଯ୍ୟାରମ୍ଭ କରିଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ବିଜୁଳି କ୍ଷେତ୍ରରେ କ୍ରାନ୍ତି ଆସିବ ବୋଲି ମନେକରାଯାଉଛି। ଏଥିଯୋଗୁ କମ ଆୟ କରୁଥିବା ଉପଭୋକ୍ତାଙ୍କୁ ଅଧିକ ଫାଇଦା ମିଳିବ। ସେମାନଙ୍କୁ ଗୋଟିଏ ଥରରେ ପୂରା ମାସର ବିଜୁଳି ବିଲ୍ ଦେବାକୁ ପଡିବ ନାହିଁ। ଉପଭୋକ୍ତା ନିଜର ଆବଶ୍ୟକତା ଅନୁଯାୟୀ ମିଟର ଚାର୍ଜ କରିବେ ଏବଂ ବିଜୁଳି ଜାଳିବେ। ଏହାଦ୍ୱାରା ଫାଲ୍‌ତୁ ବିଜୁଳି ଖର୍ଚ୍ଚ କମିବ। ଫଳରେ ବିଜୁଳି ସଞ୍ଚୟ ହେବ। ଏହାଦ୍ୱାରା ୨୪ ଘଣ୍ଟା ବିଜୁଳି ଯୋଗାଣ ସମ୍ଭବ ହେବ। ଶକ୍ତି ମନ୍ତ୍ରଣାଳୟ ଅଧିକାରୀଙ୍କ ମତରେ ପ୍ରିପେଡ୍ ମିଟର ନିର୍ମାଣ ଯୋଗୁ ଅଧିକ ଯୁବତୀଯୁବକଙ୍କୁ କୌଶଳପୂର୍ଣ୍ଣ ରୋଜଗାର ମିଳିବ। ବିଜୁଳି ବିଲ୍ ପାଇଁ କାଗଜର ଆବଶ୍ୟକତା ହେବ ନାହିଁ। ମିଟର ରିଡିଂ ଦରକାର ହେବ ନାହିଁ। ପ୍ରିପେଡ୍ ସ୍ମାର୍ଟ ମିଟର ଲାଗିବା ଫଳରେ ଖର୍ଚ୍ଚ ଆପେ ଆପେ କମିଯିବ।

## ଭୁବନେଶ୍ୱରରେ ବିଗ୍ ବଜାରର ୬ ନମ୍ବର ଷ୍ଟୋର

ଭୁବନେଶ୍ୱର,୨୮-୬

ପ୍ରମୁଖ ସୁପରମାର୍କେଟ ଚେନ୍ ବିଗ୍ ବଜାର ପକ୍ଷରୁ ସ୍ଥାନୀୟ ପାହାଳ, ରୁଦ୍ରପୁରସ୍ଥିତ ସିମ୍ଫୋନୀ ମଲ୍‌ଠାରେ ନୂଆ ବିଗ୍ ବଜାର ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ସହରରେ କମ୍ପାନୀର ୬ ନମ୍ବର ଆଉଟଲେଟ। ଗ୍ରାହକଙ୍କୁ ସ୍ୱତନ୍ତ୍ର କ୍ରୟ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ବିଗ୍ ବଜାର ପକ୍ଷରୁ ସୂଚନା ଦିଆଯାଇଛି। ଏହା ୨୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ସିମ୍ଫୋନୀ ମଲ୍ ବେସ୍‌ମେଣ୍ଟରେ ଏହା ଅବସ୍ଥିତ। ଏଠାରେ ଖାଦ୍ୟ, ହୋମ ଫର୍ନିସିଂ, ଫ୍ୟାଶନ, ଫୁଟୱେର, ଘର ଉପଯୋଗୀ ଅନ୍ୟାନ୍ୟ ସାମଗ୍ରୀ ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଛି। ଫୁଡ ସେକ୍ସନରେ ସତେଜ ପନିପରିବା, ଫଳ, ପ୍ୟାକେଟଯୁକ୍ତ ଖାଦ୍ୟ ସାମଗ୍ରୀ, ସସ୍, ସ୍ନାକ୍ସ ସହ ଅନ୍ୟ ପ୍ରଡକ୍ଟ ରହିଛି। ଗ୍ରାହକଙ୍କ ଫ୍ୟାସନ ଆବଶ୍ୟକତାକୁ ନଜରରେ ରଖି ଅଫିସୱେର, ଏଥନିକୱେର, କାଜୁଆଲ, ସ୍ପୋର୍ଟସୱେର, ଓମେନୱେର ଏବଂ ଶିଶୁଙ୍କ ପୋଷାକପତ୍ର ସାମିଲ ରହିଛି। ହୋମ୍ ସେକ୍ସନରେ ବିସ୍ତୃତ ରେଞ୍ଜର ହୋମ୍ ଆପ୍ଲାଏନ୍ସ ଯଥା- ପରଦା, ବେଡଶିଟ, କାର୍ପେଟ ରହିଛି। ନୂଆ ଷ୍ଟୋରକୁ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ବିଗ୍ ବଜାରର ପୂର୍ବାଞ୍ଚଳ ସିଇଓ ମନୀଷ ଅଗ୍ରୱାଲ କହିଛନ୍ତି। ନୂଆ ଷ୍ଟୋରରେ ଗ୍ରାହକମାନେ ସମ୍ପୂର୍ଣ୍ଣ ଫ୍ୟାମିଲି କ୍ରୟ ଅଭିଜ୍ଞତା ପାଇ ପାରିବେ। ବିଗ୍ ବଜାର ପ୍ରଫିଟ କ୍ଲବ ଏବଂ ଫ୍ୟୁଚର ପେ ଡିଜିଟାଲ ୱାଲେଟ ଦ୍ୱାରା ଗ୍ରାହକମାନେ ବିଭିନ୍ନ ଅଫରର ସୁବିଧା ନେବାକୁ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ବଜାଜ ଗ୍ରୁପ୍ ପକ୍ଷରୁ ୧୦ କୋଟି ଫନୀ ସହାୟତା



ଭୁବନେଶ୍ୱର,୨୮-୬

ବଜାଜ ଗ୍ରୁପ କମ୍ପାନୀ ପକ୍ଷରୁ ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବଜାଜ ଅଟୋ ଲିମିଟେଡର ଆଞ୍ଚଳିକ ପ୍ରବନ୍ଧକ ସଦାନନ୍ଦ ସ୍ୱାମୀ, ଲୋନ୍ ବିଜନେସ ଜାତୀୟ ପ୍ରବନ୍ଧକ ନିତ୍ୟେସ ମଲ୍ଲିକ, ଗ୍ରାହକ ଫାଇନାନ୍ସ ଜାତୀୟ ପ୍ରବନ୍ଧକ ସଞ୍ଜୀବ କୁମାର ପାଣିଗ୍ରାହୀ, ପ୍ରଡକ୍ଟ ପ୍ରବନ୍ଧକ ସଞ୍ଜୟ ପିରାଙ୍ଗୁଟେ, ପ୍ରୋଜେକ୍ଟ ସହକାରୀ ଅଧିକାରୀ ସ୍ନେହା ଘୋଙ୍ଗେ ଏବଂ ବଜାରର ସିଏସ୍‌ଆର୍ ଟିମ୍ ବଜାଜ ଅଟୋ ଓ ବଜାଜ ଫାଇନାନ୍ସ ପକ୍ଷରୁ ଅର୍ଥ ରାଶିର ଚେକ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସଚିବାଳୟଠାରେ ପ୍ରଦାନ କରିଛନ୍ତି।

## ୮.୬୫% ସୁଧ ହାର ଉପରେ ଇପିଏଫ୍‌ଓ କାଏମ

ନୂଆଦିଲ୍ଲୀ,୨୮-୬

ଶ୍ରମ ମନ୍ତ୍ରଣାଳୟ ଓ କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ) ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ପିଏଫ୍ ସୁଧ ହାର ୮.୫୫ରୁ ୮.୬୫%କୁ ବୃଦ୍ଧି କରିବା ଲାଗି ନେଇଥିବା ନିଷ୍ପତ୍ତିରେ କାଏମ ରହିବ। ପର୍ଯ୍ୟାପ୍ତ ନଗଦ ଗଚ୍ଛିତ ଥିବାର ଦ୍ୱାହି ଦେଇ ପିଏଫ୍ ଉପରେ ସୁଧ ହାର ବଢ଼ାଇବାକୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାର ମଧ୍ୟ ପିଏଫ୍ ସୁଧ ହାର ବଢ଼ାଯିବ ବୋଲି ଘୋଷଣା କରିଥିଲେ। ତେବେ ଇପିଏଫ୍‌ଓର ୮.୬୫% ସୁଧ ହାର ବୃଦ୍ଧିକୁ ଅର୍ଥ ମନ୍ତ୍ରଣାଳୟ ବିରୋଧ କରିଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଇପିଏଫ୍‌ଓ ନିଜ ନିଷ୍ପତ୍ତିର ପୁନର୍ବିଚାର କରୁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯିବା ସହ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ପାଣ୍ଠି ଖର୍ଚ୍ଚ ବଢୁଥିବାରୁ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ବ୍ୟାଙ୍କଗୁଡ଼ିକ ରାଜି ହେଉ ନ ଥିବା ବେଳେ ଇପିଏଫ୍‌ଓର ଏହି ନିଷ୍ପତ୍ତି ବିଶେଷ ପ୍ରଣିଧାନଯୋଗ୍ୟ। ସେହିପରି ସେମାନେ ଜମା ଉପରେ ଅଧିକ ସୁଧ ମଧ୍ୟ ଦେଉନାହାନ୍ତି। ଅପରପକ୍ଷରେ ପିଏଫ୍ ଭଳି କ୍ଷୁଦ୍ର ସଞ୍ଚୟ ଯୋଜନା ଓ ଇପିଏଫ୍‌ଓ ପକ୍ଷରୁ ଅଧିକ ସୁଧ ହାର ଦିଆଗଲେ ଲୋକେ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ପଛାଇବେ ବୋଲି ବ୍ୟାଙ୍କଗୁଡ଼ିକ ପକ୍ଷରୁ ଆଶଙ୍କା ପ୍ରକାଶ କରାଯାଇଛି। ଫଳରେ ସେମାନଙ୍କୁ ପାଣ୍ଠି ଯୋଗାଡ କରିବା ଲାଗି ସମସ୍ୟା ହେବ। ସୂଚନାଯୋଗ୍ୟ ଯେ, ଇପିଏଫ୍‌ଓ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ସୁଧ ହାର ୮.୫୫% ରହିବ ବୋଲି ଘୋଷଣା କରିଥିଲା।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୪୬.୭%

ଭୁବନେଶ୍ୱର,୨୮-୬(ବ୍ୟୁରୋ)



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଏପ୍ରିଲରେ ୧୧୨ ପଏଣ୍ଟ ଥିଲା। ଏହା ମେ ମାସରେ ୨ ପଏଣ୍ଟ ବୃଦ୍ଧି ଘଟି ୩୧୪ ପଏଣ୍ଟ ହୋଇଛି। ଖବର ଆସିବା ପର୍ଯ୍ୟନ୍ତ ରାଜ୍ୟର ତାଳଚେର, ଅନୁଗୋଳ ଏବଂ ରାଉରକେଲାରେ ଖାଉଟି ମୂଲ୍ୟସୂଚୀ ହସ୍ତଗତ ହୋଇନାହିଁ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୧.୪% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫.୩% ବଢ଼ି ୧୪୬.୭% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜୁଲାଇ ପହିଲାରୁ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫% ବୃଦ୍ଧି ଘଟି ୧୭% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୧୭% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୪.୫% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୩% ବୃଦ୍ଧି ଘଟି ୬୭.୮% ହୋଇଛି। ଏହା ଅଗଷ୍ଟ ପହିଲାରୁ ଲାଗୁ ହେବ।

ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନଶନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଶନିବାର କିଛି ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀ ଅବସର ନେବେ। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶୁକ୍ରବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୭.୮% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୩% ବୃଦ୍ଧି ଘଟି ୬୧.୧% ହୋଇଛି। ଏହି ବର୍ଦ୍ଧିତ ଡିଏ ଅଗଷ୍ଟ ପହିଲାରୁ ସେମାନେ ପାଇବେ।

ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ଶନ ଏବଂ ପେନ୍‌ଶନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନକୁ ଅପେକ୍ଷା କରିଛନ୍ତି। ଜୁଲାଇ ପହିଲାରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## କଳିଙ୍ଗ ନଗରରେ ହେବ ଜାତୀୟ ନିବେଶ ଏବଂ ଉତ୍ପାଦନ ଜୋନ

ନୂଆଦିଲ୍ଲୀ,୨୮-୬

ଓଡ଼ିଶାର ଯାଜପୁର ଜିଲା କଳିଙ୍ଗ ନଗରରେ ଜାତୀୟ ନିବେଶ ଏବଂ ଉତ୍ପାଦନ ଜୋନ(ଏନ୍‌ଆଇଏମ୍‌ଜେଡ୍) ସ୍ଥାପନ ହେବ। ଏସଂକ୍ରାନ୍ତ ନିଷ୍ପତ୍ତିକୁ କେନ୍ଦ୍ର ସରକାର ଶୁକ୍ରବାର ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କଠାରୁ ଏସଂକ୍ରାନ୍ତ ପ୍ରସ୍ତାବ ପାଇବା ପରେ କେନ୍ଦ୍ର ଏଭଳି ପଦକ୍ଷେପ ଗ୍ରହଣ କରିଛି। ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ବାହ୍ୟ ସଂଯୋଗ ଭିତ୍ତିଭୂମି ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ପାରାଦୀପ-କଳିଙ୍ଗ ନଗର ସେକ୍ସନର ୧୨୧ କିମି ରାଜପଥକୁ ଉନ୍ନତୀକରଣ କରାଯାଉଛି। ୨୦୦ ନମ୍ବର ଜାତୀୟ ରାଜପଥ ପରିବହନ ମାର୍ଗକୁ ୨ ଲେନରୁ ୬ ଲେନ ବିଶିଷ୍ଟ କରାଯାଉଛି। ସେହିଭଳି ଜାତୀୟ ରାଜପଥ ୫୩/୨୦୦ ମଧ୍ୟରେ ଏବଂ ଜାତୀୟ ନିବେଶ ଉତ୍ପାଦନ ଜୋନ ଚତୁଃପାର୍ଶ୍ୱ ସମ୍ପ୍ରସାରଣ କରାଯାଉଛି।

## ବଜେଟ ନେଇ ଶିଳ୍ପର ପ୍ରତିକ୍ରିୟା...

### ଦୀର୍ଘମିଆଦୀ କାର୍ଯ୍ୟକ୍ରମକୁ ଅବହେଳା



ବଜେଟ୍‌ରେ ସ୍ୱଳ୍ପମିଆଦୀ ଲାଭବାନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ଦୀର୍ଘମିଆଦୀ କାର୍ଯ୍ୟକ୍ରମକୁ ଅବହେଳା କରାଯାଇଛି। କୃଷି କ୍ଷେତ୍ରରେ ଶୀତଳ ଭଣ୍ଡାର ପାଇଁ କୌଣସି ଯୋଜନା ନାହିଁ। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖାଲି ପଦବୀ ପୂରଣ ଲାଗି କୌଣସି ଘୋଷଣା କରାଗଲା ନାହିଁ। ବେସରକାରୀ ସମସ୍ୟା ଜାତୀୟ ହାରଠାରୁ ଅଧିକ ଥିଲେ ମଧ୍ୟ ନିଯୁକ୍ତି ପାଇଁ ସେମିତି କିଛି ସ୍ୱତନ୍ତ୍ର ଯୋଜନା ନାହିଁ।

- ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ଫୋକସଡ୍ ବଜେଟ



ଚଳିତ ବର୍ଷ ରାଜ୍ୟ ସରକାର ଆଣିଥିବା ଏହି ବଜେଟ ଫୋକସଡ ବଜେଟ ଭାବେ ପରିଗଣିତ ହୋଇଛି। ରାଜ୍ୟର ଦୁର୍ବଳ ବର୍ଗଙ୍କ ବିକାଶ ଲାଗି ଏହା ସହାୟକ ହେବ ବୋଲି ଆଶାବାଦୀ। ଜଳ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷାକୁ ସରକାର ଧ୍ୟାନରେ ରଖିଲେ ଏହା ଲୋକଙ୍କ ବିକାଶରେ ଭାଗୀଦାରି ହୋଇପାରିବ। ସେହିଭଳି ବାଣିଜ୍ୟିକ ପରିବେଶର ବିକାଶ ହେବା ଜରୁରୀ। ଅର୍ଥନୀତିର ବିକାଶ ଲାଗି ସରକାର ଏଭଳି ପଦକ୍ଷେପ ଉପରେ କାର୍ଯ୍ୟ କରିବେ ବୋଲି ଆଶା ରହିଛି।

- ଜୟପ୍ରକାଶ ଦିଦ୍ୱାନିଆ, ଉଦ୍ୟୋଗୀ

### ଠିକ୍ ସମୟରେ ଅର୍ଥର ବିନିଯୋଗ ହେଉ



ବଜେଟରେ ବିଭିନ୍ନ କ୍ଷେତ୍ର ଲାଗି କରିଥିବା ଆବଣ୍ଟନକୁ ଦେଖିଲେ ଜଣାଯିବଯେ ରାଜ୍ୟ ସରକାର ଗରିବଙ୍କ ବିକାଶ ଏବଂ କୃଷିର ଉନ୍ନତିକୁ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ନୀତି ଏବଂ ଅର୍ଥନୈତିକ କାର୍ଯ୍ୟକଳାପ କ୍ଷେତ୍ରରେ କେନ୍ଦ୍ର ସହ ସମନ୍ୱୟ ଦ୍ୱାରା ଅର୍ଥନୈତିକ ବିକାଶ ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇପାରିବେ। ଏହା ଭଲ ବଜେଟ। କିନ୍ତୁ ଠିକ୍ ସମୟରେ ଅର୍ଥର ବିନିଯୋଗ ହେବା ଜରୁରୀ। ଏହାଦ୍ୱାରା ରାଜ୍ୟର ବିକାଶ ଧାରା ତ୍ୱରାନ୍ୱିତ ହେବ।

- ରୂପ କୁମାର ପ୍ରଧାନ, ଚାର୍ଟାର୍ଡ ଫାଇନାସିଆଲ୍ ପ୍ଲାନର

### ହାଉସିଂ ସେକ୍ଟରକୁ ଧ୍ୟାନ ଦେବାର ଥିଲା



୨୦୨୦ ବେଳକୁ ସଭିଙ୍କ ପାଇଁ ବାସଗୃହ ଉପରେ ବର୍ତ୍ତମାନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ରାଜ୍ୟ ବଜେଟରେ ଏ ଦିଗରେ ପଦକ୍ଷେପ ନେବା ଭଳି ଦେଖାଯାଉନାହିଁ। ହାଉସିଂ ସେକ୍ଟରକୁ ଧ୍ୟାନ ଦେବାର ଆବଶ୍ୟକତା ରହିଥିବା ବେଳେ ଏହା ହୋଇ ନାହିଁ। ହାଉସିଂ କ୍ଷେତ୍ରରେ ଷ୍ଟାମ୍ପ ଡ୍ୟୁଟି କମ୍ କରାଗଲେ ଏହା କ୍ଷେତ୍ରର ଉନ୍ନତୀକରଣ ଲାଗି ସହାୟକ ହେବ। ପାୱାର ଅଫ୍ ଆଟର୍ନି କ୍ଷେତ୍ରରେ ଅଧିକ ହେଉଥିବାରୁ ରିୟଲ ଇଷ୍ଟେଟ ପାଇଁ ଏହା ଶୁଭପ୍ରଦ ନୁହେଁ। ସେହିଭଳି ଶ୍ରମ ଶକ୍ତି ଲାଗି ଦକ୍ଷତା ବିକାଶ, ନିର୍ମାଣ ଶ୍ରମିକଙ୍କ ଲାଗି ନିରାପତ୍ତା ତଥା ବିଭିନ୍ନ ସୁବିଧା ସୁଯୋଗ ଆଣିଲେ ଏହା ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ଉନ୍ନତି ଆଣିବାରେ ସହାୟକ ହେବ।

- ସୋଫିଆ ଫିର୍ଦୋସ, ନିର୍ଦ୍ଦେଶକ ମେଟ୍ରୋ ଗ୍ରୁପ

### ଫନୀ ପ୍ରଭାବିତ କ୍ଷୁଦ୍ର ଶିଳ୍ପକୁ ଅଣଦେଖା ଦୁଃଖର ବିଷୟ



ବଜେଟରେ ସରକାର ଫନୀ ପ୍ରଭାବିତ କ୍ଷୁଦ୍ର ଶିଳ୍ପକୁ ଯେଉଁ ଭଳି ଭାବେ ଅଣ ଦେଖା କଲେ ତାହା ଦୁଃଖର ବିଷୟ। ଏହି ଶିଳ୍ପଗୁଡିକ ଲାଗି ପ୍ୟାକେଜ ଘୋଷଣା ହୋଇଥିଲେ ଶିଳ୍ପଗୁଡିକ ପୁଣି ଛିଡା ହୋଇ ଥାନ୍ତେ। ମୋଟାମୋଟି ଭାବେ ଏମ୍‌ଏସ୍‌ଏମ୍‌ଇ ପାଇଁ ହୋଇଥିବା ଆବଣ୍ଟନ ଆଖି ଦୃଶିଆ ନୁହେଁ। ରାଜ୍ୟର ଶିଳ୍ପଗୁଡିକ ଉତ୍ପାଦନ କରୁଥିବା ସାମଗ୍ରୀ ସରକାର କ୍ରୟ କରିବା ଭଳି କୌଣସି ସୁବିଧା ବଜେଟରେ ନାହିଁ। ଏହା ଦ୍ୱାରା ଶିଳ୍ପ ପ୍ରୋତ୍ସାହନକୁ ବିଚାର କରାଯାଇ ନାହିଁ।

- ସ୍ୱାତ୍ତିକ ସ୍ୱାଇଁ, ମହାସଚିବ, ଓସ୍‌ମେ

### ସନ୍ତୁଳିତ ବଜେଟ



ରାଜ୍ୟ ସରକାର ବଜେଟରେ ଘୋଷଣା କରିଥିବା ପ୍ରସଙ୍ଗଗୁଡିକୁ ବିଚାର କଲେ ଜଣାଯିବ ଯେ, ଏହା ଏକ ସନ୍ତୁଳିତ ବଜେଟ। କୃଷି, ମହିଳା ସଶକ୍ତୀକରଣ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବିକାଶ ଲାଗି ହୋଇଥିବା ଅର୍ଥ ଆବଣ୍ଟନ ସ୍ୱାଗତଯୋଗ୍ୟ। ବିଦ୍ୟୁତ ଭିତ୍ତିଭୂମି ଉନ୍ନତୀକରଣ ଲାଗି ହୋଇଥିବା ବ୍ୟୟ ବରାଦ ଫନୀ ପ୍ରଭାବିତ ଅଞ୍ଚଳଗୁଡିକ ଲାଗି ସହାୟକ ହେବ। ସେହିଭଳି ଜଳ ଯୋଗାଣ, ଗ୍ରାମୀଣ ବାସଗୃହ ଭଳି ଅନ୍ୟ ପଦକ୍ଷେପ ରାଜ୍ୟର ବିକାଶ ଦିଗରେ ସହାୟକ ହେବ ବୋଲି ଆଶାବାଦୀ। ବଜେଟରେ ହୋଇଥିବା ଘୋଷଣାର ସଫଳ ରୂପାୟନ ହେଲେ ଏହା ଲୋକଙ୍କ ବିକାଶକୁ ତ୍ୱରାନ୍ୱିତ କରିବ।

- ନୀଶିଥ୍ ନନ୍ଦ, ବ୍ୟବସାୟୀ

### ସନ୍ତୋଷଜନକ ବଜେଟ



ରାଜ୍ୟ ସରକାରଙ୍କ ଚଳିତ ବଜେଟକୁ ବିଚାର କରିଲେ ଏହା ବେଶ ସନ୍ତୋଷଜନକ। ସରକାର ସବୁ ବର୍ଗକୁ ଧ୍ୟାନରେ ରଖି ବିଭିନ୍ନ ଆବଣ୍ଟନ କରିଛନ୍ତି। ମହିଳା ସଶକ୍ତୀକରଣ, କୃଷକଙ୍କ ଉନ୍ନତୀକରଣ, ଶିକ୍ଷା ଲାଗି ହୋଇଥିବା ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

- ସୁବ୍ରତ ଛାଟୋଇ, ଶିକ୍ଷା ଏଣ୍ଟରପ୍ରିନ୍ୟୁୟର


### ବିକାଶମୁଖୀ ବଜେଟ



ଚଳିତ ବର୍ଷର ବଜେଟ ବିକାଶମୁଖୀ ଏଜେଣ୍ଡାକୁ ନେଇ ପ୍ରସ୍ତୁତ ହୋଇଛି। ଏଥିରେ ହୋଇଥିବା ବିଭିନ୍ନ ଆବଣ୍ଟନ ସମତୁଲ ରହିଛି। କେନ୍ଦ୍ର ବଜେଟ ପୂର୍ବରୁ ଚଳିତ ବର୍ଷ ରାଜ୍ୟ ସରକାର ବଜେଟ ଆଣିବା ସହ ସବୁ ବର୍ଗର ବିକାଶକୁ ଧ୍ୟାନରେ ରଖିଛନ୍ତି। ଏହା ରାଜ୍ୟର ବିକାଶରେ ସହାୟକ ହେବ ବୋଲି ଆଶାବାଦୀ।

- ଅମିତ କୁମାର ମଲ୍ଲିକ, ଯୁବ ଉଦ୍ୟୋଗୀ


### କିଛି ନୂତନତ୍ୱ ନାହିଁ



ରାଜ୍ୟ ସରକାର ଆଣିଥିବା ବଜେଟରେ କିଛି ନୂତନତ୍ୱ ନାହିଁ। ଚିରାଚରିତ ଭଳି କିଛି କ୍ଷେତ୍ରକୁ ଅର୍ଥ ଆବଣ୍ଟନ ହୋଇଛି। ମାତ୍ର ଯାହା ବି ଆବଣ୍ଟନ କରାଯାଇଛି ତାହା ସଫଳ ଭାବେ ରୂପାୟନ ହେବାର ଜରୁରୀ ରହିଛି। ଠିକ୍ ଭାବେ ଯୋଜନା କାର୍ଯ୍ୟକାରୀ ହେଲେ ଏହା ରାଜ୍ୟର ବିକାଶ କ୍ଷେତ୍ରରେ ସହାୟକ ହେବ। ସରକାର ଜିଡିପି ବଢାଇବା କଥା କହୁଛନ୍ତି। ମାତ୍ର ବ୍ୟବସାୟଗୁଡିକ ଲାଗି କିଛି ବ୍ୟବସ୍ଥା ଘୋଷଣା କରିନାହାନ୍ତି। ଏପରି ସ୍ଥିତିରେ ବିଜନେସ ବଢିବା ନେଇ କିଭଳି ଜଣେ ଆଶାବାଦୀ ହୋଇପାରିବ।

- ସୁଧାକର ପଣ୍ଡା, ସଭାପତି, ରାଜ୍ୟ ବ୍ୟବସାୟୀ ମହାସଂଘ

### ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହେଉ ଅଭିବୃଦ୍ଧି



ରାଜ୍ୟ ବଜେଟ ସମତୁଲ ହୋଇଛି। ପର୍ଯ୍ୟଟନକୁ ବଜେଟରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଥିଲା। ଆୟ ବ୍ୟୟ ଆବଣ୍ଟନକୁ ସରକାର ନିୟନ୍ତ୍ରଣରେ ରଖିଛନ୍ତି। ପର୍ଯ୍ୟଟନକୁ ଧ୍ୟାନ ଦେବା ଦ୍ୱାରା ଏହା ନିଯୁକ୍ତି ଦିଗରେ ସହାୟକ ହୋଇ ପାରିଥାନ୍ତା। ଅଭିବୃଦ୍ଧି ହାର ଜାତୀୟ ଅଭିବୃଦ୍ଧି ହାର ସହ ତାଳମେଳ ଖାଉଥିଲେ ମଧ୍ୟ ଏହାର ପ୍ରକୃତ ଲାଭ ରାଜ୍ୟକୁ ମିଳୁଛି କି ନାହିଁ ତାହା ପ୍ରତିଫଳନ ହେବା ମଧ୍ୟ ଜରୁରୀ।

- ଦାମୋଦର ନନ୍ଦ, ବ୍ୟାଙ୍କର୍

# ଦକ୍ଷିଣ ଆଫ୍ରିକାର ସହଜ ବିଜୟ

ଚେଷ୍ଟର-ଲି-ଷ୍ଟ୍ରିଟ୍, (୨୮।୬)

ଚଳିତ ଆଇସିସି ବିଶ୍ୱକପ୍‌ରେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଦଳ ୭୬ ବଲ୍ ବାକି ଥାଇ ୯ ଉଇକେଟରେ ଶ୍ରୀଲଙ୍କାକୁ ହରାଇଛି। ପରାଜୟ ସହ ଶ୍ରୀଲଙ୍କା ଏକ ପ୍ରକାର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୪୯.୩ ଓଭରରେ ୨୦୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଗୋଟିଏ ଉଇକେଟ ହରାଇ ୩୭.୨ ଓଭରରେ ୨୦୬ ରନ କରି ଟୁର୍ନାମେଣ୍ଟରେ ଦ୍ୱିତୀୟ ବିଜୟ ହାସଲ କରିଛି। ଏଥି ସହିତ ଦକ୍ଷିଣ ଆଫ୍ରିକା ୮ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୫ ପରାଜୟ ଏବଂ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ତାଲିକାର ଅଷ୍ଟମ ସ୍ଥାନକୁ ଉଠିଛି। ଅନ୍ୟପଟେ ଶ୍ରୀଲଙ୍କା ୭ ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ଓ ଦୁଇଟି ବିନା ଫଳାଫଳ ସହ ୬ ପଏଣ୍ଟ ପାଇଁ ତାଲିକାରେ ପୂର୍ବପରି ସପ୍ତମ ସ୍ଥାନରେ ରହିଛି। ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡ୍ୱେନ ପ୍ରିଟୋରିୟସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୦୪ ରନ ଛୋଟିଆ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ତେବେ ଇନ୍‌ଫର୍ମ ଯୁବ ଓପନର କ୍ୱିଣ୍ଟନ ଡି କକ୍ ୧୫ ରନ କରିଥିବା ବେଳେ ଲାଇନ୍ ମିସ୍ କରି ଅଭିଜ୍ଞ ଲସିଥ ମାଲିଙ୍ଗା ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟରେ ଅଭିଜ୍ଞ ହାସିମ ଅମଲା ଓ ଅଧିନାୟକ ଫାଫ୍ ଡୁପ୍ଲେସି ଅପରାଜିତ ୧୭୫ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡୁପ୍ଲେସି ୧୦୩ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୧ ଛକା ସହ ୯୬ ରନ କରି ଅପରାଜିତ ରହିଥିଲେ। ସେହିପରି ଅମଲା ୧୦୫ଟି ବଲ୍ ଖେଳି ୫ ଚୌକା ସହ ୮୦ ରନ କରି ଅପରାଜିତ ରହିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଦକ୍ଷିଣ ଆଫ୍ରିକା ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଜଣେ ପରେ ଜଣେ ବ୍ୟାଟ୍ସମ୍ୟାନଙ୍କୁ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଅଧିନାୟକ ଦିମୁଥ କରୁଣାରତ୍ନେଙ୍କୁ ପ୍ରଥମ ବଲ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଖାତା ଖୋଲିବା ପୂର୍ବରୁ ସେ କାଗିସୋ ରାବାଡ଼ାଙ୍କ ବଲରେ ଫାଫ୍ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। କୁଶଲ ପେରେରା ଓ ଅଭିଷ୍କା ଫର୍ନାଣ୍ଡୋ ଦ୍ୱିତୀୟ ଉଇକେଟରେ ୬୭ ରନ କରିଥିଲେ। ଅଭିଷ୍କା ୩୦ ରନ କରି ଡ୍ୱେନ ପ୍ରିଟୋରିୟସଙ୍କ ବଲ୍‌ରେ ଡୁପ୍ଲେସିଙ୍କୁ କ୍ୟାଚ୍ ଦେବା ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ହୋଇଥିଲା। କୁଶଲ ମଧ୍ୟ ୩୦ ରନ କରି ପ୍ରିଟୋରିୟସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। କୁଶଲ ମେଣ୍ଡିସ୍ ୨୩ ରନ କରିଥିବା ବେଳେ କ୍ରିସ୍ ମୋରିସଙ୍କୁ କ୍ୟାଚ୍ ଦେଇ ପ୍ରିଟୋରିୟସଙ୍କ ତୃତୀୟ ଶିକାର ହୋଇଥିଲେ। ଅଭିଜ୍ଞ ଅଲରାଉଣ୍ଡର ଅଞ୍ଜେଲୋ ମାଥ୍ୟୁସ ୧୧, ଜୀବନ ମେଣ୍ଡିସ୍ ୧୮ କରି ମୋରିସ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ୨୪ ରନ କରି ଧନଞ୍ଜୟ ଡି ସିଲ୍‌ଭା ଜେପି ଡୁମିନିଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଥିସାରା ପେରେରା ୨୧ ରନ କରି ଆଣ୍ଡିଲ ଫେଲୁକ୍ୱାୟୋଙ୍କ ଦ୍ୱାରା ଆଉଟ ହେବା ପରେ ଇସୁରୁ ଉଡ଼ାନା ୧୭ ରନ କରି ରାବାଡ଼ାଙ୍କ ଦ୍ୱାର କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଲସିଥ ମାଲିଙ୍ଗା ୪ ରନ କରିଥିବା ବେଳେ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ମୋରିସ୍‌ଙ୍କ ତୃତୀୟ ଶିକାର ହୋଇଥିଲେ। ସୁରଙ୍ଗା ଲାକମଲ ୫ ରନ କରି ଅପରାଜିତ ରହିଥିଲେ। ପୁଣି ଥରେ ଶ୍ରୀଲଙ୍କାର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ପ୍ରିଟୋରିୟସ ଓ ମୋରିସ ୩ଟି ଲେଖାଏ, ରାବାଡ଼ା ୨, ଫେଲୁକ୍ୱାୟୋ ଓ ଡୁମିନି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଏକ ଶଟ୍ ଖେଳିବା ଅବସରରେ ଫାଫ୍ ଡୁପ୍ଲେସି

### ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ୪୯.୩ ଓଭରରେ ୨୦୩/ ଅଲଆଉଟ୍ (କୁଶଲ ପେରେରା- ୩୦, ଅଭିଷ୍କା- ୩୦, ଧନଞ୍ଜୟ- ୨୪, କୁଶଲ ମେଣ୍ଡିସ୍- ୨୩, ଥିସାରା ପେରେରା- ୨୧, ମୋରିସ- ୩/୪୬, ପ୍ରିଟୋରିୟସ- ୩/୨୫, ରାବାଡ଼ା- ୨/ ୩୬)।

ଦକ୍ଷିଣ ଆଫ୍ରିକା ୩୭.୨ ଓଭରରେ ୨୦୬/୧ (ଡୁପ୍ଲେସି- ୯୬*, ଅମଲା- ୮୦*, ଡିକକ- ୧୫, ମାଲିଙ୍ଗା- ୧/୪୭)।



ଉଇକେଟ ହାସଲ ପରେ ଦକ୍ଷିଣ ଆଫ୍ରିକାର କାଗିଶୋ ରାବାଡାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଆଜିର ମ୍ୟାଚ୍

**ପାକିସ୍ତାନ ବନାମ ଆଫଗାନିସ୍ତାନ**

ସ୍ଥାନ: ଲିଡ୍ସ
ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ଲଣ୍ଡନ, ସମୟ: ସନ୍ଧ୍ୟା ୬ଟା

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| ଭାରତ | ୬ | ୫ | ୦ | ୦ | ୧ | ୧୧ | +୧.୧୬୦ |
| ନ୍ୟୁଜିଲାଣ୍ଡ | ୭ | ୫ | ୧ | ୦ | ୧ | ୧୧ | +୧.୦୨୮ |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ପାକିସ୍ତାନ | ୭ | ୩ | ୩ | ୦ | ୧ | ୭ | -୦.୯୭୬ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | -୧.୬୩୪ |




ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଅବସରରେ ମହୁମାଛି ଆକ୍ରମଣରୁ ରକ୍ଷା ପାଇବା ପାଇଁ ଅମ୍ପାୟର ଓ ଖେଳାଳିମାନେ ପଡ଼ିଆରେ ଶୋଇ ରହିଛନ୍ତି।

## ତୃତୀୟ ସନ୍ତାନର ପିତା ହେବେ ୱାର୍ନର

ଲଣ୍ଡନ,୨୮।୬(ପିଟି)

ଡେଭିଡ ୱାର୍ନର ଓ ତାଙ୍କ ପତ୍ନୀ କ୍ୟାଣ୍ଡିସ ତୃତୀୟ ସନ୍ତାନର ପିତାମାତା ହେବାକୁ ଯାଉଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ୱାର୍ନର ବର୍ତ୍ତମାନ ଦୁଇ ଝିଅଙ୍କ ପିତା। କ୍ୟାଣ୍ଡିସ ରବିବାର ଆଉ ଏକ ସନ୍ତାନର ମା' ହେବେ ବୋଲି ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ଆଇସିସି ବିଶ୍ୱକପ୍‌ରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉନ୍ନୀତ ହୋଇସାରିଥିବାବେଳେ ନ୍ୟୁଜିଲାଣ୍ଡକୁ ଆଉ ଏକ ବିଜୟ ଆବଶ୍ୟକ ପଡୁଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଏକ ସପ୍ତାହ ବ୍ୟବଧାନରେ ଅଷ୍ଟ୍ରେଲିଆ ତା'ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ୱାର୍ନରଙ୍କୁ ଛୁଟି ନେବାରେକୌଣସିଅସୁବିଧାହେବନାହିଁ।

## 'ଶ୍ରୀଲଙ୍କା, ବାଂଲାଦେଶଠାରୁ ଜାଣିଶୁଣି ହାରିପାରେ ଭାରତ'



ବସିତ୍ ଅଲି

କରାଚୀ,୨୮।୬(ପିଟି)

ପାକିସ୍ତାନ ଦଳକୁ ବିଶ୍ୱକପ୍‌ର ସେମିଫାଇନାଲ ଦୌଡ଼ରୁ ବିଦା କରିବା ଲାଗି ଭାରତୀୟ ଦଳ ଜାଣିଶୁଣି ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ବାଂଲାଦେଶ ଓ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇପାରେ। ଏଭଳି ମନ୍ତବ୍ୟ ଦେଇଛନ୍ତି ପୂର୍ବତନ ପାକିସ୍ତାନ ବ୍ୟାଟ୍ସମ୍ୟାନ ବସିତ୍ ଅଲି। ଏହି ପୂର୍ବତନ କ୍ରିକେଟର ୧୯୯୩ରୁ ୧୯୯୬ ମଧ୍ୟରେ ୧୯ ଟେଷ୍ଟ ଓ ୫୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରୁ ବୋଲି ଭାରତୀୟ ଦଳ କଦାପି ଚାହୁଁ ନାହିଁ। ସେମାନଙ୍କୁ ବାଂଲାଦେଶ ଓ ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ୍ ଖେଳିବାର ଅଛି। ଆଫଗାନିସ୍ତାନ ବିପକ୍ଷରେ ଭାରତ କେଉଁ ଭଳି ଖେଳିଥିଲା, ତାହା ସଭିଙ୍କୁ ଜଣା ବୋଲି ବସିତ୍ ଏକ ସାକ୍ଷାତକାର ଅବସରରେ କହିଛନ୍ତି। ଅପରାଜେୟ ଭାରତୀୟ ଦଳ ଏପର୍ଯ୍ୟନ୍ତ ସେମିଫାଇନାଲରେ ସ୍ଥାନ ପାଇନାହିଁ। ୬ ମ୍ୟାଚ୍‌ରୁ ୧୧ ପଏଣ୍ଟ ହାସଲ କରିଛି। ବାଂଲାଦେଶ ଓ ଶ୍ରୀଲଙ୍କା ପୂର୍ବରୁ ବିରାଟ କୋହଲିଙ୍କ ଦଳ ରବିବାର ଇଂଲଣ୍ଡକୁ ଭେଟିବ। ସେ ଆହୁରି କହିଛନ୍ତି, ଭାରତ ଏପରି ଖେଳିବ ଯେଉଁଳି କୌଣସି ଦଳକୁ ଜଣାପଡ଼ିବ ନାହିଁ। ୧୯୯୨ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଘରୋଇ ଗ୍ରାଉଣ୍ଡରେ ସେମିଫାଇନାଲ ଖେଳିବା ଲାଗି ଜାଣିଶୁଣି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ପାକିସ୍ତାନଠାରୁ ପରାଜୟ ବରଣ କରିଥିଲା।

## କୋଟ୍ରେଲଙ୍କୁ ପରିହାସ କଲେ ସାମି

ମାଞ୍ଚେଷ୍ଟର,୨୮।୬(ପିଟି)

ଉଇକେଟ ନେବା ପରେ ୱେଷ୍ଟଇଣ୍ଡିଆନ ପେସର ଶେଲଡନ କୋଟ୍ରେଲ ସର୍ବଦା ସାଲ୍ୟୁଟ କରନ୍ତି, ଯାହାକି ଚଳିତ ବିଶ୍ୱକପ୍‌ରେ ଏକ ଟ୍ରେଣ୍ଡ ପାଲଟିଯାଇଛି। ଏହାଦ୍ୱାରା ସେ ଜାମାଇକାନ ଡିଫେନ୍ସ ଫୋର୍ସ (ଜେଡିଏଫ୍) ପ୍ରତି ଶ୍ରଦ୍ଧାଞ୍ଜଳି ଜଣାନ୍ତି। କିନ୍ତୁ ଚଳିତ ବିଶ୍ୱକପ୍‌ରୁ ବହୁ ଖେଳାଳି କୋଟ୍ରେଲଙ୍କୁ ପରିହାସ କରିବା ଲାଗି ତାଙ୍କ ଭଳି ସାଲ୍ୟୁଟ କରୁଛନ୍ତି। ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯାଇଥିବା ଭାରତ ବିପକ୍ଷ ମ୍ୟାଚ୍‌ରେ କୋଟ୍ରେଲଙ୍କୁ ୩୦ତମ ଓଭରରେ ଯୁଜଭେନ୍ଦ୍ର ଚହଲ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ସେ ପ୍ୟାଭିଲିଅନ ଫେରୁଥିବାବେଳେ ଫିଲ୍ଡିଂ କରୁଥିବା ସାମି ତାଙ୍କ ସାଲ୍ୟୁଟର ନକଲ କରିଥିଲେ। କିଛି ପ୍ରଶଂସକ ସାମିଙ୍କୁ ଏଥିନେଇ ସମାଲୋଚନା କରିବା ସହ ଆର୍ମିଙ୍କୁ ଅପମାନିତ କରିଥିବା କହିଛନ୍ତି। ଏ ସମ୍ପର୍କରେ କୋଟ୍ରେଲ ହିନ୍ଦୀ ଭାଷାରେ ଟୁଇଟ୍ କରିଛନ୍ତି ଯେ, ବହୁତ ଭଲ ବୋଲିଂ କରିଥିଲେ ସାମି। ସେ ମୋତେ ଯେପରି ନକଲ କଲେ, ତାହା ମୋତେ ଖୁବ୍ ମଜା ଲାଗିଲା। ସୂଚନାଯୋଗ୍ୟ, ବାମହାତୀ ପେସର କୋଟ୍ରେଲ ୧୦ ଓଭର ବୋଲିଂ କରି ୫୦ ରନ୍ ବ୍ୟୟରେ ୨ ଉଇକେଟ ହାତେଇଥିଲେ।

# ନ୍ୟୁଜିଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଫେଭରାଇଟ

ଲଣ୍ଡନ, ୨୮।୬(ପି.ଟି.)

ଚଳିତ ଆଇସିସି ବିଶ୍ୱକପ୍‌ରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଦୁଇ ପଡୋଶୀ ଦେଶ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଅଷ୍ଟ୍ରେଲିଆ ଫେଭରାଇଟ ବିବେଚିତ ହେଉଛି। ପାକିସ୍ତାନଠାରୁ ହାରି ନ୍ୟୁଜିଲାଣ୍ଡ ଟୁର୍ନାମେଣ୍ଟରେ ତା'ର ପ୍ରଥମ ପରାଜୟବରଣ କରିଛି। ଫଳରେ ନ୍ୟୁଜିଲାଣ୍ଡର ଆତ୍ମବିଶ୍ୱାସ ହ୍ରାସ ହୋଇଛି। ଅନ୍ୟପଟେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସବୁ ମ୍ୟାଚ୍ ଜିତିଥିବା ବେଳେ କେବଳ ଭାରତଠାରୁ ପରାସ୍ତ ହୋଇଛି। ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବ। ୭ଟି ମ୍ୟାଚ୍ ଖେଳି ଅଷ୍ଟ୍ରେଲିଆ ୬ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୨ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିବା ସହ ଟୁର୍ନାମେଣ୍ଟର ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ୭ଟି ମ୍ୟାଚ୍ ଖେଳି ୫ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ଭାରତ ପଛକୁ ରହି ତୃତୀୟ ସ୍ଥାନରେ ରହିଛି। ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଆସିଛି।

୭ଟି ଯାକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ତା'ର ଦଳରେ କୌଣସି ପରିବର୍ତ୍ତନ ଆଣି ନାହିଁ। ଏବେ ନ୍ୟୁଜିଲାଣ୍ଡ ବାକିଥିବା ୨ଟି ମ୍ୟାଚ୍‌ରୁ ଗୋଟିଏରେ ବିଜୟୀ ହେଲେ କ୍ରମାଗତ ଚତୁର୍ଥଥର ପାଇଁ ସେମିଫାଇନାଲରେ ପ୍ରବେଶ କରିବ। ଆସନ୍ତା ୩ ତାରିଖରେ ନ୍ୟୁଜିଲାଣ୍ଡ ଇଂଲଣ୍ଡକୁ ଭେଟିବ। ୨୦୧୫ ବିଶ୍ୱକପ୍‌ରେ ଦୁଇ ପଡୋଶୀ ଦେଶ ଫାଇନାଲରେ ମୁହାଁମୁହିଁ ହୋଇଥିଲେ। ଏଥିରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ରେକର୍ଡ ୫ ଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଦୁଇ ଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବହୁ ପୁରୁଣା। ନିରପେକ୍ଷ ସ୍ଥାନରେ ହୋଇଥିବା ୨୦ଟି ମୁକାବିଲାରେ ଅଷ୍ଟ୍ରେଲିଆ ୧୯ଟିରେ ବିଜୟୀ ହୋଇଛି। ତେବେ ୧୯୯୯ ବିଶ୍ୱକପ୍‌ରେ ସୋଫିଆ ଗାର୍ଡେନ୍ସରେ ନ୍ୟୁଜିଲାଣ୍ଡ ଥରେ ଅଷ୍ଟ୍ରେଲିଆକୁ ହରାଇବାକୁ ସକ୍ଷମ ହୋଇଥିଲା। ୭ଟି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଏଥି ସହିତ ଥରେ ମାତ୍ର ବିଜୟୀ ହେବାର ସୁଯୋଗ ପାଇଥିଲା। ରେକର୍ଡ ଓ ଫର୍ମ ଉଭୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଫେଭରାଇଟ ବିବେଚିତ ହେଉଛି। ଗତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬୪ ରନରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ଓ ଡେଭିଡ ୱାର୍ନରଙ୍କୁ ନେଇ ଅଷ୍ଟ୍ରେଲିଆ ଓପନିଂ ଯୋଡି ବେଶ୍ ଶକ୍ତିଶାଳୀ ମନେ ହେଉଛି। ବିଶ୍ୱକପ୍‌ରେ ଏହି ଯୋଡି ସବୁଠାରୁ ବେଶି ସଫଳ ହୋଇଛି। ସେହିପରି ବୋଲିଂରେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୧୮.୨୬ ରନ ହାରରେ ଏପର୍ଯ୍ୟନ୍ତ ସର୍ବାଧିକ ୧୯ଟି ଉଇକେଟ ହାସଲ କରି ଶୀର୍ଷରେ ରହିଛନ୍ତି। ପେସ୍, ବାଉନ୍ସ ଓ ସୁଇଙ୍ଗରେ ସେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ଜାସନ ବେହେରନଡୋର୍ଫ ମଧ୍ୟ ଇଂଲଣ୍ଡ ବିପକ୍ଷରେ ଭଲ ବୋଲିଂ କରିଥିଲେ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇ ପଡିଛି। ୫ଟି ମ୍ୟାଚରୁ ସେ ୧୩୮ ହାରରେ ୪୧୪ ରନ ସଂଗ୍ରହ କରିଛନ୍ତି। ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ସେ ୧୨ଟି ଦିନିକିଆ ଖେଳି ୪୧.୬ ରନ ହାରରେ ଏପର୍ଯ୍ୟନ୍ତ ୪୧୬ ରନ ସଂଗ୍ରହ କରିଛନ୍ତି। ଦ୍ରୁତ ବୋଲିଂରେ ମଧ୍ୟ ନ୍ୟୁଜିଲାଣ୍ଡ ଆଦୌ ପଛରେ ପଡିନାହିଁ। ରସ୍ ଟେଲର ଓ ମାର୍ଟିନ ଗୁପ୍ଟିଲଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ବିଜୟୀ ହେଲେ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରିବ। ତେଣୁ ସେମିଫାଇନାଲ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ ପଡିଆକୁ ଓହ୍ଲାଇବ।




ନେଟ୍ ସେସନରେ ଅଷ୍ଟ୍ରେଲିଆ ଦଳର ଶାରୀରିକ ଅଭ୍ୟାସ।

| ଅଷ୍ଟ୍ରେଲିଆ ଦଳ | ନ୍ୟୁଜିଲାଣ୍ଡ ଦଳ |
|---|---|
| ଆରୋନ ଫିଞ୍ଚ୍ (ଅଧିନାୟକ), ଜାସନ ବେହେରନଡୋର୍ଫ, ଆଲେକ୍ସ କେରୀ, ନାଥନ କୁଲ୍ଟର- ନାଇଲ, ପ୍ୟାଟ କୁମିନ୍ସ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ପ୍ୟାଟ କୁମିନ୍ସ, ଉସ୍‌ମାନ ଖ୍ୱାଜା, ନାଥନ ଲିୟନ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, କେନ୍ ରିଚାର୍ଡସନ, ଷ୍ଟିଭ୍ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା। | କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ମ୍ୟାଟ୍ ହେନେରୀ, ଟମ୍ ଲାଥମ, କଲିନ୍ ମୁନରୋ, ଜିମ୍ମି ନିଶାମ, ହେନେରୀ ନିକୋଲ୍ସ, ମିଚେଲ ସାଣ୍ଟନର, ଇଶ୍ ସୋଧି, ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ଟିମ୍ ସୌଦି, ରସ୍ ଟେଲର ଓ ଟମ୍ ବ୍ଲଣ୍ଡେଲ। |

## ସଂକ୍ଷେପରେ

### ଗୋପୀଚାନ୍ଦଙ୍କୁ ଡକ୍ଟରେଟ୍



ନୂଆଦିଲ୍ଲୀ, ୨୮।୬ (ପି.ଟି.)-ଭାରତର ମୁଖ୍ୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କୁ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଇଛି। ଆଇଆଇଟି କାନପୁରର ୫୨ତମ ସମାବର୍ତ୍ତନ ଉତ୍ସବ ଅବସରରେ ଶୁକ୍ରବାର ଇସ୍ରୋ ଚେୟାରମ୍ୟାନ ଏବଂ ଆଇଆଇଟି କାନପୁର ବୋର୍ଡ ଅଫ୍ ଗଭର୍ନର୍ସ ଚେୟାରମ୍ୟାନ ପ୍ରଫେସର କେ. ରାଧାକ୍ରିଷ୍ଣନଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିବେ। ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଅନୁଷ୍ଠାନ ତରଫରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି।

### ବିଶ୍ୱକପ୍‌ରେ ପୁଣି ହୋଇପାରେ ଭାରତ-ପାକିସ୍ତାନ ମ୍ୟାଚ୍

ମାଞ୍ଚେଷ୍ଟର,୨୮।୬: ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ 'ମଦର ଅଫ୍ ଅଲ ବ୍ୟାଟ୍‌ଲ' ବୋଲି କୁହାଯାଏ। ଗତ ୧୬ ତାରିଖରେ ପାକିସ୍ତାନକୁ ହରାଇଥିଲା ଭାରତ। ଦୁଇ ଦଳ ଚଳିତ ବିଶ୍ୱକପ୍‌ରେ ପୁଣି ଥରେ ପରସ୍ପରକୁ ଭେଟିବାର ସମ୍ଭାବନା ରହିଛି। ଏଥିଲାଗି ଦୁଇ ଦଳକୁ ବଳକା ସମସ୍ତ ମ୍ୟାଚ୍ ଜିତିବାକୁ ପଡ଼ିବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବଳକା ୩ଟି ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ଭେଟିବ। ବର୍ତ୍ତମାନ ଇଂଲଣ୍ଡ ୭ ମ୍ୟାଚ୍‌ରୁ ୪ ବିଜୟ ସହ ୮ ପଏଣ୍ଟ ସହ ଅଙ୍କ ତାଲିକାର ୪ର୍ଥ ସ୍ଥାନରେ ରହିଛି। ସେହିଭଳି ୫ମ ସ୍ଥାନରେ ଥିବା ବାଂଲାଦେଶ ୭ ମ୍ୟାଚ୍‌ରୁ ୭ ପଏଣ୍ଟ ହାସଲ କରିଛି। ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ପରାସ୍ତ କଲେ ଭାରତୀୟ ଦଳ ସର୍ବାଧିକ ୧୭ ପଏଣ୍ଟ ସହ ଅଙ୍କ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିବ। ଅନ୍ୟପକ୍ଷରେ ପାକିସ୍ତାନ ଦଳ ଏପର୍ଯ୍ୟନ୍ତ ୭ ମ୍ୟାଚ୍‌ରୁ ୭ ପଏଣ୍ଟ ସହ ଅଙ୍କ ତାଲିକାରେ ୬ଷ୍ଠ ସ୍ଥାନରେ ରହିଛି। ସର୍ଫରାଜ ଅହମ୍ମଦଙ୍କ ଦଳ ତା'ର ବଳକା ଦୁଇଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ବାଂଲାଦେଶ ଭେଟିବ। ଏହି ଦୁଇଟି ମ୍ୟାଚ୍ ଦଳ ପାଇଁ ଜିତିବା ନିହାତି ଆବଶ୍ୟକ। ପାକିସ୍ତାନ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରିବାରେ ସଫଳ ହେଲେ ୧୧ ପଏଣ୍ଟ ସହ ଅଙ୍କ ତାଲିକାର ୪ର୍ଥ ସ୍ଥାନ ଅଧିକାର କରିବ। ଫଳରେ ପ୍ରଥମ ସ୍ଥାନରେ ଥିବା ଭାରତ ଓ ୪ର୍ଥ ସ୍ଥାନ ଅଧିକାରୀ ପାକିସ୍ତାନ ସେମିଫାଇନାଲରେ ମୁହାଁମୁହିଁ ହେବେ।



ୱେଷ୍ଟଇଣ୍ଡିଜ ଏବଂ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ବିଜୟ ଦ୍ୱାରା ଆମେ କମ୍ ସ୍କୋର କରି ମଧ୍ୟ ମ୍ୟାଚ ଜିତିପାରିବୁ ବୋଲି ପ୍ରମାଣ କରିଛୁ।

–କୁଲ୍‌ଦୀପ ଯାଦବ, ଭାରତୀୟ ରିଷ୍ଟ ସ୍ପିନର



କ୍ରିସ୍ ଗେଲ ଏକ ଟେଷ୍ଟ ଖେଳି ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିବା ଲାଗି ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଯୁବ ଖେଳାଳିଙ୍କ ପାଇଁ ଏକ ଖରାପ ବାର୍ତ୍ତା।

–କର୍ଟଲି ଆମ୍ବ୍ରୋସ, ପୂର୍ବତନ ୱେଷ୍ଟଇଣ୍ଡିଜ ପେସ୍ ବୋଲର


# ସେମିରେ ବ୍ରାଜିଲ

ପୋର୍ଟୋ ଆଲେଗ୍ରେ,୨୮।୬

ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଦଳଭାବେ ବ୍ରାଜିଲ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଏହି ଦଳ ଶୁଟ୍‌ଆଉଟ୍ ଜରିଆରେ ପାରାଗୁଏକୁ ପରାସ୍ତ କରିଛି। ୨୦୧୧ ଓ ୨୦୧୫ ସଂସ୍କରଣରେ ପାରାଗୁଏ କ୍ୱାର୍ଟର ଫାଇନାଲରେ ସମାନ ପରିସ୍ଥିତିରେ ଶୁଟ୍‌ଆଉଟ ଜରିଆରେ ବ୍ରାଜିଲକୁ ହରାଇ ବିଦା କରିଥିଲା। ଏଥର ବ୍ରାଜିଲ ତାହାର ମଧୁର ପ୍ରତିଶୋଧ ନେଇଛି। ମ୍ୟାଚ୍‌ଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ରହିଥିଲା। ବ୍ରାଜିଲର ୱିଲିଆନ ଗୋଲ୍ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାଙ୍କ ଶଟ୍ ଗୋଲ୍‌ପୋଷ୍ଟରେ ବାଜି ଆଉଟ୍ ହୋଇଯାଇଥିଲା। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ରବର୍ଟୋ ଫାରମିନୋଙ୍କୁ ଏକ ପ୍ରଫେଶନାଲ ଫାଉଲ ଯୋଗୁ ପାରାଗୁଏର ଫାବିଆନୋ ବାଲ୍‌ବୁଏନାଙ୍କୁ ରେଡ୍‌କାର୍ଡ ହେଇଥିଲା। ଫଳରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ଏହାପରେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ବ୍ରାଜିଲ ୪-୩ ବ୍ୟବଧାନରେ ମ୍ୟାଚ୍ ଜିତିଥିଲା।

ଏହି ପର୍ଯ୍ୟାୟରେ ବ୍ରାଜିଲ ପକ୍ଷରୁ ୱିଲିଆନ ଡିସିଲ୍‌ଭା, ମର୍କ୍ୱିନହୋସ, ଫିଲିପେ କୌଟିନ୍‌ହୋ, ଗାବ୍ରିଏଲ ଜିସସ ଗୋଲ ଦେଇଥିବାବେଳେ ଫିର୍ମିନୋ ମିସ୍ କରିଥିଲେ। ପାରାଗୁଏ ପକ୍ଷରୁ ଆଲମିରନ, ଭାଲଡେଜ ଓ ଆର. ରୋଜାସ ଗୋଲ ଦେଇଥିବାବେଳେ ଦୁଇ ତାରକା ଖେଳାଳି ଗୁସ୍ତାଭୋ ଗୋମେଜ ଓ ଆଲବର୍ଟୋ ଗୋଞ୍ଜାଲେଜ ମିସ୍ କରିଥିଲେ। ପାରାଗୁଏର ଗୋମେଜଙ୍କ ଉଦ୍ୟମକୁ ବ୍ରାଜିଲ ଗୋଲକିପର ଆଲିସନ ବେକାର କରି ଦେଇଥିଲେ। ତାଙ୍କ ପରେ ଗତ ମ୍ୟାଚ୍‌ରେ ପେନାଲ୍ଟି ହାତଛଡ଼ା କରିଥିବା ଗାବ୍ରିଏଲ ଜିସସ ବ୍ରାଜିଲ ଲାଗି ବିଜୟ ସୂଚକ ଗୋଲ ଦେଇଥିଲେ। ବ୍ରାଜିଲ ଗଣମାଧ୍ୟମ ଏହି ମ୍ୟାଚ ଖବର ଛାପିଲା ବେଳେ ୨୦୧୧ରେ ଆର୍ଜେଣ୍ଟିନା ଏବଂ ଏହାର ୪ ବର୍ଷ ପରେ ଚିଲିରେ ଯନ୍ତ୍ରଣାଦାୟକ ସ୍ମୃତିକୁ ମନେ ପକାଇଛନ୍ତି। ପାରାଗୁଏ କିପରି ରକ୍ଷଣାତ୍ମକ ଖେଳି ସ୍ପଟ୍ କିକ୍ ଲଟୋରୀରେ ଜିତାପଟ ହାସଲ କରିଥିଲା ତାହାକୁ ସେମାନେ ଉଲ୍ଲେଖ କରିବାକୁ ଭୁଲି ନାହାନ୍ତି। ଏଥର କିନ୍ତୁ ଗୋଲକିପର ଆଲିସନଙ୍କ ଚମତ୍କାର ଗୋଲ ରକ୍ଷଣ ଯୋଗୁ ବ୍ରାଜିଲ ଜିତାପଟ ହାସଲ କରିଛି। ଆର୍ଜେଣ୍ଟିନା ଓ ଭେନେଜୁଏଲା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଏହାର ବିଜେତାକୁ ବ୍ରାଜିଲ ସେମିଫାଇନାଲରେ ଭେଟିବ।

ଲିଗ୍ ପର୍ଯ୍ୟାୟରେ ବ୍ରଜିଲ ଗ୍ରୁପ 'ଏ'ରେ ବଲିଭିଆକୁ ୩-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଭେନେଜୁଏଲା ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ତୃତୀୟ ମ୍ୟାଚରେ ପେରୁକୁ ୫-୦ ଗୋଲରେ ହରାଇ ଗ୍ରୁପ୍‌ରେ ୭ ପଏଣ୍ଟ ସହ ଶୀର୍ଷସ୍ଥାନ ହାସଲ କରିଥିଲା। ଦୁଇ ସେମିଫାଇନାଲ ଯଥାକ୍ରମେ ଜୁଲାଇ ୨ ଓ ୩ରେ ଅନୁଷ୍ଠିତ ହେବ। ଫାଇନାଲ ଜୁଲାଇ ୭ରେ ଖେଳାଯିବ।



କୋପା ଆମେରିକା ଫୁଟ୍‌ବଲ: ବ୍ରାଜିଲ ଓ ପାରାଗୁଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ବ୍ରାଥୱେଟ୍‌ଙ୍କୁ ଜରିମାନା



କାର୍ଲୋସ ବ୍ରାଥୱେଟ (ଡାହାଣ)

ମାଞ୍ଚେଷ୍ଟର, ୨୮।୬ (ପି.ଟି.)

ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କାର୍ଲୋସ ବ୍ରାଥୱେଟ୍‌ଙ୍କୁ ତାଙ୍କ ମ୍ୟାଚ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ଏଠାରେ ଭାରତ ବିପକ୍ଷ ଆଇସିସି ବିଶ୍ୱକପ୍ ମ୍ୟାଚରେ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ବ୍ରାଥ୍‌ୱେଟ୍ ଆଇସିସି ଆଚରଣ ବିଧିର ଧାରା ୨.୮ର ଉଲ୍ଲଂଘନ କରିଛନ୍ତି। ଜରିମାନା ବ୍ୟତୀତ ତାଙ୍କ ଶୃଙ୍ଖଳା ରେକର୍ଡରେ ଏକ ଡିମେରିଟ୍ ପଏଣ୍ଟ ଯୁକ୍ତ କରାଯାଇଛି। ୨୦୧୬ ସେପ୍ଟେମ୍ବରରେ ଏହି ନିୟମ ଲାଗୁ ହୋଇଛି। ବ୍ରାଥ୍‌ୱେଟ୍‌ଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ଭାରତୀୟ ଇନିଂସର ୪୨ତମ ଓଭରରେ ବ୍ରାଥୱେଟ୍ ବୋଲିଂ କରୁଥିବାବେଳେ ତାଙ୍କର ଏକ ଡେଲିଭରିକୁ ଅମ୍ପାୟର ୱାଇଡ୍ ଡାକିଥିଲେ। ୱେଷ୍ଟଇଣ୍ଡିଜର ଏହି ଖେଳାଳି ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ବ୍ରାଥୱେଟ ନିଜ ଭୁଲ୍‌କୁ ସ୍ୱୀକାର କରିବା ସହ ଆଇସିସି ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି କ୍ରିସ୍ ବ୍ରଡ୍‌ଙ୍କ ଦ୍ୱାରା ହୋଇଥିବା ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

## ସ୍ନୁକର: ପାକିସ୍ତାନକୁ ହରାଇ ପଦକ ନିଶ୍ଚିତ କଲା ଭାରତ

ଦୋହା,୨୮।୬(ପିଟି)

ନିକଟରେ ଏସିଆନ୍ ଚାମ୍ପିୟନ ମୁକୁଟ ପିନ୍ଧିଥିବା ପଙ୍କଜ ଆଡଭାନୀ, ଲକ୍ଷ୍ମଣ ରାୱତ ଓ ଆଦିତ୍ୟ ମେହଟାଙ୍କୁ ନେଇ ଗଠିତ ଭାରତୀୟ ଦଳ ଏସିଆନ୍ ଦଳଗତ ସ୍ନୁକର ଚାମ୍ପିୟନଶିପ୍‌ରେ ପାକିସ୍ତାନକୁ ହରାଇ ଦେଇଛି। ଚଳିତ ପ୍ରତିଯୋଗିତାରେ ଭଲ ଫର୍ମରେ ଥିବା ଭାରତର ଦୁଇ ଟପ୍ ଖେଳାଳି ପଙ୍କଜ ଓ ଲକ୍ଷ୍ମଣଙ୍କୁ ସମସ୍ତ ମ୍ୟାଚ୍ ଖେଳିବା ଲାଗି ଚୟନ କରାଯାଇଥିଲା। ୨୧ ଥର ବିଶ୍ୱ ଚାମ୍ପିୟନ ପଙ୍କଜ ସିଙ୍ଗଲ୍ସ ମ୍ୟାଚ୍‌ରେ ବିଲାଲଙ୍କୁ ହରାଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ଲକ୍ଷ୍ମଣ ସହଜରେ ଅସଜାଦଙ୍କୁ ପରାଜିତ କରି ଦଳ ପାଇଁ ୨-୦ ଅଗ୍ରଣୀ ଆଣି ଦେଇଥିଲେ। ଡବଲ୍ସ ରାଉଣ୍ଡରେ ଲକ୍ଷ୍ମଣ ଅନ୍ତିମ ଫ୍ରେମ ଜିତି ଭାରତୀୟ ଦଳର ପଦକ ନିଶ୍ଚିତ କରିଛନ୍ତି। ଭାରତ ସେମିଫାଇନାଲରେ ମ୍ୟାନମାରକୁ ଭେଟିବ।

## ପ୍ରଜନେଶ ପ୍ରଥମ ରାଉଣ୍ଡରେ ରାଓନିକ୍‌ଙ୍କୁ ଭେଟିବେ

ୱିମ୍ବଲଡନ ଓପନ୍ ଟେନିସ୍

ଲଣ୍ଡନ, ୨୮।୬ (ପି.ଟି.)

ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ଶୁକ୍ରବାର ଡ୍ର' ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଭାରତ ଟପ୍ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ପ୍ରଥମ ରାଉଣ୍ଡରେ ବିଶ୍ୱର ୧୭ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି କାନାଡ଼ାର ମିଲୋସ ରାଓନିକ୍‌ଙ୍କୁ ଭେଟିବେ। ବିଶ୍ୱର ୯୪ତମ ର୍ୟାଙ୍କିଙ୍ଗପ୍ରାପ୍ତ ବାମହାତୀ ପ୍ରଜନେଶ ପ୍ରଥମ ଥର ୱିମ୍ବଲଡନ ଗ୍ରାସକୋର୍ଟରେ ଖେଳିବେ। ଭାରତୀୟ ଖେଳାଳିଙ୍କ କିନ୍ତୁ ହାର୍ଡକୋର୍ଟରେ ଭଲ ଖେଳିଥାନ୍ତି। ଚଳିତ ସିଜନରେ ଏହା ତାଙ୍କର ତୃତୀୟ ଗ୍ରାଣ୍ଡସ୍ଲାମ ପଦାର୍ପଣ ହେବ। ପୂର୍ବରୁ ସେ ଅଷ୍ଟ୍ରେଲିଆନ ଓପନ ଏବଂ ଫ୍ରେଞ୍ଚ ଓପନ୍‌ରେ ଭାଗନେଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ପୁରୁଷ ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ପ୍ରଜନେଶ ଏକମାତ୍ର ଭାରତୀୟ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ରାମକୁମାର ରମାନାଥନ ଏବଂ ଅଙ୍କିତା ରାଇନା ସେମାନଙ୍କ ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାଇଂ ରାଉଣ୍ଡ ମ୍ୟାଚରେ ପରାଜିତ ହୋଇ ପ୍ରତିଯୋଗିତାରେ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ପୁରୁଷ ଡବଲ୍ସରେ ଡିଭିଜ ଶରନ ଏବଂ ତାଙ୍କ ବ୍ରାଜିଲିଆନ ପାର୍ଟନର ମାର୍ସିଲୋ ଡେମୋଲାଇନର ୧୩ତମ ସିଡ୍ ଜର୍ମାନୀର କେଭିନ କ୍ରାୱିଜ୍ ଏବଂ ଆନ୍ଦ୍ରିଆସ ମିଜ୍‌ଙ୍କୁ ଭେଟି ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ସେହିପରି ରୋହନ ବୋପାନ୍ନା ଓ ପାବ୍‌ଲୋ କ୍ୟୁଭାସ ପ୍ରଥମେ ନ୍ୟୁଜିଲାଣ୍ଡର ମାର୍କସ ଡାନିଏଲ୍ ଏବଂ ନେଦରଲାଣ୍ଡ୍ସର ୱେସ୍‌ଲି କୁଲ୍‌ହେଫ୍‌ଙ୍କୁ ଭେଟିବେ।

ଭାରତୀୟ ଯୋଡ଼ି ଜୀବନ ନେଦୁଚେଝିଆନ ଓ ପୂରବ ରାଜା ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଅଷ୍ଟ୍ରେଲିଆର ଭେଟେରାନ ଲେଟନ ହେୱିଟ୍ ଓ ଜୋର୍ଡାନ ଥମ୍ପସନ ଯୋଡ଼ିଙ୍କ ବିପକ୍ଷରେ ଖେଳିବେ। ସେହିପରି ଭେଟେରାନ ଲିଆଣ୍ଡର ପେସ୍ ଓ ବେନଏଟ୍ ପାଇରେ ସେମାନଙ୍କ ଓପନିଂ ମ୍ୟାଚ କାଜାଖସ୍ତାନ ଯୋଡ଼ି ଆଲକ୍‌ଜାଣ୍ଡର ବବ୍‌ଲିକ୍ ଏବଂ ମିଖାଇଲ କୁକୁସ୍କିନଙ୍କ ବିପକ୍ଷରେ ଖେଳିବେ।

## ୱିମ୍ବଲଡନ ଓପନ ଯୋଗ୍ୟତା ହାସଲରେ ଗଫ ସର୍ବକନିଷ୍ଠ

ଲଣ୍ଡନ,୨୮।୬(ଏଏଫ୍‌ପି)

ଆମେରିକାର ୧୫ ବର୍ଷୀୟା କୋରି ଗଫ ସର୍ବକନିଷ୍ଠ ଖେଳାଳି ଭାବେ ଚଳିତ ବର୍ଷର ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଛନ୍ତି। ବ୍ରିଟେନର ଲୌରା ରବସନ (୨୦୦୯)ଙ୍କ ପରେ ପ୍ରଥମ ୧୫ ବର୍ଷୀୟ ଖେଳାଳି ଭାବେ ମୁଖ୍ୟ ପର୍ଯ୍ୟାୟରେ ସେ ଖେଳିବେ। ଗଫ ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟରେ ୬-୧, ୬-୧ ସେଟ୍‌ରେ ବେଲଜିୟମର ଗ୍ରିଟ୍ ମିନେନ୍‌ଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଜଣେ ୱାଇଲ୍ଡ କାର୍ଡ ହିସାବରେ କ୍ୱାଲିଫାଇଂ ଖେଳିଥିବା ବିଶ୍ୱର ୩୦୧ତମ ର୍ୟାଙ୍କିଙ୍ଗପ୍ରାପ୍ତ ଗଫ୍ କହିଛନ୍ତି, ମୋ ମନରେ ଯାହା ଆସେ ତାହାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥାଏ। ଆଧୁନୀକ ଯୁଗରେ ଜଣେ ୩୧ ବର୍ଷୀୟ ଖେଳାଳି ହିସାବରେ ରେକର୍ଡ ୬ଥର ପାଇଁ ୱିମ୍ବଲଡନ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ବେଲଜିୟମର ରୁବେନ୍ ବିମେଲମାନ୍ସ। ସେ ଆମେରିକାର ଡୋନାଲ୍ଡ ୟଙ୍ଗଙ୍କୁ ୬-୪, ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି।

## ସୁଜୁକାରେ ଭାରତର ରାଜୀବ ଶ୍ରେଷ୍ଠ ୧୦ର ନିକଟତର

ଭୁବନେଶ୍ୱର,୨୮।୬(ସ୍ପୋର୍ଟ୍ସବ୍ୟୁରୋ)

ଜାପାନର ସୁଜୁକାରେ ଅନୁଷ୍ଠିତ ଏଫ୍‌ଆଇଏମ୍ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍ (ଏଆରସିସି)ର ଚତୁର୍ଥ ରାଉଣ୍ଡ ରେସ୍‌ରେ ଇଡେମିତ୍‌ସୁ ହୋଣ୍ଡା ଇଣ୍ଡିଆ ରେସିଂ ଟିମ୍‌ର ଚାଳକ ରାଜୀବ ସେଥୁ ଓ ସେନ୍ଥିଲ କୁମାର ଆକର୍ଷଣୀୟ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଶ୍ରେଷ୍ଠ ଲ୍ୟାପ୍ ସମୟ ସହିତ ରାଜୀବ ଶ୍ରେଷ୍ଠ ୧୦ ଜଣଙ୍କ ପାଖାପାଖି ରହି ରେସ୍ ଶେଷ କରିଛନ୍ତି। ଏଥିସହ ସେ ଏପି ୨୫୦ ଶ୍ରେଣୀର ପ୍ରଥମ ତିନି ରାଉଣ୍ଡରେ ଅନ୍ୟ ପ୍ରତିଯୋଗୀଙ୍କ ପାଇଁ ଜଣେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି। ୨୦୧୮ ସିଜନରେ ୨୮ତମ ସ୍ଥାନରେ ଥିବା ରାଜୀବ ୧୪ଟି ସ୍ଥାନ ଉପରକୁ ଉଠି ୨୨ ପଏଣ୍ଟ ସହ ୧୪ତମ ସ୍ଥାନରେ ରହିଛନ୍ତି। ସେନ୍ଥିଲଙ୍କ ପାଇଁ ମଧ୍ୟ ଏହି ରେସ୍ ବହୁତ ଭଲ ଥିଲା। ଏହି ୧୮ ବର୍ଷୀୟ ଚାଳକ ଶ୍ରେଷ୍ଠ ଲ୍ୟାପ୍ ଟାଇମ୍ ସହ ୨୪ତମ ସ୍ଥାନରେ ରେସ୍ ଶେଷ କରିଛନ୍ତି। ଗୁରୁବାର ବର୍ଷା ହୋଇଥିଲା। ଏହାର ଫାଇଦା ନେଇ ରେସ୍‌ର ପ୍ରଥମ ତିନି ସ୍ଥାନକୁ ଇଣ୍ଡୋନେସିଆ ଚାଳକମାନେ ଦଖଲ କରିଛନ୍ତି। ସେମାନେ ହେଉଛନ୍ତି ଆଣ୍ଡି ମହମ୍ମଦ ଫାଡଲି, ଇରଫାନ୍ ଆର୍ଡିୟାନଶାହ ଓ ଆର୍ କ୍ରିସାଣ୍ଡୋ ରାତୁକୋରେ।



ସୁଜୁକା ସର୍କିଟରେ ରେସ ଅବସରରେ ଭାରତର ରାଜୀବ ସେଥୁ (ଆଗ)

## ପାକିସ୍ତାନ ଲାଗି କର ବା ମର ସ୍ଥିତି

ଲିଡ୍ସ,୨୮।୬ (ପି.ଟି.)

ଚଳିତ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିବା ପାକିସ୍ତାନ ଶନିବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ଭେଟିବ। ଆରମ୍ଭରୁ ୩ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ପାକିସ୍ତାନ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡିବା ସମ୍ଭାବନା ସୃଷ୍ଟି ହୋଇଥିଲା। ତେବେ ପରେ ପାକିସ୍ତାନ ଜବରଦସ୍ତ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିବା ସହ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଭଳି ଦଳକୁ ହରାଇ ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ପୁଣି ଇଂଲଣ୍ଡ ଦୁଇଟି ମ୍ୟାଚ୍‌ରେ ଅପ୍ରତ୍ୟାଶିତ ଭାବେ ପରାସ୍ତ ହେବା ପରେ ୧୯୯୨ ଚାମ୍ପିୟନ ପାକିସ୍ତାନର ସେମି ଆଶାକୁ ଜୀବନ ମିଳିଛି। ପାକିସ୍ତାନ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ଆଫଗାନିସ୍ତାନ ୭ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ବିନା ପଏଣ୍ଟ ସହ ତାଲିକାର ଦଶମ ତଥା ଅନ୍ତିମ ସ୍ଥାନରେ ରହି ଟୁର୍ନାମେଣ୍ଟରୁ ବାଦ୍ ପଡିଛି। ତେଣୁ ଆଫଗାନିସ୍ତାନ ଅପେକ୍ଷା ପାକିସ୍ତାନ ପାଇଁ ଏହି ମ୍ୟାଚ୍ ଅଧିକ ଗୁରୁତ୍ୱବହନ କରୁଛି।

ଗତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନର ବାବର ଆଜମ ଶତକ ହାସଲ କରିଥିଲେ। ସେହିପରି ଶାହିନ ଆଫ୍ରିଦୀ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହି ଦୁଇଟି ବ୍ୟକ୍ତିଗତ ସଫଳତା ପାକିସ୍ତାନର ଆତ୍ମବିଶ୍ୱାସ ବୃଦ୍ଧି କରିଛି। ୧୯୯୨ ବିଶ୍ୱକପ୍ ଅଭିଯାନ ସହ ଏଥର ବିଶ୍ୱକପ୍‌ରେ ସାମଞ୍ଜସ୍ୟ ରହିଛି। ୧୯୯୨ରେ ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ପ୍ରାରମ୍ଭିକ ବିଫଳତା ସତ୍ତ୍ୱେ ଟାଇଟଲ ଜିତିଥିଲା। ଏଥର ଏହାର ପୁନରାବୃତ୍ତି ହେବ ବୋଲି ପାକ୍ ପ୍ରଶଂସକ ଆଶା ରଖିଛନ୍ତି। ଯଦି ପାକିସ୍ତାନ ତା'ର ବାକିଥିବା ଦୁଇଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ବାଂଲାଦେଶକୁ ପରାସ୍ତ କରେ ତା,ହେଲେ ସେମି ଆଶା ବୃଦ୍ଧି ହେବ। ଅଭିଜ୍ଞ ସୋଏବ ମଲିକଙ୍କୁ ବାଦ୍ ଦେବା ଦଳ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ମିଡଲ ଅର୍ଡରରେ ହାରିସ ସୋହେଲ ପ୍ରତ୍ୟାବର୍ତ୍ତନ କରିବା ପରେ ଦଳର ବ୍ୟାଟିଂ ଲାଇନ୍ ବେଶ୍ ଶକ୍ତିଶାଳୀ ହୋଇଛି। ଦ୍ରୁତ ବୋଲର ମହମ୍ମଦ ଆମୀର ମଧ୍ୟ ଭଲ ଫର୍ମରେ ରହିଛନ୍ତି।

ଅପରପକ୍ଷରେ ଆଫଗାନିସ୍ତାନ ସବୁ ମ୍ୟାଚ୍ ହାରିଥିଲେ ମଧ୍ୟ ଭାରତ ବିପକ୍ଷରେ ବିଜୟ ସମ୍ଭାବନା ସୃଷ୍ଟି କରିଥିଲା ଓ ଟୁର୍ନାମେଣ୍ଟର ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟାଇବାର ନିକଟତର ହୋଇଥିଲା। ପାକିସ୍ତାନ ଭଳି ଦଳକୁ ହରାଇପାରିଲେ ଆଫଗାନିସ୍ତାନ ପାଇଁ ଏକ ବଡ଼ ଉପଲବ୍ଧି ହେବ। ରସିଦ ଖାଁ ଓ ଗୁଲବଦିନ ନାଇବଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଦଳରେ ଥିବାରୁ ଆଫଗାନିସ୍ତାନ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ଚେଷ୍ଟା କରିବ।

**ପାକିସ୍ତାନ ଦଳ:** ସର୍ଫରାଜ ଅହମ୍ମଦ (ଅଧିନାୟକ), ଫଖର ଜମାନ, ଇମାମ ଉଲ ହକ, ବାବର ଆଜମ, ହାରିସ ସୋହେଲ, ହାସନ ଅଲି, ଶଦାବ ଖାଁ, ମହମ୍ମଦ ହାଫିଜ, ମହମ୍ମଦ ହାସନୈନ, ଶାହିନ ଶାହ ଆଫ୍ରିଦୀ, ୱହାବ ରିୟାଜ, ମହମ୍ମଦ ଅମୀର, ସୋଏବ ମଲିକ, ଇମାଦ ୱାସିମ ଓ ଆସିଫ ଅଲି।

**ଆଫଗାନିସ୍ତାନ:** ଗୁଲବଦିନ ନାଇବ (ଅଧିନାୟକ), ସୟଦ ଅହମଦ ଶିରଜାଦ, ହାଜରତୁଲ୍ଲା ଜଜାଇ, ଅସଘର ଆଫ୍‌ଗାନ, ରସିଦ ଖାଁ, ମହମ୍ମଦ ନବୀ, ମୁଜିବ ଉର ରହମାନ, ଦଲତ ଜଦ୍ରାନ, ନାଜିବୁଲ୍ଲା ଜଦ୍ରାନ, ହମିଦ ହାସନ, ହାସମତୁଲ୍ଲା ଶାହିଦୀ, ସମିଉଲ୍ଲା ଶିନୱାରୀ, ରହମଦ ଶାହ, ନୁର ଅଲି ଜଦ୍ରାନ, ଇକ୍ରାମ ଅଲିଖିଲ।



ପାକିସ୍ତାନ ଦଳର ଅଭ୍ୟାସ।




■ଛାତିରେ ଛୁଞ୍ଚି ରହିବା ଘଟଣା

# ଚିକିତ୍ସା ପାଇଁ ଏମ୍ସ ଗଲେ ନର୍ସିଂ ଛାତ୍ରୀ

**ଫିରିଙ୍ଗିଆ,୨୮।୬**


କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ପରେ ଜଣେ ନର୍ସିଂ ଛାତ୍ରୀଙ୍କ ଛାତିରେ ଛୁଞ୍ଚି ରହିବା ଘଟଣାକୁ ନେଇ ମେଡିକାଲ ପ୍ରଶାସନ ତତ୍ପର ହୋଇଉଠିଛି। ଛାତ୍ରୀଜଣଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏମ୍ସକୁ ଚିକିତ୍ସା ପାଇଁ ପଠାଯାଇଛି। ସେଠାରେ ଅସ୍ତ୍ରୋପଚାର କରାଯାଇ ଛୁଞ୍ଚି ବାହାର କରାଯିବ।

ମିଳିଥିବା ସୂଚନା ଅନୁଯାୟୀ, ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ମାଣ୍ଡିପଡା ଗ୍ରାମର ସୁଜାତା ମଲ୍ଲିକ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସରକାରୀ ନର୍ସିଂ କଲେଜରେ ଏଏନ୍ଏମ୍ ପ୍ରଥମ ବର୍ଷ ଛାତ୍ରୀ। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଫୁଲବାଣୀ ମେଡିକାଲରେ ପରୀକ୍ଷା କରାଇଥିଲେ। ପରୀକ୍ଷା ପରେ ଡାହାଣ ପଟ ଛାତିରେ ଟ୍ୟୁମର ଥିବା ଜଣାପଡିଥିଲା। ଗତ ଜାନୁୟାରୀ ୩ରେ ଡାକ୍ତର ତାଙ୍କର ଅସ୍ତ୍ରୋପଚାର କରାଇଥିଲେ। ହେଲେ ଅସାବଧାନ କାରଣରୁ ତାଙ୍କ ଛାତିରେ ଛୁଞ୍ଚି ରହିଯାଇଥିଲା। ଯନ୍ତ୍ରଣା ହେବାରୁ ପୁଣି ୬ ତାରିଖରେ ପୁନର୍ବାର ଅସ୍ତ୍ରୋପଚାର ହୋଇଥିଲା। ହେଲେ ଛୁଞ୍ଚି ବାହାରି ପାରିଲା ନାହିଁ। ବ୍ରହ୍ମପୁର ବଡ ମେଡିକାଲକୁ ଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ୮ରେ ସୁଜାତା ବ୍ରହ୍ମପୁର ଯାଇଥିଲେ। ମାତ୍ର ତାଙ୍କୁ ୩/୪ ମାସ ପରେ ଆସିବାକୁ ଡାକ୍ତର କରିଥିଲେ। ଅର୍ଥାଭାବରୁ ସୁଜାତା ଆଉ ବ୍ରହ୍ମପୁର ଯାଇ ପାରି ନ ଥିଲେ। ଏ ସମ୍ପର୍କରେ ଗତ ୨୩ରେ 'ଧରିତ୍ରୀରେ' ଖବର ପ୍ରକାଶ ପାଇଥିଲା। ଏହାପରେ ମେଡିକାଲ କର୍ତ୍ତୃପକ୍ଷ ଚିକିତ୍ସା ଲାଗି ଭୁବନେଶ୍ୱରସ୍ଥିତ ଏମ୍ସକୁ ପଠାଇଛନ୍ତି। ସେଠାରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଫୁଲବାଣୀ ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ପୋଖରୀରେ ବୁଡ଼ି ନାବାଳକ ମୃତ

**ଦିଗପହଣ୍ଡି,୨୮।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସାନଡୁମ୍ବୁଲା ଗ୍ରାମ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାସୁଦେବପୁର ଗାଁର ଲାଛେୟା ପାତ୍ରଙ୍କ ପୁଅ ଓମ୍ (୧୦)। ଓମ୍‌ଙ୍କ ଅଜା ଏନ. ମଙ୍ଗଳାଙ୍କ ୩ ଦିନ ପୂର୍ବେ ମୃତ୍ୟୁ ଘଟିଥିଲା। ତାଙ୍କ ଶୁଦ୍ଧିକ୍ରିୟା ପାଇଁ ପରିବାର ସହ ଲାଛେୟା ଶ୍ୱଶୁର ଘରକୁ ଆସିଥିଲେ। ଶୁକ୍ରବାର ସକାଳେ ପରିବାର ବନ୍ଧୁବର୍ଗଙ୍କ ସହ ଓମ୍ ପୋଖରୀକୁ ଯାଇଥିବା ବେଳେ ଅସାବଧାନତାରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।




# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ଜୀବନ ଗଲା

**ପାଟପୁର,୨୮।୬(ଡି.ଏନ.ଏ.)**

ପାଟପୁର ଥାନା ରାମଚନ୍ଦ୍ରପୁର ପଞ୍ଚାୟତର ଭାଲ୍ୟାଝୋଲା ନିକଟରେ ଗୁରୁବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧର୍ମରାୟପୁରର ଆଲୋକ ସ୍ୱାଇଁ (୩୫)। ଶୁକ୍ରବାର ସକାଳେ ପାଟପୁର ପୋଲିସ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ମୃତକଙ୍କ ମା'ଙ୍କ କହିବାନୁସାରେ, ଦିନରେ ବିଲ କାମ ସାରି ସନ୍ଧ୍ୟାରେ ଆଲୋକ ନିଜ ବାଇକ୍ ଯୋଗେ କୌଣସି କାମରେ ଶେରଗଡ଼ ଯାଇଥିଲେ। କିନ୍ତୁ ରାତିରେ ସେ ଆଉ ଘରକୁ ଫେରି ନ ଥିଲେ।

ସକାଳେ ଭାଲିଝୋଲା ନିକଟରେ ରାସ୍ତା ପାର୍ଶ୍ୱରେ ଏକ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ମୃତଦେହ ଜବତ କରିଥିଲା। ଆଲୋକ ନିଶାସକ୍ତ ଅବସ୍ଥାରେ ଇଲେକ୍ଟ୍ରି ପୋଲରେ ପିଟି ହୋଇଯିବାରୁ ମୁଣ୍ଡ ଓ ଗୋଡ଼ରେ ଆଘାତ ସହ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ପାର୍ବତୀପୁରରେ ଝାଡ଼ାବାନ୍ତି

**ପାତ୍ରପୁର,୨୮।୬(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ବରଙ୍ଗ ପଞ୍ଚାୟତ ପାର୍ବତୀପୁର ଗ୍ରାମରେ ୨୦ଦିନ ହେଲା ଝାଡ଼ାବାନ୍ତି ଲାଗି ରହଛି। ଶୁକ୍ରବାର ଏକ ଡାକ୍ତରୀ ଦଳ ପହଞ୍ଚି ଚିକିତ୍ସା କରିଛନ୍ତି। ଗ୍ରାମର ଡି. ଦାଶରଥୀ, ଟି. ସାରସମ୍ମା, ଟି. ରାମେୟା, ଜି. ଗଙ୍ଗାମ୍ମା, ଡି. ରଘୁମଣି, ବି. ଆରୁଦ୍ରା, ଜି. ସାବିତ୍ରୀ, ଜି. ତୁଳସାମ୍ମା, ଜି. ରୋଜା ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖବରପାଇ ଗ୍ରାମରେ ଡାକ୍ତରୀ ଦଳ ପହଞ୍ଚି ନାଳ, ନର୍ଦ୍ଦମା ବିଶୋଧନ କରିବା ସହିତ ଗ୍ରାମରେ ଔଷଧ ପ୍ରଦାନ ସହ ଚିକିତ୍ସା କରି ଫେରିଛନ୍ତି। ଡାକ୍ତର ଅଜିତ କୁମାର ତ୍ରିପାଠୀ, ସୁପରଭାଇଜର ଖଗେଶ୍ୱର ବେହେରା, ଏଏନ୍ଏମ୍ ନମିତା ଦିଘାଲ ଓ ଆଶା, ଅଙ୍ଗନୱାଡି କର୍ମୀ ଗ୍ରାମରେ ପହଞ୍ଚି ଚିକିତ୍ସା କରିଥିବା ଜଣାପଡିଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ